

ନଂ ୪/୩୨୫

# କ୍ରୟର

ବଲରାମ ପଟ୍ଟନାୟକ

ପ୍ରକାଶିକା
ଶ୍ରୀମତୀ ସରୋଜିନୀ ପଟ୍ଟନାୟକ
ବାଘେଲୀ ସାହୀ, ପୁରୀ

ପ୍ରାପ୍ତିସ୍ଥାନ
କଳିଙ୍ଗ ଗ୍ରନ୍ଥ ମନ୍ଦିର
କଟକ-୨

ପ୍ରଥମ ପ୍ରକାଶ
ଗଣେଶ ଚତୁର୍ଥୀ ୧୯୫୮

ମୁଦ୍ରାକର
ପଣ୍ଡିତ ଭୁବନେଶ୍ୱର ମିଶ୍ର
ପ୍ରଭାତୀ ପ୍ରେସ୍, କଟକ-୨

ମୂଲ୍ୟ—ଦୁଇଟଙ୍କା ପଚିଶ ନୂଆ ପଇସା

ପନ୍ୟାସବର୍ଣ୍ଣିତ ଚରିତ୍ର ଓ ଘଟଣାସମୂହ ସଂପୂର୍ଣ୍ଣ କାଳ୍ପନିକ । କୌଣସି ବାଦ, ଧର୍ମବିଶ୍ୱାସ, ଚଳଣି କି କାହାର ବ୍ୟକ୍ତିଗତ ବା ଗୋଷ୍ଠୀଗତ ବନ ଏଥିରେ ଚିତ୍ରଣ କରାଯାଇ ନାହିଁ । ଚରିତ୍ର ଓ ଘଟଣାଗୁଡ଼ିକ ପରୋକ୍ତ ମତେ ଗ୍ରହଣ କରିବାକୁ ଲେଖକର ସବିନୟ ଅନୁରୋଧ ।

**ଲେଖକ**

**ସେହ୍ନର ଗୁନା,**

ଗୃହଆଡ଼େ ଅଳ୍ପଟିକଏ ଆଖିବୁଲେଇ ଆଣିଲେ ତୁ ଦେଖିବାକୁ ପାଇବୁ, କେତେ କେତେ ଅସହାୟ ଲୋକଙ୍କର ଦୁରବସ୍ଥା । ଶୁଣିବାକୁ ମିଳିବ ହାଡ଼ଫଟା କରୁଣ କ୍ରନ୍ଦନ । ଅଶିକ୍ଷା, କୁସଂସ୍କାର ଓ ଦାରିଦ୍ର୍ୟ ଠିକ୍ ଗୁଇଭଳି ଆମ ଗୃହପାଖେ ଘେରିରହିଛି । ସେସବୁକୁ କ'ଣ ହଟେଇ ହବ ନି ? ମଣିଷ କ'ଣ ସଦାବେଳେ ଏସବୁ ଭିତରେ ପଡି-ସଢ଼ି କଲବଲ ହଉଥିବ ?

ଆସ, ସମସ୍ତେ ଆଜି ମିଳିମିଶି ମଣିଷ ମୁହଁରେ ହସଟିକଏ ଫୋଟେଇବାକୁ ଚେଷ୍ଟାକରିବା । ଏ ବହିଟି ତୋର ହାତରେ ଦେଲା-ବେଳେ ଏତିକି କେବଳ କହୁଛି – କାନ୍ଦିଲା ମଣିଷର ମୁହଁରୁ ଲୁହ ପୋଛିଦବାକୁ ତୋ' ଜୀବନର ପଣ କଲେ ମୁଁ ଖୁସିହେବି ।

—ତୋର ନନା

ପାଠ ପଢ଼ା ଛାଡ଼ି ଜଗୁ କାହିଁକି ଯାଇ ସେ ସିଂହଦ୍ୱାର ସାମ୍ନା ବିଶ୍ୱନାଥ ମହାପାତ୍ରଙ୍କ ଜଳଖିଆ ଦୋକାନରେ ଚୁ' ବନେଇବା କାମରେ ରହିଗଲା, ତାର କାରଣ ସେଇ କେବଳ ଜାଣେ । ତା' ବୋଉ ଆଉ ସର ଅପାଙ୍କ ଜାଣିବାରେ ଜଗୁ ପୁରୀରେ ରହି ପାଠଶାଠ ପଢ଼ୁଛି । ଚାକିରି କରି ବଡ଼ ମଣିଷ ହେବ । ଗାଁ ଲୋକେ ଏବେ ବି ବିଶ୍ୱାସ କରନ୍ତି—ପୁରୀରେ ସେ ପାଠ ପଢ଼ୁଛି । ଦୋକାନରେ ରହିବା କଥା କେହିହେଲେ ଜାଣନ୍ତି ନି ।

ଗାଁ ତାର ରଘୁନାଥପୁର । କେଡ଼େ ଛୋଟିଆ ସିଏ ଗାଆଁ । ଦସ୍ୟୁ ଆଉ ମଲଗୁଣି ନଈ ଯୋଉଠି ମିଶି ଏକାକାର ହୋଇଛନ୍ତି, ତା'ରି ମଝିରେ ଖଣ୍ଡେ ଟାପୁଭଳି ଦଶ ବାରଟା ଚାଳଆବନ୍ଧା ଅତି ଛୋଟିଆ ଗାଁ ରଘୁନାଥପୁର । ସେ ଗାଁକୁ ସଡ଼କ ପଡ଼ିନି କି ସେ ଗାଁରେ ଉଇ ଧାନ ଗଦା ସବୁ ମରାଯାଏ ନା । କାହାର ଆଟୁଘର, ମେରେଦା ଘର ନାହିଁ କି ଅନ୍ୟ ଗାଁ ଭଳି ଦାଣ୍ଡପିଣ୍ଡା ସବୁ ପଥରରେ କାହାର ତିଆରି ନୁହେଁ । ବାଉଁଶ ଖଣ୍ଡେ ଖଣ୍ଡେ ଭିଡ଼ା ଦିଆହୋଇ ଗୋଟେ ଗୋଟେ ଚାଳିଆ ଠିଆହୋଇଛି । କାହା ଚାଳରୁ ନଡ଼ା ଉଡ଼ିଗଲାଣି ତ କାହାର କାନ୍ଥଟା ଭୁଷୁଡ଼ି ପଡ଼ୁଛି । ଲଙ୍ଗଳ ମୁଣ୍ଡା ଧରିଲେ ଶାଗ ପେଜ କରି ମୁଠେ ମୁଠେ ସେମାନେ ଖାଇବେ ।

ବର୍ଷକେ ଛଅମାସ ଖଣ୍ଡେ ରଘୁନାଥପୁର ଲୋକେ ଭାତ ଦେଖନ୍ତି ତା ସାଙ୍ଗେ ମୁଠି ସାଗ, କଳମ ବା ମଦରଙ୍ଗା ଶାଗ ହେଲେ ଆଉ ଭାବନା ବା କ'ଣ ଅଛି ? ବଇଶାଖ ମାସଠୁ ମାଣ୍ଡିଆ ଜାଉ, ଚିନାଭାତ, ପାଣିସାରୁ ଆଉ ଗାଁ ଗଡ଼ିଆରୁ ଚୋଡ଼ି, ଚିଙ୍ଗୁଡ଼ି, ରଡା ଆଉ କଉମାଛ ଇତ୍ୟାଦି ଧରି ଦିନ କଟେଇ ଦିଅନ୍ତି ସେମାନେ ।

ଖୋର୍ଦ୍ଧା ରୋଡ଼ରୁ ପୁରୀ ପର୍ଯ୍ୟନ୍ତ ଯେଉଁ ରେଲ ଲାଇନ ପଡ଼ିଛି, ତା'ର ମଝିରେ ଡେଲାଙ୍ଗ ଗୋଟେ ଛୋଟିଆ ଷ୍ଟେସନ । ଗାଡ଼ିରୁ ଓହ୍ଲେଇ ଦି', ତିନ ମାଇଲ ଗଲେ ପଡ଼େ, ଡେଲାଙ୍ଗ-କଣାସ ମାଟି ସଡ଼କ । କେତେ କାଳ ହେଲା ଯେ ସେଇଟା ଖାଲ ଢିପ ହୋଇ ସେମିତି ପଡ଼ି ରହିଛି, କହି ହବନି । କେତେ ବଡ଼ ବଡ଼ ଲୋକ ଆସି କହି ଯାଆନ୍ତି—ରାସ୍ତାକଡ଼ରେ ଗଛସବୁ ଲାଗିବ । ଗୋଡ଼ିପଡ଼ି ସଡ଼କଟା ପକ୍କା ହବ ; କିନ୍ତୁ କୌଣସି ପ୍ରକାରେ ସେଇଟା ପାର ହୋଇଗଲେ ସିଆଡ଼କୁ ରେଲ ଲାଇନ ପଡ଼ିଛି । ମଟର ବି ଦିନରାତି ଯା ଆସ କରେ । ଖରାଦିନେ ସେଥିରେ ଧୂଳିର ଝଡ଼ ଉଠେ । ଖଣ୍ଡିଆଭୂତ ଘୂରେ । ବର୍ଷାଦିନେ ଆଣ୍ଠୁଏ ଆଣ୍ଠୁଏ ପଙ୍କ ଚକଟି ଲୋକେ ଯା'ଆସ କରନ୍ତି । କଣାସ ଡେଇଁଲେ ସିଆଡ଼କୁ ଆଉ ରାସ୍ତା ନାହିଁ । ଦୟାନଈ ବନ୍ଧେ ବନ୍ଧେ ପାଞ୍ଚ ଛ' ମାଇଲ ଗଲେ ପଡ଼େ ରଘୁନାଥପୁର । ଚିଲିକା ପାଖାଆଖି । ଯମ ବି ସେ ଗାଁରେ ପଶି ନ ଥିବେ ।

ସେଇ ଗାଁର ଚେତର, ଚଉଦ ବର୍ଷର ଖଣ୍ଡେ ମେଞ୍ଚଡ଼ା ଟୋକା ଜଗୁ । ଅଙ୍ଗାର ବି କହିବ—ମୁଁ ଆଉର ସଫା । ଗୋଡ଼ୁ ହାଡ଼ ଭଳି ଦି ଖଡ଼ି ଦାନ୍ତ । ଦେହରେ ମଇଳା କାମିଜ, ଆଉ ତେଲ ଚିକଟା ଲାଗିଥିବା ଖଣ୍ଡେ ମାଟିଆ ଚିରା ପ୍ୟାଣ୍ଟ । ତେର ଚଉଦ ଡେଇଁ ପନ୍ଦର ଷୋହଳରେ ସେ ପାଦ ଦେଲାଣି । ତାପରେ ସତର ଆଉ ଅଠର ।

ଶିମିଳ ଭୁଲାଭୁଲ ମେଞ୍ଚା ମେଞ୍ଚା ମେଘର ଭେଲା ଭିତରେ ଚନ୍ଦ୍ର ଏଣେ ତେଣେ ଦୌଡ଼ି ବୁଲୁଛି । ଫସର ଫାଟି ଆସିଲାଣି । ନୀରବ ନିସ୍ତବ୍ଧ ପ୍ରହର ଆସ୍ତେ ଆସ୍ତେ ଚେଇଁ ଉଠୁଛି । ଅଦୂରରେ ନାଇକେଲ୍ ରିକ୍ସା କେଇଟା ଘଣ୍ଟିମାରି ଚାଲିଲେଣି । ଆଖପାଖ ଚା' ଦୋକାନରୁ ବାହାରି ଆସୁଛି ଗୁଡ଼ୁଆ ଗୁଡ଼ୁଆ ଧୂଆଁ । ପୂର୍ବଦିଗ ଗୋଲାପି ଧରି ଆସିଲାଣିଲା । ଜଗୁ ଅନେଇଲା—ବଡ଼ଦେଉଳ ଆକାଶ ଭିତରକୁ ପଶି ଯାଇଛି । ପାତଳା କୁହୁଡ଼ିରେ ନୀଳଚକ୍ର ଦେଖା ଯାଉନି । ଉପରକୁ ଅନେଇ ତାର ବେକ କାଉଣି ହୋଇଗଲା ।

ଠାଉନ ଥାନା ଘଣ୍ଟାରେ ପାଞ୍ଚ ନ ବାଜୁଣୁ ସେ ଧଡ଼ ପଡ଼ ହୋଇ ଉଠି ଚୁଲି ଧରେଇଦିଏ । ଖବର ପଡ଼ୁ ନ ପଡ଼ୁଣୁ ଲୋକେ ମହାପାତ୍ରଙ୍କ ଦୋକାନକୁ ଚା' ଖାଇବା ପାଇଁ ଗଡ଼ନ୍ତି । ଜଗୁ ପ୍ରଥମେ ଚିନି ଦି' ଚାମୁଚ୍, ବଡ଼ ପିତଳ ଚାମଚ୍‌ରେ ଦୁଧ ଚାମଚେ, ତାପରେ ଗୁଣ୍ଡି ଚା' ସଙ୍ଗେ କେଟିଲିରୁ ଗରମ ପାଣି ମିଶେଇ ଚା' ଛାଣିଦିଏ । କପେ-ଦି କପ୍-ତିନି କପ୍-ଦଶ କପ୍-ଶହେ କପ୍ । ଦିନସାରା କେତେ କପ୍ ଚା' ଯେ ସେ ବନାଏ ତାର ହିସାବ ନାହିଁ । କିଏ କହେ-ଚା'ର ରଙ୍ଗ ଆସିଲାନି; କିଏ କହେ ଚିନି ପାଇଲାନି, ପାଣିଆ ଆଉ ଦୁଧ କମହୋଇ ଯାଇଛି । ଏମିତି କେତେ କ'ଣ । ସକାଳ ଛ'ଟାରୁ ରାତି ଦଶ ଏଗାରଟା ପର୍ଯ୍ୟନ୍ତ ଜଗୁ ଚା' ବନେଇ-ବାରେ ଲାଗିଥାଏ ।

ଦୋକାନର ଗୋଟେ କରକୁ ଜଳଖିଆ ଚା । ଆର କରଟା ହୋଟେଲ । ଦି' ମହଲା କୋଠା, କାନ୍ଥ ଅଧାଯାଏ ମାର୍ବଲ ପଥର, ଆଉ ଦୋକାନ ଭିତର ଲମ୍ବା ଲମ୍ବା ବିଜୁଳି ଆଲୁଅରେ ଖଞ୍ଜା । ମି ଆଉ ମଝିଆ ହୋଟେଲ କାମ ଓ ଜଳଖିଆ ଦୋକାନର

କରନ୍ତି । ନାରଣ ଭାଇନା ପ୍ରକାଶି, ହେଲେ ଜଗୁଭଳି ସୁସ୍ଥ ସବଳ ଆଉ ଚେହେରା କେହି ହେଲେ ହେବେନି । ଦିନସାରା ତାକୁ ଫୁରୁସତ୍ ନ ଥାଏ । ମୁହଁରେ ତା'ର ଦୁଃଖ ବୋଲି କେହି କେବେ ଦେଖିନି । ସଦାବେଳେ ସେ ଉତ୍ଫୁଲ୍ଲ, ଆଉ ହସ ହସ ।

ଗାଁରୁ ଆସିଲାବେଳେ ସେ କ'ଣ ଦୋକାନରେ ରହିବାକୁ ଆସିଥିଲା, ନା—ପାଠପଢ଼ିବାକୁ ଆସିଥିଲା ? ଭାବନା ଭିତରେ ଗୋଳେଇ ଘାଣ୍ଟି ହେଇ ଜଗୁର ମନେ ପଡ଼ିଲା—ସେ ମଠ କଥା । ବର୍ଷେକାଳ ସେଇଠି ରହି ସେ ମାଇନର ପଢ଼ିଛି । ମଠ ନାଁଟା କଣଟି ? ଯେତେ ଭାବିଲେ ବି ତା'ର ମନେ ପଡ଼ିଲାନି । ବଗଡ଼ା ଭାତ ଆଉ ଡାଲିପାଣି ହାପୁଡ଼େ । ଦି'ଓଳି ଖାଇ ବିଚରା ବରଷେକାଳ ସେଇଠି କଟେଇଛି । ମଠର ଗୁମାସ୍ତା ହଠାତ୍ ଦିନେ ଆସି ସବୁ ବିଦ୍ୟାର୍ଥୀଙ୍କି କହିଦେଇଗଲେ—ଚବିଶ ଘଣ୍ଟା ଭିତରେ ମଠ ଛାଡ଼ି ସେମାନେ ଚାଲିଯାଆନ୍ତୁ । ଜଗୁ ପରେ ବୁଝିଲା—ମଠଉପରେ ଏବେ କେତେ କଣ ଟିକସ ବସୁଛି, ଇଆଡ଼ିକି ପିଲାରଖି ପଢ଼େଇବା ଏକଦମ୍ ଅସମ୍ଭବ ହୋଇପଡ଼ିଲାଣି । ସେଠୁ ବାହାରି ଆସିଲାପରେ ମଠ ଉପରେ ଟିକସ ବସିବା କଥା ଅନେକଙ୍କୁ ସେ ପଚାରିଛି । କେହି ତାକୁ ସମ୍ଝେଇପାରି ନାହାନ୍ତି ।

ବେଳେ ବେଳେ ସେ ଭାବେ—ମଠର ଗୋଟା କୁଣ୍ଡରେ ଯେତେ ଭାତ ଆସିପଡ଼େ, ସେତକଖାଇ ବି ସବୁ ବିଦ୍ୟାର୍ଥୀ ପଢ଼ିପାରୁ ଥାଆନ୍ତି । କେତୁଟା ପିଲା ଅବା ସେମାନେ । ଦିମୁଠା ନାଲି ବଗଡ଼ା ଭାତ ଆଉ ଉଙ୍କେ ହବ ଫେଜମିଶା ପାଣିଆ ଡାଲି । କୋଉଦିନ ଭଜା ବା ତର୍କାରି ଟିକିଏ ପାଇବା ପରମ ସୌଭାଗ୍ୟର କଥା ।

ମଠରୁ ବାହାରି ଆସିବା ଦିନଠୁ ତା'ର ପଢ଼ାପଢ଼ି ବନ୍ଦ ହୋଇ ଗଲା । ପୋଥିରେ ବନ୍ଧାହେଲା ଡୋରି । ମନେ ମନେ ଜଗୁ ଭାବି

ଚାଲୁଛି—ପାଗେଳା କୁକୁରପରି କେତେଆଡ଼େ ନଖାଇ ନପିଇ ସେ ନ ବୁଲୁଛି ? ଦିନେ ଜଣକ ପିଣ୍ଡାରେ—ରାତି ଅଧ ଆସି ହବ—ଖାଲି ପେଟରେ ଶୋଇ ରହିଛି । ଠିକ୍ କଲା—ଗାଁକୁ ଚାଲି ଯିବ, ଭୋକ ଉପାସ ସେ ଆଉ ସମ୍ଭାଳି ପାରିବନି । ପଢ଼ାପଢ଼ି ତା ଭାଗ୍ୟରେ ନାହିଁ । ଜଗୁର ଠିକ୍ ଆଜି ମନେ ପଡ଼ୁଛି—ତା ଆର ଦିନ ସେ ଟାଉନ୍‌ସାରା ଚାକିରୀ ଖୋଜି ବୁଲିଲା । ମାହାପାତ୍ର ମାଲିକଙ୍କୁ ଭେଟି ନେହୁରା ହୋଇ ଆସି କହିବାରୁ ସେହିଦିନଠୁ ତାଙ୍କ ଦୋକାନରେ କାମ କରି ଆସୁଛି ।

କିନ୍ତୁ ଚା' ବନେଇ ଜୀବନ କଟେଇବାକୁ କ'ଣ ସେ ପୁରୀ ଆସିଥିଲା ? ଜଗୁ ଆଖି ବୁଜିଲା । ତା'ର ମୁଦା ଆଖି ପତା ଭିତରେ, ବୋଉ ମୁଣ୍ଡର ଆଳୁ ଳୁ ବାଳୁ ଳୁ ଧଳାବାଳ ଓ ସରଅପା ଆସି ନାଚିଲେ ।

ଜଗୁ-ଏ ଜଗୁ, ଚା ଆଣିଲୁ—

ଚମକପଡ଼ି ବେଞ୍ଚ ଉପରକୁ ଉଠି ଯାଇ ସେ ଦେଖେ ତ—ରାଧୀ ଚୁଲି ଧରେଇ ସାରିଛି । କପ୍, ପିଆଲା, ଗିଲାସ ଆଦି ଧୂଆ ଧୋଇ ପୋଛି ପୋଛି କରି ଟେବୁଲ ଉପରେ ସଜେଇ ରଖି ସାରିଲାଣି । କେଟିଲରେ ପାଣି ବି ଗରମ ହୋଇ ସାରିଛି । ଜଗୁ ଚା' ବଣ୍ଡିଲ୍‌ଟା ଚିରି ଡବାରେ ରଖୁ ରଖୁ ହାତ ଚଞ୍ଚଳ କଲା । ଦୁଧ, ଚିନି ଆଉ ରକ୍ତଭଳି ଲାଲ ଚା' ପାଣି । ଚା କପ୍‌ଟା ବଢଉ ବଢଉ ସେ ବୋଷେଇଘରଆଡ଼େ ଅନେଇଲା । ରାଧୀ ବାସନ ମାଜିବାରେ ବ୍ୟସ୍ତ । ଖରା ନୀଳଚକ୍ର ଉପରୁ ଦୋକାନ ଛାତ ଉପରକୁ ଡେଇଁପଡ଼ିବାକୁ ଉଦ୍ୟତ ହେଉଛି । ପୁରୀ ସହରର ରାସ୍ତା ସବୁରେ ଗହଳ ଆସ୍ତେ ଆସ୍ତେ ବଢ଼ୁଛି । ସିଂହଦ୍ୱାରର ଅରୁଣସ୍ତମ୍ଭ ପାଖରେ ଚାଲିଛି ଘଣ୍ଟ, ଝାଞ୍ଜ ଆଉ ଖଞ୍ଜଣି ମାଡ଼ ।

ଜଣେ ନିତିଦିନିଆ ଭଦ୍ରଲୋକ କପେ ଚା’ରେ ଓଠ ଲଗେଇ ଡାକିଲେ—ଜଗୁ ! ଟିକିଏ ଚିନି ଆଣିଲୁ—

ଚାମଚେ ହବ ଚିନି ନେଇ ଜଗୁ ଚା’ କପ୍‌ରେ ଘାଣ୍ଟିଦେଲା । ଭଦ୍ରଲୋକଙ୍କୁ ପଚାରି ଦୁଧ ଅଧ ଚାମଚେ ବି ଦେଲା । ଆଜିର ବହୁନି କପ୍ ଚା’ର ରଙ୍ଗ ଗୋଲାପି ଧରି ଆସୁଛି । ଜଗୁ ପଚାରିଲା—ଆଜ୍ଞା, କ’ଣ ଭଲ ଲାଗୁଛି ?

ଠିକ୍ ଅଛି ।

ମନ ତା’ର ପୂରିଉଠିଲା । କଅଁଳିଆ ଖରା ଟାଣ ଧରି ଆସୁଛି । ରାମି ଆଉ ମଧୁଆ ଏବେ ବି ଉଠିନାହାନ୍ତି । କାରଣ ଖାଇବାର ଦେଖା ନାହିଁ । ମାଲିକ ଯେବେ ଆସିଯାଆନ୍ତି ?

ଦୁ’ଚାରି ଜଣ ଗରାକ ଆସି ଦୋକାନରେ ବସି ଗଲେଣି । କାହାର ଚା’ ତ କାହାର ଜଳଖିଆ । କାହାର ବି ଏକା ସାଙ୍ଗରେ ଚା ଜଳଖିଆ । ହାତ ଚଞ୍ଚଳ କରୁ କରୁ ଜଗୁ ଡାକ ଛାଡ଼ିଲା—ମଧୁଆ—ଏ ରାମି—

ଅନେକ ଲୋକଙ୍କଠାରୁ ସେ ଶୁଣେ—“ଯେତେ ଯା ହଉ ଜଗୁ ହାତର ଚା ଭଲ ଆଉ କାହା ହାତରେ ହବନି” । ପନ୍ଦର ଷୋଳ ବର୍ଷର ଟୋକା ଜଗୁ, କୁଆଡ଼ୁ ଚା’କରି ଶିଖିଲା କେଜାଣି ? ବେଳେ ବେଳେ ସମାଲୋଚନା ବି ସେ ଶୁଣେ । ପାଣିଚିଆ ହୋଇଗଲା । ଚିନି ପାଇଲାନି । ଏହିପରି ଅନେକ କିଛି—

ଲୋକେ ଭଲ ଶୁଣନ୍ତି, ମନ୍ଦ ବି ଶୁଣନ୍ତି । କିନ୍ତୁ କେବଳ ଜଗୁ ଯୋଗୁଁ ମହାପାତ୍ରଙ୍କ ଦୋକାନ ପୁଷ୍ଟ ଟାଉନ୍‌ରେ ଡାକ । ଗାଡ଼ି ଗୁମାସ୍ତାଙ୍କଠୁ ଆରମ୍ଭ କରି କଲେଜ ପିଲା, ଓକିଲ, ସରକାରୀ ଚାକିରିଆ ସମସ୍ତେ ସେଠିକି ଆସନ୍ତି । ସମସ୍ତଙ୍କ ମୁହଁରେ ଜଗୁ

ଗୃ'ର ପ୍ରଶଂସା ଆଉ ତା ବ୍ୟବହାରର ଗୁଣଗାନ । ମହାପାତ୍ରେ କେବଳ ସେଥିଯୋଗୁ ଜଗୁକୁ ପାଖରୁ ଛାଡ଼ନ୍ତନି । ଦୋକାନ ତହବିଲ ଛୁଇଁବା ଲୋକ ସେ ନୁହେଁ । ସୁନା ମୁଣ୍ଡାଟେ ହେଲେ ବି ଅନେଇବ ନି । ଖାଇ ପିଇ ପାଏ ସେ ଦଶୋଟି ଟଙ୍କା ଦରମା । ଜଗୁ ଅନେକ ଥର ମାଲିକଙ୍କ ସାଙ୍ଗେ ଲଢେଇଲାଣି—ଦରମା ଆଉ ପାଞ୍ଚଟା ଟଙ୍କା ବଢ଼େଇ ଦିଅନ୍ତୁ । ମାଲିକ କିନ୍ତୁ ତା କଥାକୁ ବାଆଁରେଇ ଦିଅନ୍ତି ।

ଗୃ' ଦୋକାନରେ ରହିବାକୁ କ'ଣ ସହରକୁ ସେ ଆସିଥିଲା ? ଗାଁ ସ୍କୁଲରେ ପଢ଼ିବା ବେଳେ ମାଷ୍ଟ୍ରେ ଦିନେ କହିଥିଲେ—ଜଗୁ ଯେବେ ପାଠ ପଢ଼େ, ସମସ୍ତିଙ୍କି ସେ ଟପିଯିବ । ବଡ଼ ହେଲେ ହାକିମ ହବ ଜଗୁ । ରଘୁନାଥପୁର ପରି ଗୋଟେ ଅପାଣ୍ଡିବା ପଡ଼ା ଗାଁର ଗାଈଜଗା ପିଲା । ସିଏ ପୁଣି ପାଠ ପଢ଼ି ବଡ଼ ମଣିଷ ହବ ? ତା'ର ବିଶ୍ୱାସ ହେଲାନି । ଗାଁର କେତେ କେତେ ପିଲା, ବୋଉ ଆଉ ସରଅପା ଆଗେ ଏ କଥା ପାଇଁ ସେ କହିଥିଲା । ସ୍କୁଲ ମାଷ୍ଟ୍ରେ ରାମଚନ୍ଦ୍ର ଷଡ଼ଙ୍ଗୀ, ହାତ ଦେଖି ଯାହାକୁ ଯାହା କହିଛନ୍ତି ସେ ସବୁ ଅକ୍ଷରେ ଅକ୍ଷରେ ଫଳି ଯାଇଛି । ଚେହେରା ଦେଖି ବି ସେ ଭବିଷ୍ୟତ କହି ଦିଅନ୍ତି । କେତେ ଆଶା ଧରି ଜଗୁ ଛିଟରା ପୁରୀ ଆସି ନ ଥିଲା ? ତା'ର ମନେ ପଡ଼ିଗଲା—ମଠର ସେଇ ସନ୍ତ ସନ୍ତୁଆ ଘର ଘର । ଖଣ୍ଡେ ସପ୍ ମସିଣା, ଗୋଟେ ଡବ ଆଉ ମଗାମଗି କରି ଆଣିଥିବା ହି'ଗୁର ଖଣ୍ଡ ବନ୍ଧା । ଶୋଇବାକୁ ହା ଘୋଡ଼ ହବାକୁ ଘରଦର ନାହିଁ, ମଶାରି ନାହିଁ, ଲୁଗାପଟା ନାହିଁ, କିଛି ନାହିଁ । ପଡ଼ାଘର ପାଖକୁ ଲାଗି ପୁଣି ମଠ ପାଇଖାନା । ଉଃ—କି ଦୁର୍ଗନ୍ଧ ! ସେଇ ସିମେଣ୍ଟ ଚଟାଣ ଉପରେ ମଶା ଡାଉଁଶରେ ସେ ଗଡ଼ିଯାଏ । ଖାଇବା ପିଇବାର ଠିକଣା ନାହିଁ । ଶୋଇବାର ଠିକଣା ନାହିଁ । କେତେ ଦୁଃଖ କଷ୍ଟ ସେ ନ ସହିଛି ।

ଏଇ କଥା ଗୁଡ଼ା ତା ମନରେ ଅନେକ ସମୟରେ ଆସି ଝୁଟେ । ମୁହଁ, ଓଠ ଶୁଖି ଯାଇ ମନଟା ଖରାପ ହୋଇଯାଏ । ଦେହ ମାନ୍ଦା ଜଣା ପଡ଼େ ।

କିଏ ଡାକେ—ଜଗୁ ପାଣି ଆଣିଲୁ, ଚା ଆଣିଲୁ, କିଏ ବା ଜଳଖିଆ ପାଇଁ ବରାଦ ଦିଏ । ଜଗୁ ଯନ୍ତ୍ରଭଳି ଏ ସବୁ କରି ଯାଉ ଯାଉ ମାଲିକଙ୍କ ଟେବୁଲ ପାଖରେ ଥୁଆ ହୋଇଥିବା ରେଡ଼ିଓରୁ କେତେ ନୂଆ ନୂଆ ଗୀତ ଶୁଣିବାକୁ ପାଏ । ତା ଶରୀରର କ୍ଳାନ୍ତି ଆଉ ଅତୀତ ଜୀବନର ଭାବନା ସେଇ ଗୀତ ଆଉ ବାଜା ସଙ୍ଗେ କେଉଁଆଡ଼େ ହଜିଯାଏ ।

ନଂ ......
ତା ......

ଦୋତାଲାର ସିମେଣ୍ଟ ବାରଣ୍ଡାରେ ରାଧୀ କାନ୍ଥକୁ ଆଉଜି ବସିଛି । ଚାରିଆଡ଼ ନୀରବ ନିସ୍ତବ୍ଧ । ସହରଟା ହାଲିଆ ହୋଇ ଶୋଇ ରହିଛି । ରାସ୍ତା ବିଜୁଳି ବତୀର ଆଲୁଅ ଠିକ୍ ଆସି ପଡ଼ୁଛି ଦୋକାନର ଦୋତାଲା ବାରଣ୍ଡାରେ । ରାଧୀ ଗୋଟେ ଖୁମ୍ବର ଆଡୁଆଳରେ ବସି ମାଲିକଙ୍କ ଘୁଙ୍ଗୁଡ଼ି ଶୁଣିବାକୁ ପାଇଲା ।

ଗୋଡ଼ ହାତ ତା'ର ଭାଙ୍ଗି ଭାଙ୍ଗି ପଡ଼ୁଛି । ଦେହର ଶିରା ପ୍ରଶିରାରେ ରକ୍ତ ସ୍ରୋତ ସତେ ଅବା ବନ୍ଦ ହୋଇଯିବା ଉପରେ । ମୁଣ୍ଡର ବାଳ ଆଲୁ ବାଲୁ । ସେ ଗୁଡ଼ାକ ବେଳେ ବେଳେ ତା ନାକ ଓ ଆଖି ଉପରେ ଆସି ପଡ଼ୁଛି । ଓଠ ଆଉ ତୋଟି ଶୁଖିଯାଇ

ଅଠା ଧରି ଆସିଲାଣି । ଛେଚକରି ହୋଇଥିବା ଅସରେ ବର୍ଷାପରେ ଗଙ୍ଗଶିଉଳି ଫୁଲର ଅବସ୍ଥା ପରି ହାଲିଆ ହୋଇ ସେ ସିମେଣ୍ଟ ବାରେଣ୍ଡାରେ ବସି ଯାଇଛନ୍ତି ।

ମାଲିକଙ୍କ ଶରୀରକୁ ରାଧୀ ମନେ ପକେଇଲା — ଅଧେ ହେବ ଦାନ୍ତ ପଡ଼ି ସାରିଲାଣି । ମୁଣ୍ଡରେ କଳାବାଳ ଅପେକ୍ଷା ଧଳା ବାଳର ସଂଖ୍ୟା ଅଧିକ । ରାଧୀ ଆଉ ଭାବି ପାରିଲାନି । ଆଖି ପତା ତାର ଠେକ ହୋଇଗଲା । ନାକପୁଡ଼ା ସଙ୍କୁଚିତ ହୋଇ ଆସିଲା । ତାକୁ ଜଣା ପଡ଼ିଲା — ତା ଭିତରେ ରାଗ ଓ ଘୃଣା ଯେପରି ଭରପୂର ହୋଇ ଉଠୁଛି ।

ଦୋକାନର ମାଲିକ ବିଶ୍ୱନାଥ ମହାପାତ୍ରେ ପୁରୀର ସ୍ଥାୟୀ ବସିନ୍ଦା । ନିମାପଡ଼ା ଆଉ ବୋଲଗଡ଼ ଥାନାରେ ତାଙ୍କର ବିଂଶ ଏକର ହବ ଧାନ ଯମି ଅଛି । ତା ଛଡ଼ା ଯାତ୍ରୀ ବ୍ୟବସାୟ ତାଙ୍କର ସାତପୁରୁଷି କାମ । ଉତ୍ତର ଭାରତର ଅଯୋଧ୍ୟା, ଏଲାହାବାଦ, ବନାରସ୍ ଓ ଗୟା ପ୍ରଭୃତି ଅଞ୍ଚଳର ଯେତିକ ଯାତ୍ରୀ ଜଗନ୍ନାଥ ଦର୍ଶନ କରିବାକୁ ପୁରୀ ଆସନ୍ତି ତାଙ୍କର ବାପ ଅଜା ସାତପୁରୁଷଙ୍କର ନାଁ, ଗାଁ ସବୁ ମିଳିବ ମହାପାତ୍ରଙ୍କ ଖାତାରେ । କିନ୍ତୁ ପୁରୀକି ଆଗଭଳି ଆଉ ଯାତ୍ରୀ ଆସୁ ନାହାନ୍ତି ଓ ଲୋକମାନଙ୍କ ମନରୁ ଭଗବତ୍ ବିଶ୍ୱାସ ଆସ୍ତେ ଆସ୍ତେ କମି ଯାଉଛି । ଏ ସବୁ ଦେଖି ମହାପାତ୍ରେ ଏଇ ଦଶବର୍ଷ ହେଲା ଦୋକାନଟି ଖୋଲିଛନ୍ତି । ତାଙ୍କ ଦୋକାନର ଗୁଁ ଜଳଖିଆ ସହରରେ ଡାକ । ମନ୍ଦିର ପାଖ ଦୋକାନ, କିନିଷ ଦେଶ କଟେ, ଯଥେଷ୍ଟ ଲାଭ ବି ହୁଏ । ବର୍ଷକେ ଛ'ମାସ ମହାପାତ୍ରଙ୍କ ସ୍ତ୍ରୀ ଓ ପାଞ୍ଚବର୍ଷର ଝିଅ ସୁଲି ନିମାପଡ଼ା ଖମାରରେ ଯାଇ ରହନ୍ତି । ଯାତ୍ରୀ ବ୍ୟବସାୟ ମାନ୍ଦା ପଡ଼ି ଆସିଲେ

ସେ ବେଳେ ବେଳେ ଗାଁ ଆଡ଼େ ଯାଇ ବୁଲି ବି ଆସନ୍ତି । ବୟସ ପଞ୍ଚାଳିଶ, ହେଲେ ତାଙ୍କର ରସିକତା ଖଙ୍ଗିନ । ବର୍ଷର ସବୁ ସମୟରେ ତାଙ୍କ କାନ୍ଧରେ ଟଟିଲ ଗାମୁଛା । ସୁପରଫାଇନ୍ ଧୋତି ଆଉ ମଠା ପଞ୍ଜାବି ସେ ପିନ୍ଧନ୍ତି । ଗୁଲିଗଲେ ଅତର ଓ ଏସେନ୍ସ ଗନ୍ଧ, ପବନରେ ଚହଟି ଯାଏ । ଅଧ ଭରିଏ ଭାଙ୍ଗ ଓ ଦୋଅଣିଏ ଓଜନର ଅଫିମ ତାଙ୍କର ନିତିଦିନିଆ ଅଭ୍ୟାସ । ବେଳେ ବେଳେ ମଲ୍ଲୀ, ଜୁଈ ବା ବଉଳ ଫୁଲର ମାଳ ଗୋଟେ ବେକରେ ପକେଇ ରାତି ଦଶଟା ପରେ ଦୋକାନ ଆଡ଼େ ସେ ଝୁଲି ଝୁଲି ଆସନ୍ତି ।

ମାଲିକଙ୍କ ଘୁଙ୍ଗୁଡ଼ିରେ ଘର କମ୍ପି ଉଠୁଛି । ରାଧୀକୁ ଜଣା ପଡ଼ିଲା—ଘୁଙ୍ଗୁଡ଼ି ଶବ୍ଦ ଯେତିକି ଗାଢ଼ତର ହେଉଛି, ତା ପେଟ ଭିତରେ ଭରି ରହିଥିବା ଘୃଣା ମାଲିକଙ୍କ ଉପରେ ସେତିକି ପୁଞ୍ଜିଭୂତ ହେଉଛି । ଆଜି କ'ଣ ସେ ଶୋଇବନି ? ରାଧୀ ମନେ ମନେ ଭାବି ଚାଲିଲା—ସକାଳ ପାଇଲେ ବାସନ ମଜା, ପାଣିଅଣା, ମାଲିକଙ୍କ ଟାଲେଟାକରୁ, ଲୁଗାକୁଞ୍ଚା, ପାକୁଆ ପାଟିରେ ପାନ ଖାଇବାକୁ ମାଲିକଙ୍କ ପାଇଁ ପାନ ଛେଚୁ, ବିଛଣା ପରା ଓ ଏହିପରି ଅନେକ କଛୁ । ଦୋତାଲର ଚଟାଣ ଉପରେ ଦେହ ତାର ଲଟେଇ ପଡ଼ୁଛି । ରାଧୀ ଆଖି ବୁଜି ବୁଜି ଭାବୁଛି—

ବୟସ ତାର ଉଣିଶ, କୋଡ଼ିଏ ଭିତରେ । ସେବତୀ ଫୁଲ ଭଳି ରଙ୍ଗ ।—ନାକପୁଡ଼ା ଉପରେ ଦ'ଟା ପଥର ବସା ଓମ୍ବ । କାନରେ ଡୁଲ୍ ହଲେ ଝୁଲୁଛି । ଖଣ୍ଡେ ନାଲି କସ୍ତା ଓ ଛିଟ କନାର ବ୍ଲାଉଜ ଖଣ୍ଡେ ତା' ଦେହରେ ଅନବରତ ଲାଗିରହିଥାଏ । ପିଲାଟି ଦିନୁ ରାଧୀ ଏଇଠି ଆସି ରହିଛି । ତାକୁ ଯେତେବେଳେ ବାର'ତେର ବରଷ, ଖପରା ଖଣ୍ଡେ ଧରି ଦୁଆର ଦୁଆର ବୁଲିବା ଥିଲା ତାର କାମ । ବାପ'ମା ତା'ର କିଏ ସେ ଜାଣି ପାରିବନି ।

ମହାପାତ୍ରେ ଦୋକାନ କାମପାଇଁ ତାକୁ ଆଣି ରଖେଇଥିଲେ । ଛ' ସାତବର୍ଷ ତା'ର ଏଇଠି କଟି ଗଲାଣି । ରାଧୀ ବାହା ହୋଇନି, କିନ୍ତୁ ଦେଖିଲେ ବାହା ନ ହେଲା ଭଳି ତାକୁ କେହିହେଲେ କହିବେନି ।

ଅଳସ ଦେହରେ ରାଧୀ ବସି ଭାବୁଛି—ମୁହଁ ଉପରେ ତାର ପଡ଼ୁଛି କେତେ ହେବ ଅଲରା ସଲରା ବାଳ । ପିନ୍ଧିଥିବା ନାଳି ଲୁଗାଟା ଦେହରୁ ଖସି ଜଙ୍ଘ ଉପରେ ଆସି ପଡ଼ୁଛି । ଖିଲଖିଲିଆ ପବନ ତାର ମୁକୁଳା ଶରୀରରେ ଗୁଡ଼େଇ ହୋଇ ଯାଉଛି । ଖୋସଣି—ଖସିଗଲାଣି । ସେ ଆଡ଼କୁ ତା'ର ନଜର ନାହିଁ । ରାଧୀ ବସି ଭାବୁଛି—

ନହକା ବେତଭଳି ପାତେଳୀ—ହଳଦିଆ ରଙ୍ଗର ଦେହକୁ ସିମେଣ୍ଟ ଉପରେ ମେଲାଦେଇ ରାଧୀ ଭାବୁଛି । କାନମୂଳର ଗ୍ଲେଟ ଗ୍ଲେଟ ବାଳଗୁଡ଼ାକ ପବନରେ ଦୋଳି ଖେଳୁଛନ୍ତି । ତାର ବଳିଲା ଦେହରେ ପବନ ଆସି ଲହଡ଼ା ମାରି ଗଲାବେଳେ ଟାଉନ ଥାନା ଘଣ୍ଟାରେ ଗୋଟେ ବାଜିଲା ।

ଗରୁଆ ନିଶ୍ୱାସଟାଏ ମାରି ରାଧୀ ତା ଦେହର ଲୁଗାପଟା ସଜାଡ଼ି ନେଲା । ତଳକୁ ଯାଇ ଜଗୁ କୋଉଠି ଶୋଇଛି ସେ ଦେଖି ଆସିବ । ତଳ ମହଲାର ବାହାର ପଟ ସୁଇଚଟାକୁ ଟିପିଦେଇ, ଦେଖେ ତ—ଜଗୁ ଖାଲି ସିମେଣ୍ଟଟା ଉପରେ ଗଡ଼ ଯାଇଛି । ମୁଣ୍ଡତଳକୁ ଖଣ୍ଡେ ଚରାବ୍ୟାଗ୍, ତା ଭିତରେ ଭରି ରହିଛି ଚରାକନା ଆଉ ଚରାଅଖା । ତକଆର କାମ ଦଉଛି । ଜଗୁର ଖୁବ୍ ନିକଟକୁ ସେ ଗୁଲିଗଲା ।

ଓଃ - ଏତକ ମଶା ? ଜଗୁର କଳା ମଚମଚ ଦେହ ଉପରେ ବସିଛି ଅସଂଖ୍ୟ ମଶାଙ୍କର ମେଳା । ରାଧୀ ତାର ପଣତ କାନରେ

ସେ ଗୁଡ଼ାଙ୍କୁ ଉଡ଼େଇ ଦେଲା । ଆହା—ଜଗୁ ବିଚରା କେତେ ସ୍ଥାନମାନରେ ଶୋଇ ଯାଇଛି ।

ଆଉ ଦଶ ବାର ହାତ ଦୂରରେ ଶୋଇଛନ୍ତି—ରାମି ଆଉ ମଧୁଆ । ରାମି ବେଞ୍ଚ ଉପରେ ଖଣ୍ଡେ ଚଦର ପାରି ଶୋଇଛି । ମଧୁଆର କେବଳ ଖଣ୍ଡେ ସପ ମସିଣା । ଜଗୁ କିନ୍ତୁ ନିହାତି ବେଘରୁଆ ଭାବରେ ଖାଲି ସିମେଣ୍ଟଟା ଉପରେ ଗଡ଼ି ଯାଇଛି । ଗୋଡ଼ତଳକୁ ତା'ର ଗଦେ ହବ କୋଇଲା । ନିଦ ବାଉଳାରେ ଜଗୁର ବାଁ ହାତର ପାପୁଲିଟା କୋଇଲା ଲାଗି କଳା ହୋଇ ଯାଇଛି । ଦି'ହାତ ଦୂରରେ ହୋଟେଲ ଭିତରର ଘରର ନଳା । ଭାତ ଆଉ ଡାଲିରେ ସେଇଟା ଭର୍ତ୍ତି । ଲୁଙ୍ଗୁଡ଼ିଆ ପୋକ, ତେଲଗୁଣି, ମଶା ଡ଼ିମ୍ବ, ମାଛି ଆଉ ଅସରପା ଭେଳା ଭେଳା । ପିମ୍ପୁଡ଼ି ଧାର ଲାଗିଛନ୍ତି । ରାତିକାଳ ମେଲେଇ ସେଇ ନଳା ପାଖକୁ—ସେ ଶୋଇ ଯାଇଛି ।

ଜଗୁ ଉପରେ ରାଧୀର ଭାରି ରାଗ ହେଲା । ବାହାର ଆଲୁଅଟା ଏ ପର୍ଯ୍ୟନ୍ତ ବି ଜଳୁଛି । ମାଲିକ କାଳେ ଉଠି ପାରନ୍ତି ? ଆଲୁଅଟା ଲିଭେଇ ଦଉ ଦଉ ରାଧୀ ସେହି ଅନ୍ଧାର ଭିତରେ ମାଲିକଙ୍କ ଶରୀରକୁ ମନେ ପକେଇଲା ତାକୁ ଜଣା ପଡ଼ିଲା—ସତେ ଅବା ଗୋଟେ ବିରାଟକାୟ ରାକ୍ଷସ ଆଖି ତରାଟି, ଦାନ୍ତ କଡ଼ମଡ଼ କରି ତା ଆଡ଼କୁ ମାଡ଼ି ଆସୁଛି ।

ବିଚାରୀ ରାଧୀ, ତାର ଅବା ଗତି କ'ଣ ? ଯିବ ସେ କୋଉଁଠିକି ? ଖାଇବ କ'ଣ ? ରହିବ କେଉଁଠି ? ତା ଦେହ ଆଉ ବୟସ ନେଇ ସେ କାହାପାଖକୁ ଯିବ ? କାହାକୁ ଯାଇଁ ବା ବିକିବ ? ଦେହ ଆଉ ବୟସ ବିକିବା ପାଇଁ କ'ଣ ସେ ଜନ୍ମ ହୋଇ ଥିଲା ? ରାଧୀ ନିଜକୁ ଧିକକାର କରୁ କରୁ ଦେଉଳ ଭିତରେ ଥିବା

ଦେବତା ଉପରେ ବି ଶତାଧିକାର ଲଦିଲା । ବୋଉ ଏନ୍ତୁଡ଼ିଶାଳରୁ ହେଲେ ଗୋଟି ଶପି ମାତ୍ର ଦେଇଥାନ୍ତା ?

ଘଣ୍ଟାରେ ଦୁଇ ବାଜିଲା ।

ରାତି ପାଉ ନ ପାଉଣୁ କାମ । ଦିନ ତମାମ ଖଟେଣି । ରାଧୀ ତରତରରେ ଉଠିଯାଇ ରୋଷେଇ ଘରକୁ ଲାଗିଥିବା ଭଣ୍ଡାର ଘରର ଗୋଟେ କଣରେ ଆଉଜା ହୋଇଥିବା ଶସ୍ତା ମସିଣା ଖଣ୍ଡିକ ନେଇ ଆସିଲା । ସେଇ କଣରେ ଗୋଟେ ଖଣ୍ଡିଆ ସୁଟ୍‌କେଶରେ ଭରି ରହିଛି ଜଗୁର ପୁରୁଣା ପଢ଼ାବହି । ଗୋଡ଼ ବାଜିବାରୁ ସେ ବସ୍ତୁ କଲା । ରୋଷେଇ ଘର ନଳାର ଟିକିଏ ଦୂରକୁ ମସିଣାଟା ପାରିଦେଇ ଜଗୁକୁ ତା ଉପରକୁ ଗଡ଼େଇ ଦେଲା । ଦିନଯାକ ବଟରା ଗୁଁ ବନେଇ ବନେଇ ହାଲିଆ ହୋଇ ସେ ଶୋଇଯାଇଛି । କିଛି ହେଲେ ଜାଣି ପାରିଲାନି । ଗଡ଼େଇ ଆଣିଲାବେଳେ ; କେବଳ 'ବୋଉ' ବୋଲି କହି ଜଗୁ ବିଳିବିଳେଇ ଉଠିଲା ।

ଦୋତାଲା ଉପରକୁ ଉଠୁ ଉଠୁ ରାଧୀ ଅନୁଭବ କଲା— ତା ଦେହରେ ଯେପରି ଆଉ ବଳ ନାହିଁ । ଗୋଡ଼ ହାତ ଭାଙ୍ଗି ଭାଙ୍ଗି ପଡୁଛି । ଝରକା ପାଖକୁ ପଡ଼ିଥିବା ଖଣ୍ଡିଆ ଖଟଟା ଉପରେ ଯାଇ ଗଡ଼ି ପଡ଼ିଲା ।

ଦିନ ଦଶଟା ଆସି ବାଜିବ । ସିଏ ଯାହାର ବସିରହିଛନ୍ତି । ଲେଣାବିକା ଅଳ୍ପେ ବହୁତେ ଚାଲିଛି । ଦୋକାନ ଭିତରକୁ ଜଣେ ଭଦ୍ରଲୋକ ହଠାତ୍ ପଶିଆସି କହିଲେ — ଜଗୁ ଗୋଟେ ଗୁଁ ବନେଇଲୁ—

ଚା ବନେଇବାରେ ଜଗୁ ଲାଗିପଡ଼ିଲା । ଟେବୁଲ ଉପରେ ଦଶ ବାରଟା ଷ୍ଟେଟ ଷ୍ଟେଟ କାଚ ଗ୍ଲାସ ସାତଆଠଟା କପ୍ ପିଆଲା । କେଟିଲରୁ ଗରମ ପାଣି ଢାଳି ଦେଇ ଜଗୁ ଗୋଲାପି ରଙ୍ଗର ଗୋଟେ କପ ଚା ଆଣି ଭଦ୍ର ଲୋକଙ୍କ ହାତରେ ଦେଲା ।

ଚା କପରେ ଓଠ ଲଗେଇଦେଇ ଭଦ୍ରଲୋକ ଟେବୁଲ ଉପରେ ସେଇଟା ରଖିଦେଇ ଖଣ୍ଡେ କଇଞ୍ଚି ସିଗାରେଟରେ ନିଆଁ ଧରେଇଲେ । ସିଗାରେଟ ପୁଣି ଆଉ ଗରମ ଚା'ରୁ ଟିକିଏ । ଗୋଟେ ହାତରେ କପ୍ ଆର ହାତରେ ଦୁ' ପଇସିଆ କଇଁଞ୍ଚି ସିଗାରେଟ୍ ।

ଏ-ଏ-ଶାମବାବୁ—ଶୁଣନ୍ତୁ—ଶୁଣନ୍ତୁ, ଭଦ୍ରଲୋକ ଚା' କପ୍‌ଟା ରଖିଦେଇ ଦୋକାନ ସାମ୍ନାକୁ ଓହ୍ଲେଇ ପଡ଼ିଲେ ।

ଜଇବାବୁ, ଆପଣ ବ ଏଇଠି ? ହଉ – ଏ, ଜଗୁ – ଆଉ କପେ ଚା ଆଣିଲୁ । ଦୋକାନ ତଳେ ଠିଆହୋଇ ଶାମବାବୁ ଇଙ୍ଗିତ ଦେଲେ ।

ଅଳ୍ପ କରମର୍ଦ୍ଦନ ପରେ ଦୁହେଁ ଦୋକାନ ଭିତରକୁ ପଶି ଯାଉ ଯାଉ ମଧୁଆ ଗୋଟେ କରୁଆ ହୋଇ ପଚାରିଲା,—

ଆଜ୍ଞା – କ'ଣ ଜଳଖିଆ ଦେବ ? ଆଚ୍ଛା ଜଇବାବୁ, ଆପଣ ଅଳ୍ପ ଜଳଖିଆ କରନ୍ତୁ, ଶାମବାବୁ ଅନୁରୋଧ କଲେ ।

କେବଳ ଚା' କପେ ଆଣନ୍ତୁ ।

ଶାମବାବୁ ପକେଟରୁ ଆଉ ଖଣ୍ଡେ ସିଗାରେଟ କାଢ଼ି ଜଇ ବାବୁଙ୍କୁ ଅଗ୍ନି ସଂଯୋଗ କରିବାକୁ ଇଙ୍ଗିତ ଦେଲେ । ସିଗାରେଟ ଦୁ'ଟା ସମାନ ତାଳରେ ଜଳି ଚାଲିଲା । ଚା କପରେ ଓଠ ଲଗାଉ ଲଗାଉ ଜଇବାବୁ ପଚାରିଲେ—

ଶାମବାବୁ କ'ଣ ଭଲ ଅଛନ୍ତି ?

ହଁ, ଭାଇ ସେମିତି—ଗୋଟେ ପ୍ରକାର ।

ପ୍ରକାର ଆଉ କଣ ? ମନଟା ଖରାପ ଥିଲାଭଳି କେମିତି କେମିତି ଜଣା ପଡୁଛି । କୁଆଡ଼େ ସେଣେ ଏକା ମୂହଁ ହୋଇ ଚାଲିଥିଲେ ?

ବଡ଼ ଅଡୁଆରେ ପଡ଼ିଚି ଭାଇ, ସିଗାରେଟରୁ ଝୁଲ ଝାଡ଼ି ଶାମବାବୁ ଚେଃପ ଢୋକିଲେ ।

କି ଅସୁବିଧା ଶାମବାବୁ ?

ସଦାବେଳେ ଯୋଉ ଅସୁବିଧା ।

ତାର ପୁଣି ନା ନାଇଁ ?

ଟଙ୍କା ପଇସା ଅସୁବିଧା ଛଡ଼ା ଆମର ତ ଅସୁବିଧା ବୋଲି ଆଉକିଛି ନଥାଏ ।

ସେଇଟା ତ ସଦାବେଳେ ଲାଗିରହିଛି । ଆମ ପକ୍ଷେ ପକ୍ଷେ ଠିକ ଗୁଇ ଭଳି ।

ନାଇଁ ଭାଇ, ଟଙ୍କା ଶହେଟା ମୋର ନିହାତି ଦରକାର । ବୁଲି ବୁଲି ଥକି ସାରିଲଣି । ଶେଷକୁ କାବୁଲିର ଆଶ୍ରୟ ନେବବୋଲି ଠିକ୍ କରିଛି ।

କାବୁଲି ? ଦ'ଅଣା ସୁଧ ? ଆରେ ବାପା, କାମ ପକ୍ଷେ ବନ୍ଦରନ୍ତୁ ଶାମବାବୁ, ସେ କାବୁଲି ପାଖକୁ ମୋଟେ ହେଲେ ଯାଆନ୍ତୁ ନ ତି—

ତା କ'ଣ ମୁଁ ଜାଣୁ ନ ?

ତା ହେଲେ ?

କହିଲି ପରା ଆଉ କିଛି ଉପାୟ ନାହିଁ । ଶାମବାବୁ ସିଗାରେଟରୁ ବେଶ୍ ପୁରେ ଟାଣି ଦେଲେ । ନାକ ଓ ପାଟିବାଟେ ଭସ୍ ଭସ୍ ଧୂଆଁ ବାହାରି ଆସିଲା । ଜଣା ପଡ଼ିଲା—ଦେହରେ ଶିରା

ପ୍ରଶିରା ସବୁ ସତେ ଯେପରି ଫୁଲି ଫୁଲି ଉଠୁଛି । ଦେହ ସାରା ଖେଳି ଯାଉଛି କେମିତି ଗୋଟେ ଉତ୍ତେଜନା ।

ଘରେ ସୁନା ଜିନିଷ କିଛି ନାହିଁ ? ଜଇବାବୁ ପଚାରିଲେ ।

ସିଏ ସବୁ ସରି ଯାଇଛି । ଟିମା ବୋଉ କାନରେ ହେଲେ କାନପାଶା କେବଳ ଏକ ମାତ୍ର ସମ୍ବଳ । ସେତକର ଦାମ ବା କେତେ ହେବ ? ବାକି ସବୁ ଯାହା ଆଗରୁ ବନ୍ଧା ପଡ଼ି ଯାଇଛି । ହାତରେ ପାଣି କାଚ ଦି'ମୁଠା । କୁଆଡ଼େ ଆଉ କିଛି ହେଲେ ନାହିଁ । ଯୋଉତକ ବନ୍ଧା ପଡ଼ିଛି ସେତକ ଆଉ ମୁକୁଳା ହୋଇ ପାରିବ କି ନାହିଁ ସନ୍ଦେହ ।

ଏଗାରଟା ପାଖାପାଖି । ଦୋକାନରୁ ଲୋକ ଗହଳି କମି ଆସିଲାଣି । କେଟିଲିଟା ଟେବୁଲ ଉପରେ ରଖିଦେଇ ଜଗୁ ମାଳଚନ୍ଦ ଆଡ଼କୁ ଅନେଇଛି । କାନ ଦିଟା ତାର କଥାଆଡ଼େ । ଆଖିଦିଟା ଫାଡ଼ ହୋଇ ଯାଇଛି ।

ଶାମବାବୁ ହାତରେ ଧରିଥିଲେ ଖଣ୍ଡେ ବହି । ସେଇଟାକୁ ଟେବୁଲର ଗୋଟେ କଣକୁ ରଖିଦେଇ ଭଦ୍ର ଲୋକ ଦି'ଜଣ ଚୁପ ହୋଇ ବସି ରହିଛନ୍ତି । କାହା ତୁଣ୍ଡରେ ଭାଷା ନାହିଁ ।

ଜଗୁ କଥା ଶୁଣୁଛି — ଏଣେ ମଝିରେ ମଝିରେ ଭଦ୍ର-ଲୋକଙ୍କର ବହି ଖଣ୍ଡିକ ସେ ଓଲଟେଇବାରେ ଲାଗିଛି । ଦୋକାନକୁ ଖବର କାଗଜ ଆସେ । ଜଗୁ ଆମୂଳଚୂଳ ସବୁ ପଢ଼େ । ବିଜ୍ଞାପନ ବି ଗୋଟିଏ ହେଲେ ସେ ଛାଡ଼େନି । କଥାକୁ କାନ ଦଉ ଦଉ ଜଗୁ ବହିଟା ମେଲେଇ ଭାବୁଥାଏ — ଏଡ଼େ ବଡ଼ ବଡ଼ ବହି ସେ ବି ଦିନେ ପଢ଼ି ପାରିଥା'ନ୍ତା । କିନ୍ତୁ କ'ଣ କରିଯିବ ? ଭାଗ୍ୟରେ ଯାହା ଅଛି ।

ଆଚ୍ଛା ଶାମବାବୁ — ଆପଣ ଏତେ ଟଙ୍କା ହଠାତ୍ ଏଇନେ କଣ କରିବେ ?

ଦୋକାନୀଆଙ୍କର ବାକି ଟଙ୍କା ସବୁ ଦିଆ ସରିନା ! ବିଶେଷତଃ ସେହି ଡାଲି ଚାଉଳ ଦୋକାନୀଠାକୁ ଟଙ୍କା କିଛି ଦେଇ ନ ଦେଲେ ମୁଁ ଯାହା ଦେଖୁଛି — ଉପବାସ ରହିବାକୁ ପଡ଼ିବ ।

ତମର ତ ଗାଁରୁ ଧାନ ଆସେ ?

ଆଉ ଧାନ ନା ପାନ — ଏବର୍ଷ ପରି ଧାନ ବି ଭରଣ ହିଁ ପାଇଥିଲି ।

ବି'ଭରଣ ? ଗୋଟିଏ କୁଟୁମ୍ବ, ପୁଣି ଚଳିବ କମିତି । ଧାନ ପରି ତମର ବର୍ଷକ ଚାଲିଯାଏ ? ଧାନ କଣ ଏବର୍ଷ ସବୁ ବିକ୍ରୀ କରି ଦେଲି ?

କଣ ଆଉ କହିବ କୁଇ ବାବୁ — ଏବର୍ଷ ପରି ଧୂଳିଭାଗ ଧାନ — ଆମେ ପାଇବୁ ଚାରି ଭାଗରୁ ଭାଗେ । ନଡ଼ା ନାହିଁ, ପାଳ ନାହିଁ, କିଛି ନାହିଁ । ଦୁଆରେ ଧାନ ମୁଠାଏ ପକେଇ ଦେଇ ଚଳି । କଣ କରାଯାଏ ?

ଜଗୁ ଆଉ ଜଣେ ଲୋକକୁ ଚା ଦଉ ଦଉ ଏଇ ବି'ଜଣ ଭଦ୍ର ଲୋକଙ୍କ ଆଡ଼କୁ ଆଁ କରି ଅନାଇଲି —

ଦରମା — ସତୁରିଟା ଟଙ୍କା, ସେଥିରେ ପୁଣି ଚାଉଳ କିଣା, ଆମେ ସବୁ କ'ଣ ବଞ୍ଚିକୁ ନା ମରିବୁ ?

ଠିକ୍ କଥା । ଶାମବାବୁ କହି ଚାଲିଲେ କଣ କରିବ ଭାଇ, କହିବାକୁ ଲାଜ ମାଡ଼ୁଛି । ସବୁ ମାସରେ ଇଆର ଗୋଟିଏ ନା ଗୋଟିଏ ଜିନିଷ ବିକ୍ରୀ ବା ବନ୍ଧକ ପଡ଼ିବାର କଥା । କେତେ ଯେ ଇମିତି ବୁଡ଼ିଗଲାଣି , ତା'ର ହିସାବ ନାହିଁ । ଜମିବାଡ଼ି ବନ୍ଧକ ରଖି ଟଙ୍କା ଦବାକୁ ସମସ୍ତେ ତ ଏବେ ଅମଙ୍ଗ । ଟଙ୍କା ଧାର ଆଣିବାକୁ ଗଲେ ନଗଦ ସୁନା । ଯେତିକ ଓଜନର ସୁନା, ତା ଅଧା ଦାମର ଟଙ୍କା ସେମାନେ ଦେବେ । କାହା ପାଖରେ ବା କେତେ

ସୁନା ମହଜୁଦ୍ ଅଛି । ସେଥିରେ ପୁଣି ବାର ଖୁସାମତ, ତେଲଲଗା, ଆଉ ଦାନ୍ତ ନକୁଠା ।

ବଡ଼ ଦୁଃଖର କଥା ।

ବାପ ଅଜାଙ୍କର ସାତପୁରୁଷ ସମ୍ପତ୍ତି ତ ଗଲା । ଆମେ ପୁଣି ଚଳିବା କେମିତି ? ଚାକିରି ତ ହେଲା ବରଗଛ ଛାଇ, ଆଜି ଅଛି କାଲି ନାହିଁ । ତା ସାଙ୍ଗେ ପୁଣି ଏ ମହଙ୍ଗା ବଜାର ।

ସମ୍ପତ୍ତି ସବୁ ଚାଲିଗଲା କ'ଣ ? ତୁମେ ସବୁ ତାହେଲେ ଜାଣିନ ? ଶାମବାବୁ କହିଲେ—ଜମିପରି ଥିବା ଯାହା ନଥିବା ସେଇଆ ।

ଜମିରୁ ଆଦାୟ ନ ହେଉଥିଲେ ବକନ୍ଧଅ ।

ଜମି ଏବେ ନବ କିଏ ? ଶାମବାବୁ କହିଚାଲିଲେ— ଜମିପରି ଏବେ ଶାଗ ମାଛ ମୂଲ ହେଲାଣି । ଶହେ ଟଙ୍କାର ଜମି ଦଶ ପନ୍ଦର ଟଙ୍କାକୁ ପଚାପଚି ।

କଣ ଆଜ୍ଞା ? କହୁ କହୁ ଜଗୁ ଅଣନିଶ୍ୱାସୀ ହୋଇପଡ଼ିଲା । ଆଶ୍ଚର୍ଯ୍ୟ ଆଖିରେ ସେ ପଚାରିଲା—ଲୋକେ ପୁଣି ଚଳିବେ କେମିତି ? ଯୋଉ ଗଣ୍ଡିଖଣ୍ଡି ଭାଗ ଲଗେଇ ପିଲା ଛୁଆଁଙ୍କୁ ମଣିଷ କରନ୍ତି, ଝିଅମାନଙ୍କୁ ବାହା କମ୍ବା ତୋଲାକନ୍ୟା କରି ପର ଘରକୁ ଛାଡ଼ି ଦିଅନ୍ତି—ସେମାନେ କ'ଣ ପିଲାମାନଙ୍କୁ ମୂର୍ଖ କରିବେ ? ଝିଅମାନେ କ'ଣ ଅଭିଆଡ଼ୀ ରହିବେ । କିଛି ତ ଏଥିରୁ ବୁଝା ଯାଉନି । ଜଗୁ ଏକା ନିଶ୍ୱାସକେ କହିଗଲା ।

ତା ଆଖି ଆଗରେ ସରଅପା ଆସି ନାଚି ଯାଉଛି । ତିନି ଚାରିବର୍ଷ ହେଲା ସେ ଘରଧରି ରହିଲାଣି । ଖୁଣ୍ଟରେ କ'ଣ ସେ ବୁଢ଼ୀ ହବ । ଦଶହରାକୁ ଗାଁକୁ ଯାଇଥିଲାବେଳେ ସରଅପାକୁ

ସୃହିଁ ହେଉ ନ ଥିଲା । କସୁ ଆଉ ଭାବ ପାରିଲାନ । ଦେହର ରକ୍ତ ପ୍ରବାହ ସଙ୍ଗେ ଅବା ତା ମୁଣ୍ଡ ପାଖରେ ଆସି ଉବୁକା ମାରି ଯାଉଛି ।

ବାରଟା ଉପରେ ବାଜବ । ଖରା ଝାଇଁ ଝାଇଁ ମାରୁଛି । ଧାନ ପଡ଼ିଲେ ଖଇ ହୋଇଯିବ । ପିଚୁ ଗୁଡ଼ାକ ଠାଏ ଠାଏ ରାସ୍ତାରୁ ତରଳ ବାହାରୁଛି । ରାସ୍ତାଘାଟ ଶୂନଶାନ । ଗାଡ଼ି ଘୋଡ଼ାର ଦେଖା ନାହିଁ । ଭଦ୍ରଲୋକ ଦି'ଜଣଯାକ ଦୋକାନରୁ ବାହାରିଲେ । ଛତା ନାହିଁ, ପାଦରେ କେବଳ ହଲେ ହଲେ ଚଟି ।

ଆଜ୍ଞା—ପଛରୁ ଜଣେ କିଏ ଜୋରରେ ଡାକ ଶୁଣୁଛି ।

ଦୁହେଁ ପଛଆଡ଼କୁ ଅନେଇଲେ । ସେ' ଦୋକାନର ଜଗି ଧଇଁସଇଁ ହୋଇ ଛୁଟିଛି ।

କ'ଣ କରେ—ହେଲା କ'ଣ ?

ଆମ ଜମି ଆମେ ହାତରେ ଚାଷକଲେ ସେମାନେ କ'ଣ ଆମଠୁଁ ଜବରଦସ୍ତି ଛଡ଼ାଇ ନେଇଯିବେ ?

କିଛି ଅସୁବିଧା ନାହିଁ । କିନ୍ତୁ ସେମାନେ ଜମି ଛାଡ଼ିଲେ ତ— ଆମକୁ ତ ଏ କଥା ପଛେ ପଚାରି ପାରିଥାଆନ୍ତି ?

ସେମାନେ ଛାଡ଼ିବେନ ? କ'ଣ କହୁଛନ୍ତି ଆଜ୍ଞା—କସୁ ଆଉ କିଛି ରହିଲା ।

ସେମାନଙ୍କୁ ଉପାୟ ନାହିଁ ।

ତା ହେଲେ ?

ତା' ହେଲେ ଆଉ କ'ଣ । ସେ କଥା ସବୁ ପରେ । ତୁ ଯା—

ଶ୍ୟାମବାବୁ ଓ ଜଇବାବୁ ଦି'ଜଣଯାକ ସନ୍ତୁରିଟଙ୍କିଆ କରାନ୍ତି । ଆଜି ରବିବାର ଅଫିସ ବନ୍ଦ । ଖିଆପିଆ ଏ ପର୍ଯ୍ୟନ୍ତ ସରିନି । ଦୁହେଁ ଘର ଆଡ଼େ ବାହାରିଲେ ।

ଦିପାଦ ଯାଇ ଜଇବାବୁ କହିଲେ — ଶାମବାବୁ । ସେ କଥା ବୁଝିକରି କହିବ ।

ତାହାହେଲେ ସନ୍ଧ୍ୟାବେଳେ ଦେଖା ?

ଦେଖାଯାଉ—

ପାଖଦେଇ ଗୋଟେ ସାଇକେଲ ରିକ୍ସା ଘଣ୍ଟି ବଜେଇ ଚାଲିଗଲା । ରିକ୍ସାବାଲାଟା ଧଇଁସଇଁ ହୋଇପଡ଼ିଲାଣି । ବୋଧେ ପଇସା ପତ୍ର କିଛି ଆଜି ପାଇନି ।

ବଡ଼ ଦାଣ୍ଡରେ ଧୂଳିର ଝଡ଼ । ଝାଞ୍ଜି ପିଟୁଛି । ଅଧିକାଂଶ ବଡ଼ ବଡ଼ ଦୋକାନ ବନ୍ଦ ହୋଇ ସାରିଲାଣି । ଲୋକବାକର ଦେଖା ନାହିଁ । ମାଳଚକ୍ର ଉପରେ ପତାକା ଫର ଫର ଉଡ଼ୁଛି । ମନ୍ଦିର ଭିତରୁ ଶୁଭୁଛି ଝାଞ୍ଜ ଶବ୍ଦ । ଦିଅଁଙ୍କର ମାତ୍ର ଭିତରେ ଅବକାଶ ହୋଇଥିବ କି ନାହିଁ ସନ୍ଦେହ ।

ସେ ଦିନ ଖରାବେଳେ ଜଗୁ ବେଞ୍ଚ ଉପରେ ବସି ଭାବୁଛି— ବଜାର ଭିତରେ ଖଣ୍ଡେ ଘର ଭଡ଼ାନେଇ ସେ ନିଜେ ଗୋଟେ ଯେବେ ଦୋକାନ ଦିଏ ? କାଚ ଗ୍ଲାସ ଦଶ ବାରଟା, କପ୍ ପିଆଲା ପାଞ୍ଚ ଛଅ ହଳ, ଚିନି, ଡବା-ଦୁଧ, ଚୁମୁଠା, କେଟଲି, ଷ୍ଟୋଭ, ସଣ୍ଡୁଆସି, ଟେବୁଲ ଦି'ଗୁର ଖଣ୍ଡ, ବେଞ୍ଚ ଚଉକି ଦଶ ବାରଟା । ଆଉ ଦରକାର ଭିତରେ—ଲମ୍ବା ଲମ୍ବା ବିଜୁଳି ଆଲୁଅ, ଗୋଟିଏ ରେଡ଼ିଓ ଓ ଖବର କାଗଜ ଦି' ଗୁର ଖଣ୍ଡ ।

ଜଗୁ ଆଉ ଭାବି ପାରିଲାନି । ନିଜ ଭାବନାରେ ଆଖି ଦିଓଟା ତାର ହସି ଉଠିଲା । ରାସ୍ତାକୁ ସେ ଅନେଇଛି । ରିକ୍ସା, ମଟର, ଗାଡ଼ି, ଘୋଡ଼ା ସବୁ ଖର ବେଗରେ ଛୁଟିଛନ୍ତି । ଲୋକ ସମାଗମ ଚାଲିଛି । କେତେ କିସମର ଲୋକ । ହରେକ ରକମର ଜିନିଷ । ଏ ସବୁ ଆଜିକି ଜଗୁ ଅନଉଛି । କିନ୍ତୁ କିଛି ହେଲେ ସେ ଦେଖି ପାରୁନି । ଆଖି ମେଲେଇ ତାର ଭବିଷ୍ୟତ ଆଡ଼କୁ କେବଳ ସେ ଦୃଷ୍ଟି ନିକ୍ଷେପ କରୁଛି ।

ରାମି ଆଉ ମଧୁଆ ବେଞ୍ଚ ଦି'ଟା ଉପରେ ଶୋଇ ଯାଇ-ଛନ୍ତି । ଗରାକ କାହାରି ଦେଖା ନାହିଁ । ମାଲିକ ଦୋକାନକୁ ଆସିବାକୁ ଅନେକ ଡେରି ଅଛି ।

ଜଗୁ ଅଲକୂଳ ପାଉନି । ଭାବନାରେ ସେ ଉବେଇ ଟୁବେଇ ହଉଛି । ଦେହରେ ତାର ଲାଗିଛି ମାଟିଆ ହାଫ୍ ପ୍ୟାଣ୍ଟ ଆଉ ଗେଞ୍ଜି ଖଣ୍ଡେ । ସେଥିରେ ଦି ତିନି ଜାଗା ଚିରା ।

ଏ ଦୋକାନ ତାହେଲେ କ'ଣ ସେ ଛାଡ଼ିଦେବ ? ନିଶ୍ଚୟ ଛାଡ଼ିବ । ଦୋକାନର ମାଲିକ ହବ, ସେ ନିଜେ । ଦି' ଦି'ଟା ପୁଜାରୀ ଚାକର । ଚଉକି କି ଆଉଜି ସେ ବସିଥିବ । ଟେବୁଲ ଉପରେ ଥୁଆ ହୋଇଥିବା ହାତ ବାକ୍ସରେ ଲୋକଙ୍କଠୁ ପଇସା ଆଣି ପକଉଥିବ । ବଡ଼ ଲୋକ ହବ ଜଗୁ ।

ବଡ଼ ଲୋକ ହୋଇ ସାରିଲାପରେ ସେ କରିବ କ'ଣ ? ତାଲି ତାଟି ଦୋକାନକୁ କରିଦବ ଦି' ତାଲା କୋଠା । ମାଲିକଙ୍କ ପରି ସେ କ'ଣ ପାଟଲି ଗାମୁଛା ପକେଇବ ? ଭାଙ୍ଗ ଖାଇବ ? ଫୁଲ ମାଳ ପକାଇ ହଲି ହଲି କେଉଆଡ଼ୁ ରାତି ଦଶଟା ଏଗାରଟା ଘରେ ଫେରିବ ?

ନାଁ—ଏ ସବୁ କଷ୍ଟ ହେଲେ ସେ କରିବନି । ତା'ହେଲେ କିଏ ପାଠ ପଢ଼ିବ ? ଉପାୟ ତ ନାହିଁ ? ଗାଁ ମାଷ୍ଟ୍ରଙ୍କ କଥା ତାର ମନେ ପଡ଼ିଲା । ଥରେ ସେ କହିଥିଲେ—ଜଗୁ ହାତରେ ଯେତେ ବିଦ୍ୟା ଅଛି, ଦିନେ ନା ଦିନେ ସେ ବଡ଼ ମଣିଷ ହୋଇପାରିବ ।

ତା'ହାତର ଚା' ବଜାରସାରା ସବୁଆଡ଼େ ଜଣା ଶୁଣା । ଏଇ ଧାଡ଼ିରେ ଯୋଉ ଭଙ୍ଗା ଘରଟା ଖାଲି ପଡ଼ିଛି ସେଥିରେ ଟାଟି ବାଡ଼ ଦେଇ ସେ ଚା' ଦୋକାନ ଆରମ୍ଭ କରିଦେବ । ଗରାକ ସୁଅ ମୁହାଁରେ ଛୁଟିବେ । ତା' ହାତ ଚା'ଟା ଭଲ ବୋଲି ଅନ୍ତତଃ ଚହ୍ଲା ଗରାକଗୁଡ଼ାକ ତ ଆସିବେ ? ନିଶ୍ଚୟ ଆସିବେ ।

କାହାଠୁ ଦିନେ ଜଗୁ ଶୁଣିଥିଲା—ଏଇ ଯୋଉ ମାରୁଆଡ଼ିମାନେ ମସ୍ତ ବଡ଼ ବଡ଼ ଦୋକାନ ଦେଇଛନ୍ତି, ହଜାର ହଜାର ଲକ୍ଷ ଲକ୍ଷ ଗଣନ୍ତି, ଆସିଲାବେଳେ ସେମାନେ ସାଙ୍ଗରେ ଖଣ୍ଡେ କମ୍ବଳ ଆଉ ଗୋଟେ ଲୋଟା ନେଇ ଆସି ଥାଆନ୍ତି । ସେ ବି ଦିନେ ହଜାର ହଜାର ଗଣିବ । ଆପେ ଆପେ ହସି ପକେଇଲା । ଜଗୁ ଭାବନାରେ ଶିହରି ଉଠୁ ଉଠୁ ସେ ଠିକ୍ କଲା—ବଡ଼ ଲୋକଟେ ହେଇଗଲେ ସରଅପା ଅନ୍ତତଃ ଗୋଟେ ଭଲ ଯାଗାରେ ବାହା ହୋଇ ପାରିବ ଆଉ ତାର ଗର୍ଭଧାରିଣୀ ବୋଉ—

ନରାଟେ ଖରାବେଳ । ଯିଏ ଯାହାର ବିଶ୍ରାମ ନେଇଛନ୍ତି । ଜଗୁ ଆଖିକୁ କିନ୍ତୁ ନିଦ ନାହିଁ । ବେଞ୍ଚଟା ଉପରେ ବସି ଖବର କାଗଜଟା ଏପଟେ ସେପଟେ ଲେଉଟେଇ ଲେଉଟେଇ ସେ ଭାବି ଚାଲିଛି—ଆଚ୍ଛା —ତାର ବିଲବାଡ଼ି କଥା । ବାଲିଚର ଆଉ ଭଲ ଜମିତକ ବିକି ଦେଲେ ଟଙ୍କା ପାଞ୍ଚଶହଯାଏ ହେବ, ନାଁ—ଏତେ ହେବନି । ସେ ବାବୁ-ମାନେ କଥାହେଉଥିଲେ ଶହେ ଟଙ୍କାର ଜମି ଦଶ ପନ୍ଦର ଟଙ୍କା

ହୋଇଗଲାଣି । ତା ହେଲେ ସମୁଦାୟକୁ ଜମିତକ ବିକିଲେ କେଣ ପଚିଶ ଷାଠିଏ ଟଙ୍କା ମୂଲ ହବ ?

ହେ, ନା— ଜଗୁ ଆଙ୍ଗୁଠି ସନ୍ଧିରେ ତା ମୁଣ୍ଡର ବାଳ ଗାଉଁଳ୍କୁ ସାଉଁଳୁ ଭାବିଲା— ତା ହେଲେ ସରଅପା ତା'ର ବାହାହବ କେମିତି ? ଗାଁକୁ ଯାଇ ନିଜେ କ'ଣ ସେ ଚାଷବାସ କରିବ ? ବଳଦ ହେଲେ ଆଉ ଲଙ୍ଗଳ । ବଳଦଙ୍କ ସକାଶେ ଖାଉଡି ପୁଣି ବିହନ । ଅନ୍ତ କମରେ ଟଙ୍କା ଦି' ତିନି'ଶ ଦରକାର, ଟଙ୍କା ସେ ଆଣିବ ଲୁଆଡ଼ୁ ?

ତା ହେଲେ ସବୁ ଜମି କ'ଣ ବାଜିଆ ସାନ୍ତରର ହେଇଯିବ ? ଜଗୁ ମନେ ମନେ ନିଜ ପ୍ରଶ୍ନର ଜବାବ ଦେଲା— ସେ ସବୁ କଂଗ୍ରେ ଛି । ଇଆ କ'ଣ କେବେ ହେଲାଣି ନା ହବ ? ସଂସାର ଘୁଣି ଚଳିବ କେମିତି ? ଆମର ତ ଏକା ହବନି, ସମସ୍ତଙ୍କର ଯାହା ହବ ଆମର ବି ସେଇଆ ହବ । ଆଗୁ ଦେଖାଯାଉ— ଗାଁ କଥା ଭାବୁ ଭାବୁ ଜଗୁର ବୋଉ କଥା ମନେ ପଡ଼ିଲା । ବୋଉକୁ ସତେ ଯେପରି ସେ ଯୁଗ ଯୁଗ ଧରି ଦେଖିନି ।

କେମିତି ଅବା ସେ ଗାଁକୁ ଯିବ ? ଦୋଲ ଆଉ ପୁଣି ମାସେ । ସେତିକବେଳେ ମାଲିକଙ୍କୁ କହି ସେ ଗାଁକୁ ଅବା ଯାଇପାରେ । ଜମିବାଡ଼ି କଥା ଦେଖାଯିବ— ତା ହାତରେ କ'ଣ ହବନି ?

ନା— ସେ ଗାଁକୁ ଯିବନି । ହୋଟେଲ ଦବ । ଚା ଜଳଖିଆ ଦୋକାନ ତା ବୁଦ୍ଧି ବଳରେ ସେ ଆରମ୍ଭ କରିବ । ମାଲିକ ହୋଇ ଉକ ଉପରେ ମାଣ୍ଡିକ ଆଉଜି ସେ ବସିଥିବ । ଭାବି ଭାବି ଜଗୁ ବେଦମ୍ ହୋଇଗଲା । ଗ୍ରାହକ ନେଉଟିଲାଣି, ତଥାପି ଜଗୁ ବେଞ୍ଚ ଉପରେ ବସି ଭାବୁଛି —

ଦଶ ବାରହାତ ଗୁଡ଼ି ସହରର ନାମଯାଦା ଜମିଦାର ବ୍ରଜବାବୁଙ୍କ ଘର । ମନ୍ଦିର ସାମନାରେ ଥିବା ସାଇ ଭିତରକୁ ଅଳ୍ପ ବାଟ ଆଗେଇଗଲେ ପଡ଼େ— ତାଙ୍କର ତିନିମହଲା ସିମେଣ୍ଟ କୋଠା । କୋଠାଯାକ ନାନା ପ୍ରକାର କାରୁକାର୍ଯ୍ୟରେ ଭରା । ଝିଲିଣରେ ଲଗିଥିବା ଦୁଆର ଝରକା ସବୁ ନାଲି ନେଳୀ କାଚରେ ଖଞ୍ଜା । ଦୋତାଲାର ଝରକା ଫାଙ୍କ ଦେଇ ଭାସିଆସୁଛି ବ୍ରଜବାବୁଙ୍କ ଝିଅ ସୁଲୋଚନାର କଣ୍ଠଧ୍ୱନି । ସିତାର ସାଙ୍ଗେ ସେ ସ୍ୱର ମିଳଉଛି । ସଙ୍ଗୀତ ମାଷ୍ଟ୍ରେ ସିତାର ସଙ୍ଗେ ତବଲା ବଜଉଛନ୍ତି । ସୁଲୋଚନା ରିଆଜ୍ ଆରମ୍ଭ କରିଦେଲାଣି ।

ଜଗୁ ଗୁଡ଼ି ବନଉଛି । ମଧୁଆ ଗୋଟେ ପ୍ଲେଟରେ ଜଳଖିଆ ଓ ଗ୍ଲାସେ ପାଣି ନେଇ ଦେଇସାରିଲାଣି । ପରେ ପରେ ଭଦ୍ରଲୋକ ଗୁଡ଼ି ଖାଇବେ । ଜଗୁ ଚଞ୍ଚଳ ହାତ ଚଳେଇଛି । ଦୋକାନରୁ ରେଡ଼ିଓରୁ ଭାସି ଆସୁଛି ସିନେମା ଗୀତ ଓ କେତେରଙ୍ଗର ବାଜା । ସୁଲୋଚନାର ସିତାର ଶବ୍ଦ ବି ହୋଟେଲ ପାଖରେ ଆସି ଲହଡ଼ା ମାରି ଯାଉଛି । ଗରମ ସିଙ୍ଗଡ଼ା ଛଣାଯାଉଛି । ମଧୁଆ ହାତ ଧୋଇବାକୁ ଭଦ୍ରଲୋକଙ୍କୁ ଗ୍ଲାସେ ପାଣି ଯୋଗେଇବାରେ ବ୍ୟସ୍ତ ।

ଦୋକାନ ତଳକୁ ସବୁଦିନ ପଇସା ମାଗିବ ବୋଲି ଜଗିବସେ, ସେଇ ଧୋକଡ଼ି ବୁଢ଼ୀ । ଚମ ତାର ଧୁଡ଼ୁ ଧୁଡ଼ୁ ହେଲାଣି । ମୁହଁ ସାରା ଖାଲ ଢିପ, ଦେହଯାକ ଠେଙ୍ଗୁଣି ହାଡ଼ । ବାଁ କାଖରେ ଅନବରତ ସେ ଜାକିଥାଏ ଗୋଟେ କନା ବୁଜୁଲା । ଲୁଗାର ଗୋଟେ କଣକୁ ତାର ବନ୍ଧାଥାଏ ଲୁଣ ମେଞ୍ଚେ ଓ ଆମ୍ବୁଲ ଖଣ୍ଡା ଟିକିଏ, ଲଙ୍କା ଗୋଟେ ଅଧେ । କାଖରେ ଯାକିଛି ଗୋଟେ ଚିରା କନ୍ଥା ଓ ଖଣ୍ଡେ ଛିଣ୍ଡା ମସିଣା । ଝାଡ଼ିଦେଲେ ରାଜ୍ୟଯାକର ଧୂଳି ତା ଭିତରୁ ବାହାରେ । ବିକଟିଆ ଗନ୍ଧ କରେ ।

ବଙ୍କୁଲି ବାଡ଼ି ଖଣ୍ଡେ ଭର ନ ଦେଲେ ବୁଢ଼ୀ ସିଧା ଠିଆହୋଇ ପାରେନା । ମହାପାତ୍ରଙ୍କ ଦୋକାନ ତଳେ ଯେଉଁ ନଳାରେ ସହରର ଯାବତୀୟ ମଇଳାପାଣି ଭାସିଆସେ ତା'ର ପାଖରେ କନା ବୁଜୁଲାଟି ରଖିଦେଇ ବୁଢ଼ୀ ଗୋଟେ ଟିଣ ଥାଳରେ କଣା-ପଇସା ଗୋଟେ ଦୁଇଟା ପକେଇ ଅନବରତ ସେଇଟା ହଲାଏ । ଧୋବ ଧାଉଳିଆ ବାବୁମାନେ ଦୋକାନରୁ ଜଳଖିଆ ଖାଇ ଫେରିଆସିଲାବେଳେ ବୁଢ଼ୀ ଦାନ୍ତନକୁଟି ପଇସା ମାଗେ ।

ଆରପଟକୁ ଖଣ୍ଡେ ତାଳତାଟି ଦୋକାନ ସାଙ୍ଗେ ଯୋଗ ହୋଇଛି । ଧୂଳି ଓ ଖପରାରେ ଭର୍ତ୍ତି ହୋଇଥିବା ମାଟି ଚଟାଣ ଉପରେ ତାଳତାଟିର ଛାଇ । ଯେଉଁମାନେ ପାଇଖାନା ସଫା କରନ୍ତି, ଦାଣ୍ଡ ଓଳାନ୍ତି, ନଳାରୁ ପାଣି ବାହାର କରନ୍ତି, ଯାବତୀୟ ଅଛୁଆଁ ଲୋକଙ୍କର ସେଇ ତାଳତାଟି ଛାଇରେ ଭିଡ଼ ହୁଏ । ଓଳିରେ ସେମାନେ ଚା ଖାନ୍ତି । ଖାଲିରେ ଜଳଖିଆ । ଅନ୍ୟମାନଙ୍କ ପାଇଁ ଥାଏ ଟେବୁଲ, ଚଉକି, ପଙ୍ଖା, ଆଲୁଅ, ଖବରକାଗଜ, କାନ୍ଥରେ ଝୁଲୁଥିବା ଲଙ୍ଗଳା ଛବି, ସଲାମ ଆଉ ଅନେକ କିଛି । ସବୁ ଅଲଗା ଅଲଗା କିନ୍ତୁ ପଇସା ଏକା ।

ବ୍ରଜବାବୁଙ୍କର ଦୋତାଲା ଉପରୁ ସିତାର ସାଙ୍ଗେ ଭାସିଆସୁଛି ମାଲକୋଷ ରାଗିଣୀ । ତାକୁ ମହାପାତ୍ରେ ଶୁଣୁଛନ୍ତି । ଜଗୁ ଶୁଣୁଛି । ମେହେନ୍ତର, ମାଗିଖିଆ ବୁଢ଼ୀ, ଆଉ ରାଧୀ ସମସ୍ତେ ଶୁଣୁଛନ୍ତି ।

ତଳେ ବସିଥିବା ଲୋକଙ୍କ ହାତରେ ଜଗୁ ଚା ଓଳଟା ନ ଛୁଇଁଲାଭଳି ପକେଇଦିଏ ବା ତଳେ ରଖିଦିଏ । ଚା'ଟେ ବନଉ ବନଉ ଜଗୁର ମନେପଡ଼ିଲା ସେଦିନ ଚା ଓଳଟା ବଢ଼େଇ ଦଉ ଦଉ ଓଳରେ ଆଙ୍ଗୁଠି କେଉଁଟା ତାର ଲାଗି ରହିଗଲା । ସେଥିରେ ଯାଏ ଆସେ ବା କ'ଣ । ଏବେ ଆଉ ଛୁଆଁ ଅଛୁଆଁ ଅବା

ମାନୁଛି କିଏ ? ମାଲିକଙ୍କ ଆଖିରେ କିନ୍ତୁ ଛୁଞ୍ଚ ମାଛି ପରୀକ୍ଷା । କେତେ ବଡ଼ ପାଠିକଲେ ସିଏ ସେଦିନ । ଆରେ ବାପ୍‌ରେ । ସେ ପାଠି କଥା ଭାବି ବସିଲେ ଜଗୁ ଏବେ ବି ଗୁଣ୍ଡରେ ତା'ର ଛେପ ପକେଇଦିଏ । ଜଗୁକୁ ସେଦିନ ମୁଣ୍ଡଧୋଇ ଗାଧୋଇବାକୁ ପଡ଼ିଥିଲା ।

ଜଗୁର ଆଉ ବି ମନେଅଛି— ଦିନେ ମାଲିକଙ୍କ ଘର ମରାମତି ହେଉଥିଲା । ତାଙ୍କ ପିଲାପିଲି ଥିଲେ ଗାଁରେ । କାମ କରୁଥାନ୍ତି ଜଣେ ମିସ୍ତ୍ରୀ ! ଦି ଜଣ ମୂଲଆଣି । ଜଣେ ମିସ୍ତ୍ରୀ ସାଙ୍ଗେ ସାଙ୍ଗେ ରହି ଚୂନ ଦିଏ, ଇଟା ଆଣେ, ବୋଲହାକ କରେ । ଆଉ ଜଣେ ମାଲିକଙ୍କ ପାଖରେ, ସତର, ଅଠର ଭିତରେ ହବ । ଆଉ ମୂଲଆଣିଭଳି ସେ ବି ସଞ୍ଜବେଳକୁ ଦିନକର ମଜୁରି ନିଏ । ଦୁହେଁ ହସାହସି ହୋଇ ଘରକୁ ଫେରନ୍ତି । ମାଲିକାଣି ଗାଁକୁ ଗଲେ ଘରେ କାମ ଲାଗେ । ମିସ୍ତ୍ରୀ ଏକ ମସ୍ତ ମୂଲଆଣି ବାଛିଆଣେ । ପନ୍ଦର ଷୋହଳ ବା ସତର ଅଠର ।.

ଜଗୁ ହାତ ତା'ର ଚଞ୍ଚଳ କଲାଣି । ଦୋକାନରେ ଭିଡ଼ ବଢ଼ୁଛି । ମାଲିକ ଆସି ଦୋକାନ ଚଉକି ଉପରେ ବସିଲେଣି । ରେଡ଼ିଓରୁ ଭଲ ଭଲ ଗୀତ ବାହାରି କରି ବାକ୍ସ ଭିତରେ ସେ ପଇସା ଗଳଉଛନ୍ତି । ସିଂହଦ୍ୱାରରେ ଲୋକ ସମାଗମ । ଅନ୍ଧକାର ଦେଉଳଚକ୍ର ନୀଳଚକ୍ର ଉପରକୁ ଉଠି ଉଠି ଯାଉଛି । ମନ୍ଦିର ଭିତରୁ ଝାଞ୍ଜ ମୃଦଙ୍ଗ ଆଉ ଘଣ୍ଟା ଧ୍ୱନି ଆସି ସହରର ଲୋକ ଗହଳ ଭିତରେ ମିଶୁଛି । ସୁଲୋଚନାର ସିତାର ଆଉ ଗୁଞ୍ଜନ । ସନ୍ଧ୍ୟା ନଇଁ ଆସୁଛି ।

ଗୃ ବନଉ ବନଉ ଜଗୁ ଭାବୁଛି—ସେ କ'ଣ ଏଇଥି ପାଇଁ ପୁରୀ ଆସିଥିଲା ?

ନ'ଟା ବାଜି ସାରିଲାଣି । ସ୍କୁଲ ଯିବା ଆଗରୁ ସୁଲୋଚନା ନିଜକୁ ସଜେଇବାରେ ଲାଗି ପଡ଼ିଛି । ବେକ ପାଖର ବେଣୀଟି ପଡ଼ିଛି ପଛପଟେ, ଆରଟି ଠିଆ ଠିଆ ହୋଇ ସେ ବେଣେଇବାରେ ଲାଗିଛି । ମୁହଁରେ ସ୍ନୋର ହାଲ୍‌କା ଆବରଣ, ପାତଳା ଓଠ ଦି'ଫାଳକ ନାଲି ଟୁକ୍‌ଟୁକ୍ ଦିହରେ ବଗପକ୍ଷିଆ ଅଧ କନାର ଟାଇଟ୍ ବ୍ଲାଉସ୍ । ସାମ୍ନା କାନ୍ଥରେ ମଡ଼ା ହୋଇଥିବା ବଡ଼ ଦର୍ପଣଟିରେ ସୁଲୋଚନା ତାର ପ୍ରତିବିମ୍ବ ଲକ୍ଷ୍ୟ କରୁଛି । ନିଜ ଶରୀରର ଗଢ଼ଣ ଭିତରେ ଶିଳ୍ପ ଚାତୁରୀ ଅଜାଣତରେ ଲକ୍ଷ୍ୟକରି ସେ ହସି ଉଠୁଛି । ଦିହରେ ନିଜର ଅଙ୍ଗୁଳି ସଂଚାଳନ କରୁ କରୁ ଠାଏ ଠାଏ ଅଟକି ବି ଯାଉଛି । ଶାଢ଼ୀର କୁଞ୍ଚ ସଜାଡ଼ିଲାବେଳେ ନିଜ ଶରୀରର ଗୌରବରେ ସତେ ଅବା ଶିହରି ଉଠୁଛି ସୁଲୋଚନା ।

ସାମ୍ନା କୋଠାଟା ବ୍ରହ୍ମାନନ୍ଦ ବାବୁଙ୍କର । ଦୋତାଲାର ଗୋଟେ ନିରୋଳା କୋଠରୀରେ ଝରକା ବାଟେ ଅଳ୍ପ ମେଲେଇ ଦେଇ ମୋହନ ସୁଲୋଚନାର କେଶ ବିନ୍ୟାସ ଲକ୍ଷ୍ୟ କରୁଛି । ବ୍ରଜ-ବାବୁଙ୍କର ପୁଅ ଜିତେନ୍ଦ୍ର ଆଉ ବ୍ରହ୍ମାନନ୍ଦ ବାବୁଙ୍କ ପୁଅ ମୋହନ । ସାମ୍ନା ଘର । ବେଶ୍ ଆଲାପ ବି ଅଛି । ଜିତେନ୍ଦ୍ର ବାବୁ ପାଞ୍ଚ ଛ'ବର୍ଷ ହେଲା ବି.ଏ ପାସ୍ କରି ବସିଛନ୍ତି । କିଛି କରି ନାହାନ୍ତି । ଇଆ ଭିତରେ ବଡ଼ ହୋଇ ସାରିଲେଣି । ବାପା କହନ୍ତି ବ୍ୟବସାୟ ଆରମ୍ଭ କରୁ ।

ମୋହନ କଲେଜରେ ପଢ଼େ । ନ'ଟା ଚାଳିଶରେ ତାର କ୍ଲାସ । ଘଣ୍ଟାରେ ଆସି ନ'ଟା କୋଡ଼ିଏ । ଲୁଗାପଟା ପିନ୍ଧି ସାରିଲାଣି । ବୁଲେ ଏପଟେ ସେପଟେ ବୁଲି ଝରକାଟାକୁ ଅଳ୍ପ ମେଲେଇ ଦେଇ ଅନ୍ଧକାର ଭିତରୁ ସେ ସୁଲୋଚନାକୁ ଲକ୍ଷ୍ୟ କରୁଥିଲା ।

ସୁଲୋଚନା ଏସବୁ ଜାଣେ । କିନ୍ତୁ ଜାଣି ନ ଜାଣିବାର ଛଳନା କରୁଛି । ଚାଡ଼ି ଉପରେ ପଡ଼ିଥିବା ଲୁଗାର ଧଡ଼ିଟା ଦର୍ପଣ ଆଗରେ ସଜାଡ଼ି ନେଇ ନେଇ ସେ ଆପେ ଆପେ ହସି ଉଠୁଛି । ବାରମ୍ବାର ହସୁଛି ସୁଲୋଚନା । କିନ୍ତୁ ମନ-ଭଅଁର ତା'ର ଭଁ-ଭଁ ହୋଇ ଯାଇ ମୋହନର ଝରକା ପାଖେ ବୁଲି ଆସୁଛି । ଏମିତି ଦର୍ପଣ ଆଡ଼କୁ ସେ ଅନେଇ ଥାଆନ୍ତି । ପଛପଟୁ ଛପି ଛପି ଆସନ୍ତେ ମୋହନ ବାବୁ । ଆପେ ସେ ମୁରୁକି ମୁରୁକି ହସୁ ଥାଆନ୍ତି । ତା ଶରୀର ଉପରେ ଆସି ଝାମ୍ପ ଦିଅନ୍ତେ । ତା ପାପୁଲିକି ଦି'ହାତ ମୁଠାରେ ଚିପି ଧରନ୍ତେ । ଦର୍ପଣ ଭିତରେ ପ୍ରତିବିମ୍ବିତ ହୋଇ ଯାଆନ୍ତା ଦିହିଁଙ୍କର ଯୁଗଳ ଛବି ।

ନ'ଟା ପଞ୍ଚତିରିଶ । ଆଉ ପାଞ୍ଚମିନିଟ ବାକି । କଲେଜକୁ ଯାଉ ଯାଉ କ୍ଲାସ ବି ଆରମ୍ଭ ହୋଇ ସାରିଥିବ । ଚଉକିରୁ ଉଠି ମୋହନ ଅଳ୍ପ ସମୟ ପାଇଁ ଘରର ସେ ଅନ୍ଧକାର ଭିତରେ ପଦ-ଚାରଣ କରୁ କରୁ ପାନିଆରେ ମୁଣ୍ଡଟାକୁ ଅଳ୍ପ ବାଗେଇ ନେଲା । ସ୍ନୋ ଟିକିଏ ମୁହଁରେ ମାରି ଦେଲା । ବିଳମ୍ବ ହେଲେ ବି ସେ କ୍ଲାସକୁ ଯିବ ।

ସୁଲୋଚନା ଦର୍ପଣ ଆଗରେ ଠିଆ ହୋଇ ହସୁଛି । ତା' ହସର ପ୍ରତିବିମ୍ବ ସେ ଲକ୍ଷ୍ୟ କରୁଛି । ଦେହରେ ଲୁଗା ନଦେଇ ପାତଳା ବ୍ଲାଉଜ୍ ଭିତରୁ ତା'ଶରୀରର ସ୍ଥାପତ୍ୟ ନିରୀକ୍ଷଣ କରୁ କରୁ ରୋମାଞ୍ଚ ଅନୁଭବ କରୁଛି ସୁଲୋଚନା । ମଟରଟା ଏଇଲେ ଆସି ଦୁଆରେ ହର୍ଣ୍ଣ ଦେବ ଓ ସାଙ୍ଗେ ସାଙ୍ଗେ ସେ ସ୍କୁଲ ବାହାରି ପଡ଼ିବ । ସାଇ ସାଇ, ଗଳି ଗଳି ବୁଲି ମଟର ଯାଇ ପହଞ୍ଚିବ ସ୍କୁଲ ଫାଟକ ପାଖରେ । ପଢ଼ା, ଖେଳ, ବୁଣାବୁଣି, ହସାହସି, ଗୀତ ଆଉ ନାଚ ।

ଝରକା ଅଳ୍ପ ମେଲାକରି ଅନ୍ଧାର ଘର ଭିତରେ ଏଣେ ବସିଛନ୍ତି ମୋହନ ବାବୁ ।

ନ'ଟା ବାଜିଲାଣି, ମଟର ହର୍ଣ୍ଣ—ଏଣେ ମୋହନବାବୁ-ସୁଲୋଚନା ଚପଲଟା ଗଳେଇ ତଳକୁ ଓହ୍ଲେଇ ଆସୁ ଆସୁ ଘରର ଝରକା ଦେଇଦବାକୁ ଗଲା । ଅନବରତ . ସେଇଟା ଖୋଲା ରହେ । ଯୋଡ଼ ଝରକା ଆଡ଼କ ବ୍ରହ୍ମାନନ୍ଦ ବାବୁଙ୍କ କୋଠା, ସେଇପଟ ଝରକା ଗୁଡ଼ାକ ସେ ଦେଇଦବ । ସିଆଡ଼େ ମଟର ହର୍ଣ୍ଣ—

ନ ଦେଖିବାର ସେ ଛଳନା କରୁଛି । ଝରକାଟା ଭିତର-ଭରରେ ଦେଇ ହଉନି । ତଳୁ ପାଟି ଶୁଭିଲାଣି— । ଜୋରରେ ଝରକାଟା ବାଡ଼େଇ ଦେଇ ସୁଲୋଚନା ତଳକୁ ଓହ୍ଲେଇ ଆସୁଛି । ଚାଲେ ଗାର୍ଲ ସ୍କୁଲର ମଟର । ଏଡ଼େ ଜୋରରେ ସେ ଝରକାଟା ଦେଇ ଦେଲା ? ଲୁଚକରି ବସିଥିବା ମୋହନବାବୁଙ୍କ ମନରେ କ'ଣ କଷ୍ଟ ହେଇଥିବ ? ଠିକ୍ ଚୋର ଭଳି ସେ ବସି ରହିଛନ୍ତି । ମନେ ମନେ ହସି ପକେଇଲା ସୁଲୋଚନା ।

ମଟର ଚଢ଼ି ସ୍କୁଲ ବାହାରିଲାବେଳେ ମୋହନବାବୁ ତାଙ୍କ ଘରର ବାରେଣ୍ଡାରେ ଆସି ହାଜର । ଦୁହିଁଙ୍କର ଦେଖା ଦେଖି । ଆଖି ମିଳାମିଳି, ଶେଷକୁ ଅଳ୍ପ ଟିକିଏ କଣିଆ ହସ ।

ସୁଲୋଚନାକୁ ନେଇ ମଟର ଚାଲିଲା ଗାର୍ଲ ସ୍କୁଲ । ମୋହନ ତୀରବେଗରେ ସାଇକେଲ ଛୁଟେଇ ଦେଇଛି । ପଡ଼ାପଡ଼ି ଅନେକ ବାଟ ଆଗେଇ ସାରିବଣି । କାଲିଙ୍କ ଅବା ସେ କ୍ଲାସକୁ ଯିବ ? ଭୁଲ ଆସିବତ ଅନ୍ତତଃ । ସାଇକେଲ ମାରି ମୋହନ କଲେଜ ଆଡ଼େ ମୁହାଁଇଲା ।

ମଟର ଝରକାଦେଇ ସୁଲୋଚନା ଲକ୍ଷ୍ୟ କଲ୍—ମୋହନ-ବାବୁଙ୍କର ସାଇକେଲ ଛୁଟିଛି । ଖର ବେଗରେ ମଟର ସାଙ୍ଗେ ସାଙ୍ଗେ ସେ ଗୋଡ଼େଇଛନ୍ତି । ଆଦିମ ଯୁଗର କେଉଁ ଏକ ବଣୁଆ ମଣିଷ, ଦେହ ସାରା କେସ କେସ ଲୋମ, .ଆଖିରେ ତାର ରକ୍ତ ମାଂସର ପିପସା, ପେଟରେ ଦାଉ ଦାଉ ନିଆଁ, ଆଗରେ ଆହାର, ଡିଆଁ ମାର ଧାଇଁଛି କଅଁଳିଆ ହରିଣି ଛୁଆ । ଆଚ୍ଛା ଗୋଟେ ଶିକାର ସେ ପାଇଛି ।

ଭାବନାରେ ଶିହରି ଉଠିଲ୍ ସୁଲୋଚନା । ମଟର ଛୁଟିଛି । ଘରଦ୍ୱାର, ରାସ୍ତା, ଗଛପତ୍ର ସମସ୍ତେ ଛୁଟିଛନ୍ତି । ମୋହନବାବୁଙ୍କ ସାଇକେଲ କେଉଁଆଡ଼େ ପଛରେ ପଡ଼ିଗଲ୍‌ଣି । ତଥାପି ସେ ଅନୁଭବ କରୁଛି—ମୋହନବାବୁ ମଟର ପଛେ ପଛେ ଘଣ୍ଟି ମାରି ଚାଲିଛନ୍ତି । ରୂପକଥାର କେଉଁ ଏକ ରାଜ କୁମାର ସୁକୁମାରୀ ରାଜ ଦୁଲାଲୀ ପଛରେ ସତେ ଅବା ଘୋଡ଼ା ଛୁଟେଇଛି ।

× × × ×

ମହାପାତ୍ରଙ୍କ ଦୋକାନର ଚାକରାଣୀ ରାଧୀ ନଦେଇ ନଦେଇ ବସି ବାସନ ମାଜୁଛି । ହାତ ଦଶଟା ତାର କଳା ସାଲୁବାଲୁ । ଗାଲରେ ଠାଏ ଧଳା ଦାଗ ଲାଗିଯାଇଛି । ଶରୀରର ସମୁଦାୟ ଭାର ଡେକ୍‌ଚି ଉପରେ ଲଦି ଦେଇ ସେ ବାସନ ମାଜି ଚାଲିଛି ।

ମାଲିକ ଦୋକାନରୁ ଏଇନେ ଫେରିଲାବେଳେ କହି ଦେଇ ଗଲେ—ହୋଟେଲରେ କାମଦାମ ସାରିଦେଇ ରାଧୀ ତାଙ୍କ ଗୋଡ଼ ହାତରେ ପାଇ ଦେଇ ଦେଇଆସିବ । ଦୋକାନ କାମ ସାରି ଘରକୁ ଯାଉ ଯାଉ ଡେରି ହେଲେ ମାଲିକ ଚିଡ଼ିବେ । ନିଦ ହୋଇ ଯାଇଥିଲେ ସରିଲା କଥା । ନିଦରୁ ଉଠି କୋଡ଼ମାଡ଼ ହବ

ତା'ର ଉପରେ । ରାତି ଅଧ ଯାଏଁ କେ ଖଟିବାକୁ ପଡ଼ିବ । ଗୋଡ଼ ହାତରେ ଦେଇ ମାଲିକଙ୍କ ମନ ଖୁସ୍‌କରି ଦେଇଥିଲେ ସେ ଓଲଟା ଆଉ ତା'ର କାମ ନାହିଁ । ଦୋକାନ ନ ମାଡ଼ିଲେ ବି ପରବାଏ ନାହିଁ ।

ଦିନେ ଦିନେ ମାଲିକ ବିଶ୍ୱନାଥ ମହାପାତ୍ରେ ଖିଆପିଆ ସାରି ଖରାବେଳେ ବିଶ୍ରାମ ନେଉଥିଲାବେଳେ ରାଧୀର ହାତ ଲାଗି ତାଙ୍କ ଶରୀରର ରକ୍ତ ସ୍ରୋତରେ ଜୁଆର ଉଠେ । ମାଂସପେଶୀ ଭିତରେ ଘଣ୍ଟା ଚକଟା ଆରମ୍ଭ ହୁଏ । ସନ୍ଧ୍ୟା ପର୍ଯ୍ୟନ୍ତ ଘରର ସିମେଣ୍ଟ ବାରେଣ୍ଡାରେ ରାଧୀ ନିର୍ଭିମ୍ବ ଶୁଏ । ରାତିରେ ଦେଖାଯାଏ ମୁଣ୍ଡଟି ନିଖୁଣ କରି କୁଣ୍ଡେଇ ସେ ବଉଳମାଳ ଖଣ୍ଡେ ଲଗେଇଛି । ମଧୁଆ ରାମି ଠାରଠାରି ହୁଅନ୍ତି । ନାରଣ ଭାଇନା ଇଆଡ଼ୁ ସିଆଡ଼ୁ କେତେ ଜଣ ତାକୁ ପଚାରେ । ହଁ—ନାଇଁ କରି ରାଧୀ କଥାର ଜବାବ୍ ଦିଏ । କିନ୍ତୁ ଓଠ ଦି' ଫାଳ ତା'ର ସବୁବେଳେ ଶୁଖିଲା । ଜଗୁକୁ ଦେଖିଲେ ମୁହଁ କଳାକାଠ ପଡ଼ିଯାଏ । ପଚାରିଲେ ବି ପାଟିରୁ କଥା ବାହାରେନି ।

ପ୍ରଚଣ୍ଡ ଖରା । ନିତିଦିନିଆ ଗରାକ କେତେଜଣ ଖାଉଛନ୍ତି । ଚା, ଜଳଖିଆ ବନ୍ଦ ହୋଇ ସାରିଲାଣି । ଭାତ, ଡାଲି, ସନ୍ତୁଳା, ଭଜା ଆଉ ମାଛ ମାଂସ । ମହାପାତ୍ରଙ୍କ ଦୋକାନରେ ସବୁ ସଫା ସୁତୁରା କାରବାର । ଜିନିଷ ବି ଖାଣ୍ଟି । ମିଶାମିଶି ନକରିବାକୁ ମହାପାତ୍ରଙ୍କ କଡ଼ା ହୁକୁମ । ସେହି କାରଣରୁ ଆଉ ସବୁ ଦୋକାନ ଅପେକ୍ଷା ମହାପାତ୍ରଙ୍କ ଦୋକାନ ପୁରୀ ସହରରେ ଏତେ ଡାକ୍, ଗରାକ ସଂଖ୍ୟା ଏତେ ବେଶୀ ।

ରାଧୀର ବାସନ ମଜା ଏବେ ବି ସରିନି । ପାଉଁଶ ଆଉ ଖଟା ଦେଇ ବାସନଗୁଡ଼ାକ ସେ ଚକ୍ ଚକ୍ କରୁଛି । ବେଳେ-

ଦେଳେ ଆସି ମନେ ପଡ଼ି ଯାଉଛି—ମାଲିକଙ୍କର ପୃଥୁଳ ଶରୀର ଆଉ ପାଳୁଆ ପାଟିରେ ପିପାସା ଭରା ହସ ।

ଜଗୁର କାମ ବୋଲି କିଛି ହେଲେ ନାହିଁ । ଭଣ୍ଡାର ଘର ଭିତରେ ତାର ଛୋଟିଆ ସୁଟ୍‌କେଶଟି ମେଲେଇ ସେ ବସିଛି । ସେଥିରେ ଅଛି ଏଭେରେଷ୍ଟ ରିଡର, ମଞ୍ଜୁଳ ସାହିତ୍ୟ ଓ ଗଣିତ ସୋପାନ । ତା ଛଡ଼ା ତାର ଭୂଗୋଳ ଖାତା, ଇତିହାସ ଖାତା, ଡ୍ରଇଁ; ମ୍ୟାପଡ୍ରଇଁ ଓ ବାକେ ଖାତା । ସୁଟ୍‌କେଶ ଭିତରେ ପଡ଼ିଛି ଗୋଟେ ମୁଣ୍ଡା ପେନ୍‌ସି଼ଲ, କଲମ ଓ ଗୋଟେ ଶୁଖିଲା ଦୁଆତ ।

ବହି ଗୋଟେ ଓଲଟେଇ ଜଗୁ ପଢ଼ିବାକୁ ଚେଷ୍ଟା କରୁଛି । ମନେ ପଡ଼ଯାଉଛନ୍ତି—ତାର ବୋଉ ଆଉ ସର ଅପା । ସେମାନେ ଏବେ ବି ଜାଣି ନାହାନ୍ତି ଜଗୁ ପାଠପଢ଼ା ଛାଡ଼ି ଚା' ଦୋକାନରେ ଆସି ରହିଲାଣି । ଗାଁ ଲୋକଙ୍କର ବି ସେଇ ଭଳି ଧାରଣା । ନାଁ— ଏଣିକି ଆଉ ସେ ମିଛ କହି ତାଙ୍କୁ ଭୁଲେଇବନି । ସତକଥା ସଫା ସଫା ଜଣେଇ ଦବ ।

ଖାତା ସବୁ ମେଲେଇ ଜଗୁ ଦେଖିବାରେ ଲାଗି ପଡ଼ିଛି । କ୍ଲାସରେ ସମସ୍ତଙ୍କଠୁ ସେ ବେଶି ନମ୍ବର ପାଏ । ନମ୍ବର ଆଉ ମାଷ୍ଟ୍ରଙ୍କ ଦସ୍ତଖତ, କୋଉଠି ହେଲେ ଭୁଲ କଟା ହୋଇ ଥିବାର ଦେଖିବନି । ମାଷ୍ଟ୍ରେ ସାବସ୍ କରନ୍ତି । ଅନ୍ୟ ପିଲାମାନେ ତା'ଖାତା ମାଗିନେଇ ନକଲ କରନ୍ତି । ନ ଆସିଲେ ସମସ୍ତିଙ୍କି ସେ ବୁଝେଇ ଦିଏ ।

ଠିକ୍‌ଏ ସୁବିଧା ପାଇଲେ ଏ ଦୋକାନ ଛାଡ଼ି ସେ ଚାଲି ଯାଆନ୍ତା । କେହି କ'ଣ ତାକୁ ସାହାଯ୍ୟ କରିପାରିବେନି ? ଜଗୁର ସେ ମଠ କଥା ମନେ ପଡ଼ିଲା । ସେଠାରୁ ଆସିଲା ପରେ କି ଅସୁବିଧା ଅବା ସେ ଭୋଗ ନ କରିଛି ?

ସୁଟ୍‌କେଶ୍‌ର ଗୋଟେ କରକୁ ଫାଉଣ୍ଟେନ କଲମଟିଏ ପଡ଼ିଛି । ଜଗୁର ଭଲ ହସ୍ତାକ୍ଷର ଯୋଗୁ ସ୍କୁଲରୁ ଥରେ ସେ ପ୍ରାଇଜ ପାଇଥିଲା । କଲମ ସଙ୍ଗେ ବହି ଓ ଖାତାଗୁଡ଼ାକ ଗୁଡ଼ରେ ସେ ଯାକି ଧରିଲା ।

ଦୋକାନରେ ଆସି ରହିବାର ଏଇ କାଲି କି କାଲି ଦି'ତିନି ବର୍ଷ ଆସି ହେଇଗଲାଣି । ଜଗୁକୁ ସତର ପୂରି ଅଠର ଚାଲୁଛି । ମୁହଁରେ ଛୋଟ ଛୋଟ ନିଶ ଗଜୁରିଲାଣି । ଗୋଡ଼ହାତର ମାଂସପେଶୀ ତାର ଫାଲ ଫାଲ । କଳା ମଚ୍‌ ମଚ୍‌ ହେଲେବି ଜଗୁ ଚିକ୍କଣିଆ କଳା । ଦିହରୁ ତେଲ ବୋହି ପଡ଼ିଲା ପରି ଜଣାପଡ଼େ । ପାଠ ପଢ଼ିବା ତ ଅନେକ ଦିନର କଥା । ତଥାପି ଜଗୁକୁ ଜଣାପଡ଼ିଲା— ସତେ ଯେମିତି ଏ ଘଟଣା ଗୁଡ଼ାକ କାଲିକି କାଲି ଘଟି ଯାଇଛି ।

ଝରକା ଦେଇ ସେ ବାହାରକୁ ଅନେଇଲା—ଦୋକାନ ସିଧା ଲୋକଗୁଡ଼େ ଜମା ହୋଇଛନ୍ତି । ଶହେ ଦି'ଶ ହେବେ । କେତେଜଣ ଖାଲି ହଲା କରିବାରେ ବ୍ୟସ୍ତ । ଦି'ଚାରି ଜଣ ଗୋଟେ ପନ୍ଦର ଷୋହଳ ବର୍ଷର ପିଲାଟା ଉପରେ ଗୋଇଠା ବିଧା ପକେଇଦେଇ ଯାଉଛନ୍ତି । ଗୋଟେ ସଫା ହାପପ୍ୟାଣ୍ଟ ଆଉ ଗାରିଗାରିକିଆ କନାର ଗୋଟେ ସାର୍ଟ, ସେ ପିଲାଟି ପିନ୍ଧିଛି । ପକେଟରେ ପଡ଼ିଛି ଖଣ୍ଡେ ବ୍ଲେଡ଼ ଆଉ ଗୋଟେ ଛୋଟ କତୁରୀ । ଲୋକବାକ ଦେଖି ସେ ଗହଳି ଭିତରେ ପଶିଯାଏ । କାହା ପକେଟରୁ ଟଙ୍କା, କାହା ବେକରୁ ସୁନା ନେଇ ସେଇ ଗହଳି ଭିତରେ ଚମ୍ପଟ କରେ ।

କୋଉ ଦୂର ଦେଶର ଜଣେ ଯାତ୍ରୀ କାକର୍‌ଥନ ହୋଇ କାନ୍ଦୁଛି । ପକେଟରୁ ଶହେ ଟଙ୍କା ତାର ଗଲା କୁଆଡ଼େ ? ଦେଉଳ ଭିତରେ ତା' ପାକେଟରେ ଟଙ୍କା ଥିବାର ସେ ଦେଖିଛି । ସେଠୁ

ଆସି ଦୋକାନ ପାଖରେ ହେଲ ବେଳକୁ ଟଙ୍କା ନାହିଁ। ଜଣେ ଲୋକ ଦେଖିଛି ସେ ପିଲାଟା ବ୍ଲେଡଧରି ତା ପକେଟଟା ଚିରିଦେଲା । କିନ୍ତୁ ଟଙ୍କା ତାର ଗଲା କୁଆଡ଼େ ? କେତେ ମାଡ଼ ତା ଉପରେ ହୋଇ ସାରିଲାଣି । ଟଙ୍କାର ତ ଦେଖା ନାହିଁ । କାହାକୁ କ'ଣ ସେ ଦେଇଦେଲା ?

ପୁଲିସ ଦୁ'ଜଣ ଆସି ପହଞ୍ଚିଗଲେଣି । ଜଗୁ ସୁଟ୍‌କେଶ୍‌ଟା ବନ୍ଦ କରିଦେଇ ଯଥାସ୍ଥାନରେ ରଖିଦେଲା । ଦୋକାନକୁ ଯାଇ ଦେଖେତ ଜଣେ ଭଦ୍ରଲୋକ ଅପେକ୍ଷା କରିଛନ୍ତି ।

ଖବରରେ ତାଙ୍କୁ ଫାଟିଯିବ । ଖାଞ୍ଜି ବି ପିଟୁଛି, ତଥାପି ଚା' । ଭଦ୍ରଲୋକଙ୍କ ବରାଦ ଅନୁଯାୟୀ ଜଗୁ ଚା' କପେ ବନେଇଲା ।

ଏ ପର୍ଯ୍ୟନ୍ତ ସେ ଖାଇନ । ହାତ ଚଞ୍ଚଳ କରୁ କରୁ ଜଗୁ ପଚାରିଲା—ଆଜ୍ଞା ଏ କ'ଣ କି ?

ପକେଟ୍ ମାରୁ କରୁଥିଲା । ପନ୍ଦର ଷୋହଳ ବର୍ଷର ପିଲା । କମ ଚାଲାକ୍ ସିଏ । ଆରେ ବାପ୍‌ରେ । ଆଖି ପିଛୁଳାକେ ଲୋକଟାର ଶହେଟଙ୍କା ନେଇ ଚମ୍ପଟ୍ । ଟଙ୍କାକୁ ପୁଣି କୁଆଡ଼େ ଗାଏବ୍ କରି ଦେଇଛି ତାର ଠିକଣା ନାହିଁ । ଥାନାକୁ ଗଲେ ଏଇନେ ମଜା ବାହାରି ଯିବ ଯେ—

ଜଗୁ ନିର୍ନିମେଷ ଆଖିରେ ସେ ପିଲାଟି ଆଡ଼କୁ ଅନେଇଲା । ଠିକ୍ ତାରି ବୟସର ହବ । କିନ୍ତୁ ଏଡ଼େ ଚୋର ପିଲାଟେ ସିଏ । ଛି—

ଟଙ୍କା ଦୁ'ଶ ମିଳିଗଲେ ପରର ଗୋଲାମି ଛାଡ଼ି ସେ ସ୍ୱାଧୀନ ବ୍ୟବସାୟ ଆରମ୍ଭ କରି ଦିଅନ୍ତା । କି— ଗାଁରେ ଯାଇ ସେ ଚାଷବାସ କରିବ ? ନିଜ ଜମି କଥା ତ ଛାଡ଼ । ମୋଟେ ଦୁ'ତିନ ମାଣ । ଧୂଳିଭାଗ ଧରିଲେ ?

ଏବେ ପରା କେହି ଆଉ ଭାଗଲଗଉ ନାହାଁନ୍ତି ? ଜଗୁ ମନେ ମନେ ପ୍ରଶ୍ନ କରୁଛି, ଉତ୍ତର ବି କରୁଛି । ଗୁଡ଼ିଆ ଗୁଡ଼ିଆ ଭାବନା ଗୁଡ଼ାକ ନିଜର ପ୍ରଶ୍ନ ଉତ୍ତର ଭିତରେ ସେ ସିଧା କରି ଆଣୁଛି— ନାଇଁ, ଦୋକାନ ସେ ଦିନେ ଦିବ ।

ଅଳ୍ପ ଦିନ ତଳେ ଜଗୁ ଟିଣ ଡବାଟିଏ କିଣି ଆଣିଛି । ତା' ଉପରେ.ଗୋଟେ ଫୋଡ଼ । ଭିତରେ ଥରେ ପଶିଗଲେ ଆଉ ବାହାରିବାର ଉପାୟ ନାହିଁ । ଏଇ ମାସଠୁ ଦରମା ତା'ର ପାଞ୍ଚ ଟଙ୍କା ବଢ଼େଇ ଦିଆଗଲା ବୋଲି ସେ ମାଲିକଙ୍କଠୁ ଶୁଣିଛି । ମାସକୁ ମାସ ଦଶଟା ଟଙ୍କା ଜଗୁ ଘରକୁ ପଠେଇଦିଏ । ଗୋଟିଏ ଟଙ୍କା ପାଖୁଲା ବି ରଖେନି । ଏଇ ଅଧିକା ପାଞ୍ଚଟଙ୍କା ସେ ଗାଁକୁ ପଠେଇ-ବନି କି ଆଉ କାହାକୁ କହିବନି । ପ୍ରତି ମାସରେ ପାଞ୍ଚଟଙ୍କା କରି ସେଥିରେ ପକେଇ ପକେଇ ତି'ଶ ଟଙ୍କା ହୋଇଗଲେ—ଜଗୁ ମନେ ମନେ ହିସାବ କଲା, ତିନି ବର୍ଷ ଲାଗିଯିବ ।

କିନ୍ତୁ ତିନି ବର୍ଷ ତ ସେ ଅପେକ୍ଷା କରି ପାରିବନି । ଦୋକାନ ଦିବା କଥା ଯଦି ଠିକ୍ ହୁଏ ଏଥର ଗାଁକୁ ଗଲେ ଜମିତକ ସେ ବିକି ଦିବାର ବ୍ୟବସ୍ଥା କରିବ । ଜମି ଥାଇ ଅବା ଲାଭ କ'ଣ ? ଆଚ୍ଛା, ଜମିତକ ବିକି ଦେଲେ ସେମାନେ ଖାଇବେ କେମିତି ?

ସରି ଅପାର ବାହାଘର କାମଟା ଉଠାଇ ଦିବାକୁ ସେ ଜମିତକ ବନ୍ଧୀ କରିଦିବ । ଯାହା କିଛି ସେ ଟଙ୍କାରୁ ବଳିବ ତା' ସାଙ୍ଗେ ଏ ଡବା ଟଙ୍କା ମିଶେଇ ଯେତେ ଶୀଘ୍ର ପାରେ ସେ ଗୋଟେ ଜଳଖିଆ ଦୋକାନ ଦିବ । ସରି ଅପା ବାହା ହୋଇ ସାରିଥିବ । ବୋଉକୁ ସେ ପୁରୀ ନେଇ ଆସିବ । ପ୍ରଥମେ ପ୍ରଥମେ ଗୋଟେ ଦୋକାନରୁ ଦୋତାଲା କୋଠା; ଲମ୍ବା ଲମ୍ବା ଲାଇଟ୍, ରେଡ଼ିଓ, ଖବର କାଗଜ, ଟେବୁଲ ଚଉକି, କେତେ କେତେ ଛବି ସେ

ଆସ୍ତେ ଆସ୍ତେ ଖରିଦ କରିବ । ମାଲିକ ହବ ଜଗୁ । ଘର ଦୁଆର, କୋଠାବାଡ଼ି, ଗାଡ଼ିଘୋଡ଼ା ଆଉ କେତେ କ'ଣ, ବାହା ବି ସେ ହୋଇ ପଡ଼ିବ । ଘରକୁ ବୋହୂଟିଏ ଆଣିଲେ ବୁଢ଼ୀ ବୋଉ ତା'ର କେଡ଼େ ଖୁସି ନହବ ?

ନା—ପାଠପଢ଼ି ସେ ବଡ଼ ମଣିଷ ହବ ?

ଝରକା ଦେଇ ଜଗୁ ଅନେଇଲା । ରାଧୀର ବାସନ ମଜା ସରିଲାଣି । ସାବୁନ ଲଗେଇ ସେ ମୁହଁ ହାତ ସଫା କରୁଚି । ଧୂଆ ଧୋଇବ ହେଉଚି ।

ଆଚ୍ଛା, ସେ ଟିଣ ଡବାଟା ରାଧୀ ପାଖରେ ନେଇ ରଖିଲେ ? ଟଙ୍କା ପଇସା ଅନ୍ୟକୁ ଦେଖାଇବା ଭଲ ନୁହେଁ ? ସେ ପକେଟ-ମାରୁ କରୁଥିବା ପିଲା ଭଳି ରାଧୀ ଯେବେ ଟଙ୍କାସବୁ ନେଇ ଚମ୍ପଟ କରେ ? ନାଇଁ—ରାଧୀ ତ ସେମିତି ଲୋକ ନୁହେଁ । ରାଧୀ ତାକୁ କେଡ଼େ ଭଲ ନ ପାଏ ? ଦୋକାନ କାମ ଦାମ ସାରି ଖାଇ ବସିଲା ବେଳେ ପାଖରେ ବସି ତାର ଖାଇବା ପିଇବା ବିଷୟ ବୁଝେ । ନ ଖାଇଲେ ଯେ କାମ କରି ହବନି । ଜଗୁର ମନ ଖରାପ ହୋଇଚି ବୋଲି ଜାଣିଲେ ରାଧୀ କେତେ କ'ଣ ପଚରି ତା'ର ମନ ବଦଳେଇବାକୁ ଚେଷ୍ଟା କରେ । ପ୍ରଥମେ ପ୍ରଥମେ ଜଗୁ ଗାଁ କଥା ମନେ ପକେଇ ରାଧୀ କୋଳରେ ମୁହଁ ରଖି କେତେ ଥର ବି କାନ୍ଦିଚି । ତା'ର ମନେ ହେଲା—ରାଧୀ ଠିକ୍ ତାରି ସରି ଅପା ଭଳି । ଦୁହେଁ ଯେପରି ଏକ ।

ରାଧୀ ପାଖରେ ହିଁ ତାର ଟିଣ ଠବାଟା ସେ ରଖିବ । ପ୍ରତି ମାସରେ ପାଞ୍ଚ ଟଙ୍କା ଲେଖେଁ ପଡ଼ି ଝମ ଝମ ହେବ ସେଇଠି । ଆସ୍ତେ ଆସ୍ତେ ଡବାଟା ପୂରିଯିବ । ଦ'ଶ ଟଙ୍କା—

ଦିନ ସାତଟା ହବକି ନାହିଁ ସହରର ସବୁ ମହଲରେ ଜଣାଶୁଣା ବ୍ରଜ ବାବୁଙ୍କ ପୁଅ ଜିତେନ୍ଦ୍ରବାବୁ ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି । ମହାଟାଙ୍କ ଦୋକାନ ଛଡ଼ା ଦଶ ପଚିଶ ହାତ ଦୂରରେ ସନ୍ଧ୍ୟାବେଳେ ସେଠାରେ ବିଜୁଳି ଆଲୁଅ ଲହଡ଼ାମାରେ, ରେଡ଼ିଓରୁ ନାନା ରକମର ଗୀତ ଆଉ ବାଜା ସହରର ଲୋକ ଗହଳି ଭିତରେ ପ୍ରତିଧ୍ୱନିତ ହୁଏ । ଦୋକାନ ଆଗରେ ସବୁ ସମୟରେ ଥୁଆ ହୋଇ ଥାଏ ଖଣ୍ଡେ ଦି ଖଣ୍ଡ କାର୍ ଆଉ ଗଣ୍ଡା ଗଣ୍ଡା ମଟର ସାଇକେଲ । ଧାନକଳ, ଟ୍ରାକ୍ଟର ଇଲେକଟ୍ରିକ ଜିନଷ, ରେଡ଼ିଓ ଓ ନାନାପ୍ରକାର ଯନ୍ତ୍ରପାତିର ଦୋକାନ ସେ ଖୋଲିଛନ୍ତି । ବି.ଏ· ପାସକରି ସାରିଲାପରେ ଜିତେନ୍ଦ୍ର ବାବୁ ପୁରିର ସବୁ ବ୍ୟବସାୟୀ ଅନୁଷ୍ଠାନ୍ନ, ଭିତରେ ପଶି କେଉଁଥିରେ ସଭାପତି, କେଉଁଥିରେ ସଂପାଦକ ସାଜି ସାରିଲେଣି । ତା'ଛଡ଼ା ଅଳ୍ପ କେତେଦିନ ହେଲା ସେ ଜିଲ୍ଲା କମିଟିର ସମ୍ପାଦକ ପଦରେ ଆସୀନ । ଜିତେନ୍ଦ୍ରବାବୁ ଯେ ତାଙ୍କର ବ୍ୟକ୍ତିଗତ ଉଦ୍ୟମରେ ଏ ସବୁ ହାସଲ କରିପାରିଛନ୍ତି ସେପରି ନୁହେଁ । ବ୍ରଜବାବୁ ସହରର ସବୁ କ୍ଷେତ୍ରରେ ବେଶ ନାମଜାଦା ଥିଲେ । ବଡ଼ ବ୍ୟବସାୟୀ; ବଡ଼ ପାଠୁଆ ବଡ଼ ରାଜନୈତିକ, ବଡ଼ ମେଳାପୀ । ସବୁ କ୍ଷେତ୍ରରେ ତାଙ୍କର ନା ଡାକ । ତାଙ୍କ ପରେ ପରେ ପୁଅଙ୍କୁ ନିଜ ଗୌରବର ଉତ୍ତରାଧିକାରୀ କରିଦେଇ ଯିବେ । ବ୍ୟବସାୟର ଜାଲ ମେଲିଦେଇ ସବୁ କ୍ଷେତ୍ରରେ ସେ ଖେପିଯିବେ । ଜିତେନ୍ଦ୍ରବାବୁ ଦେଖିବାକୁ ବେଶ୍ ହୃଷ୍ଟ ପୁଷ୍ଟ, ସାବନା, ମେଳାପୀ ଆଉ ମିଷ୍ଟାଳାପୀ ।

ଜଗୁ ଦେଖେ—ଜଗେନ୍ଦ୍ରବାବୁ ଯେଉଁ ଜାଗାରେ ଦୋକାନ ଖୋଲଛନ୍ତି ସେଇଟା ଆଗ ଭଙ୍ଗାରୁଜା ହୋଇ ପଡ଼ିଥିଲି । ଆଗ ଆଗ ସେ ବୁଝିପାରୁ ନଥିଲି—କାଇଁକି ସେଇଟା ମରାମତି ହଉଛି ? କିଏ କଣ ସେଠାରେ ଆସି ଦୋକାନ ଖୋଲୁଛନ୍ତି ? ସେଥିରେ ମୁଣ୍ଡ ଖେଳେଇ ଅବା ଲାଭ କ'ଣ ? ସାତଦିନ ପରେ ଜଗୁ ଦେଖେ ତ —ମସ୍ତବଡ଼ ଦୋକାନଟାଏ ଖୋଲି ସାରିଲାଣି । ସଦାବେଳେ ଲୋକ ଗହଳି, କିଛି କିଛି ହଉ ବା ନ ହଉ ପଚିଶ ତିରିଶ ଲୋକ ଅନବରତ ଦୋକାନର ବେଞ୍ଚ ଚଉକି ଉପରେ ବସି କଥା ହଉ ଥାଆନ୍ତି । ଦୋକାନଟା ଖୋଲି ହେଲା ଦିନୁ ଜଗୁର ଚା' ବନେଇବା ବଢ଼ି ଯାଇଛି ।

ଗୋଟେ ରସଗୋଲା ଆଣି ଜଗୁ ଚାମଚଟା ଅଳ୍ପ ଧୋଇ ଦେଲା ପ୍ଲେଟରେ ଆଣି ରଖିଲା ଚାମଚ ଓ ରସଗୋଲା । ମଧୁଆ ପାଣି ଗ୍ଲାସେ ଆଣି ରଖି ସାରିଲାଣି । ଚା ବନେଇବାକୁ ଯାଉ ଯାଉ ଜଗୁ ଭାବି ଚାଲିଛି—ସେ ବି ଦିନେ ଏମିତି ଗୋଟେ ଦୋକାନ ଦେବ । ଲମ୍ବା ଲମ୍ବା ଆଲୁଅ, ରେଡ଼ିଓ, ଖବର କାଗଜ ଟେବୁଲ ଚଉକି । ଏମିତି ଅନେକ କିଛି ଭାବନାରେ ଶିହରି ଉଠିଲା ଜଗୁ ।

ସେଦିନ ଯେଉଁ ଶାମ ବାବୁ ଆଉ ଜଇବାବୁ ବସି କଥା ହେଉଥିଲେ ସେଇ ଶାମବାବୁ ଦୋକାନର ଗୋଟେ କରଲୁ ଆସି ବସିଛନ୍ତି । ଜଇବାବୁଙ୍କର ଦେଖାନାହିଁ । ଶାମବାବୁ ଏକେଲା । ପିନ୍ଧିଛନ୍ତି ଖଣ୍ଡେ ମଇଳା ଲୁଗା ହାପ୍‌ସାର୍ଟ, ଚଟି ହଳକ ଛିଣ୍ଡି ଉଡ଼ି ଗଲାଣି । ଚାକିରିଆ ଶାମବାବୁ । ନମସ୍କାର ପକେଇ ଜଗୁ ପଚାରିଲା- ଆଜ୍ଞା – କଣ ଆଣିବି ?

କପେ ଚା—

ଜଳଖିଆ

ନା—

ଶାମବାବୁଙ୍କ ଚା'ଟା ଜଗୁ ଭଲଭାବରେ ବନଉଛି। ଦୁଧଟିକେ ବେଶି ଦେଇ ଭଲ ଲିକର ମିଶେଇ ଦେଲେ ଚା'ଟା ଗୋଲାପି ରଙ୍ଗ ଧରିଆସେ। ଚା' କପଟା ଭଲ ହେଲେ ଜମିଜମା କଥାଟା ଅନ୍ତତଃ ପେଟ ପୂରେଇ ସେ ଶୁଣିପାରିବ।

ଶାମବାବୁଙ୍କୁ ଚା' ଦଉ ଦଉ ଜଗୁ ଦେଖିଲା—ବାହାରେ ପଡ଼ିଥିବା ବେଞ୍ଚରେ ବସିଛି ଶାମିଆ। ସାଇକେଲ ରିକ୍ସା ଟାଣିବା ତାର କାମ। ବୟସ ତିରିଶ, ପଞ୍ଚତିରିଶ୍ ଭିତରେ। ମୁହଁଯାକ ତାର ଶିରା ବାହାରି ପଡ଼ିଛି। ବେକତଳ ହାଡ଼ପାଖରେ କାଞ୍ଜିଏ କାଞ୍ଜିଏ ତେଲ ଧରିବ। ମୁହଁ ଶୁଖିଲା, ମୁଣ୍ଡରେ ତେଲ ହାତ ବାଜିନି। ସକାଳ ସାଢ଼େ ଛ'ଟାବେଳେ ଦ'ଟା ବରା ଆଉ ଚା'କପେ ଖାଇ ସେ ରିକ୍ସାଟାଣି ଯାଇଥିଲା। ଦଶଟା ଆସି ବାଜିଲାଣି। ପଇସା ଚାରେଣା ହବ ପାଇଛି। ସେଥିରୁ ଚାର ପଇସାର ବିଡ଼ି ଟାଣି ସାରିଲାଣି। ତିନି ଅଣାରେ ସେ ତ ଆଜି ଭାତ ତରକାରି ପାଇ ପାରିବନି। କିନ୍ତୁ ସନ୍ଧ୍ୟା ସୁଦ୍ଧା ରିକ୍ସା ମାଲିକଙ୍କୁ ଦେଢ଼ଟଙ୍କା ସେ ଦବାର କଥା। ଯାତ୍ରା ଦିନମାନଙ୍କରେ ଦିନକୁ ତିନି ଚାର ଟଙ୍କା ଶାମିଆ ରୋଜଗାର କରେ, କିନ୍ତୁ ପଡ଼ିଆ ଦିନମାନଙ୍କରେ ଏତେ ପଇସା ସେ ପାଇବ କୁଆଡ଼ୁ? ମାଲିକକୁ ଦେଢ଼ ଟଙ୍କା ଦେଇ ସେ ଆପେ ଖାଇବ। ପୁଣି ପିଲା ମାଇପଙ୍କୁ ପୋଷିବ।

ଦିନଯାକ ତ ଅଛି; ଆଚ୍ଛା ଦେଖାଯାଉ। ପେଟରେ ଦାନା କିଛି ପଡ଼ିଲାନି, ସେ ଧାଇଁବ କିମିତି? ଚା' କପେ ଖାଇ ଖରାବେଳଟି କଟେଇ ଦବ ବୋଲି ଠିକ୍ କଲା। ଚା ଖାଇଦେଲେ ଭୋକ ବି ହବନି। ତା ସାଙ୍ଗେ ସାଙ୍ଗେ ବିଡ଼ି। ରିକ୍ସା ଭିଡ଼ିବାକୁ ଅଣ୍ଟାରେ ଜୋର ନପାଇଲେ ଶାମିଆ ଅଫିମ ଟିକିଏ ଗିଳିଦିଏ। ମନ ପ୍ରଫୁଲ୍ଲ ରଖିବାକୁ ଓ ପିଲାମାଇପଙ୍କ କଥା ଭୁଲି ଯିବାପାଇଁ ସେ ଗୁଳି ଖାଏ। ଗୁଳି ଶାମିଆର ଏବେ ଅଭ୍ୟାସ ହୋଇଗଲାଣି।

ଖବର କାଗଜ ହକର ବାଞ୍ଛାନିଧି ପିଆଡ଼ୁ ଧଇଁ ସଇଁ ହୋଇ ଆସୁଛି । ଟାଉନ ସାରା ବୁଲି ବୁଲି ସେ କାଗଜ ବିକେ । କମିଶନ ଯାହା କିଛି ପାଏ ସେଥିରେ ସିଏ ଆଉ ପିଲା ମାଇପେ ଚଳନ୍ତି । ଚା କପେ ନ ଖାଇଲେ ସେ ବୁଲି ପାରିବନି । ବୁଲି ବୁଲି ଖବର କାଗଜ ବିକିବା ଭିଷଣ କଷ୍ଟ । ସାଇକେଲ୍ ଖଣ୍ଡେ ପାଇଁ ସେ ଅଫିସକୁ ବାରମ୍ବାର ଲେଖି ଥେ ହୋଇସାରିଲାଣି । ଗୋଡ଼ ଦି'ଟା ତାର ଟିକି ଭଳି । ଚା' ଉପରେ କଞ୍ଚା ଗୁଣ୍ଡିପାନ ଘଣ୍ଟାକୁ ଖିଲେ ଖିଲେ ପକେଇ କାଗଜର ବଡ଼ ବଡ଼ ଅକ୍ଷରରେ ଥିବା ଖବର ଗୁଡ଼ାକ ଡାକି ସେ ଟାଉନ ସାରା ଯାଇଁ ବିକେ ।

ଶାମିଆ, ବାଞ୍ଛାନିଧି ଆଉ ଶାମବାବୁ ତିନିଜଣଙ୍କ ପାଇଁ ଜଗୁ ଚା' ବନଉଛି ।

ଖବର କାଗଜ ବିଡ଼ାକ ବେଞ୍ଚ ଉପରେ ଥୋଇଦେଇ ବାଞ୍ଛାନିଧି ଦୋକାନର ପଙ୍ଖାତଳେ ବସି ଯାଇଛି । ଚା କପଟା ନିଃଶେଷ କରିଦେଇ ଶାମିଆ ରିକ୍‌ସାଧରି ବାହାରିଲାଣି । ଶାମବାବୁ ଚା' କପରେ ଟିକିଏ ଟିକିଏ ଓଠ ଲଗେଇ ଫାଙ୍କା ଆକାଶଟାକୁ କେବଳ ଅନଉଛନ୍ତି ।

ଅଳ୍ପ ପାଖେଇ ଯାଇ ଜଗୁ ପଚାରିଲା—

ଆଜ୍ଞା—ଜଇ ବାବୁ କୁଆଡ଼େ ଗଲେ କି ?

ତାଙ୍କର ତ ସେହିଦିନଠୁ ଦେଖାନାହିଁ ।

ଆପଣ ତ ଏବେ ଆଉ ଆମ ଦୋକାନ ଆଡ଼େ ଆସୁ ନାହାନ୍ତି ?

ଭିଷଣ କାମ ପଡ଼ଉଛି ।

ଗୋଟେ କଥା ପଚାରିବ ପଚାରିବ ହଉଛି, ଆପଣ କିଛି ଭାବିବେନି ତ ?

ପଚ୍ଛରନ୍ତୁ—

ବର୍ତ୍ତମାନ ସମୟରେ ଆଜ୍ଞା ଦୋକାନ କରିବା ଭଲ, ନା କୃଷି କରିବା ଭଲ ? କେଉଁଠାରେ ଭଲ ଭାବରେ ପେଟ ପୋଷାଯାଇ ପାରିବ ?

ଜଗୁ ମୁହଁକୁ ଅଳ୍ପ ଟିକିଏ ଅନେଇ ଶାମବାବୁ କହିଲେ— ଯିଏ ବିଲରେ ଆଣ୍ଠୁ ନ ପକେଇବ, ବେଳ ପଡ଼ିଲେ ଲଙ୍ଗଳ ମୁଣ୍ଡା ନ ଧରିବ, ଦଉଡ଼ି ହଳ ବୁଲେଇ ନ ଆଣିବ, କୃଷି ଛାଡ଼ି ବ୍ୟବସାୟ କରିବା ତା'ଠୁ ଶତ ଗୁଣରେ ଭଲ । କୃଷି ବାସରେ ଆଜ ମୋଟେ ହେଲେ ଆଶା ନାହିଁ ।

ଜଗୁ ଆଁ କରି ଶାମ ବାବୁଙ୍କ କଥା ଶୁଣୁଛି । ଗରାକ ପତଳା ହୋଇଗଲେଣି । ମାଲିକ ଆସି ଦୋକାନରେ । ଟେବୁଲ ଉପରଟା କନାରେ ପୋଛି ସେ ସଫା କରିଦେଲା । ହାତ ଚଞ୍ଚଳ କଲା ଜଗୁ । ମାଲିକେ ଦୋକାନ ଭିତରକୁ ପଶି ଆସୁଛନ୍ତି ।

ମାଲିକ ବିଶ୍ୱନାଥ ମହାପାତ୍ରେ ଚଉକିରେ ଲାଗିଥିବା ମାଣ୍ଡିକ ଆଉଜି ରେଡ଼ିଓରୁ ଭଲ ଗୀତଟିଏ ବାହାର କରିବା ପାଇଁ ଲାଗି ପଡ଼ିଲେ । ଦୋକାନର ସମସ୍ତେ ଯେଝା କାମରେ ଲାଗିଗଲେଣି ।

ଜଗୁ ସବୁଦିନ ପାଞ୍ଚଟା ବେଳେ ବିଛଣା ଛାଡ଼େ । ତା' ଆରଦିନ ସକାଳେ ଉଠିଲାବେଳକୁ ଅଳ୍ପ ଡେରି ହୋଇଗଲାଣି । ଶୋଇଥିବା କୋଇଲାରଖା ଘର ଉପରେ କୁକୁଡ଼ାଟେ ବସି ଡାକ ଛାଡ଼ୁଛି । ଫଁକାତାରା ଉପରକୁ ଉଠି ଆସିଲାଣି । ରାତିର ଅଳସ

ନିଦ ଭିତରେ ଜଗୁ ବୋଉର ଆଲୁ ରୁ ସାଲୁ ରୁ ଧଳା ବାଳ ଆଉ ସରଅପାକୁ ଦେଖିଛି । ତାଙ୍କର ଡାକ ବ ଶୁଣିଛି । କେତେ କ'ଣ ସେ ଦେଖିଛି, ଠିକ୍ ମନେ ନାହିଁ । ଅନାବନା ସାଗଭଳି ସେ ସବୁ ମିଶାମିଶି ।

ଅନେକ ଦିନ ହେଲା ସେ ଗାଁକୁ ଯାଇନି । ଗଲା ଦଶହରା ବେଳେ ମାଲିକଙ୍କଠାରୁ ଚାରିଦିନ ଛୁଟିନେଇ ଜଗୁ ଗାଁକୁ ଯାଇଥିଲା । ଛ'ମାସ ଭିତରେ ଟଙ୍କା ଚାଳିଶଟା ହବ ପଠେଇଛି । ଘରେ ଆଉ ଗାଁରେ ସମସ୍ତେ ଜାଣନ୍ତି—ଜଗୁ ନିଜେ ପଢ଼ୁଛି ଓ କେତେଜଣ ପିଲାଙ୍କୁ ପଢ଼େଇ ମାସକୁ ମାସ ଟଙ୍କା ପଠଉଛି । ବୋଉକଥା ମନେ ପକେଇ ତାର ଆଖିପତା ଓଦା ହୋଇଆସିଲା ।

ବୋଷେଇ ଘରଆଡ଼ୁ ଡାକ ଶୁଭିଲା ରାଧୀ ।

ଜଗୁ ଉତ୍ତର ଦେଲାନି । ପାଟିଟା ଆଁ କରି ଉପରକୁ ସେ ଅନେଇ ରହିଛି ।

ପାଉଁଶ ସାଲୁବାଲୁ ହାତରେ ରାଧୀ ଆସି ଡାକିଲା—ଜଗୁ ଆଜି କ'ଣ ଚୁଲି ଧରେଇବୁନି ?

ଚୁପ ରହିଲା ଜଗୁ ।

ରାଧୀକି ଆଶ୍ଚର୍ଯ୍ୟ ଜଣା ପଡ଼ିଲା । ହାତ ଧୋଇସାରି ସେ ଆସି ଦେଖେ ତ—ଜଗୁ ସେମିତି ବସି ରହିଛି । କାନ୍ଧକୁ ହଲେଇ ଦେଇ ପଚାରିଲା—କ'ଣ ହେଲାକି ଆଜି ?

ରାଧୀ କୋଳରେ ମୁଣ୍ଡ ରଖି ଜଗୁ ଅନେକଥର କାନ୍ଦିଛି ରାତିରେ ବେଳେ ବେଳେ ନିଦ ଭାଙ୍ଗିଗଲେ ଜଗୁ ଅନୁଭବ କରେ—ରାଧୀ ତା ଗୋଡ଼ ହାତ ଚିପି ଦଉଛି । ବର୍ଷକେ ଥରେ ଦି'ଥର ସେ ଯେତେବେଳେ ଗାଁକୁ ଯାଏ ସରଅପା ତେଲ କାଞ୍ଚିଏ ଆଣି ତା ଗୋଡ଼ରେ ମର୍ଦ୍ଦନ କରେ । ତା'ର ସରଅପା ଭଳି ଠିକ୍ ଏଇ ରାଧୀ

ଜଗୁ ପାଖରେ ବସିପଡ଼ି ରାଧୀ ତା ବାହାକୁ ହଲେଇ ପଚାରିଲା—କଥା କ'ଣ ଜଗୁ ?

କିଛି ନାହିଁ ତ—

ତା'ହେଲେ—

ରାଧୀର ହାତ ଜଗୁ ବାହାରେ ଲାଗିଲାବେଳେ ତାକୁ କେମିତି ଅଡୁଆ ଅଡୁଆ ଲାଗିଲା । ତା ହାତର ଆଉ କାନ୍ଧର ଗ୍ଲେଟ ଗ୍ଲେଟ ଶିରା ଗୁଡ଼ାକ ଯେପରି ଡେଇଁ ଉଠୁଥିଲା । ରାଧୀ ଆଉ ଆଗର ରାଧୀ ହୋଇ ନାହିଁ । ମୁହଁ ଟେକି ତା ଆଡ଼କୁ ଚାହିଁ ପାରିଲାନି ଜଗୁ ।

ନିଜ ଦେହର ଲୁଗାଟା ସଜାଡ଼ି ନେଇ ରାଧୀ ପଚାରିଲା—କଣ ହୋଇଚି କି ଆଜି ?

ତୁ ଟିକିଏ ମୋ ପାଇଁ ଆଜି ଚୁଲି ଧରେଇ ଦବୁନି ? ମତେ କେମିତି ଖରାପ ଖରାପ ଲାଗୁଛି ।

ରାଧୀ ଆଉ ବେଶିକିଛି ପଚାରିଲାନି କି କହିଲାନି । ଦିନେ ଦିନେ ସ୍ୱପ୍ନଦେଖି ଜଗୁ ସକାଳେ ଠିକ୍ ଏମିତି ବସିଯାଏ । ଆଜି ବୋଧେ ଗାଁ କଥା କି ଘରକଥା ସେ ସପନ ଦେଖିଛି । କ'ଣ ବୋଲି ପଚାରିଲେ ସେ କାଳେ କାନ୍ଦି ପକେଇବ ? ମୁଣ୍ଡ ଟୁଙ୍ଗାରି ରାଧୀ ବାସନ ମାଜିବାକୁ ଚାଲିଗଲା ।

ଜଗୁ ବସି ବସି ଭାବୁଛି—କାଇଁକି ବା ସେ ରାଧୀକି କହିଲା । ସେ କ'ଣ ସବୁଦିନ ତା ପାଇଁ ଚୁଲି ଧରେଇଦବ ? ଦଉଡ଼ି ଯାଇ ସେ କାମ ଆରମ୍ଭ କରିଦବ ବୋଲି ଭାବୁଥିଲା ।

କୋଇଲା ଚୁଲି ନିଆଁ ଧରୁ ଧରୁ ଅଧଘଣ୍ଟେ । ରାଧୀ ମାଜିଥିବା କପ୍, ପିଆଲା, କାଚଗ୍ଲାସ ଇତ୍ୟାଦି ପୋଛି ପୋଛି କରି ସେ ଟେବୁଲ ଉପରେ ପୁଣି ସଜେଇ ରଖିବ ।

ଭଣ୍ଡାର ଘର ଠଣାରୁ ଖଣ୍ଡେ ବଡ଼ ଆଣି ଜଗୁ ସେଇଠା ଟାଣି ବସିଲା । ଅଢଷା ପାଟିରେ ସେ ବଡ଼ ଖାଇଲା । ଗମି ଆଉ ମଧୁଆ ଦିନକୁ କଠା କଠା ବଡ଼ ଶେଷ କରିଦଅନ୍ତି । ଦରମାରୁ ଅଧେ ପାନ ବଡ଼ ଆଉ ମଉଜ ମଜଲସ୍‌ରେ ଯାଏ । ଏସବୁ ଅଭ୍ୟାସ ଜଗୁର ନଥିଲା । ତାକୁ ସତର ଅଠର ଆସି ହେଲାଣି । ତଥାପି ଏଇ କେତେ ମାସ ହେଲା ପାଇଖାନା ଯିବା ଆଗରୁ ବଡ଼ ଖଣ୍ଡେ ନଖାଇଲେ, କି ଗୁଡ଼ାଖୁ ମେଞ୍ଚେ ନ ଘଷିଲେ ଝାଡ଼ାଟା ତାର ସଫା ହୁଏନ । ଦିନକୁ ସାତ ଆଠ ଖଣ୍ଡ ବଡ଼ ତାର ଅଭ୍ୟାସ ହୋଇ ସାରିଲାଣି ।

ଚା' ବନେଇବାକୁ ପଡ଼ିବ । ଦୋକାନରେ ଗମି, ମଧୁଆ, ନାରଣ ଭାଇନା ସମସ୍ତେତ ଅଛନ୍ତି । ତଥାପି ଜଗୁ ହାତର ଚା' କପେ ନଖାଇଲେ ସମସ୍ତେ ଯେପରି ଅସନ୍ତୁଷ୍ଟ । ତର୍‌ତରରେ ସେ କାମ ଦାମ୍, ସାରିଦେଇ ଚା' ଟେବୁଲ ପାଖକୁ ଆସିଲା । ଜଗୁହାତ ଚା'କୁ କେତେଜଣ ଗରାକ ଅପେକ୍ଷା କରିଛନ୍ତି । ନିଜ କଥ ଭାବିବାକୁ ତାର ସମୟ ନାହିଁ । ଘର କଥା ଗାଁ କଥା ତ ଛାଡ଼ । ସେ କେବଳ ଚା' କରିବ । ଚା' ବନେଇ ବନେଇ ଜୀବନ ସାରା ତା'ର ବିତିଯିବ ।

ଆଠଟା ସାଢ଼େ ଆଠଟା ହବ । ଜଣେ ବାବୁ ଦୋକାନ ଭିତରକୁ ପଶି ଆସିଲେ । ବୟସ ତେଇଶି ଚବିଶ ଭିତରେ ପିନ୍ଧିଛନ୍ତି ଖଣ୍ଡେ ପାଇଜାମା, ଡୋରିଆ ହାପସାର୍ଟ । ଚଟିହଳେ ମୁଣ୍ଡ ନୁଖୁରା, ପବନରେ ବାଳ ଗୁଡ଼ାକ ଫର୍ ଫର୍ ଉଡ଼ୁଛି ବେଶବାସ ପ୍ରତି ନଜର ନାହିଁ । ନିହାତ ପତଳା ଲୋକ ସିଗାରେଟ୍ ଖଣ୍ଡେ ଟାଣୁଛନ୍ତି । ହାତରେ ଖଣ୍ଡେ ଦି'ଖଣ୍ଡ ବହି ପତ୍ରିକା କେଇଖଣ୍ଡ ।

ସେ ବାବୁଙ୍କୁ ଜଗୁ କୋଉଠେଇ ହେଲେ ଦେଖିଛି । କଥା
ବାର୍ତ୍ତା ବି ହୋଇଛି । କିନ୍ତୁ କିଛିହେଲେ ତା'ର ମନେ ପଡୁନି । ମନେ
ପକେଇବାକୁ ସେ ଚେଷ୍ଟାକଲା—କିଏ ସେ—କିଏ ସେ—କିଏକି
ଏ ବାବୁ ?

ସିନେମା ହଲ୍‌ର ଫିଲମ୍ ଭଳି ତାର ଅତୀତ ଗୁଡ଼େଇ
ଗୁଡ଼େଇ ହୋଇ ଘୂରି ଚାଲିଛି । ତୀର ବେଗରେ ବୁଲୁଛି । ଜଗୁ
ଖୋଜୁଛି, ଅତୀତକୁ ତା'ର ଖେଳେଇ ବସୁଛି । ମନେ ପଡୁନି—କିଏ
ସେ କି ଏ ବାବୁ ?

ଜଗୁ ନ ଚିହ୍ନିବା ଆଗରୁ ବାବୁଜଣଙ୍କ ଆଶ୍ଚର୍ଯ୍ୟ ହୋଇ
ପଚାରିଲେ—କିରେ ଜଗୁ, ତୁ କଣ ଏଇଠି ଅଛୁ ?

ଜଗୁର ହଠାତ୍ ମନେ ପଡ଼ିଗଲା । ଗାଁରୁ ଆସି ପ୍ରଥମେ
ପାଠ ପଢ଼ିବା ପାଇଁ ସେ ଯେତେବେଳେ ପୁରୀ ସହରର ଗଳି କନ୍ଦିରେ
ଘୂରି ବୁଲୁଥିଲା ସେତେବେଳେ ଏଇବାବୁ ତାକୁ ନେଇ ସେ ମଠରେ
ରଖେଇ ଦେଇଥିଲେ । ଖାଲି ଜଗୁ ନୁହେଁ । ଶହ ଶହ ଜଗୁ, ଟଙ୍କା
ପଇସା ଅଭାବରୁ ପାଠ ପଢ଼ି ନପାରି ନିଜ ନିଜର ଭାଗ୍ୟ ଘେନି
ବର୍ଷବର୍ଷ ସହରକୁ ଦଉଡ଼ି ଆସନ୍ତି । ମଠ ବାଡ଼ରେ ରହି କାଳେ
ପଢ଼ିଯାଇ ପାରିବେ ।

ହଁ—ଏଇବାବୁ, ତାଙ୍କ ନାଁ କଣଟି ?

ଜଗୁ କ'ଣ ଚିହ୍ନି ପାରୁନୁ ?

ନ ଚିହ୍ନିବ କାହିଁକି, କ'ଣଟି ? ଓହୋ—ହରିବାବୁ । ଜଗୁ
ମନେ ମନେ ଠିକ୍ କରିନେଲା । 'ଭାଗ୍ୟରେ ଯାହାଥିଲା' । ପାଟିରୁ ବି
ତା'ର ବାହାରି ପଡ଼ିଲା ।

ଭାଗ୍ୟ କ'ଣ ? ଆଚ୍ଛା—ମଠରୁ ଆସିଲା ଦିନଠୁ ତୁ ଆସି ଏଇ
ଦୋକାନରେ ଅଛୁ ?

ଆଉ କରିବ କ'ଣ—

ହରିବାବୁ ଅଳ୍ପ ଅନ୍ୟମନସ୍କ ହୋଇ ପରେ ପରେ କହିଲେ—ହଉ କପେ ଟ୍ବ' ଆଣିଲୁ ।

ଜଗୁ ବଢ଼ିଆ ଟ୍ବ ଗୋଟେ ବନେଇଲା । ଏଣେ ଭଣ୍ଡାର ଘର ଭିତରକୁ ଯାଇ ତା'ର ସୁଟ୍‌କେଶ୍‌ଟା ଆଣି ଟେବୁଲ ଉପରେ ରଖିଦେଲା ।

କ'ଣ ସେଇଟା—

ସୁଟ୍‌କେଶଟା ମେଲା କରି ଦେଇ ଜଗୁ ହରିବାବୁଙ୍କୁ ତାର ପଢ଼ାବହି ସବୁ ଦେଖେଇଲା । ମଞ୍ଜୁଳ ସାହିତ୍ୟ, ଗଣିତ ସୋପାନ, ଏଭେରେଷ୍ଟ ରିଡ଼ର ଓ ତା'ର ଖାତା ପତ୍ର ସବୁଥିରେ ଉଇ ଲାଗି ସାରିଲାଣି । କିନ୍ତୁ ହେଲେ ସେ କହି ପାରିଲାନି ।

ଦୋକାନରେ କେହି ହେଲେ ନାହାଁନ୍ତି । ଜଗୁ ଏକେଲା । ଭଣ୍ଡାର ଘର ଭିତରୁ ରାଧୀ ଝରକା ଦେଇ ଜଗୁର ସୁଟ୍‌କେଶଟା ଲକ୍ଷ୍ୟ କରୁଛି ।

ହରିବାବୁ ଜଗୁ ମୁହଁକୁ ଅନେଇ ରହିଲେ । ତା' ଆଖି ଭିତରେ ସତେଅବା ଜମିରହିଛି ମହାନଦୀର ଉଚ୍ଛୁଳା ଜୁଆର ଉବୁକେଇ ଆସିଲାଭଳି ବୋଧ ହେଉଥିଲା ।

ଜଗୁ ପିଠିରେ ହାତ ମାରିଦେଇ ହରିବାବୁ କହିଦେଇ ଗଲେ—ଗୋଟେ ଜରୁରୀ କାମ ଅଛି, ଯାଉଛି । ତୋତେ ମୋର ଅନେକ କଥା କହିବାର ଅଛି ।'

କେତେବେଳେ ଆସିବେ ?

ଆସିବି ।

ହରିବାବୁ ତାଙ୍କର ବହି ଓ ପତ୍ରିକା ଧରି ଚାଲିଗଲେ । ତାଙ୍କ ପଛ ଆଡ଼କୁ ଅଳ୍ପ ସମୟ ଅନେଇ ସାରି ଜଗୁ ଟ୍ବ ବନେଇବାରେ ଲାଗିଗଲା । ରେଡ଼ିଓ ଗୀତରେ ହଜିଗଲା ତାର ମନ ।

ପଞ୍ଝେହବ ପଶ୍ଚିମା ଯାତ୍ରୀ ବଡ଼ଦାଣ୍ଡ ଧୂଳିରେ ବସିଯାଇଛନ୍ତି । ାଉ ପଞ୍ଝେ "ଠାକୁର ଭଲ ବସିଜୋଖା, ଓଡ଼ିଶା ଜଗନ୍ନାଥ ପୁରିମେ" ବାଲି କହି ଦାଣ୍ଡ ଫଟେଇ ଚାଲିଛନ୍ତି । ସେମାନଙ୍କ ଭିତରେ ଧିକାଂଶ ବୁଢ଼ାବୁଢ଼ୀ । ପିନ୍ଧିଛନ୍ତି ନପଠ ମଇଳା ଲୁଗା । ଧୋଇ ଦଲେ ସମୁଦ୍ର ପାଣି ବି ଗୋଳି ହୋଇଯିବ । ଦୁର୍ଗନ୍ଧ ବାହାରୁଛି । ସମାନଙ୍କର ଦେହମୁଣ୍ଡ ଆଉ ଲୁଗାପଟାରେ ଉକୁଣି ଚାଲନ୍ତି । ମୋଟେ ହଲେ ଗାଧାନ୍ତିନ ସେମାନେ । ଆଙ୍ଗୁଳେ ବହଳରେ ରୁଟି ାଉଆରେ ସେକା ଖଣ୍ଡେ ଦି' ଖଣ୍ଡ ଗିଳି ଦେଲେ ଦିନସାରା ାଇବା ଦରକାର ପଡ଼େନି । ମୋଡ଼କା ମୋଡ଼କା ରୂପାର ଅଳଙ୍କାର ଗୋଡ଼ରେ ହାତରେ ସେମାନେ ଲଗେଇଥା'ନ୍ତି । ବେକରେ ପାଟଙ୍କା ହାର କରି ସେମାନେ ବ୍ୟବହାର କରନ୍ତି । ମସ୍ତଙ୍କର ଅଣ୍ଟା ଚାରି ପାଖେ ବନ୍ଧାଥାଏ ଗୋଟେ ଗୋଟେ କନା ଣ୍ଡି । ଦେଶରୁ ଆସିଲାବେଳେ ଯାହା କିଛି ଟଙ୍କା ପଇସା ସୁନାଜିନିଷ ଗିନି ମୋହର ପଣ୍ଡା ପାଇଁ ସେମାନେ ଆଣି ଥାଆନ୍ତି, ସବୁଗୁଡ଼ା ାଇଚା ହୋଇ ସେଥିରେ ପଡ଼ିଥାଏ ।

ଜଗୁ ବଡ଼ ଦାଣ୍ଡକୁ ଅନେଇଲା—କେତେ ଯେ ପଶ୍ଚିମା ଯାତ୍ରୀ ାର ଲାଗିଛନ୍ତି ଗଣତି କରି ହେବନି । ପଞ୍ଝେ ପଞ୍ଝେ ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ଯାଉଥାଆନ୍ତି ।

ଠିକ୍ ଚଲି ଭଳି ଜଗିବସିଛନ୍ତି ଦଲେ ହବ ଲୋକ, ହାତରେ ଗୋଟେ ଗୋଟେ ତାଳି ମୋଡ଼େଇ । ତା ଭିତରେ ଅଛି ନାଲି ନାଲି ାଇ ଆଉ କୋରା । ହାତରେ ଓହଳେଇଛନ୍ତି ନାଲି ସିରିକାପଡ଼ା, ଧାବ କନାରେ ନାଲି ରଙ୍ଗ ବୁଡ଼େଇଛନ୍ତି । ଯାତ୍ରୀମାନଙ୍କ ମନରେ ାରଣା ଦେଉଛନ୍ତି ଏ ସବୁ ଦିଅଙ୍କର ଦେହନଡ଼ା ଲୁଗା ।

ଯାତ୍ରୀମାନେ ମନ୍ଦିର ଭିତରକୁ ଯାଉଁ ନ ଯାଉଁ ସେମାନଙ୍କ ନଜାଣିବା ଅବସ୍ଥାରେ ପଛପଟୁ କରି ସେ କନାରୁ ଖଣ୍ଡେ ସେମାନେ ପକେଇଦିଅନ୍ତି । ଯାତ୍ରୀ ବୁଲିପଡ଼ି ଅନେଇଲାବେଳକୁ ତା ପିଠିରେ ଗୁଣ୍ଡା ହୋଇସାରିଲାଣି ମେଞ୍ଚେ ହବ ଖଇ । 'ଜଗନ୍ନାଥ ଭଲ କରେ' ବୋଲି କହି ମୁଣ୍ଡ ଉପରେ ତାଙ୍କର ଆଶୀର୍ବାଦ ଅଜାଡ଼ି ହୋଇ ପଡ଼ୁଥାଏ । ଆଉ ହାତରେ ପଇସା ବି ସେମାନେ ମାଗୁଥାଆନ୍ତି ।

ଜଗୁ ଦେଖିଲା—ଯାତ୍ରୀଗୁଡ଼ାଙ୍କୁ ସେମାନେ ବଡ଼ ବିରକ୍ତ କରୁଛନ୍ତି । ମାଗିବ ତ ସେମାନଙ୍କୁ ଭଦ୍ରଭାବରେ ବୁଝେଇ ସୁଝେଇ ସିରକାପଡ଼ା ବେକରେ ପକେଇଦବ । ପ୍ରସାଦ ବି ଖାଇବାକୁ ଦବ । ସେମାନେ ଯାହା ଦେବେ ତାକୁ ଖୁସି ମନରେ ଗ୍ରହଣ କରିବ । କିନ୍ତୁ ସେମାନଙ୍କୁ ଗୁଡ଼େ ହଇରାଣ କରିବ ବା କାଇଁକି ?

ସେମାନେ ଜଗନ୍ନାଥ ଦର୍ଶନ କରିବାକୁ ଆସିଛନ୍ତି । ଯେ କୌଣସି ହଇରାଣକୁ ସେମାନେ ଧର୍ମ ବୋଲି ବିଶ୍ୱାସ କରନ୍ତି । ସ୍ୱର୍ଗକୁ ଯିବା ବାଟ ସୁଗମ ହେଲା ବୋଲି ତାଙ୍କର ଧାରଣା । ଆଶ୍ଚର୍ଯ୍ୟ ହେଲା ଜଗୁ । ଯାତ୍ରୀମାନେ ବିରକ୍ତ ହେବା ପରିବର୍ତ୍ତେ ବରଂ ବେଶି ଠଙ୍କା ପଇସା ବାହାର କରି ଦେଉଛନ୍ତି । ଏଇଁଙ୍କ ଉପରେ କି ବିଶ୍ୱାସ ଏମାନଙ୍କର ? ଜଗୁ ବଡ଼ ଦେଉଳ ଆଡ଼କୁ ଅନେଇଲା । ମନେ ମନେ ସେ ମୁଣ୍ଡିଆ ମାରିଲା । ଗାଁକୁ ଗଲାବେଳେ ବୋଉ ତାର ସଦାବେଳେ କହେ—ମଲା ଆଗରୁ ଜଗନ୍ନାଥ ଦର୍ଶନ ଥିକିଏ ହେଲେ ସେ କରିଦିଅନ୍ତା—

ଦୋକାନ ପାଖକୁ ଲାଗିକରି ମାଲିକ ବିଶ୍ୱନାଥ ମହାପାତ୍ରଙ୍କ ଲଜିଂ ହାଉସ, ସେଠାରେ ଅସଂଖ୍ୟ ଯାତ୍ରୀ ଆସି ରହନ୍ତି । ଜଗୁ ଅନେଇଲା—ଦୋତାଲାର ଗୋଟିଏ ମାଝିଆ କୋଠରୀରେ ଯାତ୍ରୀ-

ମାନେ ପଣ୍ଡାଙ୍କର ଚରଣ ସେବା କରୁଛନ୍ତି । ମହାପାତ୍ରେ ଗୋଟେ ଚଉକିରେ ବସିଛନ୍ତି । ଦେହରେ ପାଟ ଓ ପାଟ ଚଦର, କପାଳରେ, ବାହାରେ ଓ ଗୁଣ୍ଡିରେ ଚିତା । ତାଙ୍କର ଗୋଡ଼ ଦୁଇଟି ଗୋଟେ ପିଢ଼ା ଉପରେ ଥୁଆ ହୋଇଛି । ଟିକିଏ ପାଖକୁ ରଖା ହୋଇଛି ଗାଲେ ହବ ପାଣି । ଯାତ୍ରୀମାନେ ହାତରେ ଅଳ୍ପ ପାଣି ନେଇ ମହାପାତ୍ରଙ୍କ ଗୋଡ଼ ବୁଢ଼ା ଆଙ୍ଗୁଠିରେ ବୁଡ଼ାନ୍ତି । ତା'ପରେ ଚରଣ ସେବା କରନ୍ତି । ମୁଣ୍ଡ ଉପରେ ଗୋଡ଼ ରଖି ମହାପାତ୍ରଙ୍କ ଆଶୀର୍ବାଦର ସୁଅ ଛୁଟେ । ସେମାନଙ୍କ ଚଉଦ ପୁରୁଷଙ୍କୁ ସେ ଉଦ୍ଧାର କରନ୍ତି ।

କି ବିଶ୍ୱାସ ଏମାନଙ୍କର ! କେତେ କଷ୍ଟରେ ଗରିବ ଯାତ୍ରୀମାନେ ବରଷ ଟଙ୍କା ପଇସା ସଂଗ୍ରହ କରି ନଥିବେ ? ଟଙ୍କା, ସୁନା, ପାଟ ପିତାମ୍ବର ଯାହା କିଛି ତାଙ୍କ ପାଦ ତଳେ କୁଢ଼େଇ ପଣ୍ଡାଠୁ ଟଙ୍କା ଧାର କରି ସେମାନେ ଦେଶକୁ ଫେରନ୍ତି । ପଣ୍ଡାମାନେ— ବିଶେଷତଃ ମହାପାତ୍ର ମାଳିକେ ସେମାନଙ୍କର ଖାଇବା ପିଇବା ନିଜେ ବୁଝନ୍ତି । କାହାର ପେଟ ଅପୂରା ସେ ରଖିବେନି । ମହାପାତ୍ରେ ଖାଆନ୍ତି ଯେମିତି, ଅନ୍ୟମାନଙ୍କୁ ଖୁଆନ୍ତି ବି ସେମିତି ।

ଜଗୁ ଭାବି ଚାଲିଛି—ମାସ ଯାକ ଦିନ ରାତି ଖଟି ସେ ପାଏ ଦଶଟା ହବ ଟଙ୍କା । ଦୁନିଆରେ ତା'ଭଳି ଏମିତି କେତେ ଲୋକ ବି ଚଳୁଛନ୍ତି ! କିନ୍ତୁ ମୁଣ୍ଡ ଉପରେ ଗୋଡ଼ ରଖି କେତେଟା ଲୋକ ଶହ ଶହ ହଜାର ହଜାର ଉପାର୍ଜନ କରନ୍ତି ?

ବଡ଼ ଦେଉଳ ଆଡ଼କୁ ଅନେଇଲା ଜଗୁ । କେତେ ଯୁଗ ଧରି ଦେଉଳଟା ଠିଆ ହୋଇ ରହିଛି । କେତେ କେତେ ଯାତ୍ରୀ ଏଠିକି ଆସିବେଣି ଯିବେଣି—ନୀଳଚକ୍ର ଉପରେ ଚଢ଼ି ଗୋଟେ ଲୋକ ପତାକା ବାନ୍ଧୁଥିଲା । ବଜପୁ ଗଦରେ ଠିଆ ରହିଛି ଜଗନ୍ନାଥଙ୍କ

ମନ୍ଦିର । ଖୋଳ, ଖଞ୍ଜଣି, ତାଳ ଆଉ ଝାଞ୍ଜ ଶବ୍ଦ ଭାସିଆସୁଛି । ଭଜନ ବି ଶୁଭୁଛି । ସଂକୀର୍ତ୍ତନର ଧୂମ୍ ଲଗେଇଛନ୍ତି ପଞ୍ଚୁଦେବ ବାବାଜୀ ।

ଦୋକାନ ଭିତରକୁ ଜଗୁ ଆଖି ବୁଲେଇ ଆଣିଲା । ଦେଖେ ତ – ବାବୁ ଜଣେ ବସିଛନ୍ତି । ମଧୁଆ ଜଳଖିଆ ଦେଇ ସାରିଲଣି । ଖାଉଛନ୍ତି ଦିଟା ରାଜଭୋଗ ।

ଚଉକିକି ଆଉଜି ଗମ୍ଭୀର ହୋଇ ବସିଛନ୍ତି ମୋହନ ବାବୁ । ପିନ୍ଧିଛନ୍ତି ଗରମ କନାର ପ୍ୟାଣ୍ଟ ଓ ସିଲ୍କ ହାଉଆଇନ୍ । ରେଲ୍ଡ଼ ଗୋଲ୍ ଚଷମା । ସ୍ନୋ ମଖା ମୁହଁ ଉପରେ ସେଇଟା ଚକ୍ ଚକ୍ କରୁଛି । ପ୍ୟାଣ୍ଟର ଭାଙ୍ଗ ଭାଙ୍ଗି ଯିବା ଭୟରେ ସେ ଯେପରି ବିଶେଷ ଭାବରେ ସାବଧାନ । ରାଜଭୋଗ ଦିଟା ଚାମଚରେ କାଟି କାଟି ସେ ଶେଷକରି ଦେଲେ । ଜଗୁକୁ ସ୍ପେଶାଲ ଚା’ଟେ ବନେଇବା ପାଇଁ ବରାଦ ଦିଆଗଲା ।

କାପ୍‌ଷ୍ଟେନ ପାକେଟରୁ ସିଗାରେଟ୍ ଖଣ୍ଡେ କାଢ଼ି ସେଥିରେ ଅଗ୍ନି ସଂଯୋଗ କରୁ କରୁ ଜଗୁ ଟେବୁଲ ଉପରେ ଚା ଆଣି ରଖିଲା ।

ଚାରୁ ଟିକିଏ ଆଉ ସିଗାରେଟ୍‌ରୁ ପୁଲେ । ଦିଟାଯାକ ଏକାଠି ଗିଳିଲା । ଟେବୁଲ ଉପରେ ଥୋଇଛନ୍ତି ତାଙ୍କର ପତ୍ରା ବହି ଓ ଖଣ୍ଡେ ଆମେରିକାନ ସେକ୍‌ସି ଉପନ୍ୟାସ ! କପ୍‌ରେ ଅଳ୍ପ ଟିକିଏ ଓଠ ଲଗେଇ ମୋହନ ବାବୁ ଉପନ୍ୟାସ ଉପରେ ଥିବା ଅର୍ଦ୍ଧ ଉଲଗ୍ନ ନାରୀ ମୂର୍ତ୍ତିକୁ ଲକ୍ଷ୍ୟ କରୁଛନ୍ତି । ବହିଟାକୁ ବି ସେ ଓଲଟେଉଛନ୍ତି । ଦୋକାନରେ ଲୋକ ବୋଲି କେହି ନାହାଁନ୍ତି । ଦଶ ଧାଡ଼ି ଖଣ୍ଡେ ପଢ଼ିଥିବେ କି ନାହିଁ—ଶୁଣାଗଲା କାହାର ଗୀତ ଅବା ଭାସି ଆସୁଛି । ସୁଲୋଚନା ଗାଇବାକୁ ଆରମ୍ଭ

କରି ଦେଲାଣି । ସିତାର ସଙ୍ଗେ ମହାପାତ୍ରଙ୍କ ଦୋକାନ ପାଖରେ ଆସି ଲହଡ଼ା ମାରିଯାଉଛି ସୁଲୋଚନାର ସ୍ୱର ସଂଗୀତ ।

ମୋହନ ବାବୁ ଗ୍ଲ' କପ୍‌ଟା ସାରି ଦେବାକୁ ତରତର ହେଲେ । ଦମ୍ ଲଗେଇ ସିଗାରେଟ୍ ଟାଣିରେ । ନାକବାଟେ ବାହାରି ଆସିଲା ଭସ୍ ଭସ୍ ଧୂଆଁ ।

ମୋହନ ବାବୁଙ୍କ ପାଖରେ ଥୁଆ ହୋଇଥିବା ବହି ଆଡ଼କୁ ଜଗୁ ଅନେଇଛି । ଛବିଟାକୁ ଦେଖିବ ବୋଲି ତା'ର ପ୍ରବଳ ଇଚ୍ଛା । ସାହସ ବାନ୍ଧି ମୋହନ ବାବୁଙ୍କ ପାଖକୁ ଯାଇ ପଚାରିଲା—କ'ଣକି ବାବୁ ସେଇଟା—

ହୁଁ—ମୋହନ ବାବୁ ରାଗ ଗର ଗର ହୋଇ ଉଠିଗଲେ ମନେ ମନେ ହେଲେ—ଦୋକାନରେ ଗ୍ଲ' ବନେଇବା ଲୋକ, ସିଏ ପୁଣି ବହି ଦେଖିବ ।

ଟେବୁଲ ଉପରେ ପଇସା ପକେଇ ଦେଇ ତରତରରେ ସେ ଚାଲିଗଲେ ।

ପବନରେ ଲହଡ଼ା ମାରି ସୁଲୋଚନାର ଗୀତ ଭାସି ଆସୁଥିଲା । ସିତାରରେ ସେ ତାନ ମାରୁଛି । ଝରକାକୁ ଅଧା ମେଲା କରିଦେଇ ତାକୁ ଲକ୍ଷ୍ୟ କୋଲି ଠିକ୍‌କଲେ କରିବେ ମୋହନ ବାବୁ ।

ଦୀର୍ଘନିଶ୍ୱାସଟେ ପକେଇ ଜଗୁ ଗ୍ଲ ବନେଇବାରେ ଲାଗିଗଲା । ଭଣ୍ଡାର ଘର ଭିତରେ ଥିବା ତା' ସୁଟ୍‌କେସର ବହିରେ ଉଇ ବି ଲାଗିଗଲେଣି । ଝାଡ଼ି ଦେଲେ ବା ଲାଭ କଣ ଅଛି ?

ବାବୁ କ'ଣ ରାଗିଗଲେ କି ?

ଦି, ତିନିଦିନ ଗୁଡ଼ି ଦିନେ ଉଦୁଉଦିଆ ଖରାବେଳେ ହରିବାବୁ ଦୋକାନ ଭିତରକୁ ପଶିଆସିଲେ । ସମସ୍ତେ ଶୋଇଛନ୍ତି । ଜଗୁ ଗୁଡ଼ିଲେଇ ପଡ଼ିଛି । ହରିବାବୁ ତା' ପିଠିରେ ଅଳ୍ପ ହାତ ମାରିଦେବାରୁ ଜଗୁ ସାଙ୍ଗେ ସାଙ୍ଗେ ଉଠି ବସିଲା ।

ବଡ଼ ଆବାକାବା ସେ ହୋଇଗଲା । ଖିଆ ନାହିଁ, ପିଆ ନାହିଁ । ହରିବାବୁ ଏପର୍ଯ୍ୟନ୍ତ ଗାଧୋଇ ବି ନାହାନ୍ତି । ମୁହଁ କଳାକାଠ ପଡ଼ିଯାଇଛି । ଓଠ ଦିଫାଳ ଶୁଖିଲା । ଖରାରେ ତରାରେ କାହିଁ ଏମିତି ସେ ବୁଲୁଛନ୍ତି କେଜାଣି ?

ହରିବାବୁ କହିଦେଇଗଲେ—ଆଜିରାତି ଆଠଟା ବେଳକୁ ସେ ସମୁଦ୍ର କୂଳକୁ ଯିବ ।

ଜଗୁ ପଚାରିଲା—ଦୋକାନର କାମ ତ ସରି ନ ଥିବ ?

ଦୋକାନରେ ଆଉ କାହାକୁ ରଖିଦେଇ ତୁ ଯିବୁ । ଜାଗା ତ ସେ ଦେଖିନି—? ଜଗୁ ଭାବୁଥିଲା ।

ହରି ବାବୁ କହିଲେ—ବାଞ୍ଛାନିଧି ଆସି ଡାକି ନେଇଯିବ ।

—କୋଉ ବାଞ୍ଛାନିଧି ?

—ଖବରକାଗଜ ହକର ।

—ହଉ । ଆଚ୍ଛା ସେଇଠି କଣ କରିବାକୁ ହେବ ?

—ଗଲେ ଦେଖିବୁ । ଆଉ କାହାକୁ କହିବୁନି । ହରିବାବୁ କହିଦେଇ ସେଇ ଖରାରେ ଖରାରେ ଆଉ କୋଉଆଡ଼େ ଚାଲିଗଲେ ।

କେମିତି ସେ ଖରା ବେଳଟା କାଟି ସଞ୍ଜ ହେବ । ଜଗୁର ଦିନ ସରୁ ନ ଥାଏ । ଦୋକାନ କାମଦାମରେ ତା'ର ମନ ଲାଗିଲା ନି । ଏଇ ହରିବାବୁ ତାକୁ ପ୍ରଥମେ ସେ ମଠରେ ରଖେଇ ଦେଇଥିଲେ । ଆଜି ପୁଣି ସେ କହିଦେଇ ଗଲେ, ଆଠଟା ବେଳକୁ ସମୁଦ୍ର କୂଳକୁ ଯିବାକୁ ପଡ଼ିବ । ଏତେ ରାତିରେ ହବ କ'ଣ

କେଉଁଠି ? ଅବଶ୍ୟ ଚନ୍ଦ୍ରପକ୍ଷ । କିନ୍ତୁ ଏତେ ରାତିରେ ନଳୁଟିଆ ସମୁଦ୍ର କୂଳେ କ'ଣ ହବ କେଜାଣି ?

ଦିନ ଥାଉଁ ଥାଉଁ ଜଗୁ, ମଟୁଆ ଓ ରାମିକୁ ମିଛରେ କହିଲା —ତା ଗାଁ ବାଲା କଏ ଆସିଛନ୍ତି । ସେ ଆଠଟାବେଳେ ତାଙ୍କ ସଙ୍ଗେ ଦେଖା କରିବାକୁ ଯିବ । ତା କାମଟିକ ସେ ଚଳେଇ ଦେବେ ।

ଏଇ ହରିବାବୁ—ମଠରେ ଥିବାବେଳେ ଜଣେ ବିଦ୍ୟାର୍ଥୀଙ୍କଠୁ ସେ ଶୁଣିଛି—ତାଙ୍କ ବାପା ସହରର ଜଣେ ବଡ଼ ଲୋକଙ୍କ ଘରେ ରୋଷେଇ ବାସ କରି ଦଉଥିଲେ । ଜୀବନଯାକ ରୋଷେଇ କରି କରି ବୁଢ଼ା ହୋଇ ଯାଇଥାଆନ୍ତି । ହରିବାବୁ ପିଲା ଦିନୁ ମା'ଛେଉଣ୍ଡ । ଗୋଟିଏ ବୋଲି ପୁଅ । ବୁଢ଼ା ଜୀବନଟାଯାକ ରୋଷେଇ କରି କରି କଟେଇ ଦେଇଛି । ବାବୁ ଘରର ପିଲାମାନେ ସମସ୍ତେ ପାଠଶାଠ ପଢ଼ନ୍ତି । କେତେ ଅଳଅଳରେ ବଢ଼ନ୍ତି ସେମାନେ । ସେଇ ମାନେଇ ବଡ଼ ମଣିଷ ହ'ନ୍ତି । ବାବୁ ଘରର ବୁଢ଼ା ପୂଜାରୀ ଦେଖେ—ପୁଅ ତାର ଛତରା ହୋଇ ବୁଲୁଛି । ପିନ୍ଧିଛି ଖଣ୍ଡେ ଛିଣ୍ଡା ପ୍ୟାଣ୍ଟ, ସାର୍ଟଟା ଚିରା । ସହରର ବାର ଛତରା ବଜାରୀ ପିଲାଙ୍କ ସାଙ୍ଗେ ମିଶି ନାନା ପ୍ରକାର ଗାଳି ଗୁଲଜ ଶିଖିବାକୁ ଆରମ୍ଭ କରି ଦେଲାଣି । ପୁଅର ଏ ଅବସ୍ଥା ଦେଖି ବୁଢ଼ାର ମନ କାନ୍ଦଉଠେ । ବାବୁଙ୍କ ଘରେ ରୋଷେଇ କରି ସେ କ'ଣ ପୁଅକୁ ପଢ଼େଇ ପାରିବନି ? ପୁଅକୁ ତା'ର ଛତରା ବଜାରୀ ହବାକୁ ଛାଡ଼ିଦବ ? କଣ କରିବ ସେ ବିଚରା ?

ବୁଢ଼ା ବାବୁଙ୍କୁ ଥରେ ଏଇକଥା କହିଲା । ବାବୁ ସାନ୍ତ୍ୱନା ଦେଇ କହିଲେ—ପୁଅଟି ଟିକିଏ ବଡ଼ ହୋଇଗଲେ-ଅଫିସରେ ଚପରାଶି କାମରେ ସେ ରଖେଇ ଦେବେ କଥାଟା ବୁଢ଼ାକୁ ବଡ଼ ବାଧିଲା । ଦେହସାରା ତାର ଜଳି ଉଠିଲା ପରି ବୋଧହେଲା ।

ବିଶୁର ଗୋଡ଼ଧୋଇଆ ବୁଢ଼ା । ବଡ଼ ବିଶ୍ୱାସୀ ଶୁକଦେବ ସାର୍ଙ୍ଗଧର ବାବୁଙ୍କ ଘରେ ତା'ର କଟିଗଲାଣି ।

ପୁଅକୁ ପାଠ ପଢ଼େଇ ମଣିଷ କରିବାର ଇଚ୍ଛା, ବୁଢ଼ା ମନରେ ଅନବରତ ଆସି ଧକ୍କା ଖାଏ । ଦିନକର କଥା— ଦଶଭରି ହବ ସୁନା ନେଇ ବୁଢ଼ା ଚମ୍ପଟ କଲା । ରାତାରାତି ତାକୁ ବିକି ଜଣେ ବିଶ୍ୱାସୀ ଲୋକ ପାଖରେ ଟଙ୍କାତକ ନେଇ ଜମା ରଖିଦେଲା ।

ବୁଢ଼ା ତା' ଆରଦିନ ଧରା ହେଲା । ମକଦମା ବିଚାର ହୋଇ ବୁଢ଼ାକୁ ହେଲା ତିନି ବର୍ଷ ଜେଲ୍ । ଶୁଣାଯାଏ ବୁଢ଼ା ଯୋଉ ସୁନାକୁ ଟଙ୍କା କରି ଦେଇଥିଲା ପୁଅ ସେଥିରେ କେତେ ବାଟ ପଢ଼ିଗଲା । ପୁଲିସ ତାର ଖୋଜ ଖବର ପାଇଲାନି । କେତେ କେତେ କହନ୍ତି, —ବୁଢ଼ା ଟଙ୍କାସବୁ ଯେଉଁ ବିଶ୍ୱାସୀ ଲୋକ ପାଖରେ ରଖିଥିଲା ସେ ଟଙ୍କା ଫଙ୍କା ମାନିଲାନି । ବୁଢ଼ା ଭାବିଥିଲା, ସେ ଜେଲ୍ ଖଟିଲେ ବି ପୁଅ ତାର ପାଠ ପଢ଼ି ପାରିବ । ତିନି ବର୍ଷ ପରେ ଆସି ଦେଖିଲା ବେଳକୁ ପୁଅ ମଣିଷ ହୋଇ ସାରିଥିବ । ଫଳ ଠିକ୍ ଓଲଟା ହେଲା । ଲୋକଟା ବିଶ୍ୱାସଘାତକତା କଲା । ବୁଢ଼ା ତିନିବର୍ଷ ଜେଲ୍ ଖଟି ଆସି ଦେଖେ ତ—ପୁଅ ତା'ର ଏଠେଇ ସେଠେଇ ଟିଉସନ କରି ପାଠ ପଢୁଛି । ଫୁଙ୍କିଦେଲେ ପଡ଼ିଯିବ । ମୁହଁଯାକ ବ୍ରଣ ସାଲୁବାଲୁ । ଲୁଗା କାମିଜ ମଇଳା ଆଉ ଚିରା । ଗୋରା ତକ ତକ ପୁଅଟା ତାର କଳାପଡ଼ି ସାରିଲାଣି । ଗାଲ ଉପର ଆଉ ବେକ ତଳର ହାଡ଼ ଠିଆ ଠିଆ ହୋଇଛି । ଲୋକଟା ତାକୁ ଠକିଛି । କେତେ ବଡ଼ ଆନନ୍ଦରେ ବୁଢ଼ା ବିଚାରା ଜେଲ୍ ଫାଟକ ଡେଇଁ ଆସିଥିଲା । ଦେଖିବ—ପୁଅ ତାର ଅଳିଅଳିରେ ପାଠଶାଠ ପଢ଼ୁଛି । ସେଇଦିନୁ ବୁଢ଼ା ଭାଙ୍ଗିଗଲା । ସେଇ ଦୁଃଖରେ ତାର କାଳ ହେଇଗଲା ।

ପୁଅ ବି ମନେ ମନେ ଭାବୁଥିବ—ତା'ର ଗୋଟେ ଗୈର ବୁଢ଼ା ବାପା ମଲା । ଭଲ ହେଲା ।

ଏ କଥା ଆସ୍ତେ ଆସ୍ତେ ସମସ୍ତେ ଜାଣିଲେଣି । ପୁଅବି ଜାଣିଥିବ ।

ସେଇ ପୁଅ ହେଉଛି---ଏଇ ହରବାବୁ । ଭାବୁ ଭାବୁ ଜଗୁ ମନେ ମନେ କହି ପକେଇଲା ସେବି ଏମିତି ଟିଉସନ କରି ପଢ଼ି ପାରି ଥାଆନ୍ତା ?

ହରି ବାବୁ ଏଇ ବର୍ଷ କୁଆଡ଼େ ବି.ଏ ପାସ୍ କରିବେ । ଅନେକେ କହନ୍ତି--ଖୁବ ଆଗରୁ ସେ ପାସ୍ କରି ସାରନ୍ତେଣି । କିନ୍ତୁ ଏମିତି ଖବରେ ତବରେ ସେ ଦିନସାରା ବୁଲନ୍ତି । ରାତିରେ ବି ତାଙ୍କର ବିଶ୍ରାମ ନ ଥାଏ । ପଢ଼ାପଢ଼ି ଛଡ଼ା ଆଉ କେତେ କେତେ କାମ ସେ କରନ୍ତି । ଜାଣିଶୁଣି ଫେଲ୍ ହୁଅନ୍ତି ଏଇ ହରି ବାବୁ ।

ବଡ ଆଶ୍ଚର୍ଯ୍ୟ କଥା ? ଜାଣିଶୁଣି ବି ଲୋକେ ଫେଲ ହୁଅନ୍ତି ?

ଯୋଗକୁ ମାଲିକ ସେଦିନ ଆସି କହି ଦେଇଗଲେ---ସେ ଦୋକାନକୁ ଆସି ପାରିବେନି । ଜଗୁ, ରାମି, ମଧୁଆ ଆଉ ନାରଣ ଭାଇନା ସମସ୍ତେ ବିଶ୍ୱାସୀ । ଦୋକାନର ପଇସାପତ୍ର କେହି ହେଲେ ଛୁଇଁବେନି । ନହାତ୍ ଭୋକହେଲେ ଜଳଖିଆ ଟିକିଏ ବା ଗୁ କପେ ଖାଇଦେଇ ପାରନ୍ତି । ମହାପାତ୍ରେ ସେଇ ଯୋଗୁ ସେମାନଙ୍କ ଉପରେ ଦୋକାନର ବିକା କିଣା ଛାଡ଼ିଦେଇ ହପ୍ତେ ଖଣ୍ଡେ ଚାଲିଗଲେ ବି ପରବାଏ ନାହିଁ ।

ଜଗୁକୁ ପିହଲ ପଡ଼ିଲା । ଘଣ୍ଟାରେ ଠିକ୍ ଆଠଟା ବାଜିଲା ବେଳକୁ ବାଞ୍ଛାନିଧି ଆସି ହାଜର । ଗାଁ ବାଲାଙ୍କ ସାଙ୍ଗେ ମିଛରେ କଥା ହବ ଭୋଳି କଥା ଜଗୁ ସମୁଦ୍ର କୂଳ ଆଡ଼େ ବାହାରିଲା । କେତେ କ'ଣ ଗପସପକୁ ସେ ଆରମ୍ଭ କରୁଥିଲା । ବାଞ୍ଛାନିଧି ତାକୁ

ଶୂନ୍ୟ କରେଇ ଦେଲା । ସହରର ଗଳି କନ୍ଦି ଦେଇ ସେମାନେ ସମୁଦ୍ର କୂଳଆଡ଼େ ସିଧା ଗ୍ଲଲେ । ସମୁଦ୍ର କୂଳରୁ ଅଳ୍ପ ଟିକଏ ଆଗେଇ ଗଲେ କେଉଁଣ୍ଡ ଝର ବୋଲି ଗୋଟିଏ ଜାଗା ଅଛି । ସେଠେଇ ଲୋକ ସମାଗମ ନ ଥାଏ । ବାଞ୍ଛାନିଧି ଜଗୁକୁ ନେଇ ସେଠେଇକି ଗ୍ଲଲା ।

ଜଗୁ ଯାଇଁ ଦେଖେ ତ---ଲୋକ ତିରିଶ ଜଣ ସରିକି ଜମା ହୋଇଛନ୍ତି । ହରିବାବୁ, ରିକ୍‌ସାବାଲା ଶାମିଆ, ଧାଙ୍ଗ ମାହାର ଘନ, ସ୍ୱାଧୀନ ବଢ଼େଇ କମ୍ମାମାର ବଢ଼ି ବଲାଲୀ ଦୟାନିଧି ଆଉ ଏମିତି କେତେ ଲୋକ ଆସିଛନ୍ତି ଯୋଉ ମାନଙ୍କୁ କି ଜଗୁ ଚିହ୍ନେନା । କେତେ ଲୋକଙ୍କୁ ଦେଖି ସେ ଦୋ ଦୋ ଚିହ୍ନା ହେଲା । ଅଳ୍ପ ଦୂର ଆଗେଇ ଯାଇ ଦେଖେ ତ---ବାଲି ଉପରେ ଶାମ ବାବୁ ବସିଛନ୍ତି । ଆଶ୍ଚର୍ଯ୍ୟ ହେଲା ଜଗୁ । ସେ ବି ଏଇଠି ? ସମସ୍ତେ ଖୋଲା ଖୋଲି କଥା ହେଉଥାଆନ୍ତି । କିନ୍ତୁ ଆସ୍ତେ ଆସ୍ତେ । ଜଗୁ ଦେଖିଲା— ସେଠାରେ ହାଡ଼ି, ବାଉରି, ବ୍ରାହ୍ମଣ କରଣ ହିନ୍ଦୁ ମୁସଲମାନ କି ବଡ଼ ସାନର ଭେଦଭାବ ନାହିଁ । ପାଠୁଆ ଅପାଠୁଆର ବିଚ୍ଛର ନାହିଁ । ସମସ୍ତେ ଏକାଠି ହୋଇଛନ୍ତି, ଏକ ଲକ୍ଷ୍ୟରେ ।

ବାଞ୍ଛାନିଧି ଜଗୁକୁ ହରି ବାବୁଙ୍କ ପାଖକୁ ନେଇଗଲା । ବସିବାକୁ ଇଙ୍ଗିତ ଦେବାରୁ ଜଗୁ ସେଇ ବାଲିରେ ବସି ରହିଲା । କାଇଁକି ଏମାନେ ଆସିଛନ୍ତି ? କ'ଣ ହଉଛି ଏଠାରେ ? ଜଗୁ କିଛି ହେଲେ ବୁଝି ପାରିଲାନି ।

ହରି ବାବୁ ଜଗୁ ସାଙ୍ଗେ ସମସ୍ତଙ୍କି ଚିହ୍ନା ପରିଚୟ କରେଇ ଦେଲେ । ମଠରେ ପାଠ ପଢ଼ିବାକୁ ସୁଯୋଗ ନ ପାଇ ଜଗୁ ସେ'ନ୍ତୁ ଦୋକାନରେ ରହି ପେଟ ପୋଷୁଛି । ଶାମ ବାବୁଙ୍କୁ ବି ଏ କଥା

ଅଛିପା ଥିଲି । ତାଙ୍କ ଜାଗାରୁ ଉଠିଆସି ସେ ପଚାରିଲେ—ଜଗୁ, କାଇଁ ମତେ ତ ତୁ ଏକଥା କହୁନୁ ?

କହି ଲଭ କ'ଣ ?

ଠିକ୍ କଥା ।

ହରିବାବୁ ଠିଆ ହୋଇ କହିଲେ—ଦେଖ । ଭାଇମାନେ—ଯିଏ ଯୋଉ ଜାଗାରେ ଅଛ ସେଇଠି ରହି ନିଜ ନିଜର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସଂଗ୍ରାମ ଚଳେଇବାକୁ ପଡ଼ିବ । ଏ ସଂଗ୍ରାମ କୌଣସି ଅନୁଷ୍ଠାନ, କୌଣସି ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ବିରୁଦ୍ଧରେ ନୁହେଁ । ଏହା ଦାରିଦ୍ର୍ୟ ବିରୁଦ୍ଧରେ ଅଭିଯାନ । ଆମର ଜୀବନ-ସଂଗ୍ରାମ ।

ଦେଖନ୍ତୁ ଜଗୁ ଗୋଟିଏ ପିଲା । ଗାଁରୁ କେତେ ଆଶାକରି ବିଚରା ସହରକୁ ଆସିଥିଲା । ପେଟରେ ଓଦାକନା ପକେଇ ପାଠ-ଶାଠ ପଢ଼ି ସବୁ କଥା ଜାଣିବ । ମଣିଷ ହବ । ପ୍ରଥମରୁ ମଠରେ ଟିକିଏ ସୁବିଧା ହୋଇ ଯାଇଥିଲା । ସେଠାରୁ ବାହାରି ଆସିଲା ଦିନଠୁ ଆଉ ସୁବିଧା ସୁଯୋଗ ପାଇନି । ଦେଖ ତା'ର ଅବସ୍ଥା ।

ଜଗୁ ଖାଲି ଏକା ନୁହେଁ, ଭାଇମାନେ—ଏମିତି ଶହ ଶହ ଜଗୁ ଖାଇବା ପିଇବାକୁ ନ ପାଇ, ସୁବିଧା ସୁଯୋଗର ଅଭାବ ହେତୁ ଉଠେଇ ପାରୁ ନାହାଁନ୍ତି । ଏଇମାନେ ପୁଣି ଆମର ଭବିଷ୍ୟତ । ଦେଶ ଏଇମାନଙ୍କୁ ନେଇ ଗର୍ବ କରେ । ଏଇମାନଙ୍କର ଜୀବନଧାରଣ ପାଇଁ ସୁଯୋଗ ନ ଦେଲେ ଦେଶ ଆମର ଆଗେଇବ କିମିତି ?

ଆପଣମାନଙ୍କୁ କହିଥିଲି—ଯିଏ ଯୋଉ ସ୍ଥାନରେ ଅଛ ସେଇଠି ରହି ଦାବି ହାସଲ ନ ହେଲା ପର୍ଯ୍ୟନ୍ତ ସଂଗ୍ରାମ ଚଳାଅ । ଲୋକମତ ସଂଗଠିତ କର । ଆପଣମାନଙ୍କର ଖରାପ ଅବସ୍ଥା ପ୍ରତି ଲୋକଙ୍କର ସମର୍ଥନ ଆସୁ । ଏହା କୌଣସି ରାଜନୈତିକ ମତବାଦ

ନୁହେଁ କମ୍ବା କୌଣସି ବିଷୟରେ ଏଠାରେ ସ୍ଲୋଗାନ ବା ଦୁଆ ଦିଆ ଯାଉନ । କେତେଗୁଡ଼ିଏ ଜିନିଷ ଆମେ ନ ପାଇଲେ ମଣିଷ ତାଲିକାରେ ଆମକୁ ଅନ୍ତର୍ଭୁକ୍ତ କରାଯାଇ ପାରିବ । ଅତୀତରେ ଯେମିତି ପଶୁ ଭଳି ଥିଲେ ଏବେ ବି ଠିକ୍ ପଶୁ ଭଳି ଆମକୁ ବଂଚିବାକୁ ପଡ଼ିବ ।

ଧର, ଜଗୁ ଦଶଟା ଟଙ୍କା ଦରମା ପାଉଛି । କେତେ ଟଙ୍କା ସେ ନିଜେ ଖାଇବ ଓ ଘରକୁ କେତେ ପଠେଇବ । ଘର ଦାଣ୍ଡ ଓଲେଇ କୋଡ଼ିଏ ପଚିଶଟା ଟଙ୍କା ପାଏ ! ସେଇଥିରେ ଚାରି ପ୍ରାଣୀ କୁଟୁମ୍ବ ସେ ଚଳେଇବ । ଶାମିଆ, ବାଞ୍ଛାନିଧି, ଶାମ ବାବୁ, ଦୟାନିଧି ସମସ୍ତଙ୍କ ଅବସ୍ଥା ଏକ ରକମର । ଆମେ ଯଦି ନିଜ ନିଜର ଦାବୀ ଉପସ୍ଥାପିତ ନ କରିବା, ଆମ ପାଇଁ ଅନ୍ୟ କେହି ଆସି କରିଦେବ ବୋଲି ଭାବିବା ବୃଥା ଆଉ ଅନର୍ଥକ ।

ଶାମିଆ ଉଠି ପଚାରିଲା—ବାବୁ ଗୃହା କଥା ? ସେ କଥା ପରେ । ଏଇ ଦେଖନ୍ତୁ । ଶାମିଆ ସବୁଦିନ ମାଲିକକୁ ଦେଢ଼ଟଙ୍କା କରି ଦିଏ । ଟଙ୍କେ ଲେଖାଏ ଦିବ ବୋଲି ଶାମିଆ ନେହୁରା ହୋଇ କହୁ । ଯାହା ଶାର୍ଥ ବେଳର କଥା ଭିନ୍ନ ଧରଣର । ମାଲିକ ମନାକଲେ ଆଉ ଥରେ କହୁ, ଗୋଡ଼ ଧରିବା ପର୍ଯ୍ୟନ୍ତ ବି ଯାଉ । ସେଥିରେ ହେଲାନି; ସହରର ସବୁ ରେକ୍ସାବାଲାଙ୍କୁ ଏକାଠି କରିଦିଅ । ରେକ୍ସାଟଣା ବନ୍ଦ ହୋଇ ଯାଉ । ଦେଖିବ ଦିନକୁ ଟଙ୍କେ ନ ହେଲେ ବି ଦେଢ଼ ଟଙ୍କାରୁ ପାଞ୍ଚ ସୁକା ପର୍ଯ୍ୟନ୍ତ ଖସି ଆସିଛି । ସମସ୍ତେ ଏକାଠି ନ ହୋଇ ପାରିଲେ ସଦାବେଳେ ଜୀବନ ଥାଉ ଥାଉ ଏମିତି ମରୁଥିବା ସିନା ଭାଇମାନେ !

ହରିବାବୁ, ତା'ହେଲେ ଆମର ଠିକ୍ କ'ଣ ହେଲା—ବାଞ୍ଛନିଧି ପଚାରିଲା ।

ଆର ରବିବାରକୁ ସମସ୍ତେ ଏଇଠି ଆସି ଏକାଠି ହବା । କାହା କାମରେ କିଏ କେତେ ଦୂର ଆଗେଇଛି ସେଇଦିନ ଦେଖାଯିବ ।

ସମସ୍ତେ ହୁଁ କଲେ ।

ଆଉ ଗୋଟେ କଥା । ଘନ ଘରେ ସବୁଦିନ ରାତିରେ ମୁଁ ପାଠ ପଢ଼େଇବାକୁ ଆସିବି—ହରିବାବୁ କହିଲେ—ରାତି ନ'ଟା ପରେ ଯେ ଇଚ୍ଛା କରିବ ସେ ଆସିପାରେ । ଜଗୁ ତ ନିଶ୍ଚୟ ଆସିବ । ସେମିତି ଆଉ କିଏ କିଏ ଆସିବ କୁହତ—

ଜଗୁ ହୁଁ ଭରିଲା । ଆଉ ଦି'ତିନି ଜଣ ବି ଦିନଯାକ ଖଟି ଖଟି ରାତିରେ ପାଠ ପଢ଼ି ଆସିବାକୁ ମନକଲେ ।

ଘନ ଘରେ ହେଲେ—କାହାର କାହାର ଅସୁବିଧା ହବନି ? କାହାକୁ କାହାକୁ ଅଳ୍ପ ଦୂର ହୋଇପାରେ । କିନ୍ତୁ ସମସ୍ତଙ୍କର ସମାନ ସୁବିଧା ତ ହୋଇ ପାରିବନି । କଣ କହୁଛ ଶାମିଆ—

ଶାମିଆ ମୁଣ୍ଡ ହଲେଇ ହୁଁ କଲା ।

ଠିକ୍ ହେଲା—ପ୍ରତିଦିନ ରାତିରେ ହରିବାବୁ ଆସି ପାଠ ପଢ଼େଇ ଦେଇଯିବେ । ପାଠ ପଢ଼ି ଦେଶ ବିଦେଶର ହାଲ ନ ଜାଣିଲେ କ'ଣ ବା ମଣିଷ କରି ପାରିବ ।

ସମୁଦ୍ର ଗର୍ଜି ଉଠୁଛି । ଚନ୍ଦ୍ର କିରଣ ସମୁଦ୍ର ପାଣିରେ ପଡ଼ି ଚୂନ୍ ଚୂନା ହୋଇଗଲା ପରେ ଦୁଃଖରେ ମ୍ରିୟମାଣ ହୋଇ କୂଳରେ ସତେ ଅବା ଆସି ମଥା ପିଟିବାରେ ବ୍ୟସ୍ତ । ସବୁ ଆଉ ଶୁନ୍ ଶାନ୍ ।

ସମସ୍ତେ ବାଲି ଝଡ଼ାଝଡ଼ି ହୋଇ ଉଠି ଠିଆହେଲେ । ଗୋଟି ଗୋଟି ହୋଇ ନିଜ ନିଜର ଘର ଆଡ଼େ ବାହାରିଲେ ସେମାନେ । ଏକାଠି ହୋଇ ଯିବାକୁ ହରିବାବୁଙ୍କର ମନା । ବେଶି କଥାବାର୍ତ୍ତା ହେଲେ କଥାଗୁଡ଼ାକ ପବନରେ ଉଡ଼ିଯାଇ ଆଉ କାହା କାନରେ ହୁଏତ ପଡ଼ିଯାଇ ପାରେ ।

ତା' ଆରଦିନ ଖରାବେଳେ ଜଗୁ, ରମି, ମଧୁଆ, ନାରଣ ଭାଇନା ସମସ୍ତେ ବସି ଗପ କରିବାରେ ବ୍ୟସ୍ତ । ରାଧି ବାସନ ମାଜୁଛି । ଗରାକ କାହାରି ଦେଖା ନାହିଁ । ମାଲିକ ହଠାତ୍ ଦୋକାନରେ ଆସି ହାଜର ।

କଥା କ'ଣ—ମାଲିକ ଅସମୟରେ ଆସିଲେ କାହିଁକ ?

ଜଗୁ, ଶୁଣ୍—

କାଲି ସମୁଦ୍ର କୂଳ କଥା ମାଲିକ କ'ଣ କାହାଠୁ ଶୁଣିଲେ କ ? ମାଲିକଙ୍କ ପାଖକୁ ଯାଉ ଯାଉ ଜଗୁ ଭାବୁଥାଏ । ଛାତି ବି ତା'ର ଧଡ଼ ଧଡ଼ ପଡ଼ୁଛି. ଉଠୁଛି ।

ଦୋକାନ ପଛପଟକୁ ଡାକି ନେଇ ମାଲିକ ଜଗୁ ହାତରେ ଟଙ୍କା ପନ୍ଦରଟା ଗୁଞ୍ଜିଦେଲେ । ଚୁପ୍ ଚୁପ୍ କରି କହିଲେ—ଯା, ଗାଁକୁ ମନିଅର୍ଡର କରିଦେ । ଅନ୍ୟମାନଙ୍କୁ କହିବୁନି, ସମସ୍ତେ ଏଇନେ ଏମିତି ମାଗି ବସିବେ । ଆଉ-ଆସନ୍ତା ଦୋଳବେଳକୁ ସାତଦିନ ପାଇଁ ତୁ ଗାଁକୁ ଯିବୁ ।

ଜଗୁ ମନେ ମନେ ହସି ପକେଇଲା । ମାଲିକ ଏସବୁ ଜାଣିଲେ କିପରି ? କାହାକୁ କିଛି ନକହି ଏଇନେ ସେ ପୋଷ୍ଟାଫିସ୍ ବାହାରିବ । ଏଇନେ ଗଲେ ସମସ୍ତେ ଜାଣିବେ । ଆଉ ଟିକିଏ ଯାଉ ।

ରାସ୍ତାରେ ଗାଡ଼ି ଘୋଡ଼ା ଛୁଟିଛି । ମଲ୍ଲିଗୁଣି ନଈ, ଦଯ୍ୟାନଈ. ଟାଁମୁଣ୍ଡି ତାଳଗଛ, ଆମ୍ବ ତୋଟା, ବୋଉ, ସରଅପା ସମସ୍ତିଙ୍କି ସେ ଦେଖୁଛି । ଦଶଟା ଟଙ୍କା ସେ ଗାଁକୁ ପଠେଇବ । ବଳିବ ଆଉ ପାଞ୍ଚ ଟଙ୍କା—

ରାଧି ଯେ ମାଲିକଙ୍କୁ ଆଜି ତା'ର ମନ ଖରାପକଥା କହିଛି— ବୁଝିବାକୁ ଜଗୁର ବାକି ରହିଲାନି ।

ରାମି ଆଉ ମଧୁଆ ଜଗୁକୁ କେତେ କ'ଣ ପଚାରି ବ୍ୟସ୍ତ କରି ପକେଇଲେ । ମାଲିକ କ'ଣ କହୁଥିଲେ କି ? କାଇଁକି ବା ସେ ଆସି-ଥିଲେ ? ଜଗୁ ବାଆଁରେଇ ଦେଲା । ଠିକ୍ କଥା କହିଲାନି । ଭଣ୍ଡାର ଘର ଠଣାରୁ ବିଡ଼ିଖଣ୍ଡେ ଆଣି ସେ ଟାଣିବାରେ ଲାଗି ପଡ଼ିଲା । ଖରାବେଳ, ତଥାପି ଗ୍ଲାସରେ ଚା' ଟିକିଏ ଆଣି ସେ ଖାଇଲା । ସିନେମାର ସେଇ ଗୀତଟା—ଯାହାକୁ ଲାଉଡ୍‌ସ୍ପିକର ବୋଲେ, ସହରର ପାନ ଦୋକାନୀ ବୋଲେ, ରିକ୍‌ସା ବାଲା ବୋଲେ, ସ୍କୁଲ ପିଲା, କଲେଜ ପିଲା, କୁଲି ମଜୁରିଆ ଯେଉଁ ଗୀତକୁ ଗାଇବୁଲନ୍ତି— "ପଥର କି ଭଗବାନ"—ରାମି ଆଉ ମଧୁଆ ଏମାନଙ୍କ ଆଗରେ ଜଗୁ ପାଟିକରି ଗୀତଟା ବୋଲିଲାନି । ଚା' ଟିକିଏ ଆଉ ବିଡ଼ିରୁ ପୁଲେ ଟାଣୁ ଟାଣୁ ସେ ତା'ର ତୋଣ୍ଟି ଭିତରେ ସେ ଗୀତଟା ବୋଲିବାକୁ ଲାଗିଲା ।

ଘଣ୍ଟେ ଖଣ୍ଡେ ଭିତରେ ଦୋକାନର ଆଉ ସମସ୍ତେ ଅଳ୍ପ ବିଶ୍ରାମ ନେଲେ । ଜଗୁ ରାଧିକି ଡାକି କହିଲା—ତୁ ଟିକିଏ ଦୋକାନରେ ଥା' କି ମୁଁ ଆସେ ।

କୁଆଡ଼େ ଯିବୁ କି ? ମୁରୁକି ମୁରୁକି ରାଧି ହସୁଥାଏ ।

ସତେ ଯେପରି ଜାଣିନି---ତୁ ଦୋକାନ ଜଗିଥା । ମୁଁ ଏଇନେ ଆସି ଯାଉଛି । ଜଗୁ ସେଇ ଖରାରେ ଖରାରେ ପୋଷ୍ଟାଫିସ ଗଲା । ଦଶଟା ଟଙ୍କା ପଠେଇ ଦେଇ ଆସି ଦେଖେତ---ପାଞ୍ଚ ଟଙ୍କିଆ ନୋଟ୍‌ଟେ ତା' ପକେଟରେ ପଡ଼ିଛି । ପାଞ୍ଚ ଟଙ୍କିଆ ନୋଟ୍ ଖଣ୍ଡିକୁ ଜଗୁ ଗୋଟିକିଆ ରୂପାଟଙ୍କା କରି ଦେଲା ।

ଦୋକାନକୁ ଆସି ଦେଖେତ—ଆଗଭଳି ସମସ୍ତେ ଶୋଇ ରହିଛନ୍ତି । ଜଗୁ ଆସ୍ତେ ଡାକିଲା—ରାଧି, ଶୁଣିଗଲୁ ।

ପାଖରେ ଆସି ଠିଆହେଲା ରାଧି । ପାଟିରେ ସେ ମେଞ୍ଚିହବ ଲୁଗା ଦେଇ ହସୁଛି ।

ମୋର ସେ ଡବାଟା ଆଣିଲୁ—ଭଣ୍ଡାର ଘରର ଗୁଡକୁ ଲାଗି ଘର ଭିତରେ ଯେଉଁ ଖୋପଟା ଅଛି ରାଧିର ପୁରୁଣା କନ୍ଥା ଓ ଶାଢ଼ୀ କେଇ ଖଣ୍ଡ ସେଥିରେ ଗୁଞ୍ଜା ହୋଇଥାଏ । ତା'ର ଭିତରେ ସମସ୍ତିଙ୍କି ଲୁଚେଇ ସେ ଡବାଟାକୁ ରାଧି ନେଇ ରଖିଲା । ସେଇ ଦୁହିଁଙ୍କି ଛଡ଼ା ଆଉ କେହି ହେଲେ ଜାଣନ୍ତିନି ।

ଦୁ'ମାସ ହେଲଣି । ପାଞ୍ଚ ପାଞ୍ଚ ଟଙ୍କା କରି ଜଗୁ ସେଥିରେ ପକେଇଛି । ଖାଲି ରୁପା ଟଙ୍କା । ରାଧି ଆଣୁ ଆଣୁ ଅଳ୍ପ ଝଣ ଝଣ ଶୁଭିଲା, ସେ ଡବାଟା ।

ଆସ୍ତେ—ଅନ୍ୟମାନେ କାଳେ ଶୁଣିବେ, ରାମି, ମଧୁଆ କି ନାରଣି ଭାଇନା ।

ଗୋଟିଏ ଗୋଟିଏ କରି ପାଞ୍ଚଟା ଯାକ ଟଙ୍କା ଜଗୁ ସେଥିରେ ପକେଇ ଦେଲା । ପନ୍ଦର ଟଙ୍କା ଜମିଲଣି । ଡବାଟା ଅଳ୍ପ ଓଜନିଆ ଜଣା ପଡୁଛି । ପୂର୍ଣ୍ଣ ନ ହେଲା ପର୍ଯ୍ୟନ୍ତ ଡବାଟା ବନ୍ଦ ରହିବ । ନ ଭାଙ୍ଗିଲେ ବି ସେଇଟା ଖୋଲିବନି । କେହି ଦେଖୁ ନାହାନ୍ତି ତ ? ଜଗୁ ଝରକା ଭିତର ଦେଇ ବାହାରକୁ ଅନେଇଲା । ଦୁ'ଶ ଟଙ୍କା— କେବେ ପୂର୍ଣ୍ଣ ହେଉଛି କେଜାଣି ?

ରାଧି ହାତକୁ ଟଙ୍କା ଡବାଟା ବଢ଼େଇଦେଇ ଜଗୁ ଦୁଆର ମୁହଁରେ ଯାଇ ବସିଲା । ଦୋକାନର କେହି କାଳେ ଉଠି ପାରନ୍ତି ? ରାଧି ଏଣେ ଗୋଟେ ନିଶୁଣି ପକେଇ ସେଇ ଖୋପ ଭିତରେ ଗୁଞ୍ଜା ହୋଇଥିବା ପୁରୁଣା ଲୁଗା ସନ୍ଧିରେ ଡବାଟାକୁ ନେଇ ରଖିଲା ।

ବେଞ୍ଚ, ଚଉକି, ଟେବୁଲ, କପ ପିଆଲା, ଲମ୍ବା ଲମ୍ବା ଲାଇଟ୍---ଆଉ ରେଡ଼ିଓ । ହସି ପକେଇଲା ଜଗୁ । ଦ'ଶ ଟଙ୍କାରେ କ'ଣ ଏଇ ସବୁ ହୋଇଯିବ ? ଅସମ୍ଭବ । ହରିବାବୁ କହୁଥିଲେ--- ବେଶି ଦରମା ପାଇଁ ସେମାନେ ଦାବି କରିବେ । ମାଲିକଙ୍କୁ ସେ କେମିତି ଅବା କହିବ । ଧର ସେ ଆଉ ପାଞ୍ଚ ଦଶଟଙ୍କା ବଢ଼େଇ ଦେଲେ । ଦୋକାନଟା ବର୍ଷକ ଭିତରେ ସେ ଠିଆ କରେଇ ଦବ ।

ଦୋକାନ ତା ହେଲେ ନିଶ୍ଚୟ ଦବାର କଥା । ଧନିଆ ଘରକୁ ଆଜି ପରା ରାତିରେ ସେ ପଢ଼ିବାକୁ ଯିବାର ଅଛି ? ପଢ଼ିବ ନା ଦୋକାନ ଦବ ? ଜଗୁ ଭାବି ଭାବି ବେଦମ ହୋଇଗଲା ।

ରାଧି ଭଣ୍ଡାର ଘରେ ବସିଛି । ଆଖି ଯୋଡ଼ିକ ତା'ର ଜଗୁ ଉପରେ । ଜଗୁର ଭାବନାରେ ନିଜେ ନିଜେ ବି ସେ ଯୋଡ଼ି ହୋଇ ଯାଉଛି ।

× × × ×

ଜଗୁ ଅନେଇଲା —ଦଶବାର ଜଣ ହବ କୁଷ୍ଟରୋଗୀ ଛାଇରେ ବସି କଥା ହେଉଛନ୍ତି । ପ୍ରତିଦିନ ସହରର ଗଳିକନ୍ଦି ବୁଲି ସେମାନେ ଚାଉଳ ଆଉ ପଇସା ମାଗି ବୁଲନ୍ତି। ବଡ ଅପରିଷ୍କାର ଲୋକଗୁଡ଼ାକ । ଦେଖିଲେ ନାକଟେକି ହୋଇଯାଏ । କାହା ଗୋଡ଼ର ଆଙ୍ଗୁଠି ଗୋଟେ ହେଲେ ନାହିଁ ତ ହାତ ଆଙ୍ଗୁଠି ଗୋଟେ ଦି'ଟା କାହାର ବାକି ରହିଛି । ଜଣେଜଣେ ଘା'ରୁ ଖୋଲପା ଛଡ଼େଇ ରାସ୍ତା ଘାଟରେ ପକଉଛନ୍ତି । ଜଣେ ବସି ପୂଜ ବାହାର କରୁଛି । ଭିକ୍ଷା କରିଥିବା ଚାଉଳ ସେମାନେ ଛାଇରେ ବସି ଭାଗ ବାଣ୍ଟୁଛନ୍ତି ।

ଏମାନଙ୍କ ପାଇଁ କିଛି ହେଲେ କ'ଣ ସୁବିଧା କରି ଯାଇନି ? ଏମାନେ ଟାଉନ ସାରା ବୁଲିଲେ ତ ରୋଗ ବ୍ୟାପିବ ? ଜଗୁର ରାଗ ହେଲା—ଯୋଉଁମାନେ ଟାଉନକୁ ସଫା ସୁତୁରା ହେଲା କି ନାହିଁ

ଦେଖନ୍ତୁ ଓ ସହରର ଭଲମନ୍ଦ ଯୋଉମାନଙ୍କ ଉପରେ, ସେମାନେ କ'ଣ ମୋଟେ ହେଲେ ଏ ବିଷୟ ଭାବନ୍ତି ନା ? ବିଶେଷତଃ ପୁଣ୍ୟଭଳି ତୀର୍ଥ ଜାଗାରେ ? ଯୋଉଠାରେ ହଜାର ହଜାର ଲକ୍ଷ ଲକ୍ଷ ବିଦେଶୀ ଆସି ଜମା ହୁଅନ୍ତି ।

କ'ଣ କରିବେ ବା ଏମାନେ । ପେଟ ପୋଷିବାର ତ ଉପାୟ ନାହିଁ । ରୋଗ ଭଲ ହେବା ପାଇଁ ଔଷଧ କିଏ ଦେଉଛି ? ଖାଇବା ପିନ୍ଧିବା ତାଙ୍କର ବୁଝୁଛି ବା କିଏସେ ? ବିଚରା ବଡ଼ କଦର୍ଯ୍ୟ ଭୋଗ କରୁଛନ୍ତି । ସମସ୍ତେ ହେଲେ ମରି ଯାଆନ୍ତେ ? ସେମାନଙ୍କୁ ଦେଖି ଜଗୁର ମନ କାନ୍ଦି ଉଠିଲା । ଏମାନଙ୍କର ଦୋଷ ବା କଣ ଅଛି ?

ଦୋକାନର ସମସ୍ତେ ଗୋଟି ଗୋଟି ହୋଇ ଉଠିସାରିଲେଣି । ଜଗୁ ଖରାବେଳଟାଯାକ ବସି ଭାବୁଛି । ଗ୍ରୁଇ ନେଉଛି ଗଲାଣି । ଜଣେ ଅଧେ ଚା କପେ କପେ ଖାଇ ଯାଉଛନ୍ତି । ରାମି ଜଳଖିଆ ଆଣି ଦେଉଛି । ମଧୁଆ ସିଙ୍ଗଡ଼ା ଗୁଣିବାରେ ଲାଗି ପଡ଼ିଲାଣି ।

ଦୋକାନ ତଳକୁ ସେଇ—ଧୋକଡ଼ ବୁଢ଼ୀଟା ବସିଛି । ଟେଙ୍କ ଡାଲଟା ହଲେଇ ହଲେଇ ବାବୁଭୟାଙ୍କଠୁ ସେ ପଇସା ମାଗୁଛି । ତଳେ ଥୋଇ ଦେଇଛି ଗୋଟେ ଗଣ୍ଠିଲି । ମୁଣ୍ଡବାଳ ଗୁଡ଼ାକ ତା'ର ଜଟ ହୋଇ ଗଲାଣି । ମୁହଁରେ କେତେ ଗାର ଯେ ପଡ଼ିଛି ଗଣିବାକୁ ମୁସ୍କିଲ୍ ।

ମଧୁଆ ବସି ସିଙ୍ଗଡ଼ା ଗୁଣୁଛି । ଡାଲଡ଼ା ଘିଅ କରେଇରେ ପୁରବିଆ ସିଙ୍ଗଡ଼ା ଫୁଲି ଉଠୁଛି । ଚୁଲି ପାଖରୁ ଅଳ୍ପ ଦୂର ଛାଡ଼ି ଗୋଟେ ଇଲେକ୍‌ଟ୍ରିକ ଖୁଣ୍ଟ । ଖୁଣ୍ଟ ପାଖ କାନ୍ଥରେ ଗୋଟିକ ପରେ ଗୋଟିଏ କେତେ ଯେ ବିଜ୍ଞାପନ ମରା ହେଲାଣି ତାର ହିସାବ ନାହିଁ । କାନ୍ଥର ଗୋଟେ କଣକୁ ଗୁଡ଼େ ଭଙ୍ଗା ଖପରା, ଛିଣ୍ଡା କାଗଜ, ଖଦା

ଗୁଁ ଆଉ ବାର ପ୍ରକାର ଅଳଆ ଅସ୍କର ଗଦା ହୋଇଛି । ତା ଉପରେ ବାରବୁଲା କୁକୁରଟେ ଝାଡ଼ା ଫେରିଛି । କୁକୁରଟା ଏପଟ ସେପଟ ବୁଲାବୁଲି କରୁଛି । ଖୁଣ୍ଟକୁ ଆଉଜି ଠିଆ ହୋଇଛି ଗୋଟେ ମାଗିଖାଇ ଝିଅ । ଖଣ୍ଡେ ଚିରା ମଇଳା ଲୁଗା ଅଳ୍ପ ଆଣ୍ଠୁ ତଳକୁ ସେ ପିନ୍ଧିଛି । ନାକରେ ଦି'ଟା ନାଲି ଡମ୍ବ । ହାତରେ ପଟେ ପଟେ ପାଣି କାଚ । ଝିଅଟା ବୋଧେ ଦକ୍ଷିଣ ଆଡ଼ର ହବ । ପିଠିପଟ ଲୁଗାରେ ଗୋଟେ ମସ୍ତବଡ଼ ଚିରା । ଦେହରେ ମୁଣ୍ଡରେ ତେଲ ବାଜିନ । ଗାଲରେ ତା'ର ଦି'ଧାର ଶୁଖିଲା ଲୁହର ଦାଗ ।

ସିଙ୍ଗଡ଼ା ଛାଣୁଛି ମଧୁଆ । ତେଲ କଡ଼େଇରୁ ଆଖି ଫେରେଇ ଆଣି ସେ ସିଙ୍ଗଡ଼ା ଛାଣୁଛି । ମାଗିଖାଇ ଝିଅଟାର ଦେହସାରା ତାର ଆଖି ଦି'ଟା, ଗୁଡ଼େଇ ଭୁଡ଼େଇ ହୋଇ ଚରିଯାଉଛି । ବୟସ ତା'ର ଷୋହଳ ସତର ହବ ।

ଛଣା ସିଙ୍ଗଡ଼ା ବାସ୍ନା ସୁଙ୍ଘିବାକୁ ମାଗିଖାଇଟା ଠିଆ ହୋଇଛି । କୁକୁରଟେ ଏପଟ ସେପଟ ବୁଲୁଛି । ସାଙ୍ଗରେ ତା'ର ଗୋଡ଼େଇଛନ୍ତି ଗୁରିଟା ଛୁଆ । ଦୋକାନ ପାଖ କାନ୍ଥ ମୂଳେ କୁକୁରଟା ଜିଭ ଲମ୍ବେଇ ପଡ଼ି ଯାଉଛି । ଉଠିଗଲେ ବି ସେମାନେ ଗୋଡ଼େଇ ଗୋଡ଼େଇ ଝୁଣି ଲାଗିଛନ୍ତି । ଅଳ୍ପ ଦୂରରେ ଷଣ୍ଢ ଲଢ଼େଇ ଚାଲିଛି । ରାସ୍ତାଘାଟ, ଗାଡ଼ିଘୋଡ଼ା ସବୁ ବନ୍ଦ । ଲୋକବାକ ଯା'ଆସ କରି ପାରୁ ନାହାନ୍ତି । ଲୋକ ତିନି'ଶ ହବ ଘେରିଛନ୍ତି । ଲୋକସଂଖ୍ୟା ବଢ଼ୁଛି । ପୁଞ୍ଜେ ଲୋକ ମଝିରେ ମଝିରେ ଲଢ଼େଇଟା କପରି ଜୋର ସୋରରେ ହଉ ବୋଲି ପାଟିତୁଣ୍ଡ କରୁଛନ୍ତି । ଷଣ୍ଢ ଲଢ଼େଇ ବଡ଼ ମଉଜ କଥା । ହପ୍ତାକେ ଥରେ ଦି'ଥର ବଡ଼ ଷଣ୍ଢ ଲଢ଼େଇଟେ ନ ହେଲେ ମନ ସୁଖ ଲାଗେନା ।

ରମି, ଜଗୁ, ନାରଣ ଖୁଣ୍ଟିନା ସମସ୍ତଙ୍କର ଆଖି ଷଣ୍ଢ ଲଢ଼େଇ ଉପରେ । ମଧୁଆ କିନ୍ତୁ ତା ଜାଗାରୁ ଉଠିନି । ନିଠେଇ ନିଠେଇ ସେ ସିଙ୍ଗଡ଼ା ଗୁଣୁଛି । ମାଟିଖାଇଟା ସେମିତି ଠିଆ ହୋଇଛି । ଆଖି ତାର ଛଣା ସିଙ୍ଗଡ଼ା ଉପରେ । ନାକବାଟେ ସେ ଖାଇ ଯାଉଛି । ମଧୁଆ ମାଟିଖାଇଟା ଆଡ଼କୁ ଚାହିଁ ଅଳ୍ପ ହସିଲା ଆଉ ମୁଣ୍ଡ ହଲେଇ ଦେଲା ।

ମୁହଁଟି ତା'ର ଶୁଖିଯାଇଛି । ପେଟରେ ଉହୁ ଉହୁ ନାହିଁ । ଏଣେ ଛଣା ସିଙ୍ଗଡ଼ାର ବାସ୍ନା । ଗୁଡ଼ାଏ ଗୋଟେ ପାଖରୁ ଲୁଗାଟା ତାର ଆପେ ଆପେ ଖସିଗଲା । ଜାଣୁ ଶୁଣି ସେ ଖସେଇ ଦେଲା । ଅଫୁଟା ପଦ୍ମ ଫୁଲ ଭଳି ଗୋଟିଏ କଳି । ହଳଦିଆ ଗୋରା । ମଧୁଆର ଛାତି ପଡ଼ୁଛି ଉଠୁଛି । ମୁଣ୍ଡ ଭିତର ଝିମ୍ ଝିମ୍ ମାରି ଯାଉଛି ।

ଚାରିଆଡ଼େ ଆଖି ବୁଲେଇ ଆଣିଲା ମଧୁଆ । ଷଣ୍ଢ ଲଢ଼େଇ ଜୋର ସୋରରେ ଚାଲିଛି । ମାଟିଖାଇଟାର ଅଣ୍ଟିକି ସିଙ୍ଗଡ଼ା ଦି'ଟା ସେ ପକେଇଦେଲା । ଖୁବ ଆସ୍ତେ ଆଖିରେ କହି ଦେଲା— କାଲିକି ଆସିବୁ ।

ମାଟିଖାଇଟା ହସିଦେଇ ଚାଲି ଯାଉ ଯାଉ ଅଣ୍ଟିରୁ ଗରମ ସିଙ୍ଗଡ଼ାଟେ କାଢ଼ି ତା'ର ସ୍ୱାଦୁ ଅନୁଭବ କଲା । ଲୋକ ଗହଳି ଭିତରେ କୁଆଡ଼େ ଯାଇ ସେ ମିଶିଗଲା । ମଧୁଆ ତା' ପଛଆଡ଼କୁ ଅନେଇ କେତେ କ'ଣ ଭାବିବାରେ ଲାଗିପଡ଼ିଲା ।

ମାଲଚନ୍ଦ ଉପରେ ପତାକା ଫର ଫର ଉଡ଼ୁଥିବାର ମଧୁଆ ଲକ୍ଷ୍ୟ କରୁଥିଲା । ସେଇ ଦୋକାନ ଭିତରୁ ।

× × × ×

ସନ୍ଧ୍ୟା ନଇଁ ଆସିଲାଣି । ମହାପାତ୍ରେ ଦୋକାନରେ ଆସି ବସିଛନ୍ତି । ମୁହଁଟା ତାଙ୍କର କେମିତି କଳା କାଠ ପଡ଼ିଯାଇଛି । ରେଡ଼ିଓ ସେଟ୍‌ଟା ଉପରେ ତାଙ୍କର ନଜର ନାହିଁ । ପାନଛେଚୁରେ ପାନ ଛେଚୁ ଛେଚୁ ସେ ବଜାର ଲୋକଗହଳି ଆଡ଼କୁ ବେଳେ ବେଳେ ଅନାଉଛନ୍ତି । କିନ୍ତୁ ମନ ତାଙ୍କର ଗାଁରେ । ସୁଲି ଆଉ ତା'ର ବୋଉ ନମାପଡ଼ା ଖମାରରୁ ଆଜି ଫେରି ଆସିଛନ୍ତି । ଗାଁରେ ସେମାନେ ଥାଇ ବି ପ୍ରଜାମାନେ ମାନିଲେନି । ଫିଙ୍ଗି ଦେଲାଭଳି ମହାଜନ ଭାଗ ଚାରି ପଣେଇକ ବିଲରେ ପକେଇ ଦେଇ ଚମ୍ପଟ୍ । କଲେଇତକ ବେଙ୍ଗଳା ପକେଇ ମହାଜନ ସେଥିରୁ ଧାନ ଆଦାୟ କରୁ । ସେ ଖଣ୍ଡିକରେ ସବୁ ପ୍ରଜା ଏ ବର୍ଷ ଏକା ରକମର କଲେ । ମହାପାତ୍ରେ ତ ଆଉ କୋଡ଼ିଏ ପଚିଶ କୋଶ ଦୂରର ଲୋକ ଆଣି ଜମି ଭାଗ ଦେବେ ନି ? ସମସ୍ତେ ଏକାଠି ହୋଇ ମେଳି ବାନ୍ଧିଛନ୍ତି । ସବୁ ଚଷାଙ୍କ ଭିତରେ ଗୋଟେ ସାଲିସ୍ ହୋଇ ଯାଇଛି । ଇନ୍ଦ୍ର ଚନ୍ଦ୍ର ମାନୁ ନାହାଁନ୍ତି ସେମାନେ । ମୁହଁକୁ ବି ଅନାଉ ନାହାଁନ୍ତି । ଏସବୁ ଘଟଣା ଦେଖି ମାଲିକାଣି ଝିଅକୁ ଧରି ପୁଣି ଚାଲି ଆସିବେ ବୋଲି ଠିକ୍ କଲେ । କିନ୍ତୁ ଚାରି ପାଞ୍ଚଦିନ ହେଲା ମଟର ପାଖକୁ ଯିବାକୁ ଶଗଡ଼ଟେ ଠିକ୍ ହୋଇ ପାରୁ ନ ଥିଲା । ନିଜର ଶଗଡ଼ ବଳଦ ଥିଲେ ବି ଶଗଡ଼ିଆ ମିଳିଲେ ନି । ଲୋକେ ଭାବୁଛନ୍ତି—ମହାପାତ୍ରଙ୍କ ଶଗଡ଼ଟା ନେଇ ଗଲେ ବେଠି କଲାଭଳି ହେବ । ବଡ଼ କଷ୍ଟରେ ଶଗଡ଼ ଭଡ଼ା କରି ମା' ଝିଅଙ୍କୁ ମଟର ଷ୍ଟାଣ୍ଡକୁ ଆସିବାକୁ ପଡ଼ିଲା ।

ମହାପାତ୍ରେ ଏ ବର୍ଷ ପୁଷଗଯ୍ୟା ଯାହାରୁ ଟଙ୍କା, ସୁନା ମିଶେଇ ଦି' ତିନି ହଜାର ହବ ପାଇଥିଲେ । ହଜାରେ ଖଣ୍ଡେ ବାକି ବି ଅଛି । ଗୁମାସ୍ତା କେଇଜଣ ଥରେ ଯାଇ ବୁଲି ଆସିଲେ ଟଙ୍କାଟା ଆଦାୟ ହୋଇଯିବ । କେତେ ମାସ ଧରି ବଜାର ମାନ୍ଦା ପଡ଼

ଯାଇଛି । ବେଶି ବିକାକଣା ଆଉ ହଉନି । ତଥାପି ପୁଷଗଯୂ ଯାତ୍ରା ପରେ ପରେ ମହାପାତ୍ରଙ୍କ ମନଟା ଖୁସ୍ ଅଛି । ଅଳ୍ପ ଦିନ ତଳେ ଦୋକାନରେ ଗୋଟେ ଖାଇବା ପିଇବା ହୋଇଥିଲା । ଲୋକ ପନ୍ଦର କୋଡ଼ିଏ ଜଣଙ୍କ ପାଇଁ ଦଶ ସେର ଛେନା କେବଳ ଆସିଥିଲା । ତା ସାଙ୍ଗକୁ ଦି' ଭରି ଭାଙ୍ଗ । ଭାଙ୍ଗ ଓ ଭୋଜନର ବ୍ୟବସ୍ଥା ହେଲେ ସ୍ୱର୍ଗ ଯେପରି ଗୁଣ୍ଡ ଆଙ୍ଗୁଳ ଜଣାପଡ଼େ ।

ଦାନ୍ତ ପଡ଼ିଗଲେ କ'ଣ ହବ ମହାପାତ୍ରେ ବଡ଼ ରସିକ ଲୋକ । ଖିଆ ପିଆରେ ତାଙ୍କର ବିଶେଷ ନଜର । ବଡ଼ିମାଛ ନହେଲେ ସକାଳ ଓଳଟା ତାଙ୍କର ଚଳେନି । ଘିଅଖିଆ ଗିନାରେ ଛଟାଙ୍କିଏ କି ଦେଡ଼ ଛଟାଙ୍କି ଗୁଆ ଘିଅ ପଶି ସେଇଟା ପୂର୍ଣ୍ଣ ହବାର କଥା । ଉପର ଓଳି ଛେନା, ମାଲପୁଆ, ଖିର, ଆଉ ଖଜୁରୀ । ମହାପାତ୍ରେ ନିଜେ ଖାଆନ୍ତି ଯେମିତି ଅନ୍ୟକୁ ଖୁଆନ୍ତି ବି ସେମିତି । ଘରେ ଗ୍ରାହକର ବାକର କିଏ ଖାଇଲାକି ନାହିଁ ସବୁଦିନ ସେ ବୁଝନ୍ତି । ଘର କି ବାହାରର ଯେ କୌଣସି ଲୋକ ଦିହରେ ତାତି ଆସିଲେ ମହାପାତ୍ରଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହୁଏ । ପଥି ନ ଖାଇଲା ପର୍ଯ୍ୟନ୍ତ ତାଙ୍କ ମନରେ ଶାନ୍ତି ନାହିଁ ।

କାହା କାହା ଗାଁରୁ ଚିଠି ଆସିଲା—ଏକାଠି ଟଙ୍କା ଶହେ ଦି'ଶ ଦରକାର । ମହାପାତ୍ରେ ଅସମୟରେ ଟଙ୍କା ଗଣିଦେଇ ପରେ ତା ଦରମାରୁ କାଟି ନିଅନ୍ତି । କାହାର ବାହା ପୁଆଣି ପଡ଼ିଲେ ନିଜ ହାତରୁ ଶହେ ପଚାଶ ଖର୍ଚ୍ଚକରି ଲୁଗାପଟା ଆଉ ମାହାର୍ଦ ଭାରେ ହବିବ ପଠେଇ ଦିଅନ୍ତି । ସେଇ ଯୋଗୁ ତାଙ୍କ ଦୋକାନରୁ ଗ୍ରାହକର ବାକର ସବୁ ଫେରି ଯିବାକୁ ଆଉ ଇଚ୍ଛା କରନ୍ତି ନି ।

ମାଲିକେ ଆଜି ମନ ଗୁଡ଼ିଖେଇ ବସିଛନ୍ତି । ଦୋକାନରେ କେଜ୍ଞ ହେଲେ ଜାଣି ପାରୁ ନାହାଁନ୍ତି—କଥା କଣ ? ସବୁଦିନ ଭଳି

ଆଜି ରେଡ଼ିଓରୁ ଭଲ ଭଲ ଗୀତ ଆଉ ବାଜା ସେ ବାହାର କରୁ ନାହାଁନ୍ତି । ଦୋକାନର ସମସ୍ତେ କେମିତି ଆଶ୍ଚର୍ଯ୍ୟ ହୋଇ ସାରିଲେଣି । କିନ୍ତୁ ପଚାରୁଛି କିଏ ?

ସିନେମା ହଲ ପାଖରୁ ଲାଉଡ୍‌ସ୍ପିକର ଦେଇ କେତେ ବଢ଼ିଆ ବଢ଼ିଆ ଗୀତ ଭାସି ଆସୁଛି । ଜିତେନ୍ଦ୍ର ବାବୁଙ୍କ ଦୋକାନରେ ଲୋକ ଗହଳି । କ'ଣ ଗୋଟେ କଥା ଉପରେ ଘମା ଘୋଟିଆ ଆଲୋଚନା ଚାଲିଛି । ଟେବୁଲ ବାଡ଼ିଆର ଅଭାବ ନାହିଁ । ଏଣେ ରେଡ଼ିଓ ଗାଉଛି । ମହାପାତ୍ରେ ମନ ଶୁଖେଇ ବସିଛନ୍ତି । ପାଟିରୁ କଥା ବାହାରୁନି । ଦୋକାନରେ ଯିଏ ଯାହାର କାମରେ ବ୍ୟସ୍ତ । ଅଧଘଣ୍ଟେ ହବ ବସି ମହାପାତ୍ରେ ଘରଆଡ଼େ ଚାଲିଲେ । କହିଦେଇ ଗଲେ—ଆଜି ରାତିରେ ସେ ଆଉ ଆସି ପାରିବେନି । ସମସ୍ତେ ତୁନ୍ ଚାପ୍ । କଥା କ'ଣ ଜାଣି ହଉନି ।

ଜଗୁ ପରେ ଯାଇଁ ରାଧୁଠୁ ବୁଝି ଆସିଲା—ମାଲିକଙ୍କ ପ୍ରଜାମାନେ ଜବରଦସ୍ତି ଧାନ ସବୁ କ୍ଷେତରୁ କାଟି ନେଇଛନ୍ତି । ଅବଶ୍ୟ ମାଲିକଙ୍କୁ ସେମାନେ ବଳେଇ ଯିବେନି । ଧାନ ନ ପାଇଲେବି ଗାଁ ବାଲାଙ୍କୁ ଫଉଜଦାରୀ କେସ୍‌ରେ ପକେଇ କଚେରିକି ସେ ବାନ୍ଧି ଆଣିବେ । କିନ୍ତୁ ଅସଲ କଥାଟା—ମାଲିକ ଆଉ ମାଲିକାଣୀଙ୍କ ଭିତରେ । କ'ଣ ଗୋଟେ କଥା ନେଇ କାଲି କଜିଆ ଲାଗିଛି । ମାଲିକାଣୀ ଦିନେ ଦି'ଦିନ ନଖାଇ ନପିଇ ଦୁଆର ଦେଇ ଶୋଇଥିଲେ । ଯିଏ ଯେତେ ଡାକିଲେ ବି ସେ ନଟ୍ ନଡ଼ନ ଚଡ଼ନ । ରାଧି କହୁଥିଲା—ସେ ଆଉଁସି ଦବ ବୋଲି ଗୋଡ଼ ହାତଟା ଆଣିଲାବେଳେ ଏତେ ଜୋରରେ ସେ ଠେଲିଦେଲେ ଯେ ସେ ଲେଉଟି କରି ପଡ଼ିଗଲା । ଅସଲ କାରଣଟା କଣ ସେ ଠିକ୍ କରି ଜାଣିପାରିଲାନି ।

ଗୃ' ବନଉ ବନଉ ଜଗୁ ଭାବୁଥିଲା—ଗାଁରେ ତା' ଅବସ୍ଥା କ'ଣ ହେଉଥିବ କେଜାଣି ? ତା' ଜମିରୁ କ'ଣ ଲୋକେ ଧାନ କାଟି ନେଇ ଯାଇଥିବେ ? ସେ'ତ ମହାପାତ୍ରଙ୍କ ଭଳି ବଡ଼ ଲୋକ ହୋଇନ ? କିଛି ହୋଇଥିଲେ ଚିଠିଟେ ତ ଅନ୍ତତଃ ଆସି ଥାଆନ୍ତା ?

ସୁଲୋଚନାର ଜନ୍ମ ଦିନ ଉପଲକ୍ଷେ ସେଦିନ ଗ୍ରେଟ କାଟର ଟି' ପାର୍ଟିଟିଏ ବନ୍ଦୋବସ୍ତ ହୋଇଥିଲା । ଲୋକ ପନ୍ଦର କୋଡ଼ିଏ ଭିତରେ ଡକରା । ବୁଢ଼ା ହେଲେ ବି ନିଜେ ବ୍ରଜବାବୁ ଝିଅର ଜନ୍ମଦିନ ସକାଶେ କମ ବୁଝାସୁଝା କରି ନାହାଁନ୍ତି । ବେଳ ଥିଲା ସାଢ଼େ ଚାରିଟା । କିନ୍ତୁ ଠିକ୍ ସମୟକୁ କାହାରି ଦେଖା ନାହିଁ । ପାଞ୍ଚଟା ପରେ ନିମନ୍ତ୍ରିତ ଲୋକେ ଗୋଟି ଗୋଟି ହୋଇ ଗଡ଼ିଲେ । କିଏ ବହି, କିଏ କଲମ, ରୁମାଲ, ଫ୍ଲସ୍ ସୁତା, ଉଲ ଇତ୍ୟାଦି କିଛି ନା କିଛି ସୁଲୋଚନାକୁ ଉପହାର ଦେବେ । ସେ ପିନ୍ଧିଛି ଖଣ୍ଡେ ଦାମିକା ବାଙ୍ଗାଲୋର ଶାଢ଼ୀ ଆଉ ବନାରସୀ ପାଟ କନାର ବ୍ଲାଉସ୍ । ଭ୍ରୂଲତା ଉପରେ ଚନ୍ଦନପାଟି ଓ ଚନ୍ଦନ ମଝିରେ ସିନ୍ଦୂର ବିନ୍ଦୁ ବିନ୍ଦୁ ହୋଇ ଶୋଭଣ କରାଯାଇଛି । ଏତେ ଲୋକଙ୍କର ଭିଡ଼ । ସେମାନଙ୍କ ଖାଇବା ପିଇବା ବୁଝି ଖୁସ୍ ମନରେ ଘୁଡ଼ିବାରେ ସୁଲୋଚନାର ଆନନ୍ଦ । ଆଜି ତାର ଜନ୍ମ ତିଥି । ସତର ପୂରି ଅଠର ଚାଲିବ । ଅଳ୍ପ ଲୋକ ସମାଗମ ପରେ ସୁଲୋଚନା ସିତାରରେ ତା ବାହୁଲତା ଘେରେଇ ତାନ୍ ମାରୁଥିଲା । ସିତାର ଉପରେ ତା ଶରୀରର ଫାଳେ ଅଂଶ ଲଟେଇ ପଡ଼ିଥିଲା । ଖିଆ ପିଆ ସରିନ ।

ମୋହନ ପ୍ରାୟ ଦଶଟା ବେଳକୁ ଆସି ଖା-ପିଅ ବିଷୟରେ ବୁଝା ସୁଝା କରୁଛି । ଜିତେନ୍ଦ୍ର ବାବୁ ଆଉ ମୋହନ ଦୁହିଙ୍କ ବୟସର ତାରତମ୍ୟ ସାତ ଆଠ ବର୍ଷ ଭିତରେ । ମୋହନ ବି. ଏ. ପଢ଼ୁଛି । ବାଇଶିତେଇଶି ବୟସ—ସୁନା ଖଡ଼ିକା ଭଳି ଦେହ । ସ୍ୱାସ୍ଥ୍ୟବାନ, ହସହସ ମୁହଁ, ସୁଶ୍ରୀ । ପିନ୍ଧିଛି ଟ୍ରପିକାଲ କନାର ପ୍ୟାଣ୍ଟ ଆଉ ଚକଲେଟ୍ ସିଲ୍କ୍‌ର ହାଓ୍ୱାଇ । ଜିତେନ୍ଦ୍ର ବାବୁଙ୍କ ସାଙ୍ଗ ନିତ୍ୟାନନ୍ଦ ବାବୁ ଗୋପାଳ ବାବୁ ଓ ଅଜିତ୍ ବାବୁ ଦାମିକା ଉପହାର ସବୁ ସାଙ୍ଗରେ ଧରି ଆସିଛନ୍ତି । ମନେ ମନେ ପ୍ରତିଯୋଗିତା ଚାଲିଛି । କାହାର ଉପହାର ଦେଖି ସୁଲୋଚନା ମନଭରେଇ ହସିବ । ତା ସାଙ୍ଗେ ସାଙ୍ଗେ ଉପହାର ଦବା ଲୋକର ପେଟ ବି ପୂରିଉଠିବ । ସୁଲୋଚନାର ସ୍କୁଲ ସାଙ୍ଗ ମନୋରମା, ଶଇଳ, ବସନ୍ତ ପ୍ରିୟା, ଜ୍ୟୋତ୍ସ୍ନା ଓ ଗଜଶ୍ରୀ ସମସ୍ତେ ଆଜି ସ୍କୁଲ ଯାଇ ନାହାଁନ୍ତି । ଘରକୁ ଯାଇ ସେମାନଙ୍କୁ ସେ ଡାକି ଆଣିଛି । ଖିଆପିଆ ସରିଲେ ରିକ୍ସା କରି ସମସ୍ତଙ୍କୁ ନିଜନିଜର ଘରେ ନେଇ ଛାଡ଼ିଦେଇ ଆସିବ ।

ସିତାରରେ ତାନ ମାରୁଛି ସୁଲୋଚନା । ସମସ୍ତେ କାନ ପାରିଛନ୍ତି । ଆଖିରେ ଆଖିରେ ପିଇ ଯାଉଛନ୍ତି ତାର ଲହଡ଼ାମରା ରାଗିଣୀ । କଥା ଥିଲା—ଆଗ ମରଦ ଲୋକେ ଖାଇସାରି ଚାଲିଯିବେ । ସୁଲୋଚନାର ସାଙ୍ଗ ସାଥୀ, ବୋଉ ଓ ଅନ୍ୟାନ୍ୟ ସ୍ତ୍ରୀ ଲୋକେ ବସିବେ ପରେ । କିନ୍ତୁ ଜିତେନ୍ଦ୍ର ବାବୁ ଏହାର ପୂର୍ଣ୍ଣ ବିରୋଧକଲେ । ଇଏ ସବୁ କି ବାଜେ କଥା ? ଶେଷକୁ ବୁଢ଼ାବୁଢ଼ୀମାନଙ୍କୁ ଛାଡ଼ିଦେଇ ସମସ୍ତିଙ୍କି ଏକାଠି ବସି ଖାଇବାକୁ ପଡ଼ିଲା ।

ଗୋଟେ ଗୋଟେ ପ୍ଲେଟରେ ସିଙ୍ଗଡ଼ା ଦି'ଟା, ରାଜଭୋଗ, ସାଙ୍ଗକୁ ଆଉ ଗୋଟେ ମିଠା, ଘର ତିଆରି ଆରିସା କାକେରା ଭଜାମଣ୍ଡା, ଗୋଟେ ଲେଖାଁଏ କଦଳୀ, ପାଞ୍ଚ ଛ କୋଳି କମଳା ।

ଆଉ ଗୋଟେ ପ୍ଲେଟରେ ଦି'ଟା ଲେଖାଏଁ ଦହିବରା । ମହାପାତ୍ରଙ୍କ ଦୋକାନରେ ଏ ସବୁ ବରାଦ ଦିଆଯାଇଥିଲା । ରାମି ଠିକ୍ ସମୟରେ ଜଳଖିଆ ସବୁ ଆଣି ପହଞ୍ଚେଇ ଦେଇ ସାରିଛି । ଜଗୁ କେଟଲିଏ ହବ ଚା' ଆଉ ଗୋଟେ ବାଲଟିରେ ଗୁଡ଼ାଏ କପ ପିଆଲା ପୂରେଇ ଆସି ଅପେକ୍ଷା କରିଛି । ଖିଆ ସାରିଲା ପରେ ପରେ ସେ ଚା ଢାଳିବ ଚା'ଟା ଘରେ ବି ତିଆରି ହୋଇ ପାରିଥାଆନ୍ତା । କିନ୍ତୁ ସେତେ କଲେ ଜଗୁ ହାତର ଚା' ଭଲ ହବନି ।

ଜିତେନ୍ଦ୍ର ବାବୁଙ୍କ ବୈଠକ ଖାନାରେ ବଡ଼ ଟେବୁଲ ଦି'ଟା ଯୋଡ଼ି ଦେଇ ତା ଉପରେ ଧଳା କନାର ଗୋଟେ ଘୋଡ଼ଣି ପକାଯାଇଛି । ଜଳଖିଆ ପ୍ଲେଟସବୁ ସଜଆ ହୋଇ ଥୁଆ ସରିଲାଣି । ସୁଲୋଚନା ଗୀତ ବନ୍ଦ କରି ସିତାର୍‌ଟାକୁ କାନ୍ଥ କଣକୁ ଆଉଜେଇ ଦେଲା ।

ସମସ୍ତେ ଟେବୁଲ ପାଖକୁ ଚାଲିଲେ । ଆଣିଥିବା ଉପହାର ସବୁ ଟେବୁଲଟି ଉପରେ ଅଲଗା କରି ରଖାଯାଇଛି । ଅଳଅଳ ଝିଅ ସୁଲୋଚନା । ତାର ସାଙ୍ଗ ସାଥି, ଚିହ୍ନା ପରିଚୟ, ଭାଇଙ୍କର ସାଙ୍ଗମାନେ ଭଲ ଭଲ ପୋଷାକ ପିନ୍ଧି ଦାମିଆ ଉପହାର ନେଇ ଆସିଛନ୍ତି । ଫୁଲ ଉଠୁଛି ତାର ଗୁଡ଼ି ।

ଖିଆପିଆ ସରିଲେ ଚା' ଦବ ବୋଲି ଜଗୁ ଠିଆ ହୋଇଛି ।

ମୋହନ ଏ ପର୍ଯ୍ୟନ୍ତ ତାର ଉପହାରଟା ଦେଇନି । ସୁଯୋଗ ଉଣ୍ଡୁଛି । ଆଣିଛି ରଙ୍ଗିନ୍ ମଲାଟ ଦିଆ ଦି'ତିନି ଖଣ୍ଡ କାବ୍ୟ ଓ ଉପନ୍ୟାସ ଆଉ ନିଜର ଫଟୋଥିବା ଗୋଟିଏ ସୁନ୍ଦର ଆଲବମ୍ । ସୁଲୋଚନାକୁ ସେ ହାତେ ହାତେ ଦେଇଦବ ।

ଜଳଖିଆ ପରେ ଚା'ପାନ ବି ସରିଲା । ଗୋଟି ଗୋଟି ହୋଇ ସମସ୍ତେ ଚାଲିଗଲେ । ଖିଆପିଆ ପରେ ସୁଲୋଚନା ତା'ର

ସାଙ୍ଗ ଝିଅମାନଙ୍କୁ ନେଇ ଘରେ ବୁଲ୍ତିଦେଇ ଆସିଲା । ନିକେ ଜିତେନ୍ଦ୍ରବାବୁ କହିଛନ୍ତି—ମୋହନ ବାବୁ ଏଇନେ ଯାଇ ପାରିବେନି । ଅଳ୍ପ କାମ ଅଛି । ଗପସପ୍ କରି ଭିତରରେ ଯିବେ ।

ଠିଆ ଠିଆ ହୋଇ ଜଗୁ କେବଳ ଲକ୍ଷ୍ୟ କରୁଥିଲା ଜଳଖିଆ ପହଞ୍ଚାଇ ଦେଇ ସମି ଅନେକ ଆଗରୁ ଯାଇସାରିଲାଣି । ଖୁଣ୍ଟଟାକୁ ଆଉଜି ସେ ଠିଆ ହୋଇଛି । ଠିଆ ଠିଆ ହେଇ ଘରର ଶ୍ରୀର ଆଡ଼ିକି ଲକ୍ଷ୍ୟ କରୁଛି । ନାମଜାଦା ଜମିଦାର ବ୍ରଜବାବୁଙ୍କ ଝିଅ ସୁଲୋଚନା । ସହରର ବଡ଼ ବ୍ୟବସାୟୀ, କେତେ ବଡ଼ ବଡ଼ ଅନୁଷ୍ଠାନର ସମ୍ପାଦକ ବା ସଭାପତି ସାଜିଥିବା ଜିତେନ୍ଦ୍ରବାବୁଙ୍କ ଭଉଣୀ । ତାର ଅଳଅଳ ଚଣିଆ, ଫୁଲେଇ ବୁଲି ଆଉ ଦେଖେଇ ହବାର ମନୋବୃତ୍ତି । ଜଗୁ ଏ ସବୁ ଦେଖି ଦେଖି ଭାବୁଥିଲା—ତା'ର ସର ଅପା କଥା ।

ମୋହନ ଗୋଟେ ନିଛୁଟିଆ ଚଉକି ଉପରେ ବସି କେତେ କ'ଣ ଭାବୁଛି । ଉପହାର ଦବାକୁ ଆଣିଥିବା ବହି ବଣ୍ଡିଲଟା ବାରମ୍ବାର ଓଲଟ ପାଲଟ କରୁ କରୁ ଆଲବମ୍‌ରେ ଥିବା ନିଜ ଫଟୋଟାକୁ ସେ ନିରୀକ୍ଷଣ କରିବାରେ ଲାଗିପଡ଼ିଛି । ସୁଲୋଚନା ତା ଫଟୋଟାକୁ ପାଖରେ ରଖି ନିଜ ଅଙ୍ଗ ସୌଷ୍ଠବର ପ୍ରତିବିମ୍ବ ଠିକ୍ ତା'ର ଭଳି ବାରମ୍ବାର ନିରୀକ୍ଷଣ କରିବ । ସେ ଆଉ ସୁଲୋଚନା । ଫଟୋଟାକୁ ଦେଖି ଦେଖି ମୋହନ ଆପେ ଆପେ ହସି ଉଠିଲା ।

ପଛପଟୁ ଛପି ଛପି ଆସି ଚଉକିଟାକୁ ଦୋହଲେଇ ଦଅନ୍ତି ସୁଲୋଚନା । ଆଖି ଦୁଇଟା ତାର ଚପି ଧରନ୍ତି । କିଏ—କିଏ ବୋଲି ଡାକିଲେ ଜବାବ ଦଅନ୍ତିନି । ମୋହନ ତାର ବାହୁ ଓ ଦେହସାରା ଅଣ୍ଡାଳି ଯାଆନ୍ତି । ଓଃ-ସୁଲ—ବିଜୁଳି ଭଳି ଦଉଡ଼

ଦଉଡ଼ି ସେ ପଳେଇ ଯାଆନ୍ତା । ଖିଲ ଖିଲ ହସ । ହସି ହସି ସୁଲୋଚନା ଗଡ଼ି ଯାଅନ୍ତା । ଆଉ ମୋହନ—

ଖୁବ ବେଗରେ ଯାଇ ସେ ତାକୁ ଧରି ପକାନ୍ତା । ଖସି ଯାଉ ଯାଉ ତା ଆଖିର ବଇଁଶି କଣ୍ଟାରେ ଲଗି ଯାଆନ୍ତା, ସୁଲୋଚନାର ପଣତ । ତଲ ଓଠ ଫାଳକ ଚିପିଧରି ମୋହନ ଉଷୁମ ଆଉ ନରମ ଆଘାତ କରନ୍ତା । ଆଉ କେତେ କଣ—

ଭାବନାରେ ଶିହରି ଉଠୁ ଉଠୁ ବହି ବଣ୍ଡିଲ୍‌ଟା ହାତରୁ ତା'ର ଖସି ପଡ଼ିଲା । ଆଗରେ ଦେଖେ ତ – ସୁଲୋଚନା ନୀରବରେ ଠିଆ ହୋଇଛି । ଅନେକବେଳୁ ଠିଆ ହେଲାଣି । ମୋହନର ନଜର ନଥିଲା । ମନ ରାଇଜର ପରୀ ତା ଆଗରେ ଆସି ଧରା ଦେଇଛି ।

ଜଗନ୍ନାଥବାବୁ ଯାଇ ଉପର ମହଲାରେ । ସୁଲୋଚନା ଭାଇଙ୍କି ଡାକ ଦେଇ ଆସିଛି । ଏଇନେ ସେ ଆସିବେ । ବ୍ରଜବାବୁ ଘର କଥାନେଇ ଗପିବାରେ ବ୍ୟସ୍ତ । ଏଇ ଅବସରରେ ମୋହନ ତା'ର ଉପହାରଟା ସୁଲୋଚନା ହାତକୁ ବଢ଼େଇଦେଲା । ତାର ଆଙ୍ଗୁଠି ଉପରେ ମୋହନ ବାବୁଙ୍କର ଆଙ୍ଗୁଠି । ଆଲବମ୍‌ରେ ମୋହନ ବାବୁଙ୍କୁ ଦେଖି ସୁଲୋଚନା ହସି ପକେଇଲା ।

ଜଗନ୍ନାଥବାବୁ ଉପର ମହଲାରୁ ଏ ପର୍ଯ୍ୟନ୍ତ ଆସି ନାହାଁନ୍ତି । କଥା କଣ – ମୋହନ, ସୁଲୋଚନାକୁ ଏକାକୀ ଛାଡ଼ିଦେଇ ଉପର ମହଲାକୁ ତରତରରେ ଉଠିଗଲା ।

ସୁଲୋଚନା ବିଜୁଳି ବେଗରେ ବହିବଣ୍ଡିଲଟାର ଉପର କାଗଜଗୁଡ଼ାକ ଛିଣ୍ଡେଇ ଲାଗିଛି । ଆଙ୍ଗୁଠି ଗୁଡ଼ାକ ଥରୁଥିବାର ବି ସେ ଅନୁଭବ କରୁଥିଲା ।

ରଙ୍ଗୀନ ମଲାଟ ଦିଆ ତିନୋଟି ବହି । ଦି'ଖଣ୍ଡ ପ୍ରାଣମତାଣିଆ ଉପନ୍ୟାସ, ଖଣ୍ଡିଏ ସରସ କାବ୍ୟ । ଉପର ବହିଟା ମେଲେଇ

ଦଉ ଦଉ ଖସି ଆସିଲା ବକଟେ ହବ କାଗଜ । ମୋହନ ବାବୁଙ୍କ ହାତ ଲେଖା ଆଠ ଦଶଟି ଧାଡ଼ି । ଭୂଇଁର ଆଡ଼କୁ ଅନେଇ ତା'ର ତାର ବ୍ଲାଉସ ସନ୍ଧିରେ କାଗଜ ଟିକିକ ସେ ପୂରେଇ ଦେଲା ।

ଜତେନ୍ଦ୍ର ବାବୁ ଓ ମୋହନ ଉପରୁ ଓହ୍ଲେଇ ଆସୁଥିଲେ । ମୋହନର ମୁଣ୍ଡଟା, ଆଗକୁ ଝୁଙ୍କ ପଡ଼ିଛି । ସୁଲୋଚନା ଆଡ଼କୁ ସେ ଚାହିଁ ପାରୁନି । ତିନହେଁ ତିନି ଖଣ୍ଡ ଚଉକିରେ ଯାଇ ବସି ପଡ଼ିଲେ ।

କାହା ମୁହଁରେ କଥା ନାହିଁ । ସୁଲୋଚନାର ଓଠ ଦଫାଳ ମଝିରେ ଖଡ଼ିକା ଭଳି ବଙ୍କା ଜହ୍ନଟିଏ ଅବା ଲାଗି ରହିଛି । ବ୍ରଜବାବୁ ଘରଭିତରକୁ ପଶିଆସି ଡାକଲେ—ଜତୁ—

କ'ଣ ବାପା ?

ମୋହନକୁ ତାଙ୍କ ଘର ଚାକରଟୋକା ଗୋପାଳଆ ଡାକି ଆସିଛି ।

ମୋହନ ଉଠି ଯାଉଥିଲା । ଜତେନ୍ଦ୍ରବାବୁ ଓ ସୁଲୋଚନାର ଅନୁରୋଧ ଭାଙ୍ଗି ନ ପାରି ତାକୁ ଶୀଘ୍ର ଖିଆପିଆଟା ସାରି ଦବାକୁ ପଡ଼ିଲା । କ'ଣ ଗୋଟେ ଜରୁରୀ କାମ । ବାପା ଡକେଇ ପଠେଇଛନ୍ତି ।

ଜତେନ୍ଦ୍ରବାବୁ ଚାଲିଲେ ଦୋକାନ ଆଡ଼େ । ଯେତେ ବିଶ୍ୱାସୀ ଚାକର ହେଲେ ବି ଦୋକାନରେ ହଜାର ହଜାର ଟଙ୍କାର ଜିନିଷ ପଡ଼ି ରହିଛି ।

ସୁଲୋଚନା ଦୋତାଲା ଉପରକୁ ଉଠି ଯାଉଥିଲା । ମୋହନ ଚାଲିଲା ତା' ଘରଆଡ଼େ । ଅଧବାଟରେ ଆଖି ଦି'ହାଳ ମିଳିଗଲା । ସମସ୍ତଙ୍କୁ ଲୁଚେଇ ଛପେଇ ଦି'ଓଠରେ ଖେଳିଗଲା ଟିକିଏ ହସ ।

ବ୍ରଜବାବୁଙ୍କ ଘରେ ଚା ଦେଇସାରି ଜଗୁ ଦୋକାନକୁ ଫେରୁ ଫେରୁ ସାଢ଼େ ପାଞ୍ଚଟା । ଦି' ଚାରିଜଣ ଅଦିନିଆଁ ଗରାକ ଦୋକାନରେ ଆସି ବସିଛନ୍ତି । ରାମି ସେମାନଙ୍କୁ ଚା ଦେଇ ସନ୍ତୋଷ କରିସାରିଛି ।

ଗୋଡ଼ ଚଞ୍ଚଳ କରି ଜଗୁ ଦୋକାନ ଆଡ଼େ ପଲସିଛି । ହାତରେ କେଟିଲ୍ ଆଉ କପ୍ ପିଆଲିଭରା ବାଲ୍‌ଟି । ଜଗୁ ଭାବି ଭାବି ଆସୁଛି—ସୁଲୋଚନାର ଅଳିଅଳ ପଣିଆ, ଆଉ ତା'ର ଗେଲ ବସରିଆ ଚାଲି । ତା' ସାଙ୍ଗେ ତାର ସରଅପାକୁ ସେ ତଉଲ କରୁଛି । ବଚାରା ଭଲ ଲୁଗାଖଣ୍ଡେ ବି ପିନ୍ଧିବାକୁ ପାଇଲା ନ । ଆର ବର୍ଷ ଗାଁକୁ ଗଲାବେଳେ ତା' ପାଇଁ ଫେଟା ଖଣ୍ଡେ ସେ ନେଇଥିଲା । ମାଇପି ପିଲା । ଲୁଗା ତା'ର ଖଣ୍ଡେ କି ଦି' ଖଣ୍ଡ ଭିତରେ ଥିବ । ଧୋଇ ଶୁଖେଇ କାମ ନ ଚଳେଇଲେ ଆଉ ଉପାୟ ନାହିଁ । ଦେହରେ ଗହଣାର ଦେଖା ନାହିଁ । ଖଣ୍ଡେ ଅଧେ ବରାଦ ଦେଲେ ଅବା ହୁଅନ୍ତା ? ଖାଲି ଖାଲି ତ ସେ ଶାଶୁ ଘରକୁ ଯିବନି ?

ସୁଲୋଚନା ଓ ତା'ର ଭାଇ ଜିତେନ୍ଦ୍ରବାବୁ । ତାଙ୍କର ମସ୍ତବଡ଼ ଦୋକାନ । କଳ କବ୍‌ଜା, ଯନ୍ତ୍ରପାତି, ମଟର, ମଟର-ସାଇକେଲ୍, ରେଡ଼ିଓ ଆଉ କେତେ କ'ଣ । ସେମାନେ ପୁଣି ସହରର ନାମ ଜାଦା ଜମିଦାର ବ୍ରଜବାବୁଙ୍କ ପୁଅ, ଝିଅ । ତାଙ୍କର ଠଙ୍କା ପଇସା ଆଉ କୋଠା ବାଡ଼ି । ସହର କେବଳ ତାଙ୍କର ପାଇଁ । ବ୍ୟବସାୟ, ଯଶ ଆଉ ଯାହା କିଛି ସବୁ ତାଙ୍କର । ଜଗୁ ନିଜକୁ ଏସବୁ ସଙ୍ଗେ ତଉଲ କରୁଥିଲା ।

ସେ ବି ତ ପୁଣି କାଲିକି କାଲି ବଡ଼ ଦୋକାନଟିଏ ଦବ । ଦେଖାଯାଉ —

ଟେବୁଲ ଉପରେ କେଟିଲ୍‌ଟାକୁ ରଖିଦେଇ ଜଗୁ ଭଣ୍ଡାର ଘର ଭିତରକୁ ପଶି ଯାଇ ଗୁଡ଼ ପାଖର ସେ ଖୋପଟାକୁ ଅନେଇଲା । ରାଧିର ଲୁଗା ସନ୍ଧିରେ ସେ ଟିଣ ଡବାଟା ତାର ଥୁଆ ହୋଇଛି । ଟଙ୍କା ପନ୍ଦରଟା ହବ ସେଥିରେ ଜମିଲାଣି । ଆଉ ଏକ'ଶ ପଞ୍ଚାଅଶି—

ଜଗୁର ଆଖି ପାଇଲାନି । ଦେଖିଲା—ଘର କଣକୁ ବସିଛି ରାଧି । ଚାରିଆଡ଼ କଟି ମିଟିଆ ଅନ୍ଧାର । ଜଗୁ ଆଡ଼କୁ ତାର ନଜର ନାହିଁ । କାନ୍ଥ ଆଡ଼କୁ ମୁହଁ କରି ଜାକି ଜୁକି ହୋଇ ସେ ବସି ରହିଛି । ଜଗୁ, ଘରର ଆଲୁଅଟା ଜଳେଇ ଦେଲା ।

ଚମକିଲା ଭଳି ରାଧି ଅନେଇ ଦେଖେ ତ—ଜଗୁ ଆସି ତା ଆଗରେ ଠିଆହୋଇଛି ।

କଥା କ'ଣ—କଣ ହୋଇଛି ରାଧି ?

କିଛି ହେଲେ ସେ କହିଲା ନି ।

ସେଦିନ କେବଳ ରାଧି ଯୋଗୁ ହିଁ ସେ ଗାଁକୁ ଟଙ୍କା ପଠେଇ ପାରିଥିଲା । ଗାଁକୁ ଯିବା ପାଇଁ ମାଲିକ ଆଗୁଆ ଅନୁମତି ଦେଇ ସାରିଛନ୍ତି । କୃତଜ୍ଞତାରେ ପେଟ ତା'ର ପୂରି ଉଠିଥିଲା । ରାଧିର ଖୁବ୍ ନିକଟକୁ ଚାଲିଯାଇ ଜଗୁ ତା ହାତଟାକୁ ଧରି ପକେଇଲା —କି ଲୋ—ବସିଛୁ କାହିଁକି ? ହୋଇଛି କ'ଣ ?

ମୁହଁମାନ ହୋଇ ରାଧି ବସିଛି । ଅନଉନି । କଥା ବି କହୁନି ।

ତା' ମୁଣ୍ଡଟାକୁ ଉପରକୁ ଟେକିଦେଇ ଜଗୁ କହିଲା—କଥା କ'ଣ ରାଧି ? ଦେହକୁ ଲାଗି ଜଗୁ ତା ଆଗରେ ଯାଇ ବସି ପଡ଼ିଲା ।

ରାଧିର ବେକଟା ତଳକୁ ନଇଁ ପଡ଼ୁଛି । ଜଗୁର ବାଁ ହାତରେ ଟୋପେ ଗରମ ଲୁହ ଆସି ପଡ଼ିଗଲା ।

ଆରେ—ତୁ କାନ୍ଦୁଛୁ ? କଥା କଣ ?

ହୋଟେଲର ଗୃହକରଣୀ ରାଧି । ତା'ର ଗରମ ଲୁହ, ପୁଣି କାନ୍ଦ । ପିଠିରେ ତା'ର ହାତ ବୁଲେଇ ଆଣିଲା ଜଗୁ । କଣ୍ଠ ତା'ର ଦଦରା ଶୁଭୁଛି ।

ରାଧିର କୋହ ଉଠିଛି । ଦେହସାରା କମ୍ପୁଛି । ଜଗୁର କୋଳ ଭିତରେ ମୁହଁଟାକୁ ସେ ପୋତି ରଖିଛି । ପେଟ ପୂରେଇ କାନ୍ଦିବାର ଅବକାଶ ନାହିଁ । କିଏ ଯେବେ ଘର ଭିତରକୁ ପଶିଆସେ ?

ଏଠେଇ ବସି କାନ୍ଦୁଛୁ କାହିଁକି ରାଧି ? ମାଲିକ ଯେବେ ଆସି ଯାଆନ୍ତି ? ରାମି କି ମଧୁଆ ? ମାଲିକଙ୍କ ନାଁ ଶୁଣି ରାଧିର କାନ୍ଦ ବନ୍ଦ ହୋଇଗଲା । ଲୁହ ଶୁଖିଆସିଲା । ଓଜନିଆ କଥା ଓ ଗରୁଆ ମୁହଁ । ଝାଡ଼ି ଝୁଡ଼ି ହେଇ ଉଠି ପଡ଼ି ରାଧି ମୁରବି ସୁର୍ରେ କହିଲା—କୁଆଡ଼େ ଏ ଯାକେଁ ଯାଇଥିଲୁ ? ଦେଖିଲୁ, ରାମି, ମଧୁଆ ଆଉ ନାରଣ ଭାଇନା କେମିତି ନିଜ ନିଜ କାମରେ ଲାଗିଛନ୍ତି । ତୋର ଖାଲି ବୁଲା ଚାଲିଛି—

ଆଚ୍ଛା, ତୁ କାନ୍ଦୁଥିଲୁ କାହିଁକି ରାଧି ?

କିଛି ହେଲେ ସେ କହିଲାନି ।

ହଉ ତୁ ନ କହ । ମୁଁ କ'ଣ ସହଜେ ଛାଡ଼ି ଦଉଛି । ପରେ ସେ ବିଷୟ କଥାବାର୍ତ୍ତା ।

ଦୋକାନ ଭିତରକୁ ପଶି ଯାଉ ଯାଉ ଜଗୁ ଫେରିପଡ଼ି ଡାକିଲା—ରାଧି—

ମୁହଁ ଫେରେଇ ସେ କେବଳ ଅନେଇଲା । ପାଟିି ଫିଟେଇ ଜବାବ୍ ଦେଲା ନ ।

ମୁଁ ଆଠଟା ବେଳକୁ ଗୋଟେ ଆଡ଼େ ଯିବି । ତୁ ଦୋକାନରେ ଥିବୁ । ମାଲିକ ଆସିଗଲେ ଚଳେଇଦବୁ । ସେଆଡ଼ୁ ଆସିଲେ ତୋ ସାଙ୍ଗେ କଥାବାର୍ତ୍ତା ।

ରାଧି ମୁଣ୍ଡ ଟୁଙ୍ଗାରିଲା । ବଡ଼ େହବ ବାସନ ଜମା ହୋଇ ସାରିଲାଣି । ସେଗୁଡ଼ାକ ଚଞ୍ଚଳ ଚଞ୍ଚଳ ସଫା ନ କଲେ ଭୀଷଣ ଅସୁବିଧା । କଣ ବିକା ବି ବନ୍ଦ ହୋଇଯାଇପାରେ ।

ଜଗୁ ଏଥର ଆଉ ମିଛ କହିଲାନି । ରାମିକି ସଫା ସଫା ଜଣେଇଦେଲା—ସେଦିନ ଯୋଉ ହରି ବାବୁ ଆସିଥିଲେ ତାଙ୍କ ପାଖକୁ ଯିବାକୁ ସେ ବାହାରିଛି । ରାମିକି ଅନୁରୋଧ କଲା— ଦରକାର ପଡ଼ିଲେ କାମଟା ତା'ର ସେ ଚଳେଇଦବ ।

କାହିଁକି ବା ସେ ମନା କରିବ ? ଦୋକାନରେ କେହି କିଏ ନ ଥିଲା ବେଳେ ଜଗୁ ତ ପୁଣି ଦୋକାନ ଗୋଟାକର କାମ ଚଳେଇ ଦିଏ । ଦିନେ ଅଧେ ନୁହେଁ ? ହରିବାବୁ କହିବା ମୁତାବକ ଘନଆ ଘରକୁ ସବୁଦିନ ଅବା ସେ ଯିବ କେମିତି ?

ମନେ ମନେ ସେ ଠିକ୍ କଲା—ଆଜି ସେ ହରିବାବୁଙ୍କୁ ପଚାରିବ । ତଥାପି ମାଲିକଙ୍କ ମନ ଖରାପ ଯୋଗୁ ଏଇ କେତେଇ ଦିନ ଧରି ଦୋକାନକୁ ସେ ଆଉ ଆସୁ ନାହାନ୍ତି । ଆସିଲେ ବି ଘଣ୍ଟେ ଅଧଘଣ୍ଟେ ବସି ଚାଲିଯିବେ । ଅସୁବିଧା ବା କ'ଣ ଅଛି ?

ପୁରୀ ସହରର ପଶ୍ଚିମ ଦିଗରେ ଟାଉନ୍ ଯୋଉଠି ସରିଛି; କୋଡ଼ିଏ ପଚିଶଟା ଚାଳିଆ ବସ୍ତି ସେଇ ଯାଗାଟାର ନାଁ ହାଡ଼ିସାହି; ସାଇମୁଣ୍ଡରେ ଗୋଟେ ବର ଗଛ। ତା ତଳେ ଗୋଟେ ଟ୍ରେଟିଆ ଘରେ ହାଡ଼ି ଦିଅଁଙ୍କର ଆସ୍ଥାନ। ଦଶ ବାରଟା ହବ ଲମ୍ବା ଲମ୍ବା ବେତ ଆଉ ସିନ୍ଦୂର ବୋଳା ଗୁଡ଼ାଏ ସାଉଁଳିଆ ପଥର ସେ ଘରେ ଜମା ହୋଇଛି। କାହା କାହା ଘରୁ ଥାଳି, ଗିନା, ଥାଳିଆ ବା କାହାର ଘୁଷୁରି ଓ କୁକୁଡ଼ା ଇତ୍ୟାଦି ଟେକିଗଲେ ଦିଅଁଙ୍କ ଆଗରେ କାଳେଶୀ ବସେ ହୁଏ। ହାଡ଼ି ସାଇର ଗୋଟେ ମାଇପି, ବୟସ ଚାଳିଶ ପଞ୍ଚାଳିଶ ହବ, ତା' ଦେହରେ ଲାଗେ କାଳେଶୀ। ଖରା ନାହିଁ ତରା ନାହିଁ, ସାଇ ସାରା ବେତ ଧରି ସେ ନାଚେ। ଝୁଣା ଧୁଆଁ ତାର ହୁଏ ଖାଦ୍ୟ। ଯାହାର ଯାହା ମନସ୍କାମନା ସେହି ସମୟରେ କହିଲେ କାଳେଶୀ ତାକୁ ପୂରଣ କରେ। ଦଶ ବର୍ଷ ତଳେ, କାଳେଶୀ ଥରେ କହିଥିଲା—ଜାଗୁଳେଇଙ୍କଠୁ ସେ ଖବର ପାଇଛି ସାଇଟା ମୂଳ ପୋଛ ହେଇଯିବ। ସତକୁ ସତ ଦଶ ବାରଜଣ ହବ ଗଛ କାଟିଲା ଭଳି ଦିନ ଦି'ଟା ଭିତରେ ଝାଡ଼ା ବାନ୍ତିରେ ମରିଗଲେ। ପଥର ଉପରେ ଦୁଧ କଦଳୀ ଢଳାହେଲା। କୁକୁଡ଼ା ବି ବଳି ପଡ଼ିଲା। ସାଇରେ ବ୍ଲିଚିଂ ପାଉଡର କୁଢ଼ କୁଢ଼ ହୋଇ ଜମା ହେଲା। ଲୋକେ ଆସି ଘରେ ଘରେ ଇଂଜେକ୍‌ସନ ଫୋଡ଼ି ଦେଇ ଗଲେ। କିନ୍ତୁ ହାଡ଼ି ସାଇର ଶନିଆ, ବୁଧିଆ ଓ ମଙ୍ଗୁଳିଆ ପ୍ରଭୃତି ବୁଢ଼ା ବୁଢ଼ାମାନଙ୍କ ମତରେ କାଳେଶୀ ଖୁସି ହେଇଗଲା କୁକୁଡ଼ା ରକ୍ତରେ। ତାକୁ ଏ ପାଉଡର ଆଉ ଫୋଡ଼ାଫୋଡ଼ି ବା କ ଗୁର।

ହାଡ଼ିସାଇର ବରଗଛ ମୂଳରୁ ଧାଡ଼ି ହୋଇ ଠିଆ ହୋଇଛି ପଚିଶ ତିରିଶଟା ହବ ଘର। ସବୁ ଦୁଆର ମୁହଁରେ ଥୁଆ, ଗୋଟେ ଗୋଟେ ବଡ଼ ଟିଣ ଡବା। ଝାଡ଼ୁ, ଟୋକେଇ, କାହା

ନଂ..........
ତା..........

କାହା ଦୁଆରେ ବାଲ୍‌ଟି ଗୋଟେ ଗୋଟେ ଥୁଆ ହୋଇଛି । ସାଇର ବଡ଼ାହୁଡ଼ା ଅବଡ଼ାହୁଡ଼ା ଟୋକୀ ବୁଢ଼ୀ ଯେତେକ ସ୍ତ୍ରୀ ରାତି ପାଉ ନ ପାଉ ଟିଣ ଡବାଟିମାନ ଧରି ଟାଉନ ଭିତରକୁ ଯାଆନ୍ତି । ହାଣ୍ଡି ଆଉ ଡଙ୍କାଟିଏ ଧରି ମଇଳା ସବୁ ଆଣି ଟିଣ ଭିତରେ ଜମେଇବା ହେଲା ତାଙ୍କର କାମ । ବଳଦ ଗାଡ଼ିରେ ବା ବେଳେ ବେଳେ ମଟରରେ ମଇଳାଗୁଡ଼ାକ ଏକାଠି ହୋଇ ହାଡ଼ି ସାଇର ପ୍ରାୟ ଶହେ ହାତ ଦୂରରେ ଗୋଟେ ଗାତ ଖୋଳା ହୋଇ ସେଥିରେ ପୋତାଯାଏ । ସାରା ସହରର ଯେତେ ନଳା ପାଣି, ମେହେନ୍ତରମାନେ ତାକୁ ଗାଡ଼ିରେ ବୋହି ଆଣି ତାଙ୍କର ସାଇର ଗୋଟେ ଅଲଗା ସ୍ଥାନରେ ନେଇ ଅଜାଡ଼ନ୍ତି । ଅଳଆଯାକ ଆସି ତାଙ୍କର ସାଇ ପାଖରେ କୁଢ଼ା ହୁଏ । ପଚି ଅଳଆର ଗମୁରା ଗନ୍ଧ ହାଡ଼ି ସାଇର ପବନରେ ମିଶି ଚାରି ଦିଗକୁ ଖେଦିଯାଏ । ଯେ କୌଣସି ଲୋକ ଗଲା ଆଇଲା ବେଳେ ନାକରେ ଲୁଗା ନ ଦେଇ ସେ ବାଟେ ଆସି ପାରିବନି । କିନ୍ତୁ ମେହେନ୍ତର ମେହେନ୍ତାଣୀଙ୍କ ପାଖରେ ସେ ଗନ୍ଧ କିଛି ନୁହେଁ । ସେଇଥିରେ ତାଙ୍କର ଜନ୍ମ । ମଇଳା ଭିତରେ ତାଙ୍କର ଜୀବନ । ନିତିଦିନିଆ କାରବାର ।

ଆଠଟା ସାଢ଼େ ଆଠଟା ବେଳକୁ ଜଗୁ ଆସି ଧନିଆ ଘରେ ହାଜର । ହରିବାବୁ କହିଛନ୍ତି—ସେଇଠି ପଡ଼ାପଡ଼ି ହବ । ଖାଲି ସିଏ ନୁହେଁ, କେତେ ଲୋକ ବି ଆସି ଜମିବେ । ହାଡ଼ି ସାଇକି ଯାଉଛି ବୋଲି ସେ ରାମି ଆଗରେ କହିନି । ମାଲିକଙ୍କ କାନକୁ ଯେବେ ଏ କଥା ଯାଏ ଦାନାପାଣି ତା'ର ଉଠିଯିବ ! କିନ୍ତୁ କଣ କରାଯାଏ ? ଦୋକାନରେ ରହି ପାଠପଢ଼ା କଅଣ ସେ କରିପାରିବ ନ ?

ଜଗୁ ପିନ୍ଧିଛି ହାଫ୍ ପ୍ୟାଣ୍ଟ ଓ ସାର୍ଟ ଖଣ୍ଡେ । ଏ ଦି'ଟା କ'ଣ ଛୁଆଁ ହୋଇଯିବ ? ହାଡ଼ି ସାଇଆଡ଼େ ସେ ଚାଲିଛି । ତା

ମନ ଭିତରେ ସେତେବେଳେ ସାଲୁ ବାଲୁ ହଉଥିଲେ—କୁଡ଼ କୁଡ଼ କୁସଂସ୍କାରର ସାଙ୍ଗାଣୁ ।

ଛୁଆଁ ଅଛୁଆଁ ଭାବଲେ ସେ ପୁଣି ପାଠ ପଢ଼ିବ କେମିତି ? ସେଦିନ ହରିବାବୁଙ୍କ କଥା ଜଗୁର ମନେ ପଡ଼ିଗଲା । ହାଡ଼ି ବାଉରୀ ବ୍ରାହ୍ମଣ କରଣ ଦେଶୀ ବଳଣ୍ଡି ସମସ୍ତେ ଏକା ସମାନ । ସମସ୍ତଙ୍କ ଦେହରେ ଥିବା ରକ୍ତର ବର୍ଣ୍ଣ ଲାଲ୍ । ଛୁଇଁଦେଲେ ମାରି ହୋଇ ଯାଏନି । ଏଗୁଡ଼ାକ ନିହାତି ବାଜେ କଥା ।

ଦୋକାନରୁ ଏକମୁହାଁ ହୋଇ ଜଗୁ ଚାଲିଛି । ଘନଆ ଘରୁଟା ସେ ଆଗରୁ ଦେଖି ନ ଥିଲା । ପଚାରି ବୁଝି ନେଲା । କାହାକୁ କିଛି ନ କହି ସିଧା ସିଧା ଘର ଭିତରକୁ ସେ ପଶିଗଲା ।

ଗୋଟିଏ ଲଣ୍ଠନ ଚାରି ପାଖେ ଛ'ସାତ ଜଣ ଲୋକେ ଏକାଠି ହୋଇ ବସିଥାଆନ୍ତି । ହରିବାବୁ କେତେ କ'ଣ କହି ଲାଗିଥାଆନ୍ତି, ଜଗୁ ହରି ବାବୁଙ୍କୁ ଆଗ ନମସ୍କାର କଲା ।

ବହିଗୁଡ଼ାକ ତ ସେ ଆଣିନାହିଁ ।

ଭଣ୍ଡାର ଘରେ ଥିବା ତା'ର ଭଙ୍ଗା ସୁଟ୍‌କେଶରେ ପଡ଼ି ରହିଛି ତାର ଏଭେରେଷ୍ଟ ଶିଡ଼ର, ମଞ୍ଜୁଳ ସାହିତ୍ୟ ଓ ଗଣିତ ସୋପାନ । ଭଙ୍ଗା ସୁଟକେଶ୍‌ଟା ତା ଚୁଲିଟା ପାଖରେ ଆସି ଝୁଲୁଥିଲା ।

ଜଗୁର ପୁଣି ଦୋକାନ କଥା । ଚାକିରି କଣ ସେ କରିବ ? ଉତ୍ସୁକ ହେବାର କାରଣ ହରିବାବୁ ଆଗତୁରା କହିଦେଲେ ।

ସମସ୍ତଙ୍କ ପାଖରେ ଜଗୁ ବସି ରହିଲା ।

ଏଇ ଦେଖନ୍ତୁ—ଚାକିରି ଜଗୁ, ପାଠ ପଢ଼ିବା ପାଇଁ କେତେ ତା'ର ଇଚ୍ଛା ? ଯାହାର ଆଙ୍ଗୁଠି ଅଛି ତାର ମୁଦି ନାହିଁ, ଯାହାର ମୁଦି ଅଛି ତାର ଆଙ୍ଗୁଠି ନାହିଁ । ପାଠ ପଢ଼ିବାକୁ ସୁବିଧା ସୁଯୋଗ

ପାଇଥିଲେ ସେ ବଡ଼ ମଣିଷ ହୋଇପାରିଥାଆନ୍ତା । ଖାଲି ଜଗୁ ନୁହେଁ । ସୁବିଧା ସୁଯୋଗ ଟିକିଏ ମିଳିଲେ ସମସ୍ତେ ବି ଉନ୍ନତି କରି-ପାରିବେ ।

ଜଗୁ ଅଣନିଶ୍ୱାସୀ ହୋଇ କା'ନ ଡେରିଛି । ଶାମିଆ ବାଞ୍ଛାନିଧିକ ଗୁଣ୍ଡ଼ ଆଉ ଗୃର ପାଞ୍ଚଜଣ । ଜଗୁ ସେମାନଙ୍କୁ ଚିହ୍ନିନି । ଲୁଗାପଟା ମଇଳା ଆଉ ଚିରା । ଦେହ ମୁଣ୍ଡ କଳା ସାଲୁବାଲୁ ।

—ବୁଝିଲେ ଭାଇମାନେ, ପାଠପଢ଼ା କେବଳ ସ୍କୁଲ କଲେଜରେ ପଢ଼ିଲେ ହେଇଯାଏ ନି । ବଢ଼େଇ କାଠରେ ସୁନ୍ଦର ସୁନ୍ଦର ଜିନିଷ ତିଆରି କରିପାରେ, ପଥୁରିଆ ନିହାଣ ମୁନରେ ଭାଷା ଫୁଟାଏ, ପାଲୁଣି ନାଲି ନେଳି ବାଉଁଶ ପାତିଆ ଦେଇ କୁଲେଇ ଭୋଗେଇ ତିଆରିକରେ, ଜଳଖିଆ ଦୋକାନୀ ଭଲ ଭଲ ଜଳଖିଆ ତିଆରିକରେ । ସମସ୍ତଙ୍କୁ ଅଶିକ୍ଷିତ ବୋଲି ଆମେ କହିପାରିବା ନି । ନିଜ ନିଜର କାର୍ଯ୍ୟରେ ସମସ୍ତଙ୍କର ପାଣ୍ଡିତ୍ୟ ରହିଛି । ଲୁହା କାରଖାନାର ଗୋଟେ ମଜଦୁର୍ ଘଣ୍ଟାକ ମଧ୍ୟରେ ସବୁଠୁ ବେଶି ଲୁହା ତରଳେଇ ଦେବାକୁ ସମର୍ଥ ହୋଇପାରିଲା । ଅନ୍ୟମାନଙ୍କଠୁ ସେ ବଳିଗଲା । ରେକର୍ଡ଼ ବ୍ରେକ୍ କଲା । ସ୍କୁଲ କଲେଜ ନ ଯାଇଥିଲେ ବି ଅନ୍ୟମାନଙ୍କୁ ସେ ଶିକ୍ଷା ଦେଇପାରିବ । ଅନ୍ୟ ଦେଶରେ ସେଇ ଲୋକମାନଙ୍କୁ ରାଷ୍ଟ୍ରର ଶ୍ରେଷ୍ଠ ସମ୍ମାନ ଦିଆଯାଇଥାଏ ।

କିନ୍ତୁ ଆମର ଏଠେଇ ହଉଛି କ'ଣ ? ଯିଏ ଜନ୍ମରେ ଧାନ କିଆରୀ ପାଖ ମାଡ଼ି ନ ଥିବେ ସେ ହେଉଛନ୍ତି କୃଷି ବିଶେଷଜ୍ଞ ଓ ସେ ବିଭାଗର କର୍ମକର୍ତ୍ତା ।

ସମସ୍ତେ ହରି ବାବୁଙ୍କ ମୁହଁକୁ ଅନେଇଥାନ୍ତି । ଲଣ୍ଠନଟା କଳା ପଡ଼ି ଆସିଲାଣି । ଧନିଆ ସେଇଟାକୁ ଅଳ୍ପ ତେଜ ଦେବାକୁ ଚେଷ୍ଟା କଲା । ବତିଟା ଉପରକୁ ଉଠୁନି କି ତଳକୁ ଯାଉନି ।

ବାହାରେ ପବନ ପିଟୁଛି । ଗୃଳରେ ଟିପିଟିପିକିଟେ ସାହା ଧରୁଛି ।
ଘନଆ ଛଡ଼ା ଘରର ସମସ୍ତେ ଶୋଇ ସାରିଲେଣି । ହାଡ଼ ସାଇ
ଶୁନ୍ ଶାନ୍ ।

ଏଗାରଟା ବାଜିଲାଣି ।

ଅଳ୍ପ ସମୟ ତୁନି ରହି ହରିବାବୁ ପଚାରିଲେ—ହଉ, ଆଜି
ସେତିକି ହେଇଥାଉ । କାଲି ଆସିଲେ ମୁଁ କହିବି ଇତିହାସ କଥା ।

ସବୁଦିନ ତ ମୁଁ ଆଠଟା ବେଳକୁ ଆସି ପାରିବିନି—ଜଗୁ
ପଚାରିଲା ।

—ତୋ ପାଇଁ ଅନ୍ୟ ବ୍ୟବସ୍ଥା କରିବା । ଦଶଟା ପରେ
ହେଲେ—

ଜଗୁ ସମ୍ମତି ଜଣେଇଲା ।

—ଆପଣ କ'ଣ ଶୋଇବେ ନି ? ଧନଯାକ ଖଟି ଖଟି ଶୋଇବ
ତ ଟିକିଏ ଦରକାର ।

.—ବୁଝୁଛି—କିନ୍ତୁ ଉପାୟ କ'ଣ ? ଜଗୁ ଏଥର ଦଶଟା ପରେ
ଆମ ମେସ୍ ଆଡ଼େ ଆସିବୁ ।

ହଉ—

ସମସ୍ତେ ଗୋଟି ଗୋଟି ହୋଇ ଯେଝା ଘର ଆଡ଼େ ଗଲେ ।
କୁକୁରଟା ଭୁକି ଉଠୁ ଉଠୁ ଘନିଆକୁ ଦେଖି ବନ୍ଦ ରହିଲା । ସାଇରୁ
ଗହଳି ଭାଙ୍ଗିଗଲା ।

ଘନଆର ବୁଢ଼ୀ ବୋଉ ବାଡ଼ିଟିଏ ଠୁକୁରୁ ଠୁକୁରୁ କରି ଘର
ଆଡ଼େ ମୁହାଁଇଥିଲା । ହରିବାବୁଙ୍କୁ ଦେଖି ମନେ ମନେ ସେ କହି
ଗଲା—କାଇଁକି ପୁଅ ସଦାବେଳେ ଏଗୁଡ଼ାକ ସାଙ୍ଗେ ଲାଗିଛୁ ।
ଏମାନେ କ'ଣ କେବେ ହେଲେ ବାଟକୁ ଆସି ପାରିବେ ? ଘନଆ
ବୋଉ ହରିବାବୁଙ୍କୁ ପୁଅ ପୁଅ ବୋଲି ସମ୍ବୋଧନ କରେ ।

ବୁଢ଼ୀ କଥାରେ ହରିବାବୁ ସବୁଦିନ ଟିକିଏ ହସି ଦିଅନ୍ତି ।

ଯେ ଯାହା ଘରଆଡ଼େ ଚାଲିଲେ । ଜଗୁ ଚାଲିଲା ଦୋକାନ ଆଡ଼େ । ଆସି ଏଗାରଟା ପାଖାଆଖି ହେଲାଣି ।

ତା ଆରଦିନ ସକାଳେ—ନ'ଟା ବାଜିବ । ଏକ୍ସପ୍ରେସ ଗାଡ଼ି ଘଣ୍ଟେ ହେଲା ଲାଗି ସାରିଲାଣି । ପୁରୀ ଷ୍ଟେସନରେ ଆଜି ଭୀଷଣ ଭିଡ଼ । ପିମ୍ପୁଡ଼ି ଗଳିବାର ବାଟ ନାହିଁ । ମାରୁଆଡ଼ି ଯାତ୍ରୀ ଧାଡ଼ି ଲାଗିଛନ୍ତି । ଯେଉଁ ଗୁମାସ୍ତାମାନେ ଯାତ୍ରୀମାନଙ୍କୁ ସାଙ୍ଗରେ ଧରି ଆସିଛନ୍ତି ସେମାନଙ୍କଠୁ ଶୁଣାଯାଉଛି—ଖୋର୍ଦ୍ଧା ରୋଡ଼, କଟକ ଓ ଅନ୍ୟାନ୍ୟ ବଡ଼ ବଡ଼ ଷ୍ଟେସନରେ ଅସୁମାରି ଯାତ୍ରୀ ଜମା ହୋଇ-ଛନ୍ତି । ଗାଡ଼ିରେ ଟିକଟ୍ ମିଳୁନି । ଲୋକଗୁଡ଼ାକ ଡବା ଭିତରେ ଠିକ୍ ଚାଉଳ ଅଖା ଭଳି ଯନ୍ତା ଯନ୍ତ ହୋଇ ଆସୁଛନ୍ତି । ଦୁଆର ଝରକା ଧରି ଜୀବନକୁ ପାଣି ଛଡ଼େଇ ଶହ ଶହ ଲୋକ ଚାଲି ଆସୁ-ଥିବାର ଦେଖାଯାଉଛି । ଲୁଚେଇ ଚୋରେଇ ଯେତେ ଚେଷ୍ଟା କଲେ ବି ଟିକେଟ୍ ମିଳୁନି । ପୁରୀକୁ ଆଉ ଦି' ଚାରିଟା ସ୍ପେସାଲ ଟ୍ରେନ ଆସିବ ।

ମାରୁଆଡ଼ି ଯାତ୍ରୀ ଖାଲି ପିଠା ସୁନା ଆଣି କୁଢ଼େଇ ଦେବେ । ଟଙ୍କା ପଇସା ତ ପଛକଥା, ଟାଉନର ଯେତକ ପଣ୍ଡା, କିଏ ଆପେ ଯାଇ, କିଏ ଗୁମାସ୍ତା ପଠେଇ ଗାଡ଼ି ପାଖରେ ଯାଇ ହାଜର । ଖାତାପତ୍ର ସବୁ କିଏ ଶଗଡ଼ ଗାଡ଼ିରେ, କିଏ ରିକ୍ସାରେ, କିଏ ବା କାଖରେ ଜାକି ଯାଇଛନ୍ତି । ଯାତ୍ରୀମାନଙ୍କର ବାପା, ଜେଜେ ବାପାଙ୍କର ନାଁ – ଗାଁ —ସେଥିରେ ଲିପିବଦ୍ଧ ରହିଛି । ସେମାନଙ୍କୁ ଯେ କୌଣସି ଉପାୟରେ ମନେଇପାରିଲେ ହେଲା ।

ଠିକ୍ ଶାଗୁଣା ଭଳି ଭିଡ଼ା ଓଟରା । ପଣ୍ଡେ ବଡ଼ଲୋକ ଯାତ୍ରୀ ମିଳିଲେ ତ, ଦେଖ ପାଟି ଭୁତ୍ରା, କଳି ତକରାଳ ଆଉ ଖାଉଥି । କିନ୍ତୁ ବଡ଼'ଲୋକ ଚିହ୍ନିବା ବଡ଼ କଷ୍ଟକର । ଯୋଉମାନେ ଭଲ ପୋଷାକ ପତ୍ର ପିନ୍ଧିଥାନ୍ତି ଆଉ ସମୁଦ୍ରକୂଳ ହୋଟେଲ ମାନଙ୍କରେ ରହିବାପାଇଁ ବରାଦ କରନ୍ତି ସେମାନଙ୍କଠୁ ପଇସା ମିଳେ କମ । ଯୋଉମାନେ ମଳିମୁଣ୍ଡିଆ, ଦେହରୁ ଗନ୍ଧ ବାହାରେ, ଗୁଡ଼ାଏ ବୁଜୁଲା କାଖରେ, ମୁଣ୍ଡରେ ଆଉ ହାତରେ ଧରି ବଡ଼ ଦାଣ୍ଡରେ ଗୀତ ବୋଲି ବୋଲି ଚାଲନ୍ତି, ସେଇମାନଙ୍କ ଅଣ୍ଟାରେ ବନ୍ଧାଥିବା ଗେରୁଆ କନା ମୁଣିରେ ଥାଏ ପିଠା ସୁନା ଆଉ ବଡ଼ା ବଡ଼ା ନୋଟ୍ । ଅଙ୍ଗେ ନିଭେଇଥିବା ଗୁମାସ୍ତାମାନେ କେବଳ ଏକଥା କହିପାରିବେ । ଖାଲି ସେତିକି ହେଲେ ଚଳିବନି । ଖୁବ ଜୋରରେ ପାଟିକରି ଦାଣ୍ଡ କମ୍ପେଇବାକୁ ପଡ଼ିବ । ଦେହରେ କଡ଼ାକର ବଳ ନ ଥିଲେ ବି ପହିଲମାନ୍ ଭଳି ଚାଲିବାକୁ ପଡ଼ିବ । ମୋଟ ଉପରେ ସତ ହଉ କି ମିଛ ହଉ ନିଜକଥା ସାବ୍ୟସ୍ତ କରି ନ ପାରିଲେ ଯାତ୍ରୀଙ୍କୁ ମନେଇପାରିବା ବଡ଼ ମୁସ୍କିଲ । ବେଳେ ବେଳେ ଅନେକଗୁଡ଼େ ଭୁକ ଭୁକ ଛୋଟି ପଡ଼ିଗଲେ କଥାବାର୍ତ୍ତା ଆଉ ପାଟିରେ ଚାଲେନି । ହାତର ଦର୍କାର ପଡ଼େ । ତେଣୁ କୁସ୍ତିବାଲା, ଜୋରଦାର୍ ଗୁମାସ୍ତା ଗଣ୍ଡେ ଦଗଣ୍ଡା ହବ ପୋଷି ନ ପାରିଲେ ଯାତ୍ରୀ ବ୍ୟବସାୟ ଚଳିପାରିବା ମୁସ୍କିଲ ।

ଜଗୁ ଦୋକାନରେ ଚା' ବନଉଛି । ଗରାକ ବେଶି ଦେଖା ନାହାନ୍ତି । ପଣ୍ଡେ ହବ ଗାଉଁ ଗୁମାସ୍ତା ଦୋକାନ ଭିତରକୁ ପଶିଆସି ଚା' କପେ କପେ ପାଇଁ ବରାଦ ଦେଲେ । ଚା ବନଉ ବନଉ ଜଗୁ ଲକ୍ଷ୍ୟ କରୁଥିଲା—

ସିଂହଦ୍ୱାର ସାମ୍ନାରେ ଲଗିଛି ଗୋଟେ ବରାଟ ହଲା । ଯାତ୍ରୀ ଚାରି ପାଞ୍ଚଜଣ ହେବେ; ମଳି ମୁଣ୍ଡିଆ ଆଉ ନିହାତି ଅପରିଷ୍କାର

ଯାତ୍ରୀ କେଇଜଣ । ତାଙ୍କୁ ଘେରିଛନ୍ତି ତିରିଶ ଚାଳିଶ ଜଣ ହବ ଗୁମାସ୍ତା । ପଣ୍ଡା କେତେ ଜଣ ଛତା ଖଣ୍ଡେ ଖଣ୍ଡେ ଟାଣି ଦୁରରେ ଠିଆ ହୋଇଛନ୍ତି ।

ସମସ୍ତଙ୍କ ଭିତରେ ଚାଲିଛି ବାକ୍ ବିତଣ୍ଡା । କିଏ ଯାତ୍ରୀର ସାତ ପୁରୁଷ ଲୋକଙ୍କର ଟିପଚିହ୍ନ ଦସ୍ତଖତ ଖାତାରୁ କାଢ଼ି ଦେଖଉଛି ତ କିଏ ତା ନାଁ—ଗାଁ ସବୁ କହିଯାଉଛି । ଯାତ୍ରୀର ଗାଁ ପାଖରେ ଥିବା ଶହେ ଖଣ୍ଡ ହବ ଗାଁର ନା ବି ଅନର୍ଗଳ ତା ପାଟିରୁ ବାହାରିଆସୁଛି । ଖାଲି ଗାଁ ନୁହେଁ ସେ ଅଞ୍ଚଳର କେତେ କେତେ ମୁଖିଆ ମୁଖିଆ ଲୋକଙ୍କୁ ବି ସେ ଜାଣେ । ନିଜେ ଯାତ୍ରୀ ବି ଏସବୁ ଜାଣି ନଥିବ । ବେଳେ ବେଳେ ସେମାନେ ଆବାକାବା ହୋଇ ଯାଆନ୍ତି । ତା ଛଡ଼ା ଏପରି କୌଣସି ଭାଷା ନାହିଁ, ଯୋଉଁଥିରେ ଏ ଗୁମାସ୍ତାମାନେ ବାଟୁଲି ବାଜିଲା ଭଳି କହି ନ ପିବେ । ବଙ୍ଗଳା କହିଲା ବେଳେ ଏମାନେ ଖାଣ୍ଟି ବଙ୍ଗାଳୀ; ତେଲୁଗୁ; ତାମିଲ ଆଉ ମାଲୟାଲି ଇତ୍ୟାଦି କହିଲା ବେଳେ ଏମାନେ ଓଡ଼ିଆ ଲୋକ ବୋଲି ଠଉରେଇ ପାରିବା ମୁସ୍କିଲ୍ । ମାରୁଆଡ଼ି, କଚ୍ଛି ଓ ପଶ୍ଚିମା ଯାତ୍ରୀଙ୍କର ବେଶଭୂଷା ସାଙ୍ଗେରେ ବି ଏମାନେ ଅନେକ ସମୟରେ ମିଳିଯାଆନ୍ତି ।

ଗରାକମାନଙ୍କୁ ଯୁାଭିତରେ ସେ ଗୁ' ଦେଇ ସାରିଲାଣି । ଜଗୁ ଅନେଇଛି—ଆଉ ଜଣେ ଆକାଶ ଫଟେଇ ପାଟି କରୁଛି— ଯାତ୍ରୀ କ କଲିକତାରୁ ସେ ମନେଇକରି ଆଣିଛି, "ଦେଖାଯାଉ ଯାତ୍ରୀ ମଙ୍ଗୁଛି କାହାକୁ ? ତୁମ ଖାତାକୁ ନା ମୋତେ ?

ଖାତାରେ ଯାହାର ନା ଅଛି, ଆଉ ଲୋକଟାକୁ ସେ ଟଙ୍କା କଟି ଜାଚ ସାରିଲାଣି । ଏତେ କଷ୍ଟରେ ସେ କଲିକତାରୁ ମଙ୍ଗେଇ କରି ଆଣିଛି । ପିଏ ଯାହା କହିଲେ ବି ସେ ନଛୋଡ଼୍‌ବନ୍ଧା ।

ଜଗୁ ଲକ୍ଷ୍ୟ କରୁଛି—

ଟିଗୋଟିଏ ବିଶାଳକାୟ ଲୋକ । ପିନ୍ଧିଛି ପାତଳା ଧଳା କନାର ପଞ୍ଜାବି, ବେକରେ ଗୋଟିଏ ପଦକ, କପାଳରେ ସିନ୍ଦୂର ଟୋପା । ପାଞ୍ଚହାତ ଲମ୍ବର ତେଲରେ ପାଚିଥିବା ଗୋଟିଏ ଠେଙ୍ଗା-ଧରି ସେଇ ଲୋକ ଗହଳି ଭିତରେ ଆସି ସେ ପଶିଗଲା । ତାକୁ ଦେଖି ଲୋକେ ଥାଟଖାଇଗଲେ । କେତେ କି ଗହଳି ଭାଙ୍ଗି ଫେରିବାକୁ ଆରମ୍ଭ କରିଦେଲେ । ଯାହା ଖାତାରେ ଯାତ୍ରୀର ନାଁ ଅଛି ତା ଜିମା ସେ ଯାତ୍ରୀମାନଙ୍କୁ ଦେଇଦେଲା । ଯିଏ କଷ୍ଟ ସ୍ୱୀକାର କରି କଲିକତାରୁ ସେମାନଙ୍କୁ ମଟାଇ କରି ଆଣିଥିଲା ସେ ପାଇଲା ପରୁଣି । ଯାତ୍ରୀ ପ୍ରକୃତରେ ଯାହାର ତା'ଠୁ ଆପେ ଟଙ୍କା ପଚାଶଟା ବି ସେ ପକେଇଦେଲା । ଟଙ୍କା ପଇସା ଦିବା ନିବା ଜଗୁ ଦେଖିନି, ଶୁଣିଛି । କିନ୍ତୁ ସେ ଲୋକଟା ଆସିଲା ପରେ ଯିଏ ଯୁଆଡ଼େ ଚାଲିଗଲେ । ଗହଳି ଭାଙ୍ଗିଗଲା ।

ଯୋଉ ଗୁମାସ୍ତାମାନେ ଦୋକାନକୁ ଚା ଖାଇବାକୁ ଆସିଥିଲେ, ଜଗୁ ସେମାନଙ୍କଠୁ ବୁଝିଲା—ସେ ଲୋକଟା ନାଁ କାଶୀ ଦଳେଇ । ଦି' ବାହୁରେ ତା'ର ସିଂହର ବଳ । ଗୋଟିଏ ବିଧାରେ ବଡ଼ ବଡ଼ କାନ୍ଥ ବି ଭୁଷୁଡ଼ି ପଡ଼ିବ । ଗୋଡ଼ ପେଣ୍ଡା, ବାହା, ଛାତି ଓ ଦେହସାରା ତା'ର ଖୁନ୍ଦା ଦେଲା ଭଳି ।

ଆଶ୍ୱସ୍ତ ହେଲା ଜଗୁ । ଯାତ୍ରୀଗୁଡ଼ାକ ବିଚାରା ରକ୍ଷା ପାଇ-ଗଲେ । ଜଗନ୍ନାଥ ଦର୍ଶନ କରିବାକୁ ଆସି ଏତିକି ହଇରାଣ । ଠିକ ଗାଈ ବଳଦ ମୂଲ ହେଲା ଭଳି । ନାରଣ ଭାଇନା କହିଲା—ଏଇ କାଶୀ ଦଳେଇ ଆଗ ଆମ ମାଲିକଙ୍କ ପାଖରେ ଥିଲା । ଏବେ ଜିତେନ୍ଦ୍ର ବାବୁଙ୍କ ଦୋକାନରେ ଯାଇ ବସଉଠ କରୁଚି ।

ନାରଣ ଭାଇନା କହିଚାଲିଛି —

ବୁଝିଲୁ, ଜଗୁ, ଏଇ ଯୋଉ କାଶୀ ଦଳେଇ, ଟାଉନରେ ଇଆର ନା ଡାକ୍ । ଇଆର ବାପ ଅଜା ଟାଉନରେ ସ୍ଥାୟୀ ବାସିନ୍ଦା ନ ଥିଲେ । ବ୍ରହ୍ମଗିରି ଅଞ୍ଚଳର କୋଉ ଗୋଟେ ପଡ଼ା ଗାଁରେ ଇଆର ବାପ ସାତ ପୁରୁଷୀ ଘର । କିନ୍ତୁ ଗାଁ ସାଙ୍ଗେ ଯ୍ୟାଙ୍କର ଏବେ ଆଉ କିଛି ହେଲେ ସମ୍ପର୍କ ନାହିଁ । ସାଙ୍ଗିଆ ଦଳ ବେହେରା । ସମସ୍ତେ ଦଳେଇ, ଦଳେଇ ବୋଲି ଡାକନ୍ତି । ଥରେ ସେ ଅଞ୍ଚଳରେ ଲଗାଲଗି ହୋଇ ବଢ଼ି ଆଉ ମରୁଡ଼ି ଆସି ଗାଁ ଗାଁ ପଦା କରି ପକେଇଲା । କଇଁମୂଳ, ପାଣି ସାରୁ, କଳମ ଶାଗ, ମେଣ୍ଟି ପତର ଆଉ ବାର ପ୍ରକାର ଅଖାଦ୍ୟ ଖାଇ ଲୋକେ ମରିଗଲେ । ଝାଡ଼ା ବାନ୍ତିରେ ଗାଁକୁ ଗାଁ ପଦା ହୋଇଗଲା । ଗାଁରୁ ମରଦ ଯାକ ଚାଲିଲେ କାଳି-ମାଟି ଆଉ କଲିକତା । କେତେ ଲୋକ ଦାଣ୍ଡରେ ଭିକାରି ସାଜିଲେ । କେତେ କେତେ ଘରୁଆ ଲୋକ ବି ଗୋଡ଼ କାଢ଼ି ପଦାକୁ ବାହାରି ପଡ଼ିଲେ । ଚାରିଆଡ଼େ ହା-ହା-କାର ପଡ଼ିଗଲା ।

ଜଗୁ, ରାମି ଆଉ ମଧୁଆ ସମସ୍ତେ ତା ମୁହଁକୁ ଚାହିଁ ରହିଥାଆନ୍ତି । ରାଧି ଗୋଟେ ଖୁଣ୍ଟକୁ ଆଉଜି ଶୁଣୁଛି । ନାରଣ ଭାଇନା କହି ଚାଲିଛି—

କାହାଠୁ ଶୁଣିଛି ତା'ର ଠିକ୍ ମନେ ନାହିଁ; କିନ୍ତୁ ଏଇଟା ନିରାଟ ସତକଥା । ଏଇ କାଶୀ ଦଳେଇ ବାପ ହନା ଦଳବେହେରା ଶାଗ ମାଛ ମୂଲରେ ଜମି ବାଡ଼, ଘରଦ୍ୱାର ବିକି ପୁରୀକି ଉଠି ଆସିଲା । ପେଟ ତ ପୋଡ଼ି ଯାଉଛି ଆଉ କରିବ କ'ଣ ? ଶାଳ ଗଛ ଭଳି ଯୋଡ଼େ ଭେଣ୍ଡା ଭେଣ୍ଡା ପୁଅ ଝାଡ଼ା ବାନ୍ତିରେ ଠକ୍ ଠାକ୍ ମରିଗଲେ । ସେ ଘରେ ରହିବା ଆଉ ଉଚିତ ନୁହେଁ । କାଶୀକି ସେତେବେଳେ ଚାରି ପାଞ୍ଚ ବରଷ । ଠୁକୁରୁ ଠୁକୁରୁ ହୋଇ ଚାଲି ବୁଲି କରୁଥେ । ଜନମ ହେବାର ବର୍ଷକ ପରେ ତା'ର ମା' ମରି

ଯାଇଛି । ଦିନା ଦଳବେହେରା ଘରଦ୍ୱାର ଆଉ ଜମିବାଡ଼ି ସାଗ ମାଛ ମୂଲରେ ବିକି ଟଙ୍କା ପାଞ୍ଚଶ ହବ ଧରି ପୁଅଟିକି କାନ୍ଧରେ ବସେଇ ସହରକୁ ଉଠି ଆସିଲା । ନିଜର ବୋଲି ଶଗଡ଼ ଖଣ୍ଡିକ ଆଉ ବଳଦ ହଳେ । ଘରର ଯାବତୀୟ ଜିନିଷ ସେଥିରେ ଲଦା ଲଦି କରି ପୁରୀ ସହରରେ ସେ ଆସି ବସା ବାନ୍ଧିଲା ।

ଅଳ୍ପ ଦିନ ପରେ ବଡ଼ ଶସ୍ତାରେ ଜାଗା ଖଣ୍ଡେ ବି ପାଇଗଲା । ବିଖରେ ହବ ଢେର, ପାଞ୍ଚ ହାତ ଜାଗା । ଟଙ୍କା ତିନିଶହ ଭିତରେ ଜାଗାଟା ଖରିଦ୍ ହୋଇଗଲା । ଲୋକନାଥଙ୍କ ଆଡ଼କୁ ଗଲାବେଳେ ଯୋଉ ସିଧା ରାସ୍ତା ପଡ଼ିଛି ତାକୁ ଲାଗି ଗୋଟେ ଗ୍ଳେଟିଆ ଗଳିରେ ଦିନା ଦଳେଇର ଘର । ସେଇ ଦିନଠୁ ଶଗଡ଼ ଖଣ୍ଡିକରେ ଚାଳ ଛାଟିଟେ ପକେଇ ଦିନା ଦଳେଇ ଟାଉନ୍ ସାରା ବୁଲି ଭଡ଼ା ଶଗଡ଼ ବୋହିଲା । ମାଲ ଗୋଦାମରୁ ଜିନିଷ ଆଣି ବ୍ୟବସାୟୀମାନଙ୍କ ଦୋକାନରେ ପକେଇବା ହେଲା ତା'ର କାମ । ବାପପୁଅ ସୁଖରେ ଚଳିଲେ ।

କାଣିଆ ଗୋଟିଏ ବୋଲି ଯମ ଅଇଁଠା ଗେଲବସର ପୁଅ । ଦିନା ଦଳେଇ ଭାବିଥିଲା—ପୁଅଟାକୁ ସେ ପାଠ ପଢ଼େଇ ମଣିଷ କରିବ । ଆପେ ଶଗଡ଼ ବୋହିଲା ବୋଲି ପୁଅ ତା'ର କ'ଣ ଏଇଆ ଶିଖିବ ? ଦି ଦି'ଟା ପୁଅ ତାର ଗୁଳିଯାଇଛନ୍ତି । ଗୋଟିଏ ବୋଲି ପୁଅ କାଣିଆକୁ ସେ ବୋଝ ବୋହିବାକୁ ଛାଡ଼ିଦବ ?

କିନ୍ତୁ ଫଳହେଲା ଠିକ୍ ଓଲଟା । ବାପ ନିଜର ଜୀବିକା ଅର୍ଜନ କରିବା ପାଇଁ ଦିନସାରା ମୁଣ୍ଡଝାଳ ତୁଣ୍ଡରେ ମାରି ଯେତେବେଳେ ଟାଉନ୍ ସାରା ଶଗଡ଼ରେ ବୋଝ ବୁହେ, ପୁଅ ସେତେବେଳେ ଛତରା ପିଲାଙ୍କ ସଙ୍ଗେ ମାର୍ବଲ ଖେଳେ, ଖେଳରେ ପଇସା ଲଗାଏ, ଡାହୁପୁଆ ଖେଳେ, ଚକ୍ର ଉଡ଼ାଏ । ପିଲାଙ୍କ ସାଙ୍ଗରେ କଳି ଲଗେଇ

ଖଣ୍ଡିଆ ଖାଦେବା ହୁଏ । କୋଉ ଆଉ ଗୁଡ଼ାଏ ଅଭଦ୍ର ଭାଷା ଶିଖି ସମସ୍ତଙ୍କୁ ଗାଳିଦିଏ । କାହାକୁ କାହାକୁ ବେଳ ପଡ଼ିଲେ ନିର୍ଧୁମ ଛେଚେ ।

ଦିନସାରା ଖଟି ଖଟି ବାପ ଦିନା ଦଳେଇ ଆସି ଶୁଣେ— ପୁଅ କାହାକୁ ମାରିଛି ତ କାହାଠୁ ରକ୍ତ ବୁହାଇଛି । ସବୁଦିନ ଘରେ ପାଞ୍ଚଟା କଳିର ଇତିହାସ ସେ ଶୁଣିବାର କଥା । ଗୋଟିଏ ବୋଲି ପୁଅ କାଶି । ବାପର ହାତ ଉଠେନି । କଡ଼ମଡ଼ କରି ତାଆଡ଼କୁ ଅନାଏ । ଥରେ ଏମିତି ଗୋଟେ ବଡ଼ କଳି ଲାଗିଥିଲା । ବାପ ପୁଅକୁ ହାଗାଳଗା କରି ଛେଚିଲା । ତା ଆରଦିନ କାମରୁ ଆସି ଦିନା ଦଳେଇ ଦେଖେ ତ—ପୁଅ ଘରେ ନାହିଁ । କୋଉଆଡ଼େ ପଳେଇ ଯାଇଛି । ସାତଦିନ ଯାଏଁ ତାର ଭଡ଼ା ବନ୍ଦ । ବହୁତ କଷ୍ଟରେ ଖୋଜା ଖୋଜି କରି ପୁଅକୁ ବାହାର କଲା ଗୋଟେ ବଗିଚା ଭିତରୁ । ସେଇ ଦିନଠୁ ସେ ପୁଅକୁ ହାତ ଉଠାଏନି ।

କାଶିଆ କୁସ୍ତିକରେ । ବଲ କଷା କଷି ହୁଏ । ଦେହଟାରେ ଦୋସାରିଷ ତେଲ ମାଲିସ କରେ । ଭାଙ୍ଗ ଖାଏ । ଭୋଜନ ପକାଏ । ବାପ ଅର୍ଜନରେ ସେ ମଉଜ କରେ । ସେ ପହଲମାନ ହବ । ବଲ କଷା କଷିରେ ସମସ୍ତଙ୍କଠୁ ବଳିଯିବ । ଠେଙ୍ଗା ଖେଳ, ଛୁରୀ ଆଉ ଖଣ୍ଡା ବୁଲେଇବା, ବଡ଼ ବଡ଼ କାଠ ଗଦା ଟେକିବା ଆଉ ପ୍ରକାଣ୍ଡ ପ୍ରକାଣ୍ଡ ପଥର ସବୁ ଦୂରକୁ ଫୋପାଡ଼ି ଦେବା ସେ ଆପୃତ୍ତ କରେ । ଟାଉନ୍‌ରୁ ଗୋଟେ ପହଲମାନ ହୋଇ ବାହାରିବ କାଶି ଦଳେଇ ।

ଦିନା ଦଳେଇ ପୁଅର ଏସବୁ କର୍ମ ଦେଖେ । ଦେଖିକରି ନଦେଖେ ନା । ଆଖି ବୁଜିଦିଏ । କହିବ ବା କ'ଣ ? ବୋର୍ଦ୍ଧ ବୋହିବା ବାପର ପୁଅ ତ ଆଉ କେତେ ବାଟ ସେ ଆଗେଇବ ?

କାଶିଦଲେଇର ମାଂସ ପେଶୀରେ ଅସୀମ ବଳ । ଦେହ ସାରା ତା'ର ଖଣ୍ଡ ଖଣ୍ଡ ହୋଇଯାଇଛି । ତାକୁ ନଜର କରିବା ପାଇଁ ସମସ୍ତେ ଆଗ୍ରହ ପ୍ରକାଶ କରନ୍ତି । ଯେତେ ଦିନ ସିଏ ମହାପାତ୍ରଙ୍କ ପାଖରେ ଥିଲା, ଯାତ୍ରୀ ବ୍ୟବସାୟରୁ ମହାପାତ୍ରଙ୍କର ବେଶ୍ ଦି' ପଇସା ରୋଜଗାର ହଉଥିଲା । ତା'ପରେ ବୋଧହୁଏ ସେ ବେଶି ପଇସା ପାଇଲା—ସହରର ନାମଯାଦା ଯାତ୍ରୀ ବ୍ୟବସାୟୀ ବଳି ପଣ୍ଡାଙ୍କ ପାଖରୁ । ଯାହାଠୁ ବେଶି ପାଏ, କାଶିଦଲେଇ ତା'ର ହୁଏ । ମାଲିକ ଭାବେ—ତା'ର ଧନ ଜୀବନ ନିରାପଦ ।

ବାପକୁ ଆସି ସତୁରି ବର୍ଷ ହେଇଗଲାଣି । ବୁଢ଼ାର ଆଖି ଭାଙ୍ଗି ପଡ଼ୁଛି । ଆଖିକି ଦେଖାଯାଉ ନି । ପୁଅକୁ ବାହାକରି ଦବ ବୋଲି ଯେତେ କହିଲେ ବି ସେ ଶୁଣୁନି । କାଶି, ଘରଟାକୁ ଏବେ ଟିକିଏ ବାଟେଇ ସାରିଲାଣି । ଜିତେନ୍ଦ୍ରବାବୁଙ୍କ ଦୋକାନରେ ସେ ଏବେ ଅନେକ ସମୟରେ ଯାଇଁ ବସ ଉଠ କରେ । କହି ଚାଲିଛି—ନାରଣ ଭାଇନା, ସେ ବି ଅନେକ ଥର ଦେଖିଛି—ଜିତେନ୍ଦ୍ରବାବୁ ତାସଙ୍ଗେ ନିରୋଳାରେ କ'ଣ ଫୁସ୍ ଫାସ୍ ହୁଅନ୍ତି ।

ନାରଣ ଭାଇନା ଦୀର୍ଘ ଶ୍ୱାସଟାଏ ପକେଇ ଠିଆହେଲା । ସମସ୍ତେ ସିଏ ଯାହା କାମରେ ଲାଗିପଡ଼ିଲେ । ଦୋକାନରେ ଗରାଖ କାହା'ର ଦେଖା ନାହିଁ । ମାଲିକ ବି ଏବେ ଆଉ ଆସୁ ନାହାନ୍ତି ।

ସେଇ ଦିନ ଖରାବେଳେ ଦୋକାନର କାମଦାମ ସାରି ସମସ୍ତେ ସିଏ ଯାହାର ବିଶ୍ରାମ ନେଇଛନ୍ତି । ଜଗୁ ବେଞ୍ଚଟା ଉପରେ ବସି ଭାବି ଚାଲିଛି—

ଟଙ୍କା ଦ'ଶ ମିଳିଗଲେ ଆଗ ସେ ଦୋକାନଟେ ଦେବ । ଦ'ଶ ଟଙ୍କା ଅବା ପାଇବ କୁଆଡ଼ୁ ? ଦୋକାନ ସଉଦା କରିବାକୁ ଗଲାବେଳେ, ଟଙ୍କାଟିଏ ଭଙ୍ଗେଇଦେଲେ ଆଖି ପିଛୁଳାକେ କୋଉଆଡ଼େ ଯେ ସରିଯାଏ ଜାଣିପାରେନି । ଦି'ତିନିଖଣ୍ଡ ବେଞ୍ଚ ଚଉକି, କେଇହଳ କପ୍ ପିଆଲା ଓ ଚାମୁଚ କେତିଟିକି ତ ଟଙ୍କା ଅଣ୍ଟିବନି ? ନା— ଦୋକାନ ଦବା ସାଙ୍ଗେ ସାଙ୍ଗେ ଆଉ ଗୋଟେ ବ୍ୟବସାୟ ବି, ସେ ଚାଲୁ କରି ଦବ । ଅଳ୍ପ ଦାମରେ ଗୋଟେ ଗଞ୍ଜା ଓ ମାଈ କୁକୁଡ଼ା କେତେଟା ଆଣି ସେ ପୋଷିବ । ଦୋକାନରେ ତ ରଖି ହବନି । ଗୋଟେ ଭାଇ ସାଙ୍ଗେ କଥାବାର୍ତ୍ତା ହୋଇ ତାଙ୍କ ସାଇରେ ନେଇ ରଖିବ । ସବୁଦିନେ ସେମାନେ ଅଣ୍ଡାଦେବେ । ଅଣ୍ଡାବିକି ସେ ଟଙ୍କା ଜମେଇବ । କିଣିବ ଗୋଟେ ଛେଳି । ଛେଳି ମେଣ୍ଢା କରି ପଲେ ହୋଇଗଲେ ସେ ଗାଈ ରଖିବ । ପୁଞ୍ଜେ ପାଞ୍ଚଟା ହବ ଗାଈ ରଖି ଦେଲେ ବହୁତ ଆଛା । ନିଜେ ନ ଦେଖି ପାରିଲେ ଗୋଟେ ଚାକର ତା ପିଛୁ ରଖିଦବ । ଖାତ ଥିଲେ ଖାତୁଆ କ'ଣ ଅପୁରୁବ ହଉଛନ୍ତି ? ଦୁଧ ବିକି ଜଗୁ କୋଠା ବାଡ଼େଇବ । ଏଣେ ଦୋକାନ ବି ତା'ର ଚାଲିଥିବ । ସେଥିରେ ରେଡ଼ିଓ ବାଜୁଥିବ ଓ ଲମ୍ବା ଲମ୍ବା ଲାଇଟ୍ ଚାରିଆଡ଼େ ଝଲସି ଯାଉଥିବ ।

ଜଗୁର ଭ୍ରୂଲତା ଉପରେ ଭବିଷ୍ୟତର ମେଞ୍ଚା ମେଞ୍ଚା ବହଳା କୁହୁଡ଼ି । ଡରିଯିବା ପିଲା ସେ ନୁହେଁ । ପାଠ ସିନା ପଢ଼ି ପାରିଲାନି ବ୍ୟବସାୟ କଣ ହବନି ? ଦେଖାଯାଉ—

ଭାବନାରେ ଜଗୁ ଭାସି ଭାସି ଯାଉଛି । ଚଉକିଟାରେ ବସି ଆଗ ବେଞ୍ଚ ଉପରେ ତାର ଗୋଡ଼ଟେ ନେଇ ଥୋଇଛି । ଭଣ୍ଡାର ଘର ଝରକା ଦେଇ ତା'ଆଡ଼କୁ ଏକ୍ ଲୟରେ ଅନେଇଛି ରାଧି । ଜଗୁର ସେଆଡ଼େ ନଜର ନାହିଁ ।

ଜଗନ୍ନାଥ ନାୟକ ବୋଲି ଏଠେଇ କିଏ ଅଛି କି ? ପୋଷ୍ଟ ପିଅନ ଜଣେ ହସି ପଚାରିଲା ।

—କାହିଁ,ମୋ ନାଁ ତ ଜଗନ୍ନାଥ ନାୟକ, କଣ ଚିଠି ଆସିଛି ?

ଚିଠିଟା ଜଗୁ ପଢି ବସିଲା । ଗାଁରୁ ବୋଉ ଲେଖିଛି । ସରଅପାର ବାହାଘର ପୁଷମାସ ପଶନ୍ତ ପ୍ରଥମ ତିଥିରେ ହବ ବୋଲି ଠିକ୍ ହୋଇଛି । ନିବନ୍ଧ ସରିଲାଣି । ବୋଉ ମନକୁ ଜ୍ୱାଇଁଟି ବେଶ୍ ପାଇଛି । ଦଶମାଣ ଜମି, ଆଟ୍‌ଘର, ଶଗଡ଼ ବଳଦ ବି ଅଛି । ଦୋଅଡ଼ ପକ୍ଷ । ବରଷ ଦିଟା ଘର କରିଛି କି ନାହିଁ ଭାରିଜାଟା ଏଇ ଅଳ୍ପଦିନ ହେଲା ମରିଗଲା । ପିଲା ଝିଲା ନାହାନ୍ତି । ଜ୍ୱାଇଁକି ତିରିଶ ବର୍ଷ ଭିତରେ ହବ । ଗାଁ ନାଁ ନୂଆଗାଁ । ରଘୁନାଥପୁରଠୁ ବାଟ ତିନି ଚାରି ମାଇଲ । ଟଙ୍କା ପଇସା ଯୋଗାଡ଼ କରି ଅତି ଶୀଘ୍ର ଗାଁକୁ ଯିବାକୁ ବୋଉ ଲେଖିଛି । ବାହାଘର ଆଉ ସାତ ଆଠଦିନ ଅଛି ।

ଚିଠିଟାକୁ ଜଗୁ ଦି ତିନଥର ପଢ଼ି ସାରିଲାଣି । ସରଅପା ବାହାଘରଟା ବୋଉ ଠିକ୍ କରିଦେଇଛି । ଭଲ କଥା । ସେ ଅଡ଼ୁଆ କେମିତି ଶୀଘ୍ର ତୁଟିଯିବା ଦରକାର । ଦୋଅଡ଼ ପକ୍ଷ ବର ? ଜଗୁ ଅନୁଭବ କଲା—ତା ପେଟ ଭିତରଟା କେମିତି ଗୋଳେଇ ଘାଣ୍ଟି ହଉଛି ।

ଚାରିଆଡ଼କୁ ସେ ଅନେଇଲା । ପିଏ ଯାହାର ଶୋଇ ଯାଇଛନ୍ତି । କାଉ କୋଇଲିର ଦେଖା ନାହିଁ । ଝରକା ଭିତର ଦେଇ ଦେଖେ ତ — ଭଣ୍ଡାର ଘର ଭିତରେ ବସି ରାଧି ଗୋଟେ ଲୁଗା ସିଲେଇ କରୁଛି । ଚଉକିରୁ ଉଠି ସାଙ୍ଗେ ସାଙ୍ଗେ ଜଗୁ ରାଧି ପାଖକୁ ଚାଲିଗଲା ।

ଦେହ ପାଖକୁ ଦେହ ଲଗେଇ ସେ ବସିପଡ଼ିଲା । ଚିଠିଟାକୁ ଆଉ ଥରେ ଆମୂଳଚୂଳ ପଢ଼ିଗଲା ରାଧି ଆଗରେ ।

ସିଲେଇ କରୁଥିବା ଲୁଗାଟାକୁ ଥୋଇ ସେ ଜଗୁ ଆଡ଼କୁ ଅନେଇଛି । ଶଠି ପଡ଼ିବା ଅବସ୍ଥାରେ ରାଧି ଲକ୍ଷ୍ୟ କରିଛି — ଜଗୁର ଆଖି ଦିଠା ତେଜିସ୍ଥାନ ଦେଖାଯାଉଥିଲେ ବି ମୁହଁ ଉପରେ ଗୋଟେ ପାତଳା ପରଦା ସତେ ଅବା ଢଙ୍କା ହୋଇଛି ।

—କଣ କରିବି ? ରାଧି କହି ଚାଲିଛି — "ମୋର ତ ଆଉ ଏ ସବୁରେ ହାତ ନାହିଁ । ଆଗ କଥା ହୋଇଥିଲେ ଅବା ସେ କଥା ଦେଖାଯାଇ ଥାଆନ୍ତା । ରାଧି ଏକଆଖିଆ ହୋଇ ବାହାରକୁ ଅନେଇଛି । କିନ୍ତୁ ସତେ ଯେପରି କିଛି ହେଲେ ସେ ଦେଖି ପାରୁନି ।

— କଣ କହୁଛୁ ରାଧି — କାନ୍ଧଟାକୁ ତାର ହଲେଇଦେଇ ମୁହଁ ପାଖରେ ମୁହଁ ରଖି ଆସ୍ତେ କରି ଜଗୁ ପଚାରିଲା, କ'ଣ ହେଲା କି ?

ରାଧିକି ଜଣାପଡ଼ିଲା—ତା ମୁହଁ ପାଖରେ ଗଦାଏ ହବ ରଡ଼ ନିଆଁ ଆସି କୁଢ଼ା ହୋଇଗଲା । ମୁଣ୍ଡଟା ତାର ତଳକୁ ଝୁଲି ପଡ଼ୁଛି । ଜଗୁ ଆଡ଼କୁ ସେ ଅନେଇ ପାରୁନି ।

ଜଗୁର ନିଶ୍ୱାସ ପ୍ରଶ୍ୱାସରେ ଭରି ରହିଛି ଛଳ । ଗୁଣ୍ଡିରେ କେମିତି ଗୋଟେ ଉଠ୍‌ପଡ଼ ଶବ୍ଦ । ରାଧି ସେଦିନ କାନ୍ଧ ପକେଇ ଥିଲା । ପୁଣି ଆଜି, ଏ କି ପ୍ରକାର । କଥା କଣ—

ଜଗୁ ସମ୍ଭାଳି ପାରିଲା ନି । ରାଧିର ପିଠିକି ଅଳ୍ପ ଆଉଁସି ଦେଇ ଝୁଲି ପଡ଼ିଥିବା ମୁହଁଟିକି ତା'ର ଟେକିଦେଲା । କପାଳ ଉପରେ ପଡ଼ିଥିବା ଅଲରା ସଲରା ବାଳଗୁଡ଼ାକ ବି ସେ ସଜାଡ଼ିଦେଲା ।

ଭେ — ଭେ ହୋଇ ରାଧି କାନ୍ଦୁଛି । ବୁଝେଇଲେ ବୁଝୁନି । ଧାରା ଶ୍ରାବଣ ଭଳି ଲୁହର ସୁଅ ତାର ବହି ଚାଲିଛି ।

କେତେ ଅବା ସେ ବୁଝେଇବେ । କଥା ନାହିଁ, ବାର୍ତ୍ତା ନାହିଁ । ଏଇ କେତେ ଦିନ ହେଲା ଖାଲି ଲାଗିଛି ଇଆର କାନ୍ଦ । କିଛି

ଗୋଟେ କାରଣ ଥାଇ ସିନା କାନ୍ଦିଲେ ହବ । କିନ୍ତୁ ନାହିଁ – ଖାଲି ମିଛ କାନ୍ଦ । ଜଗୁ ବିରକ୍ତ ହୋଇଗଲା ।

ରାଧିର ମୁଣ୍ଡଟାକୁ ଝିଙ୍କିଆଣି, ତା କୋଳରେ ରଖି ତାକୁ ବୁଝେଇବାକୁ ଜଗୁର ଇଚ୍ଛା ହଉଥିଲା । ତା ଦେହକୁ ଧରି ପକେଇଲା ବେଳକୁ ସେ ରହିଗଲା । ହାତ ତାର ଚଳିଲାନି । ରାଧିର ବାହାକୁ ହଲେଇଦେଇ ଜଗୁ ପଚାରିଲା – କଣ କଲେ ରାଧି ?

ରାଧିର ଲୁହଧୁଆ ଫୁଲିଲା ମୁହଁ ବଳିଲା ବଳିଲା ଦେହ, ମଇଳା ଶାଢ଼ୀ ବ୍ଲାଉଜ୍ ଆଉ ତାର ଶରୀରର ସମୁଦାୟ ଅଂଶ ତା ଜଙ୍ଘ ଉପରେ ସେ ଥୋଇଦେବାକୁ ଭାବୁଛି । କିନ୍ତୁ ପାରୁନି । ରାଧିର ଦେହକୁ ସେ ଛୁଇଁ ବି ପାରୁନି ।

ଜଗୁ ଲକ୍ଷ୍ୟ କଲା – ରାଧିଟା ପିଲା ଝିଅଟିଏ ଭଳି କେତେ ଶ୍ରେଷ୍ଠ ଦେଖାଯାଉଛି ।

ଦୋକାନର କିଏ ହେଲେ ଉଠି ପାରନ୍ତି ? ଜଗୁ କାନ ପାରିଲା – ସମସ୍ତେ ନିଘୋଡ଼ ନିଦରେ ଶୋଇଛନ୍ତି । ଦୋକାନ କାନ୍ଥରେ ଝୁଲୁଥିବା ଘଣ୍ଟାଟା କେବଳ ଟିକ୍ ଟିକ୍ କରୁଛି ।

– ରାଧି, ଜଗୁ ଡାକିଲା ।

– ଏଁ – ବଡ଼ ସରୁ ଶବ୍ଦଟିଏ । ସତେ ଅବା ତାର ନାହି ପାଖରୁ ବାହାରୁଛି । ରାଧି ଉଠିବାକୁ ଚେଷ୍ଟା କରୁଥିଲା ।

ମାଧବୀ ଲତା ଭଳି ଲଟେଇ ପଡ଼ିଥିବା ରାଧିକି ଜଗୁ ଉଠେଇ ଦେଲାବେଳେ ତାର ତତଲା ନିଶ୍ୱାସ ମୁହଁରେ ଆସି ବାଜିଲା । ଜଗୁ ଦେଖିଛି – ଲୁହଭିଜା ମୁହଁଟା ତାର କମିତି ଲାଲ ପଡ଼ି ଆସୁଥିଲା । ରାଧି ତା ଆଖିକି ଆଜି ଆଉ ଗୋଟେ ପ୍ରକାର ଦେଖାଯାଉଛି । ଏମିତି ତାକୁ କେବେ ହେଲେ ସେ ଦେଖିନି । କ'ଣ ହେଇଛି ରାଧି ?

କିଛି ହେଲେ ସେ କହିଲାନି ।

କ'ଣ କହନ୍ତୁ—

ଛେପ ଢୋକି ରାଧି କହିଲା—ଏଠେଇ ଆଉ ମୁଁ ରହି ପାରିବି ନି ।

କାଇଁ—

ରାଧି ଚୁପ ରହିଲା !

କଥା କ'ଣ ରାଧି ?

ଏଠି ଆଉ ମୁଁ ରହିପାରିବି ନି ।

ଜଗୁ କିଛିହେଲେ ଠିକ୍ କରିପାରିଲା ନି । ତା' ଆଖିଆଗରେ ଆସି ନାଚିଲେ ମ'ାଲିକ ବିଶ୍ୱନାଥ ମହାପାତ୍ରେ । ଭାଙ୍ଗ, ପାଚିଲା ଗାମୁଛା, ଆଉ ମଉଜ । ଦୋକାନର ଚାକରାଣୀ ରାଧି । ନିଆଶ୍ରୀ ବିଚାରୀ । ଆଚ୍ଛା, ମୁଁ ଗାଁରୁ ଆଗ ଆସେ ଭାରି । ଜଗୁ କହିଚାଲିଚି— ଯଦି ଦରକାର ପଡ଼େ ସରଅପାର ବାହାଘର ଖର୍ଚ୍ଚପାଇଁ ଜମି ତକ ବି ବିକିଦବାକୁ ପଡ଼ିବ । ଯାହା କିଛି ବଳିବ, ସେଥିରେ ଟିଣଉବାର ଟଙ୍କାତକ ମିଶେଇ ସେଇ ଯୋଉ ଖାଲି ଘରଟା ଅଛି, ସେଇଠେଇ ମୁଁ ଦୋକାନ ଦେବି ।

ରାଧିର ଆଖି ହସିଉଠୁଥିଲା ।

ଆଚ୍ଛା ଜଗୁ, ମୁଁ ଯେବେ ସେ ଟଙ୍କାତକ ନେଇ ଚାଲିଯାଏ ? ଜଗୁର ଛାତି ଧଡ଼କରି ହେଲା । ରାଧି ଉପରେ ତାର ପୂର୍ଣ୍ଣ ବିଶ୍ୱାସ ରହିଛି । ପକେଟମାରୁ କରିଥିବା ସେଇ ପିଲାଟା କଥା ଜଗୁର ହଠାତ୍ ମନେପଡ଼ିଗଲା ।

ଯେ କୌଣସି ଉପାୟରେ ଏଠୁ ଚାଲିଯିବାଇ ଭଲ । ଆଗ ଗାଁରୁ ଆସିଯିବା ଦରକାର ।

ପୋତିଥିବା ମୁଣ୍ଡଟାକୁ ଉପରକୁ ଟେକି ରାଧି ଜଗୁ ଆଡ଼କୁ ଅନେଇଲା । ତା' ଦେହରେ ଭରିରହିଛି ସିଂହର ବଳ । ଆଖିରେ ସକାଳର ସୂର୍ଯ୍ୟ । ଉଣିଶ କୋଡ଼ିର ବର୍ଷର ଏଇ ଭେଣ୍ଡିଆ ଟୋକା ଜଗୁ । ସାରା ଜୀବନଟା ତ'ାର ପଡ଼ିରହିଛି ।

କ'ଣ ଆଉ କରିବ ? ମାଲିକାଣୀ ମୋ ଉପରେ ଅନବରତ ଚିଡ଼ିଚିଡ଼ି । ଘରଭିତରକୁ ମୋତେ ଯିବାକୁ ମନା । ମୋ ଗ୍ଛାଇ ପଡ଼ିଲେ ତାଙ୍କର ନାକ ଟେକିଉଛି । ଭାବୁଛି, ମୋତେ ଘରୁ ବୋଧେ ବାହାର କରିଦେବେ ।

ସତେ ?

ରାଧି ମୁଣ୍ଡଟିକି ତଳକୁ ପୋତିଛି ।

ଦୋକାନଆଡ଼ୁ କଣ ଗୋଟେ ଶବ୍ଦ ହେଲା । କିଏ କ'ଣ ଉଠିଲା କି ? ଜଗୁ ଠିଆ ହୋଇପଡ଼ିଲା । ରାଧି ବି ଉଠିଲା ।

ଖରା ନେଇଟି ପଡ଼ିଲାଣି । ପୁରା ସହରର ରାସ୍ତାରେ ଗହଳି ଆସ୍ତେ ଆସ୍ତେ ବଢ଼ୁଛି ।

ଜଗୁ ଦୋକାନ ଭିତରକୁ ପଶିଆସିଲା । ରାମି, ମଧୁଆ ଭିଡ଼ି-ମୋଡ଼ି ହୋଇ ହାଇ ମାରୁଛନ୍ତି । ନାରଣ ଭାଇନା ଏବେ ବି ଉଠିନି ।

ଜଗୁ ହାତରେ ଧରିଛି ବୋଉର ଚିଠି । ସାତଦିନ ଗଲେ ସବୁ ଅପାର ବାହାଘର ।

× × × × × ×

କୋଉ କାମରେ ହେଲେ ଜଗୁର ଆଜି ମନ ଲାଗୁନି । ମୁଣ୍ଡ ଭିତରଟା ଫାଙ୍କା ଫାଙ୍କା । ଯୁଆଡ଼େ ଚାହିଁଲେ ସିଆଡ଼େ ଦିଶି-ଯାଉଛି ବୋଉ । ବରଷେ ଖଣ୍ଡେ, ହେଲା ତା ବୋଉକୁ ସେ ଦେଖିନି । ଆଗୁଆ ଚିଠି ଲେଖିଦେଇଥିଲା — ଦୋଲଯାତ୍ରା ବେଳକୁ

ସେ ଗାଁକୁ ଯିବ । ମାଲିକ ବି ଅନେକ ଦିନ ଆଗରୁ ଅନୁମତି ଦେଇ-ସାରିଥିଲେ । କିନ୍ତୁ ହଠାତ୍ ଶଠି ଆସିଲା—ଏଇ ସାତଦିନ ଭିତରେ ନ ଗଲେ ନ ଚଳେ । ମାଲିକ ବି ଜାଣନ୍ତି, ତାଙ୍କ ଘରେ ଆଉ କେହି ନାହାନ୍ତି । ବୁଢ଼ୀ ବୋଉଟିଏ । ପୁଣି ଟଙ୍କା ପଇସା କଥା । ଏତେ ଟଙ୍କା ତ ସିଏ ଠିକ୍ କରିପାରିବ ନା । ବୋଉ ବୋଧେ କିଛି ନା କିଛି କରିଥିବ ? ନୋହିଲେ ଜମି ତକ ସେ ବିକି କରିଦବ । ସରିଅପା ବାହା ଘରଟା ଉଠେଇଦେଇ ବୋଉକୁ ଧରି ସେ ଚାଲିଆସିବ ପୁଣି । ଜମି ବିକା ଟଙ୍କାରୁ ଯାହାକିଛି ବଳିଥିବ ସେଥିରେ ତିଣିଚାରି ଟଙ୍କାତକ ମିଶେଇ ସେ ଦୋକାନ ଦବ । ଗାଁ ଘରଟା ଆଁ କରି ଅନେଇଛି । କେତେବେଳେ ଯେ ପଡ଼ିଯିବ କିଛି ଠିକ୍ ନାହିଁ । ପୁଣିରେ ଯେ କୌଣସିମତେ ସେ ଭଲ ଘରଟିଏ ତିଆରିକରିବ । ଆଚ୍ଛା—

ଭାବନାରେ ସେ ଥଳକୂଳ ପାଉନି । ଅନେକ ବେଳୁ ସଞ୍ଜ ଲାଗି ଆସିଲାଣି । ଜଗୁ ଠିକ୍ କଲା—ଘନଆ ଘରକୁ ଆଜି ସେ ପଢ଼ିବାକୁ ଯିବନି । ହରିବାବୁଙ୍କୁ ବି ସେ ଏ କଥାଟା କହିଦବ । ଘରଆଡ଼େ ଯାଇ ଆଗେ ସେ ମାଲିକାଣୀଙ୍କି ଜଣେଇବ । ତାପରେ କହିବ ମାଲିକଙ୍କୁ । ତାଙ୍କ ଆଡ଼ୁ ଯେବେ କିଛି ବନ୍ଦୋବସ୍ତ ହୋଇ ପାରିଲା ଭଲ କଥା । ବାହାଘରଟା ସୁରୁଖୁରୁରେ ଅନ୍ତତଃ ଚାଲିଯାଇ ପାରନ୍ତା ।

ଆଠଟା ଆସି ବାଜିବ । ଜଗୁ ଗୋଡ଼ ଟିପି ଟିପି ମାଲିକଙ୍କ ଘରର ଉପର ମହଲାକୁ ଯାଇ ଦେଖେ ତ—ମାଲିକ ମାଲିକାଣୀ ଗୋଟେ ମସିଣା ଉପରେ ବସି ଖୁସି ଗପ କରୁଛନ୍ତି । କଥାହେବା ସଙ୍ଗେ ସଙ୍ଗେ ମାଲିକାଣୀ ପାନ ବଟାଟା ମେଲିଦେଇ ପାନ ଭାଙ୍ଗିବାରେ ବ୍ୟସ୍ତ । କ'ଣ ଗୋଟେ ବିଷୟ ନେଇ ଚାଲିଛି ହସ । ମାଲିକ ଖୁବ୍ ଖୁସ୍ ଅଛନ୍ତି ।

ଅସଲ ବେଳ । ଜଗୁ ଦଶ ପନ୍ଦର ହାତ ଛାଡ଼ି କେବଳ ଠିଆ ହୋଇ ରହିଲା । ଲାଇଟ୍‌ ତାର ଅନ୍ଧାରରୁ ଆସି ଆଲୁଅରେ ପଡ଼ୁଛି ।

—କିଏ ସେ ? ମାଲିକ ପାଟି କଲେ । ଜଗୁ, ଆଗକୁ ଚାଲି ଆସିଲା ।

କିଏ, ଜଗୁ—ଦୋକାନ ଛାଡ଼ି ଏଠେଇ କାହିଁକି ?

କିଛି ନ କହି ଜଗୁ ଚିଠିଟି କେବଳ ବଢ଼େଇଦେଲା । ମାଲିକ ଚିଠିଟା ଆମୂଳଚୂଳ ପଢ଼ିଗଲେ । ଅଳ୍ପ ସମୟ ଚୁପ୍‌ରହି କହିଲେ—ହଉ ତୁ ଯା—ଯୋଉଦିନ ଯିବୁ ତା'ଦିନକ ଆଗରୁ ମତେ ଖବର କରିବୁ ।

ଏଇ ଦି'ତିନ ଭିତରେ ଯିବି ବୋଲି ଭାବୁଛି । ଜଗୁ କହିସାରି ମାଲିକଙ୍କ ଆଡ଼କୁ ଲକ୍ଷ୍ୟ କଲା । କିଛି ହେଲେ ଗୋଟେ ସେ ଆଗୁଆ ଶୁଣିଥିବା ଦରକାର ।

ହଉ—ତୁ ଯା—

ଜଗୁ ମାଲିକାଣୀଙ୍କି ମୁଣ୍ଡ ନୁଆଁଇ ନମସ୍କାର କଲା । ମାଲିକଙ୍କ ଅପେକ୍ଷା ମାଲିକାଣୀଙ୍କ ପାଖରେ ମୁଣ୍ଡ ତାର ଆଉରି ତଳକୁ ନଇଁଆସିଲା । ବୟସ ତାଙ୍କୁ ପଞ୍ଚତିରିଶ ହବ । ଚମ୍ପା ରଙ୍ଗର ଦେହ । ଦେହସାରା ସୁନା ଗହଣା । ପାନଖିଆ ପାଟି ତାଙ୍କର ନାଲି ଟହ ଟହ । ଶୀତଳ ଚାହାଣୀ ସତେ ଅବା ଦୟାରେ ଭରା । ମୁହଁରୁ ବହିଆସୁଛି କରୁଣାର ଧାରା । ଦେଖିଲେ ମନେହେବ—ମାଲିକାଣୀ ଏ ମରଲୋକର ନୁହନ୍ତି । ମଙ୍ଗଳକାରିଣୀ ଦେବୀ ।

ଜଗୁ ଅନେଇଲା—ମାଲିକାଣୀ ତା'ଆଡ଼କୁ ନିର୍ନିମେଷ ନୟନରେ ଚାହିଁରହିଛନ୍ତି । ପଚାରିଲେ—କିରେ ଜଗୁ, ଏମିତି ଶୁଖି ଶୁଖିଯାଉଛୁ କାହିଁକି ?

ଜଗୁ ଟିକିଏ ହସିଦେଲା । ମନେ ମନେ ବୋଉ ଓ ତା'ର ସାଂନ୍ତାଣୀଙ୍କି ସେ ତଉଲ କରୁଥିଲା । ମନ ହେଉଥିଲା — ସେ ଯାଇ ମାଲିକାଣୀଙ୍କ ଗୋଡ଼ତଳେ ଲୋଟି ପଡ଼ନ୍ତା କି ।

ଜଗୁ ଫେରିଲା ଦୋକାନଆଡ଼େ —

ବାହାଚୁରା ବେଳେ ମାଲିକ ସାହାଯ୍ୟ ଦିଅନ୍ତି । ସେ ଶୁଣିଛି — ବର୍ଷକର ଦରମା ବି ସେ ଆଗୁଆ ଦେଇଦିଅନ୍ତି । ତାଙ୍କ ଟଙ୍କା ଅବଶ୍ୟ ସେ ଦରମାରୁ କାଟିନିଅନ୍ତି । କିନ୍ତୁ ଅସୁବିଧା ବେଳେ ଇଏସବୁ ସାହାଯ୍ୟ ନୁହେଁ । ତା'ବେଳକୁ କ'ଣ କରୁଛନ୍ତି କେଜାଣି ?

ଦୋକାନ କାମରେ ଜଗୁ ମନ ଦେଲା । ରେଡ଼ିଓରୁ ସେତେବେଳେ ବାହାରିଆସୁଥିଲା କାହାର ଗୋଟିଏ କରୁଣ ଗୀତିକା । ଗୀତ ସାଙ୍ଗେ ଜଗୁ ବି ଗୁଣୁ ଗୁଣୁ ହେଲା । ସେ ଗାଁକୁ ଯିବ । ମନ ଭିତରଟା ତାର ନାଚିଉଠୁଥିଲା । ସେ ଅପାର ବାହାଘର । ବୋଉକୁ ତା'ର ଏତେଦିନ ପରେ ସେ ଦେଖିବ । ବାହାଘରଟା କେମିତି ସୁରୁ ଖୁରୁରେ ଉଠିଯାଆନ୍ତା କି ? ଗରିବକୁ ତ ଜଗନ୍ନାଥ ଭରସା । ଜଗୁ ନୀଳଚକ୍ର ଆଡ଼କୁ ଅନେଇ ମନେ ମନେ ଜୁହାର କଲା ।

ଅନେକ ଦିନ ଧରି ଟାଉନ୍‌ରେ ସିମେଣ୍ଟ ଅଭାବ ବଡ଼ ଭୀଷଣ ଭାବରେ ଅନୁଭବ କରାଗଲାଣି । ମଝିରେ ମଝିରେ ଶୁଣାଯାଏ — ଏଇ ମାସ ଭିତରେ ୱାଗନ ଆସିବ । ମାଲ ଆସି ପୋତିହୋଇ ପଡ଼ିବ । ଲୋକ ବି ଖର୍ଦ୍ଦି କରିବାକୁ ମିଳିବେ ନି । ମଲା ମାଇଲା କାଳ । ଖାଇ ପିନ୍ଧି ବଞ୍ଚିପାରିବାଇ ମୁସ୍କିଲ୍ । ସିମେଣ୍ଟ ଆଣି ଏ ସମୟରେ

ଘର ତିଆରି ହେଉଛି ! ଓ୍ୟାଗନ ଆସେ । ସିମେଣ୍ଟ ମିଳିବ, ମିଳିବ ବୋଲି ଚାରିଆଡ଼େ ହଲ୍ଲା ହୋଇଯାଏ । ଲୋକେ ଜହ୍ନା ପିମ୍ପୁଡ଼ି ଭଳି ଧାରି ଲଗାନ୍ତି । ପାଇଖାନାଟା କା'ର ଭୁଷୁଡ଼ି ପଡ଼ୁଛି ତ କାହା ଘରୁ ପାଣି ଗଳୁଛି, ପିଣ୍ଡାଟା ଭାଙ୍ଗିଗଲାଣି, ନଳା ଅବା କାହାର ମରାମତି ହେବ । ବସ୍ତେ ବସ୍ତେ ଦି'ଦି' ବସ୍ତା ହେଲେ ଲୋକଙ୍କର କାମ ଚଳି ଯିବ । ଦଶ,ପଚଶ ବସ୍ତା ଖୁବ୍ କମ୍‌ଲୋକ ନେଇ କାମରେ ଲଗାନ୍ତି ।

କିନ୍ତୁ ତାଜବ୍ କଥା — ଓ୍ୟାଗନ ଆସୁ ଆସୁ କେଉଁଆଡ଼େ ଉଭେଇଯାଏ । ଡୋଙ୍ଗରୁ ପାଣି ମରେ । ମାଲ୍ ଏଥର କମ୍ ଆସି-ଥିଲା । ବଡ଼ ବଡ଼ କାମ ସବୁ ତିଆରି ଚାଲିଛି । ସିଆଡ଼େ ସିମେଣ୍ଟ ସବୁ ନ ଲଗିଲେ ଦେଶ ଆଗେଇପାରିବ ନି । ବେଳେ ବେଳେ ବି ଶୁଣାଯାଏ ସିମେଣ୍ଟ ବିନା ପରମିଟ୍‌ରେ ଦିଆଯିବ । କିଛିଦିନ ଆଉ ଅପେକ୍ଷା କରିବାକୁ ପଡ଼ିବ । ପୁଣି ଓ୍ୟାଗନ ଆସିବ । ଦେଖାଯାଉ ଲୋକେ କେତେ ହିବ କଣିପାରିବେ ?

ଓ୍ୟାଗନ ଆସେ, ଆଉ ସରେ । କାମଟିଏ ଆରମ୍ଭ କରି-ଦେଲେ ତାକୁ ସାରିବାଇ କାଠିକର ପାଠ । କେତେ ଲୋକ ସିମେଣ୍ଟ ଅଭାବରୁ କାମ ବି ବନ୍ଦ କରିଦିଅନ୍ତି । ନିହାତି ଦରକାର ପଡ଼ିଲେ ମିସ୍ତ୍ରୀଙ୍କର ସାହାଯ୍ୟ ନବାକୁ ପଡ଼େ । ବସ୍ତାକେ ଦି'ତିନି ଟଙ୍କା ହାତଗୁଞ୍ଜା ଦେଲେ ସେମାନେ କୋଉଠୁ ଯାଇଁ ଗୋଟା ସିମେଣ୍ଟ ନେଇଆସନ୍ତି । ବଡ଼ ଆଶ୍ଚର୍ଯ୍ୟ କଥା; ଯେତେବେଳେ ସିମେଣ୍ଟ ମିଳୁନି, ସିମେଣ୍ଟ ମିଳୁନି ବୋଲି ଲୋକେ ଡାକ ଛାଡ଼ନ୍ତି, ସେତେ-ବେଳେ ବସ୍ତାକେ ଅଧିକା ଦୁଇ ତିନି ଟଙ୍କା ଦେଇଦିଅ, ରାତାରାତ୍ ଘରେ ପାଁଶ ବସ୍ତା ବି ଆସି ଜମାହୋଇଯିବ । ଜଣାପଡ଼େ—ଠିକ୍ ଆଲାଉଦ୍ଦିନ ଲ୍ୟାମ୍ପର ଅସୁର ଭଳି କିଏ ଜଣେ ଆଖି ପିଛୁଳାକେ ଆସି ଅସାଧ୍ୟ ସାଧନ କରିଯାଉଛି ।

ତା' ଆରଦିନ ଦୋକାନରେ ଜଗୁ ଗୃ' ବନେଇବାରେ ଲାଗିପଡ଼ିଛି । ଦେଖିଲା ଗୋଟେ ରାଜମିସ୍ତ୍ରୀ ଜିତେନ୍ଦ୍ର ବାବୁଙ୍କ ସାଙ୍ଗରେ କ'ଣ ଫୁସ୍ ଫାସ୍ ହେଉଛି । କାଶି ଦେଲେଇ ଠେଙ୍ଗାଟେ ଧରି ଦୋକାନ ସାମ୍ନାରେ ଏପଟ ସେପଟ ବୁଲୁଛି । ଜଗୁକୁ ଦେଖାଗଲା— ଜିତେନ୍ଦ୍ରବାବୁ ସେ ରାଜ-ମିସ୍ତ୍ରୀଠୁ କ'ଣ ନେଇ ତାଙ୍କ ଗୁପ୍ତ ପକେଟ୍‌ରେ ରଖିଲେ । ମନେହେଲା— ଟଙ୍କା ପଇସା ହେବ । ସବୁଦିନ ଦି'ଗୃହ ଜଣ ରାଜମିସ୍ତ୍ରୀଙ୍କି ଜଗୁ ଜିତେନ୍ଦ୍ର ବାବୁଙ୍କ ଦୋକାନ ପାଖରେ ଦେଖିବାକୁ ପାଏ । ଦୋକାନରେ ସେତେବେଳେ ଗୃଲିଥାଏ ବାର-ପ୍ରକାର ଚର୍ଚ୍ଚା । ଜିତେନ୍ଦ୍ର ବାବୁ ବଡ଼ ମେଳାପୀ ଲୋକ । ଯେ କୌଣସି ଲୋକ, ତାଙ୍କ ଦୋକାନରୁ କିଛି ହେଲେ କିଣୁ ବା ନ କିଣୁ, ଗୃ କପେ, ପାନ ବା ଖଣ୍ଡେ ସିଗାରେଟ୍ ନ ଦେଲେ ସେ ଛାଡ଼ିବେ ନ । ତା ସାଙ୍ଗେ ସାଙ୍ଗେ ରେଡ଼ିଓରୁ ଭାସିଆସୁଥାଏ ନାମଯାଦା ଚିତ୍ର ତାରକା ମାନଙ୍କର ପ୍ରାଣମତାଣିଆ ଗୀତ । କିଏ ବା ନ ଆସିବ ? ଦୋକାନଟା ଗୋଟେ ଆଡ଼ାସ୍ଥଳରେ ପରିଣତ ହୋଇଛି । ଜିତେନ୍ଦ୍ର ବାବୁ ବଡ଼ ସୁନ୍ଦର ଲୋକ ବୋଲି ସମସ୍ତଙ୍କର ଧାରଣା ।

ଆଜି ପୁରୀ ଟାଉନ ବଢ଼ିବକାଳୀ ସଙ୍ଘର ବାର୍ଷିକ ଅଧିବେଶନ । ଶ୍ରମିକମାନଙ୍କୁ ଏକାଠି କରି ଅଳ୍ପ ଦିନ ହେଲା ଜିଲ୍ଲା ଅନୁଷ୍ଠାନରେ ପରିଣତ କରାଯାଇଛି । ଏଇ ଅଧିବେଶନରେ ଠିକ୍ ହେବ—ଏହାକୁ ପ୍ରାଦେଶିକ ଅନୁଷ୍ଠାନରେ ପରିଣତ କରାଯିବ କି ନାହିଁ । ସ୍ଥାୟୀ-ସଭାପତି ନିଜେ ଜିତେନ୍ଦ୍ରବାବୁ । ଅନୁଷ୍ଠାନଟି ଯେ ଆଗେଇଗୃଲିଛି ଏହାର ମୂଳରେ ରହିଛି, ଜିତେନ୍ଦ୍ର ବାବୁଙ୍କର ଦାନ ଓ ଝାଳବୁହା ପରିଶ୍ରମ । କେଇଦିନ ହେଲା ସେ ରାତାରାତି କାମ କରୁଛନ୍ତି । ବହୁତ ଧାଁ ଧପଡ଼ ବି କଲେଣି । ଶ୍ରମିକମାନଙ୍କର ମୂଲ ବଢ଼ିବ, ସେମାନେ କମ୍ ଘଣ୍ଟା କାମ କରିବେ ।

ସିଂହଦ୍ୱାର ସାମ୍ନା ଦୁଇଟା ଖୁଣ୍ଟ ପୋତାହୋଇଛି । ସେଥିରେ ଝୁଲୁଛି ନାଲି ନେଳର ପତାକା ଓ ଆମ୍ବ ପତ୍ର । ତୋରଣଟିଏ ବଡ଼ ସୁନ୍ଦର ଭାବରେ ସଜାହୋଇଛି । ମାଇକ୍ ଲାଗିଛି । ଘୋଡ଼ାଗାଡ଼ିରେ ପ୍ରଚାର ହୋଇସାରିଛି ଟାଉନସାରା । ତୋରଣରେ ଦୁଇଟା ଇଲେକ୍ଟ୍ରିକ ବଲ୍‌ବ ଆସି ଝୁଲିଲାଣି । ସଭାପତିଙ୍କ ପାଇଁ ଗୋଟେ ସୁନ୍ଦର ଦରି ବିଛା ହୋଇଛି । ତକିଆଟିଏ ବି ପଡ଼ିଛି । ଦୁଇତିନି ଜଣ ଲୋକ ଏ କାମ ସବୁ କରି ଚାଲିଛନ୍ତି ।

ମଧୁଆ ପାଟିକଲା—ଏ ଜଗୁ, ସିଆଡ଼େ ଚାହିଁଥିବୁ ନା, ଇଆଡ଼େ ଚା ଦେବୁ ? ବାବୁପରା ଅନେକ ବେଳୁ ଆସି ବସିଲେଣି ।

ଭଦ୍ରଲୋକଙ୍କ ଆଡ଼କୁ ଥରେ ଅନେଇଦେଇ ଜଗୁ ଗୋଲାପୀ ରଙ୍ଗର ଚା'ପାଣି କେଟିଲିରୁ କପ୍‌ରେ ଢାଳିଦେଲା । ଦୁଧ ଆଉ ଚିନି ଚାମଚରେ ଅଳ୍ପ ଘାଣ୍ଟିଦେଇ ଭଦ୍ରଲୋକଙ୍କ ହାତକୁ ଚା' କପ୍‌ଟା ସେ ବଢ଼େଇଦେଲା ।

କପ୍‌ର ଧଡ଼ିରେ ଓଠ ଦୁଇଫାଳକୁ ଚିପିଦେଇ ଭଦ୍ରଲୋକ ଜଣକ କହିଲେ—ଅଳ୍ପ କଡ଼ା ହେଇଗଲା ।

ଚାମୁଚେ ଦୁଧ ଆଣି ଜଗୁ କପ୍‌ରେ ଘାଣ୍ଟିଦେଲା । ଭଦ୍ରଲୋକ ଜଣକ ଚା କପ୍‌ରେ ମନଦେଲେ ।

ଜଗୁ ଲକ୍ଷ୍ୟକଲା – ପଇଁଅହିବ ଲୋକ, ବୋଧେ ବଡ଼ବଜାରୀ ହେବେ । ଜଗତେନ୍ଦ୍ରବାବୁ, ହସି ହସି ମୁହଁ ତାଙ୍କର ଫାଟିପଡ଼ୁଛି । ଦୁଇଜଣ ଲୋକଙ୍କ କାନ୍ଧରେ ହାତ ପକେଇ ସେ ଚାଲିଛନ୍ତି । ପୋଷାକ ପରିଚ୍ଛଦ, ଅପରିଷ୍କାର, ଚିରା ଆଉ ଦୁର୍ଗନ୍ଧମୟ । ଜଗତେନ୍ଦ୍ର-ବାବୁ ପିନ୍ଧିଥାନ୍ତି ଖଣ୍ଡେ ଫିନ୍ ଫିନ୍ ସିଲ୍‌କ ପଞ୍ଜାବି, ଶାନ୍ତିପୁରୀ ଜରି-ଧଡ଼ିର ଧୋତି । ମୁଣ୍ଡର ବାଳ ଓ ଛାତି ପକେଟର ରୁମାଲଟା ଅସ୍ତ ବ୍ୟସ୍ତ ହୋଇ ପଡ଼ିଥିଲା । ଗୁଡ଼ାଏ କୁତ୍ସିତ, ଅପରିଷ୍କାର ଲୋକଙ୍କର

ସଭାପତି ଜିତେନ୍ଦ୍ର ବାବୁ । ମନେରେ ଟିକିଏ ହେଲେ ତାଙ୍କର ବିକାର ଆସୁ ନ ଥିଲା । ଏଇ ମେଳାପୀ ଗୁଣଯୋଗୁ ସମସ୍ତେ ତାଙ୍କୁ ଭଲପାଆନ୍ତି । ସଭାମଣ୍ଡପକୁ ଗଲାବେଳେ ତାଙ୍କ ଚୁଳରେ ଭରି ରହିଥାଏ ଗନ୍ଧ । ଓଠରେ ଉବୁକା ହସ । ଗୁଣ୍ଡିକ କୁଣ୍ଠି ପାଇବ ନ । ମୂଲିଆଙ୍କର ପ୍ରତିନିଧି ଜିତେନ୍ଦ୍ରବାବୁ ।

ସଭାମଣ୍ଡପରେ ପହଞ୍ଚିଲା ମାତ୍ରେ ଦୁ'ଜଣ ଫ୍ରକ୍ ପିନ୍ଧା ସାନ ସାନ ଝିଅ ତାଙ୍କ ବେକରେ କର୍ପୂର ମାଳ ଆଣି ପକେଇଦେଲେ । ଚାଲିଲା ପ୍ରାରମ୍ଭିକ ସଂଗୀତ । ତା' ସାଙ୍ଗେ ସାଙ୍ଗେ ତାବଲା ଓ ହାରମୋନିୟମ୍ । ଗୀତବୋଲା ସରିଲା ପରେ ଜଣେ ଭଦ୍ରଲୋକ ଠିଆ-ହୋଇ ଜିତେନ୍ଦ୍ରବାବୁଙ୍କର ଗୁଣ କୀର୍ତ୍ତନ କରିବାକୁ ଲାଗିଲେ । ବଡ଼ ବଳାଳୀ ସଙ୍ଘକୁ ତାଙ୍କର ମୂଲ୍ୟବାନ ଉପଦେଶ ଦେବାକୁ ଅନୁରୋଧ କଲେ ।

ଜିତେନ୍ଦ୍ରବାବୁ ଠିଆହେଲାବେଳେ ସଭାରୁ ତାଳି ଶବ୍ଦ ଶୁଭିଲା । ସଙ୍ଘର ସ୍ଥାୟୀ ସଭାପତି ଜିତେନ୍ଦ୍ରବାବୁ ମାଇକ୍ ପାଖକୁ ଆସି ବଜ୍ର-ଗମ୍ଭୀର ସ୍ୱରରେ ରାଜ୍ୟଯାକର କଥା କହିଚାଲିଲେ ।

ମହାପାତ୍ରଙ୍କ ଦୋକାନ ପାଖରୁ ଶହେ ହାତ ଦୂରରେ ସଭା-କାର୍ଯ୍ୟ ଚାଲିଥିଲା । ମାଇକ୍‌ଟା ମଝିରେ ଫଟ୍ ଫଟ୍ ଭଡ଼୍ ଭଡ଼୍ କରୁଥିଲା । ଜିତେନ୍ଦ୍ରବାବୁ ଶୂନ୍ୟକୁ ହାତ ହଲେଇ ଗର୍ଜନ କରି ଚାଲିଛନ୍ତି । ତାଳମାଡ଼ରେ ଦାଣ୍ଡ କମ୍ପିଉଠୁଛି ।

କେତେଟା ଶବ୍ଦ ଜଗୁ କାନରେ ଆସି ବାଜିଲା । ଆପଣମାନେ ଆଠଘଣ୍ଟା ହାଡ଼ଭଙ୍ଗା ପରିଶ୍ରମ କରିବେ । କିନ୍ତୁ ପରିଶ୍ରମର ଉଚିତ ମୂଲ୍ୟ କ'ଣ ଆପଣମାନେ ପାଇପାରନ୍ତି ? ସଙ୍ଗଠିତ ନ ହେଲେ ଏସବୁ ସମ୍ଭବ ହୋଇପାରିବ ନ ।

ଜଗୁ ତା କାମରେ ମନଦେଲା । ସହରରେ ଲୋକ ସଂଖ୍ୟା ଆସ୍ତେ ଆସ୍ତେ ବଢୁଥିଲା । ଦୋକାନରେ ଭିଡ଼ । ସହର ଯୋଗୁ ଗ୍ରା'କଙ୍କର ସଂଖ୍ୟା ବି ବଢ଼ିବାରେ ଲଗିଥିଲା ।

ଜିତେନ୍ଦ୍ରବାବୁଙ୍କ ଦୋକାନ ଆଡ଼କୁ ଜଗୁ ଲକ୍ଷ୍ୟକଲା — ତାଙ୍କ ଦୋକାନରେ କାମ କରୁଥିବା ରାମିଆ, ବଳି, ନାଇଡୁ, ହମିଦ୍ ଇତ୍ୟାଦି ସମସ୍ତେ ମୁହଁ ମୋଡ଼ୁଥାଆନ୍ତି । ପଞେ ହବ ବେଳେବେଳେ ଦୋକାନ ପଛପଟକୁ ଯାଇ କେତେ କ'ଣ ଫୁସ୍ ଫାସ୍ ହେଉଥାଆନ୍ତି । କେତେ କେତେ ବି ହସିବାକୁ ଛାଡ଼ୁ ନ ଥାନ୍ତି ।

ମାଇପି ଜନମ ପର ଘରକୁ । ସେମାନଙ୍କୁ ପର ଗୋଟୀ କରି ଦେଲେ କାମ ଶେଷ । ତାଙ୍କ ଭାଗ୍ୟ ଯେନ ସେମାନେ ଚାଲି ଯାଆନ୍ତି । ଜଗୁ ବସିବସି ଭାବୁଥିଲା — ସରୁ ଅପାକୁ ତା'ର ଶାଶୁ ଘରକୁ ଛାଡ଼ିଦେଲେ ସିଆଡ଼କୁ ଆଉ ଭାବିବାର କିଛି ନାହିଁ । ସେ ପୁରୀରେ ଦୋକାନ ଦଉ, ଗାଁର ଜମି ବାଡ଼ି, ଘରଦ୍ୱାର ବାପୁଙ୍କ କୋଠାବାଡ଼ି [illegible]ରୁ ସେ ତ ପରକଥା । କିନ୍ତୁ ବଢ଼ିଲା ଝିଅକୁ ବେଶି ଗୁଡ଼ାଏ ଦିନ ଘରେ ରଖି କାଳବାଳ ହୋଇ ମରିବା ଭଲ ନୁହେଁ । ବୋଉ ଯାହା କରିଛି ଭଲ କରିଛି । ମାଇପି ଲୋକଟେ ହୋଇ ବୋଉ ବି ଏସବୁ ଠିକ୍ ଠାକ୍ କରି ଦେଇପାରିଲା । ବାହା ଘରର ଅଧା ଖର୍ଚ୍ଚବି ସେ କୋଉଆଡ଼ୁ ହେଲେ ଯୋଗାଡ଼ କରି ଦେଇଥିବ । ଜଗୁ ଭାବୁଥିଲା ? — ସେ ପୁରୀରେ ରହି ରୋଜଗାର କରି ଆଉ, କାଲି କ'ଣ ? ଟଙ୍କା ପଇସା କିଛି ଠିକ୍ ହୋଇ ନଥିଲେ, ଗାଁରୁ ତା' ଜମି ଟିକ ବି ସେ ବିକି କରି ଦବାକୁ ପଛେଇବନି ।

ବୋଉକୁ ସେ ନେଇ ଆସିବ ପୁଣି । ଗୋଟେ ଘର ଭଡ଼ା ନେଇ ବୋଉ ଆଉ ସେ ସୁଖରେ ରହିବେ ।

କାଲି ଦିନଟା ବିତିଗଲେ ପଅର ଦିନ ସେ ଗାଁକୁ ଯିବ । ଯିବା ଆଗରୁ ହରି ବାବୁଙ୍କୁ ଅନ୍ତତଃ କହିଦବା ତ ଦରକାର । ଆଉ ରାଧି—ସେ ତିଣି ଓଳିବାଟା ତ ତା' ପାଖରେ ଅଛି । ଟଙ୍କା କୋଡ଼ିଏଟା ସେଥିରେ ପଡ଼ିଛି । ବାକି ଶହେ ଅଶୀ । ଯାହା ହବାର ହବ । ଓଳିବା ଟଙ୍କାରେ ସେ ହାତ ଦିବନି ।

ଏଇ କେତେ ଦିନ ହେଲା ଜଗୁ ଦୋକାନ କାମ ସାରି ଦଶଟା ରାତି ପରେ ହରି ବାବୁଙ୍କ ମେସ୍‌ଆଡ଼େ ଯାଏ । କ୍ଳାସ ବନ୍ଦ ସେ ପଢ଼େନି । ହରିବାବୁ ତାକୁ ନାନା ଦେଶର ଲୋକଙ୍କର ଚାଲିଚଳଣି, ଆଚାର ବ୍ୟବହାର, ଖାଦ୍ୟପେୟ ଓ ନାନା ଦେଶର ଇତିହାସ, ଭୂଗୋଳ କଥା ଉଗ ଉଗକରି ତା'ଆଗରେ ଗାଇଯାଆନ୍ତି । ମନ୍ତ୍ରମୁଗ୍‌ଧ ପରି ଜଗୁ ସେସବୁ ଶୁଣେ ।

ବେଳେ ବେଳେ ସେ ଭାବେ—କେତେ କଥା ମନେ ରଖିଛନ୍ତି ଏଇ ହରିବାବୁ । ପଢ଼ିବାକୁ ସମୟ ପାଆନ୍ତି ସେ କେତେ ବେଳେ ? ବୁଲି ବୁଲି ତ ତାଙ୍କର ସମୟ ବିତିଯାଉଥିବ ? ରାତି ଦଶଟା ପରେ ମଧ୍ୟ ହସି ହସି ସେ ତା ଆଗେରେ କେତେ କଥା କହିଯାଆନ୍ତି । ତାଙ୍କ କଥା ଭାବି ବସିଲେ ଜଗୁର ମୁଣ୍ଡ ଆପେ ଆପେ ନଇଁଆସେ ।

ଦୋକାନର ଅନ୍ୟମାନଙ୍କୁ କହି ଜଗୁ ସଞ୍ଜ ଲାଗୁ ଲାଗୁ ବାହାରି ପଡ଼ିଲା । ଆଠଟା ଆଗରୁ ସେ ଯାଇ ହରିବାବୁଙ୍କୁ ଦେଖାକରିବ । ଧନିଆ ଘରକୁ ସେ ଯାଇ ନ ଥିବେ । ସରି ଅଧାରି ବାହାଘର ସକାଶେ ସେ ଗାଁକୁ ଯିବ । ଫେରୁ ଫେରୁ ପନ୍ଦର କୋଡ଼ିଏ ଦିନ ଲାଗିଯିବ । କିଛି ଗୋଟେ ବ୍ୟବସ୍ଥା ନକଲେ ସେ'ତ ଫେରିବନି ।

ବୁଢ଼ୀ ବୋଉଟାକୁ ଠୁଙ୍ଗା କରି କେମିତି ବା ସେ ଗାଁରେ ଏକୁଟିଆ ଛାଡ଼ିଦେଇ ଆସିବ ?

କିଛି ଦୂର ଯାଇ ଜଗୁ ଠିଆ ହେଲା, ସିନେମା ଆଗରେ । ତାଙ୍କ ଦୋକାନଠୁ ଶହେ ଦେଢ଼ଶ ହାତ ଦୂରରେ ସହରର ନାମ-ଯାଦା ସିନେମାହଲ୍ । ଫାଷ୍ଟ ଶୋ ଆରମ୍ଭ ହୋଇନ । ଭଲ ଭଲ ଫିଲମ୍ ଗୀତ ସବୁ ଉବୁକେଇ ଆସୁଥିଲା । କେତେ ଲୋକ ଏକ ଲୟରେ ସିନେମା ପୋଷ୍ଟର ଆଡ଼କୁ ଲକ୍ଷ୍ୟକରି ଥାଆନ୍ତି ।

ଜଗୁ ଏକ ଲକ୍ଷ୍ୟରେ ଅନେଇରହି ଥିଲା । ସିନେମା ଆଗରେ ଭୀଷଣ ଲୋକ ଗହଳି । ରେକ୍ସାର ଭିଡ଼ । ମଟର ଗାଡ଼ିସବୁ ଧାଡ଼ି ହୋଇ ଅପେକ୍ଷା କରିଥାଆନ୍ତି । ଗୀତ ଆଉ ବାଜା । ସମସ୍ତେ ଯେମିତି ପାଗଳ । ଅନେକ ଠିଆହୋଇ ଫିରାଆସିବା ଲୋକଙ୍କୁ ଲକ୍ଷ୍ୟ କରୁଥାନ୍ତି । ଗୀତ ଶୁଣିବା କେବଳ ଛଳନା । ମନ ଯାଇଁ ଆଉ କେଉଁଆଡ଼େ ।

ସିନେମା ଆଗରୁ ଦଶହାତ ଦୂରରେ — ଟିକିଏ ଅନ୍ଧାରିଆ ଯାଗାରେ ଜଳଖିଆ ପଶରାଏ ମେଲଦେଇ ଜଣେ ବିକିବାରେ ଲାଗି-ପଡ଼ିଥିଲା । ବରା, ଗୁଲୁଗୁଲା, ସୋଲ ସିଝା ଆଉ ନାଲି ନେଳି ପୁଟଦିଆ ଗୁଡ଼ରେ ତିଆରି ମହନଭୋଗ । ବଡ଼ଦାଣ୍ଡରେ ଖିଲି ଖିଲିଆ ପବନ ଧୂଳି ଉଡ଼େଇଆଣି ଜଳଖିଆ ଉପରେ ପରସ୍ତ ପରସ୍ତ ଗୋଲାପୀ ରଙ୍ଗ ଛୁଆଁଇଦେଉଥିଲା ।

ଅନେକ ବେଳୁ ସେ ପଶରାଟା ଆଡ଼କୁ ଚାହିଁରହିଛି ଗୋଟେ ମାଗିଖିଆ । ବଡ଼ଦାଣ୍ଡ ବାଁ ଧାଡ଼ିର ଗୋଟେ ଦୋକାନ ପଟାତଳେ ବସିରହି ସେ ଅନେଇଛି । ପାଖରେ ବହୁଛି ନଳାପାଣି । ବେଙ୍ଗ କେଇଟା ଫକ୍ ଫାକ୍ ହେଉଁଛନ୍ତି । ଜଗୁ ସିନେମାର ସେଇ ପୋଷ୍ଟର

ଆଡ଼କୁ ଅନେଇବା ସଙ୍ଗେ ସଙ୍ଗେ ଆଖି ଫେରେଇ ଦୋକାନପଠା ତଳେ ଲୁଚି ବସିଥିବା ସେଇ ମାଗିଖିଆଟାକୁ ବି ଲକ୍ଷ୍ୟ କରୁଥିଲା ।

ଯିବାକୁ ସେ ତରତର ହଉଛି । ଆଠଟା ବାଜନି । ହରିବାବୁ ଯେବେ ଚାଲିଯାଆନ୍ତି ? ନାଁ—ରାଧି ସଙ୍ଗେ କ'ଣ ସେ ଆଉଥରେ କଥା ହବ ? ମାଲିକ ଦେବେ ଦେବେ ବୋଲି କହୁଥିଲେ । କିନ୍ତୁ ହେଲେ ତ ସେ ଏ ପର୍ଯ୍ୟନ୍ତ ଜାଣିଲା ନି ।

ବୁଲାବକା ଜଳଖିଆ ବାଲା ଖୁବ୍ ଜୋରରେ ପାଟି କରୁଥିଲା ।

ମାଗିଖିଆଟା ଖାଲି ବହମରେ ସେ ନଳାତଳୁ ଉଠି ଆସିଲା । ଦୋକାନୀଟି କେବଳ ଅନେଇଛି । ଖାଲି ବେଗରେ ଆସି ଗାଉଁ ଗାଉଁ କରି ସେଇ ପଶରାଟାରୁ ଜଳଖିଆ ଗୁଡ଼ାକ ଦି' ହାତରେ ସେ ଟେକିବା ଲାଗିଲା । କଲ ବୁଲେଇବାର ସମୟ ନାହିଁ, ଢୋକିବାକୁ ତର ନାହିଁ । ମାଗିଖିଆଟା ଖାଇଲାଗିଲା । ଯେପରି ଅବା ଭୋକିଲା ଷଣ୍ଢ କି ମାଙ୍କଡ଼ଟିଏ ।

ଜଗୁ ଆଉ ଟିକଏ ଆଗେଇଗଲା ।

ଦୋକାନୀଟା ବାଡ଼ି ଖଣ୍ଡିକରେ ତାକୁ ପିଟିବାରେ ଲାଗି ପଡ଼ିଥିଲା ଓ ହ ହାତଧରି ତାକୁ ଡଉ଼ୁଥିଲା । ପିଠିରେ ତାର ନୋଳା ଫାଟିଗଲାଣି । ଖାଲନାଲ ହୋଇଗଲାଣି । ତଥାପି ସେ ଉଠୁ ନଥିଲା ।

ଲୋକ ଦଶ ପନ୍ଦର ଜଣ ହବ ଆସି ଜମା ହୋଇଗଲେଣି । ସମସ୍ତେ କେବଳ ଚାହିଁ ରହିଛନ୍ତି । କାହା ତୁଣ୍ଡରେ ଭାଷା ନାହିଁ । ଲୋକଟା ପିଟିଲାଗିଛି । ଗହଳି ଭିତରୁ କିଏ ଜଣେ ପାଟିକଲା—ଶଳାକୁ ଥାନାକୁ ନେଇ ଚାଲ ମ ।

ସମୟ ହୋଇଗଲାଣି । କାଲିକି ଆଉ ସମୟ ହବନି । ଯେ କୌଣସି ପ୍ରକାରେ ସେ ହରିବାବୁଙ୍କୁ କହିଦେଇ ଆସିବ । ମାଗିଖିଆଟାକୁ ଏମାନେ କଅଣ କରିବେ କେଜାଣି ?

ଏତେ ମାଡ଼ ଖାଇଲେ ବି ଲୋକଟାକୁ ବାଧୁନ । କଳରେ ପୂରେଇଥିବା ଗୁଲୁଗୁଲାଗୁଡ଼ାକ ସେ ଚୋକିବାରେ ଲାଗିଛି । ଲୋକଟା ଏଠା ଲୋକ ବୋଲି ଦେଖାଯାଉନ । ବିଦେଶୀ । ଆଉ କେଉଁଆଡ଼ୁ ଆସି ଅନେକ ଦିନ ଧରି ବୋଧେ ଉପବାସ ଥିଲା ।

ଜଗୁ ହରିବାବୁଙ୍କ ମେସ୍‌ଆଡ଼େ ଚାଲିଥିଲା । ମାଗିଖିଆଟାର ଭୋକ ଆଉ ଦୋକାନୀର ହଗାଲଗାମାଡ଼ । ତା ଆଖିଆଗରେ ଆସି ନାଚି ଯାଉଥିଲା – ଦୋକାନ ବଜାର, ରିକ୍‌ସା, ମଟର ଆଉ ଲୋକସମାଗମ । ସତେ ଯେପରି ତା' ଚାରିପାଖେ ସେମାନେ ଚକା-ଭଉଁରୀ ଖେଳୁଥିଲେ ।

ଗୋରୁ ଗାଈ, କୁକୁର ବିରାଡ଼ି ଆଉ ମଣିଷ । କି ତଫାତ ଅଛି ଏଥିରେ । ମାଗିଖିଆ ଲୋକଟା କଥା ଭାବି-ଭାବି ସେ ଚାଲୁଥିଲା ।

× × × ×

ମେସ୍ ପାଖରେ ହେଲାବେଳକୁ ହରିବାବୁ ଠିକ୍ ବାହାରୁ ଥାଆନ୍ତି । ଜଗୁର ଗାଁକୁ ଯିବାକଥା ଆଉ ସରଅପାର ବାହାଘର କଥା ଶୁଣି ହରିବାବୁ ଭାରି ଖୁସିଟେ ହେଲେ । କହିଲେ – କାମଦାମ ସାରି ଶୀଘ୍ର ଗାଁରୁ ଫେରିଆସିବୁ । ବୋଉ ଯାହା କହିବ ସେଇ ଅନୁସାରେ କରିବୁ । ତାଙ୍କ କଥାରୁ ବାହାରିହେବୁ ନି ।

ଜଗୁ କଥା ହୋଇ ଫେରିଆସୁଥିଲା । ହରିବାବୁ ପଛଆଡ଼ୁ ଡାକିଲେ – ଜଗୁ – ଏ ଜଗୁ ଶୁଣ୍ – ଶୁଣ –

ଜଗୁ ଯାଇଁ ଠିଆ ହେଲା ।

– ଗୋଟେ କଥା ଶୁଣିଛୁ ?

– କି କଥା ?

ଶାମିଆ କହୁଥିଲା—ସହରର ସମସ୍ତ ରିକ୍ସାବାଲା କାଲି କୁଆଡ଼େ ରିକ୍ସା ଟଣା ବନ୍ଦ କରିଦେଉଛନ୍ତି । ମାଲିକମାନଙ୍କୁ ଦିନକୁ ଦେଢ଼ଟଙ୍କା କରି ସେମାନେ ଦେଇପାରିବେ ନା । ଯାତ୍ରୀଦିନ କଥା ଅଲଗା । ପଡ଼ିଆ ଦିନମାନଙ୍କରେ ସେମାନେ ପାଇବେ କେତେ ଯେ ମାଲିକକୁ ଦେଢ଼ଟଙ୍କା ଦେଇ ଆପେ ପୋଷିହେବେ ? ଏହାପରେ ମାଲିକ-ମାନେ ଦେଢ଼ଟଙ୍କାରୁ କିଛି କାଟି ଦେବେ; ବୋଲି ବିଶ୍ୱାସ ହେଉଛି ।

ଘନିଆ ସାଇର ସମସ୍ତେ କ'ଣ କାମ ବନ୍ଦ କରୁଛନ୍ତି ?

ମୁଁ ତ ଠିକ୍ ଜାଣିନି । ସେ ବିଷୟରେ କଥା ହେଉଥିଲେ । ପଚାରିଲେ ହବ ।

ସତେ ! କ'ଣ କାଲିଠୁ ?

ଶୁଣୁଛି ତ—

ଜଗୁ ଦୋକାନଆଡ଼େ ବାହାରିଲା । ହରିବାବୁ ଚାଲିଲେ ଘନିଆ ଘରକୁ । ଟାଉନ୍ଥାନା ଘଣ୍ଟାରେ ଆଠ ବାଜିଲା ।

ତା' ଆରଦିନ ବଡ଼ ଭୋରରୁ ଜଗୁ ମୁହଁଅଧିଆ ରାଧି ପାଖକୁ ଚାଲିଗଲା । ରାଧି ଏବେ ଦେଖି କଥାବାର୍ତ୍ତା କରେ ନା । ମୁହଁ କେମିତି ତାର ଛେଚେରା ପଡ଼ିଯାଇଛି । ହସ ଅବା ତା'ଠି ସାତ ସପନ ହେଲାଣି । ଦୋକାନର ଅଇଁଠା ବାସନଗୁଡ଼ାକ ପାଉଁସ ଲଗେଇ ରାଧି ମାଜିଚାଲିଛି । ଲୁଗାପଟାରେ ଠିକ୍ ନାହିଁ । ଓଢ଼ଣାଟା ଖସିପଡ଼ୁଛି ବେକତଳକୁ । ବାସନ ମାଜିବା ସାଙ୍ଗେ ସାଙ୍ଗେ ତା ଶରୀରର ମାଂସ-ପେଶୀସବୁ ଉଠାପଡ଼ା ଆରମ୍ଭ କରିଛନ୍ତି । ଜଗୁ ଖଣ୍ଡେ ପଥର ଉପରେ ଯାଇ ବସିପଡ଼ିଲା ।

ଓଢ଼ଣାଟା ମୁଣ୍ଡ ଉପରକୁ ଟାଣିଦେଇ ରାଧି କାମ କରିଚାଲିଲା । ଜଗୁ କଥାକୁ ଏଣେ ବି ସେ ଡକେଇଛି ।

କାଲି ମୁଁ ଗାଁକୁ ଯାଉଛି । ସରି ଅପାର ବାହାଘର । ଜାଣିଚୁ ନା ରାଧି — ଆଜ ରାତି ଚାଲଟେର ଗାଡ଼ିରେ ମୁଁ ଯିବି ।

କେତେବେଳେ ଯାଇଁ ଗାଁରେ ପହଞ୍ଚିବୁ ? ରାଧି ପଚାରିଲା ।

ଏଠଉଁ ଗାଡ଼ି ତିନଟା ସାଢ଼େ ତିନଟା ବେଳେ ଛାଡ଼େ । ଡେଲାଙ୍ଗରେ ପହଞ୍ଚୁ ପହଞ୍ଚୁ ରାତି ପାଇଥିବ କି ନାହିଁ । ଚାଲି ଚାଲି ଘରେ ପହଞ୍ଚିଲା ବେଳକୁ ଦଶଟା ଉପରେ ।

କ'ଣ ଏତେ ବାଟ ?

ଜଗୁ ଚୁପରହି କେବଳ ମୁଣ୍ଡ ଟୁଙ୍ଗାରିଲା ।

ଫେରିବୁ ପୁଣି କେବେ ?

ଏଇ ପନ୍ଦର କୋଡ଼ିଏ ଦିନ ଭିତରେ ।

ମାଲିକଙ୍କୁ ପଚାରିସାରିଲୁଣି ?

ପଚାରିସାରିଲିଣି । ଶୁଣୁଛି ବାହାଘରର କେତେ ଖର୍ଚ୍ଚ ବି ସେ ଉଠେଇଦେବେ ।

ସତେ ?

ତୁ କ'ଣ ଜାଣିନୁ ?

କେମିତି ଜାଣିବି ? ଘରଆଡ଼େ ମୋର ଛାଇ ପଡ଼ିଲେ ମାଲିକାଣୀଙ୍କର ତ ନାହିଁ ଡେଉଁଛି । କିଏ ତାଙ୍କୁ କ'ଣ କହିଛି କେଜାଣି ? ଅନେକ ଦିନ ଧରି ମୁଁ ଘରଆଡ଼େ ଯାଇନି । ଭାବୁଛି—ମୋତେ ବୋଧେ କାମରୁ ବାହାରକରିଦେବେ । କ'ଣ କରିବି ମୁଁ ଜଗୁ ? ରାଧିର ଆଖିରେ ଅଭିମାନମିଶା ଭରପୂର ଆଶଙ୍କା । କଣ୍ଠ ତାର ଦଦରା ଶୁଭୁଥିଲା ।

"ଏମିତି କାହିଁ ହଉଚୁ । ମୁଁ ତ ଅଛି, ଦେଖିବା କେମିତି ତୋତେ ବାହାର କରିଦେବେ ? ଦମ୍ଭଧର, ମୁଁ ଖାଲି ଗାଁରୁ ଫେରି-ଆସେ । ଜଗୁ, ରାଧି ପିଠିରେ ଅଳ୍ପ ହାତ ବୁଲେଇଆଣିଲା ।"

ଛୁଟି ଗ୍ଲଲା ମହାନଦୀର ସୁଅ । ରାଧିର ଆଖିରୁ ଉବୁକେଇ ଆସୁଥିଲା ଉଚ୍ଛୁଳା ବନ୍ୟା । ଧୁଁ—ସୁଁ ହୋଇ ରାଧି ବାସନ ମାଜୁଥିଲା ।

ରମି, ମଧୁଆ, ଆଉ ନାରଣଭାଇନା ବୋଧେ ଉଠିଲେଣି । ଦୋକାନଆଡ଼ୁ ସେମାନଙ୍କର ପାଟି ଶୁଭୁଛି । ଜଗୁ ଉଠି ଯାଉଥିଲା ।

ରାଧି ଡାକିଲା—ଜଗୁ, ଶୁଣ, ଶୁଣ । ଟିଣ ଡବାଟାରେ ଥିବା ଟଙ୍କା କ'ଣ ତୁ ଗାଁକୁ ନେଇ ଯିବୁଟି ? ବଡ଼ ଆସ୍ତେ ରାଧି ପଚାରିଲା ।

ଅସମ୍ଭବ ! ସେଥିରେ ମୋଟେହେଲେ ମୁଁ ହାତ ଦେବି ନା । ପୃଥିବୀ ପ୍ରଳୟ ହୋଇଗଲେ ବି ସେ ଟଙ୍କା ଅନ୍ୟ କେଉଁଆଡ଼େ ଖର୍ଚ୍ଚ କରିବି ନା ।

ରାଧି ପଚାରିଲା—ଟିଣ ଡବାଟା ତାହେଲେ ସେଇଠେଇ ଥିବ ?

ଥାଉ—ଆଗ ମୁଁ ଗାଁରୁ ଆସେ ଭାର ।

ଜଗୁ ତରତରରେ ଦୋକାନ ଘର ଭିତରକୁ ପଶିଗଲା । ସେ ଗାଁକୁ ଗଲାଭିତରେ ରମି ତା କାମ ଚଳେଇଦବ । ସେ ବି ମନ୍ଦ ଗ୍ଭ' କରେ ନା, କିନ୍ତୁ କେଜାଣି କାହିଁକି ଜଗୁ ଗ୍ଭ' ଉପରେ ଗରାକଯାକ ସମସ୍ତେ ଖୁସି ।

ଆଜି ରାତିରେ ସେ ଗାଁକୁ ଯିବ । କାମରେ ମନ ନାହିଁ । ରମି ବି ତା କାମ ଚଳାଇଦଉଛି । ପଇସା ଗ୍ଭଲିଛି—ଜଳଖିଆ ଆଉ ଗ୍ଭ । ରାସ୍ତାରେ ଲୋକ ସମାଗମ ବଢ଼ୁଛି । ଖରା ବି ଟାକଲା ଧରି ଆସିଲାଣି । ସହରର ଦୋକାନସବୁ ଗୋଟି ଗୋଟି ହୋଇ ଖୋଲୁଛି ।

ନ'ଟା ଆସି ବାଜବ । ରାସ୍ତାରେ ଯାନ ବାହନର ଦେଖା ନାହିଁ । ବେଳେ ବେଳେ ମଟର କେଇଟା ଧାଁଧପଡ଼ କରୁଛି । ରିକ୍ସା ଓ ଘୋଡ଼ାଗାଡ଼ି ଧାଡ଼ି ଧାଡ଼ି ହୋଇ ଯେଉଁ ଯାଗାରେ ଠିଆହୁଅନ୍ତି ସେଠେଇ ସେମାନଙ୍କର ଚିହ୍ନବର୍ଣ୍ଣ ନାହିଁ ।

ତା'ହେଲେ ସହରର ସବୁ ରିକ୍ସାବାଲା କ'ଣ ସତରେ ଗାଡ଼ିଟଣା ବନ୍ଦକରି ଦେଇଛନ୍ତି ? ଜଗୁ ହରିବାବୁଙ୍କ କଥା ମନେ ପକେଇଲା । ଜିତେନ୍ଦ୍ରବାବୁଙ୍କ ଦୋକାନ ବି ଏପର୍ଯ୍ୟନ୍ତ ଖୋଲିନି । ସେ ନିଜେ ଆସି ଦୋକାନ ଖୋଲୁଛନ୍ତି । ଦୋକାନରେ ତାଙ୍କର ପାଞ୍ଚ ପାଞ୍ଚଟା ଚାକର । ଗୋଟିଏ ହେଲେ କାହାରି ଦେଖା ନାହିଁ । ଜିତେନ୍ଦ୍ରବାବୁ ଦାନ୍ତ କଡ଼ମଡ଼ କରି ଚାରିଆଡ଼କୁ କେବଳ ଲକ୍ଷ୍ୟ କରୁଥାଆନ୍ତି ।

ସହର ବି ଏ ପର୍ଯ୍ୟନ୍ତ ସଫା ହେଇନି । ତା'ହେଲେ ଧନିଆ ପ୍ରଭୃତିଙ୍କ କଥା କଣ ସତ ? ଏମାନେ ବି କାମ ବନ୍ଦ କରି ଦେଇ-ଛନ୍ତି ? ଜଗୁ ମନରେ ସନ୍ଦେହ ଆସିଲା । କେତେ ଦିନଯାଏ ବା ଏମାନେ ଏ ପ୍ରକାର କାମ ବନ୍ଦ କରିପାରିବେ ? ପେଟ ପୋଡ଼ିଗଲେ ମନକୁ ଆସି କାମ କରିବେ ନି ଯେ ଯିବେ କୁଆଡ଼େ ? କିନ୍ତୁ ସହରରୁ ତ ଦୁର୍ଗନ୍ଧ ବାହାରିବ ? ଯାନବାହାନ ବନ୍ଦ ହୋଇଗଲେ ଚଳିପାରିବା ବି ବଡ଼ ମୁସ୍କିଲ୍ ହୋଇପଡ଼ିବ ।

ନାରଣ ଭାଇନା ଡାକିଲା—ଜଗୁ—ଏ – ଜଗୁ –

କ'ଣ ନାରଣ ଭାଇନା – ଜଗୁ ପଚାରିଲା ।

ଜଳଖିଆ ଆଲମାରିରେ କାଗଜ ଗୁଡ଼ିଆହୋଇ ସେ ଯୋଉ ପୁଡ଼ିଆଟା ଅଛି ସେଇଟା ଆଣିଲୁ ।

କ'ଣ କି ସେଇଟା ?

ଆଗ ଆଣ ନା –

ଜଗୁ ଆଲମାରି ଖୋଲି ପୁଡ଼ିଆଟା ଆଣିଲା । ସେଇଟାକୁ ଚିପି ଚିପି କ'ଣ ଅଛି ବୋଲି ସେ ଅନୁଭବ କରୁଥାଏ ।

ସେଥିରେ ଅଛି – ଖଣ୍ଡେ ମଦୁରା ଶାଢ଼ୀ, ଜ୍ୱାଇଁ ପାଇଁ ହଳେ ଦକ୍ଷିଣୀ ଯୋଡ଼ି, ଗୋଟିଏ ଷ୍ଟ୍ରେଟ କଳା ସୁନ୍ଦର ସୁଟ୍‌କେଶ୍; ସେଥିରେ ତେଲ, ସାବୁନ ଇତ୍ୟାଦି ରହିଛି । ଗଲାବେଳେ ପଚାଶ ଟଙ୍କା ନେଇ ଯିବୁ ବୋଲି ମାଲିକ ଆସି କହିଯାଇଛନ୍ତି । ମାଲିକ ଦୋକାନକୁ ଆସି ଗଲାବେଳେ ଜଗୁ ପାଇଖେନା ଯାଇଥିଲା । ମାଲିକାଣୀଙ୍କ ସଙ୍ଗେ ଦେଖାହୋଇ ଯିବାକୁ ସେ ଖବର ଦେଇଛନ୍ତି ।

ଜଗୁର ପେଟ ପୂରି ଉଠୁଥିଲା । ହରିବାବୁ ସେଦିନ କହିଥିଲେ – ମାଲିକ ବେଶି ଦରମା ନଦେଲେ ସେ ବି କାମ ବନ୍ଦ କରିଦେବ । ସହରର ତମାମ୍ ସମସ୍ତେ ।

କାହିଁକି ଅବା ସେ କାମ ବନ୍ଦ କରିବ ! ମାଲିକ ତ ତା'ର ସାକ୍ଷାତ ଦେବତା । ଏମିତି ଅସମୟରେ କିଏ କାହାକୁ ସାହାଯ୍ୟ କରେ ? ମାଲିକାଣୀ ତା'ର ଠିକ୍ ଅବା ଲକ୍ଷ୍ମୀ ସାଆନ୍ତାଣୀ ।

ମାଲିକ ବା ପ୍ରଭୁ ସମସ୍ତେ ଯେ ସଦାବେଳେ ଖରାପ ପ୍ରକୃତିର ହେବେ, ସମସ୍ତେ ଯେ ଲୋକମାନଙ୍କ ଉପରେ ଅତ୍ୟାଚାର କରିବେ ଏହାର ତ କୌଣସି ହେଲେ ମାନେ ନାହିଁ । ମହାପାତ୍ରଙ୍କ ଭଳି ମାଲିକ ଜଣେ ଥିଲେ ଚିନ୍ତା ଅବା ଆଉ କ'ଣ ଅଛି ? ପ୍ରଭୁ, ଚାକର, ମାଲିକ, ମଜୁରିଆ ସମସ୍ତେ ଏକ ମଣିଷ । ସମସ୍ତଙ୍କର ତ ରକ୍ତ ମାଂସର ଶରୀର ।

ଜଗୁ ଅନୁଭବ କଲା – ଦାଣ୍ଡଟା କେମିତି ଫାଙ୍କା ଫାଙ୍କା ଜଣା ପଡ଼ୁଛି । ରିକ୍‌ସାଗୁଡ଼ାକ ଘଣ୍ଟିମାରି ଖରବେଗରେ ଛୁଟୁ ନାହାନ୍ତି । ସବୁଦିନ ଭଳି ଲୋକ ସମାଗମ ନାହିଁ ।

ସବୁଆଡ଼େ ସେଇ କଥା । ଗଳିକନ୍ଦି ବୁଲି ଦେଖି ଆସିବ, ସବୁ ଲୋକଙ୍କ ମୁହଁରେ ଏଇ ବିଷୟରେ ଚର୍ଚ୍ଚା । ଲୋକମାନେ ତ ଯା'ଆସ କରି ପାରିବେ ନି ? ବ୍ୟବସାୟ ତ ଅଚଳ ହୋଇପଡ଼ିବ ?

ଆଉ କେତେ କହି ବୁଲୁଥାଆନ୍ତି — ସମୟ ତ ହେଲା, ଛୋଟ ଲୋକ ବଢ଼ିଆ କାଳ । ଟିକିଏ ସୁବିଧା ଦେବାରୁ ସେମାନେ ମୁଣ୍ଡ ଉପରେ ଆସି ବସୁଛନ୍ତି । ଦେଖିବା ଦେଖି, କେତେଦିନ ସେମାନେ କାମ ବନ୍ଦ କରିବେ ? ଗୋଟେ, ଦି'ଟା ଦିନ ଗଲେ ଭିଡ଼ିମୋଡ଼ି ହୋଇ ମନକୁ ଆସି କାମରେ ଯୋଗଦେବେ ! ଏଗୁଡ଼ାଙ୍କୁ ଖାଲି ହଣ୍ଟରରେ ପିଟିବା ଦରକାର ।

ଏହିପରି ନାନାପ୍ରକାର କଥାବାର୍ତ୍ତା । ଚାରିଆଡ଼େ ସେଇ ଗପ । ଘରେ ଆଉ ବାହାରେ ।

ଗତ ଦିନଉ ଦିନଉ ଜଗୁ ଲକ୍ଷ୍ୟ କରୁଥିଲା — ଜିତେନ୍ଦ୍ରବାବୁ ତାଙ୍କ ଦୋକାନରେ ବସି ରକ୍ତ ଗୁଣ୍ଡଳ ଚୋବାଉଥାଆନ୍ତି । ତାଙ୍କ ଦୋକାନର କେହି ହେଲେ ଲୋକ କାମକୁ ଆସି ନାହାନ୍ତି । ଦୋକାନର ଗୋଟେ ଫାଳ ମେଲାକରି ଚଉକିଟେ ଉପରେ କେବଳ ସେ ବସି ରହିଛନ୍ତି ।

କାଶି ଦଳେଇ କେଉଁଆଡ଼ୁ ବୁଲି ବୁଲି ଆସି ଜିତେନ୍ଦ୍ରବାବୁଙ୍କୁ ନମସ୍କାର କଲା । ଜଗୁ ଦେଖିଲା — ଜିତେନ୍ଦ୍ରବାବୁଙ୍କ ମୁହଁରେ ଖେଳିଗଲା ଉଚ୍ଛୁଳା ହସ । କାଶିକି ଆଉ ଗୋଟେ ଚଉକିରେ ବସିବାକୁ ସେ ଇଙ୍ଗିତ ଦେଲେ । ଦିହେଁ ଲଗାଲଗି ହୋଇ ବସିଥାଆନ୍ତି । ଜିତେନ୍ଦ୍ରବାବୁ କେତେ କ'ଣ ରାଗ ତମ ତମ ହୋଇ କହି ଯାଉଥାଆନ୍ତି । କାଶି ମୁଣ୍ଡ ହଲେଇ ସବୁ କଥାରେ ହଁ — ହଁ ମାରୁଥାଏ ।

ଜଗୁ ଠିକ୍ ଦେଖିଛି — ଜିତେନ୍ଦ୍ରବାବୁ ତାଙ୍କ ଡ୍ର ଭିତରୁ ମେଞ୍ଚେ ହବ ନୋଟ୍ କାଢ଼ି କାଶି ହାତକୁ ବଢ଼ାଇଦେଲେ । ସେତିକି

ପାକେଟରେ ରଖିଦେଇ ସେ ସିଂହ ବିକ୍ରମରେ ଛୁଟିଲା । ମୁହଁରେ ତାର ଭରି ରହିଥିଲା ବିଜୁଆ ହସ, ଆଖିରେ ଶିକାରୀର ହିଂସା ।

× × × ×

ସେଦିନ କି ଗୋଟେ କାମରେ ମଧୂଆ ମାଲିକଙ୍କ ପାଖକୁ ଯାଇଥିଲା । ଦୋକାନରେ କ'ଣ ଅଛି, କ'ଣ ନାହିଁ' କି କି ଜିନିଷ ସବୁ ଦରକାର, ଏ ବିଷୟ ନେଇ ମଧୂଆ କେତେ କ'ଣ କଥା ହୋଇ ସାରିଲାପରେ ମାଲିକ ତା ହାତରେ ଖବର ଦେଇଥିଲେ — ଜଗୁକୁ କହିଦବୁ ସେ ଆସିବ ।

ଠିକ୍ ଚାରି ନେଉଟାବେଳକୁ ଜଗୁ ଯାଇ ମାଲିକଙ୍କ ଘରେ ହାଜର୍ । ମାଲିକ ଉଠି ନ ଥାନ୍ତି । ଖାଇ ସାରିଲାପରେ ଖରାବେଳେ ଶୋଇବା ତାଙ୍କର ନିତିଦିନିଆ ଅଭ୍ୟାସ । ମାଲିକାଣୀ ଆଉ ଘରେ ଝିଅର ଫ୍ରକ୍‌ଟେ ସିଲେଇ କରୁଥାଆନ୍ତି । ସୁଲି ସିଲଟରେ କେତେ କ'ଣ ଗାରଉଥାଏ ।

ଦୁଆରବନ୍ଧ ପାଖକୁ ଯାଇ ଜଗୁ ଡାକିଲା — ସୁଲି

ମାଲିକାଣୀ ଡାକିଲେ — ଜଗୁ--ଆ-ଆ-ମୁଁ ତ ତତେ ଅନେକ ଖୋଜିଲିଣି । ତୁ ଆଜି କେତେବେଳେ ଗାଁକୁ ଯିବୁ ?

ରାତି ତାଲଚେର ଗାଡ଼ିରେ ।

ଗାଡ଼ି କେତେବେଳେ ଛାଡ଼ିବ ?

ସାଢ଼େ ତିନିଟା ।

ରାତିରେ ନିଦ ନ ଭାଙ୍ଗିପାରେ । ସଞ୍ଜବେଳୁ ବେଳୁ ଟିକିଏ ଶୋଇ-ପଡ଼ିବୁ । ମଧୂଆକୁ କହିବୁ ସେ ବାରଟା ବେଳକୁ ଉଠେଇଦବ । ଖାଇଦେଇ ସିଧା ସିଧା ଷ୍ଟେସନ ଚାଲିଯିବୁ । ଆଛା—ବାହାଘର ପାଇଁ କିଛି କ'ଣ ଠିକ୍ ଠାକ୍ କରିଛୁ ?

କିଛି ନାହିଁ । ବୋଉ ତେଣେ ଯାହା କିଛି କରିଥିବ । ପକେଟରୁ ଚିଠିଟା କାଢ଼ି ଜଗୁ ମାଲିକାଣୀଙ୍କ ଆଗରେ ପଢ଼ିଗଲା । ଯାହା ହବାର ହବ । ମୋ ହାତରେ ଯେତିକି ହବ ମୁଁ ସେତିକି କରିବି, ବେଶି ତ କିଛି କରି ପାରିବି ନି ।

ତୁ ନ କଲେ ବୁଢ଼ୀ ବୋଉଟା ତୋର କରିବ କଣ ?

ମୁଁ ବି କ'ଣ କରିବି ?

ମାଲିକାଣୀ ଅଳ୍ପ ଚୁପ ରହିଲେ । ପାଖକୁ ଡାକି ସୁଟ୍‌କେଶରୁ ପୁଟୁଳାଟେ ବାହାରକରି କହିଲେ—ଏଇ ଦେଖ୍, କାହାକୁ କିଛି କହିବୁ ନି । କେତେଟା ରୁପା ଜିନିଷ ମୋ ପାଖରେ ପଡ଼ିଛି ନେଇଯା ! ରୁପା କାଚ, ଖଡ଼ୁ, ଅଣ୍ଟାସୁତା ଆଉ ପାଉଁଜି ହେଲେ । ପଇସାପତ୍ର କଥା ପରେ ବୁଝିବା । ମାଲିକ ଯେମିତି ଏ କଥା ନ ଜାଣନ୍ତୁ ।

କୃତଜ୍ଞତାରେ ଜଗୁର ମନ ଭରିଉଠୁଥିଲା । ମାଲିକାଣୀଙ୍କ ଆଡ଼କୁ ସେ ଅନେଇଲା । ଠିକ୍ ଅବା ଲକ୍ଷ୍ମୀ ସାଆନ୍ତାଣୀ । ଦୟା ଆଉ କରୁଣାରେ ତାଙ୍କ ମୁହଁ ଭରିଉଠିଛି । ମନେ ମନେ ଜଗୁ ଜୁହାର କଲା ।

ତେବେ ରାଧିର ଛୁଇ ପଡ଼ିଲେ ସ୍ୱୁଙ୍କର ନାହିଁ ଡଏଁ କାହିଁକି ? ମାଲିକାଣୀ ତ ସାଧାରଣ ସ୍ତ୍ରୀ ଲୋକ ନୁହନ୍ତି । ରାଧିପ୍ରତି ତେବେ ଇଏ କି ଆଚରଣ ? ଜଗୁ କାରଣ ଖୋଜି ବସିଲା । ଠିକ୍ କରି ପାରିଲାନି । ରାଧି କ'ଣ ତା'ହେଲେ ମିଛ କହୁଥିଲା ? ପ୍ରକୃତରେ ରାଧିତ ଇଆଡ଼କି ଅନେକ ଦିନ ଧରି ଆସିନି ।

କ'ଣ ଭାବୁଚୁ ଜଗୁ ?

ଅଳ୍ପ ହସି ଜଗୁ କହିଲା—ଆଉ ଭାବିବି କ'ଣ ? ଆପଣ ଥାଉ ଥାଉ ମୋର ଭାବନା ବା ଆଉ କ'ଣ ଅଛି ?

ହଁ—ମାଲିକ ତୋତେ ପଚିଶଟଙ୍କା ଦେବାକୁ କହିଛନ୍ତି । ବାକ୍ସରୁ ଟଙ୍କା ଆଣି ଜଗୁ ହାତକୁ ସେ ବଢ଼ାଇଦେଲେ ।

ସେ କ'ଣ କେବେ ହେଲେ ଏଥିରୁ ମୁକୁଳିପାରିବ ? ଅସମୟରେ ଏ ସାହାଯ୍ୟ ତ ସେ କେବେହେଲେ ଭୁଲି ପାରିବନି । ତା'ହେଲେ ମାଲିକଙ୍କ ଦୋକାନ ଛାଡ଼ି ସେ ନୂଆ ଦୋକାନ ଖୋଲିବ କେମିତି ? ନାଁ— ସେ ପାରିବ ନି । ଚିରଦିନ ପାଇଁ ମାଲିକଙ୍କ ଦୋକାନରେ ସେ ଏମିତି ଗୁହାରି ବନାଉଥିବ । କଣାଗୁଳର ହୋଇ ପଡ଼ିରହିଥିବ ।

ମାଲିକଙ୍କ ତା'ହେଲେ ସଙ୍ଗେ ଅଳ୍ପ ଟିକିଏ ଦେଖା ହୋଇ-ପାରିବ ନି ? ଜଗୁ ପଚାରିଲା ।

ଶୋଇବା ଘରକୁ ଅଳ୍ପ ଅନେଇଦେଇ ମାଲିକାଣୀ କହିଲେ— ସେ'ତ ଶୋଇଛନ୍ତି । ତୁ ଯା—ମୁଁ କହିଦେବି । ଗାଁରୁ ଯେତେ ଶୀଘ୍ର ଫେରିଆସିବୁ ଭଲ । ଦୋକାନ ବି ଏଣେ ଚାଲି ପାରିବନି ।

ଜଗୁ ମୁଣ୍ଡ ନୁଆଇଁ ମାଲିକାଣୀଙ୍କି ନମସ୍କାରଟିଏ କଲା । ହରି-ବାବୁଙ୍କ କଥା ସାଙ୍ଗେ ମାଲିକ ଓ ମାଲିକାଣୀଙ୍କି ସେ ତୁଳନା କରି ବସିଲା । ହରିବାବୁଙ୍କ କଥା ତାକୁ ନିରର୍ଥକ ବୋଧହେଲା । ଦୁନିଆରେ ଏତେ ଭଲ ଲୋକ ଥାଉ ଥାଉ ସମସ୍ତଙ୍କି କାହିଁକି ବା ସେ ଖରାପ ବୋଲି ଭାବିବ ?

ଲୁଗାପଟା ଆଉ ଜିନିଷପତ୍ର ସବୁ ସଞ୍ଜବେଳୁ ବେଳୁ ସେ ବନ୍ଧା ବନ୍ଧି କରି ଦେଇଥିଲା ବାକି ରହିଥିଲା କେବଳ, ବୋଉପାଇଁ ନିର୍ମାଲ୍ୟ ଓ ତିଳକ । ସେତକ କିଣିସାରିଲା ପରେ କାମ ତା'ର କିଛି ନାହିଁ । ରାଧି ସାଙ୍ଗେ ତ ଆଗୁଆ ସେ କଥା ହୋଇସାରିଛି । ସମୟ ଅନୁସାରେ ଖାଲି ବାହାରିବା କଥା ।

ମାଲିକଙ୍କ ସାଙ୍ଗେ ଜଗୁର ଆଉ ଦେଖା ହୋଇ ପାରିଥାଆନ୍ତା କି ନାହିଁ ସନ୍ଦେହ । କ'ଣ ଗୋଟେ ଜରୁରୀ କାମ ପଡ଼ିଛି । ସଦାବେଳେ ଧାଁ ଧପଡ଼ । ସାଇକେଲ୍ ରିକ୍ସାରେ ମାଲିକ ଜଣେ ଭଦ୍ରଲୋକଙ୍କ ସାଙ୍ଗରେ କେଉଁଆଡ଼େ ଯାଉଥିଲେ । ଦୋକାନ ସିଧା ରିକ୍ସା ରଖି ସିଧା ଦୋକାନ ଭିତରକୁ ପଶିଆସିଲେ । ଆସି ଡାକଲେ—ଜଗୂ—

କ'ଣ ଆଜ୍ଞା—ବାହାଘର ସକାଶେ ମାଲିକଙ୍କର ସାହାଯ୍ୟ ଜଗୁକୁ କୃତଜ୍ଞତାରେ ଭିଜେଇ ଦେଇଥିଲା ।

ଶୀଘ୍ର ଆସିବୁ ଘରୁ । ଯୁଡ଼େ ଦୋକାନ କାମ । ମୋଟେହେଲେ ଡେରି ଯେମିତି ନ କରୁ । ଯଦି ଅସୁବିଧା ହୁଏ ମା ବୁଢ଼ୀକି ସାଙ୍ଗରେ ନେଇ ଆସିବୁ । ବୁଢ଼ୀ ବିଚାରୀ ଏକାରେ ଚଳିବ କେମିତି ? ତରତରରେ ରିକ୍ସାଆଡ଼େ ସେ ଛୁଟିଲେ ।

ଜଗୁ ସବୁ କଥାରେ ମୁଣ୍ଡ ଟୁଙ୍ଗାଇ ନମସ୍କାରଟିଏ ପକେଇଲା ।

ଗଣ୍ଡୁଲିପଣ ବନ୍ଧାବନ୍ଧ ଆଉ ସଜବାଜ, ହବା ଆଗରୁ ସରି-ଯାଇଛି । ଜଗୁ ବଜାରଆଡ଼େ ବାହାରିଲା । ବାହାଘର ଜିନିଷକାଳେ ଶସ୍ତାରେ କେଉଁଠେଇ ମିଳିପାରେ ? ମାଲିକ ଦେଇଥିବା ଟଙ୍କାତକ ତା ପକେଟରେ ଜାବତା କରି ରଖି ଜଗୁ ବଜାର ବୁଲିବାକୁ ଗଲା ।

ଅଳ୍ପ ଦୂର ଯାଇଛି କି ନାହିଁ ଦେଖିଲା — ପଚାଶହେବ ଲୋକ ଜମା ହୋଇ କ'ଣ ଗୋଟେ ବିଷୟ କଥା ହେଉଛନ୍ତି । ଭାରି ଆଲୋଚନା ଚାଲିଛି । କଥା କଣ — ପଡ଼ିଛି ଏକା ଠେଙ୍ଗାକେ ଜଣକର ମୁଣ୍ଡ ଫାଟିଯାଇଛି । ସଞ୍ଜ ଲାଗୁ ଲାଗୁ ଗୋଟେ ଗଳିଦେଇ ଲୋକଟା ବିଚରା ଆସୁଥିଲା । କିଏ ଗୋଟେ ସଇତାନ ପଛରୁ ଆସି ତା ମୁଣ୍ଡକୁ କାଠେ ପିଟିଦେଲା । ଆଲୋ ବୋଉଲୋ ବୋଲି ପାଟିକରି ଲୋକଟା

ସେଇଠାରେ ମୂର୍ଚ୍ଛାଗଲା । ଗଛ କାଟିଲାଭଳି ଲହୁଗୁଡ଼ାକ ବୋହି ଯାଉଥାଏ । ଲୋକଟା ମାରିଦେଇ ଚମ୍ପଟକଲା । ପାଟି ଶୁଣି ସାଇ-ପଡ଼ିଶା ଲୋକ ସବୁ ଦଉଡ଼ିଆସିଲେ । ଟେକିଧରି ସିଧା ଚାଲିଲେ ଡାକ୍ତରଖାନା । ଏ ପର୍ଯ୍ୟନ୍ତ ଚେତା ଆସିନି ।

ଆଉ ଜଣେ ବଳି ପଡ଼ି କହିଲା—ଲୋକଟା ନାଁ ହରିବାବୁ । ସଦାବେଳେ ତାଙ୍କ ହାତରେ ବହିପତ୍ର । କାହା ସାଙ୍ଗେ ସେ ତ କଳି କରିବା ଲୋକ ନୁହଁନ୍ତି । ଟାଉନ୍‌ସାରା ଅନବରତ ଘୁରି ବୁଲିଥିବାର ଅନେକ ଥର ସେ ଦେଖିଛି ।

ହରିବାବୁ ? ଜଗୁ ପ୍ରଥମେ ବିଶ୍ୱାସ କରିପାରିଲା ନି । ତାଙ୍କର ତ ଏ ଦୁନିଆରେ ଶତ୍ରୁ ବୋଲି କେହି ହେଲେ ନାହାନ୍ତି ? ସମସ୍ତଙ୍କୁ ସେ ନିଜର କରନ୍ତି । ସମସ୍ତଙ୍କର ସୁଖ ଦୁଃଖ ଯେପରି ତାଙ୍କର । ପରର ମଙ୍ଗଳ ପାଇଁ ସବୁବେଳେ ତାଙ୍କର ଭାବନା । ଖିଆ ନାହିଁ, ପିଆ ନାହିଁ, ଗରିବ ଗୁରୁବାଙ୍କ ପାଇଁ ଖରା ତରାରେ ବୁଲି କାମ କରିବା ତାଙ୍କର ହେଲା ନିତ୍ୟ ନୈମିତ୍ତିକ କାମ । ସେଇ ହରିବାବୁଙ୍କର କ'ଣ ମୁଣ୍ଡ ଫାଟିଛି ?

ଲୋକମାନଙ୍କ ସଙ୍ଗେ ଆଉ ବିଶେଷ କିଛି କଥାବାର୍ତ୍ତା ନ କରି ଜଗୁ ସିଧା ଚାଲିଲା ଡାକ୍ତରଖାନା । ଆଠଟା ଆସି ବାଜିଲାଣି ? ଖାଇସାରି ତାଲଚେର ଗାଡ଼ିରେ ସେ ପୁଣି ଗାଁକୁ ଯିବ ବୋଲି ଠିକ୍ କରିଛି ।

ନ ଗଲେ କ'ଣ ହବ ନ ? ହରିବାବୁଙ୍କର ମୁଣ୍ଡ ଫାଟିଛି । ଏ କଥା ଶୁଣିକରି ବି ସେ ଗାଁକୁ ଚାଲିଯିବ ? ନା, ସେ ପାରିବନି । ଏଇ ହରିବାବୁ ତା'ର ଆଖି ଖୋଲିଛନ୍ତି ।

ପାହୁଲି ପକେଇ ଜଗୁ ଡାକ୍ତରଖାନା ଚାଲିଲା । କେମିତି ଯାଇ ଶୀଘ୍ର ସେ ହରିବାବଙ୍କୁ ଦେଖିବ ?

ଯାଇଁ ଦେଖେ ତ—ପ୍ରକୃତରେ ହରିବାବୁ । ମୁଣ୍ଡରେ ବ୍ୟାଣ୍ଡେଜ ବନ୍ଧାହୋଇଛି । ଲୋକ କେତେଜଣ ତାଙ୍କ ଶେଯ ପାଖରୁ ଅଳ୍ପ ଦୂରରେ ଠିଆ ହୋଇଛନ୍ତି । ଜଗୁ, ପାଖକୁ ଯାଇ ଦେଖିଲା—ବାଞ୍ଛାନିଧି, ଶାମିଆ, ଘନିଆ ଓ ଆଉ ଜଣେ ଦି ଜଣ ଲୋକ । ଯେଉଁ ଶାମବାବୁ ଆଉ ଜଇବାବୁଙ୍କଠାରୁ ଦିନେ ଦୋକାନରେ ଜଗୁ ଭାଗଧାନ ବିଷୟ ନେଇ କଥା ହେଉଥିବାର ଶୁଣିଥିଲା, ସେ ଦିହେଁ ହରିବାବୁଙ୍କ ବେଡ୍ ପାଖରେ ଠିଆହୋଇ ତାଙ୍କ ନାଡ଼ିର ଗତି, ଦେହର ଉତ୍ତାପ ଓ ମୁଣ୍ଡ ଉପରେ ଟଙ୍ଗାଥିବା ଚାର୍ଟ ବିଷୟ ନେଇ ଜଣେ ନର୍ସ ସହିତ କ'ଣ କଥା ହେଉଥାଆନ୍ତି ।

ହରିବାବୁଙ୍କର ବ୍ୟାଣ୍ଡେଜ ବନ୍ଧା ମୁଣ୍ଡଟାକୁ ଦେଖି ଜଗୁର ପେଟ ଭିତରଟା କେମିତି କୋରେଇହେବାକୁ ଲାଗିଲା । ଆଖି ଭିତରଟା ଆପେ ଆପେ ସନ୍ତସନ୍ତିଆ ହଉଥିବାର ଜଗୁ ଅନୁଭବ କଲା ।

ହଠାତ୍ ତା ଆଖିରେ ଆସି ନାଚିଗଲା—ଜିତେନ୍ଦ୍ରବାବୁଙ୍କ ସଙ୍ଗେ କାଶିଦଲେଇର ଫୁସ୍‌ଫାସ୍ କଥା । ହରିବାବୁ ଯେ ଲୋକମାନଙ୍କୁ ମଣେଇ ନ ଥିବେ କିଏ ଅବା କହିବ ?

ଆଜ ସଞ୍ଜବେଳୁ ବେଳୁ ଜଗୁ ଶୁଣିବାକୁ ପାଇଥିଲା—ଜିତେନ୍ଦ୍ର-ବାବୁ ଦୋକାନର ତାଙ୍କର ସବୁ ପୁରୁଣା ଚାକରଙ୍କୁ ବାହାର କରି ନୂଆ ଲୋକ ଆଣି ରଖିଛନ୍ତି ।

ହରିବାବୁଙ୍କ ସଙ୍ଗେ କଥା ପଦେ ହେବ ବୋଲି ଜଗୁ ବେଡ୍ ପାଖକୁ ଯାଇ ତାଙ୍କୁ ଡାକିବାର ଉପକ୍ରମ କଲାରୁ ସମସ୍ତେ ମନାକଲେ-ତାଙ୍କୁ ନିଦ ଲାଗିଯାଇଛି । ଡାକ୍ତର ମନାକରିଛନ୍ତି—ରୋଗୀକି ଶାନ୍ତିରେ ଶୋଇବାକୁ ଛାଡ଼ିଦିଆଯିବ । କଥାବାର୍ତ୍ତା ହେବା ତ ଛାଡ଼ିଦିଅ । ତାଙ୍କୁ ଘେର ଛିଡ଼ା ହେବାକୁ ବି ମନା ।

ଜଗୁ ହତାଶିଆ ହୋଇଗଲା । ତାହେଲେ ଗାଁକୁ ଯିବା ଆଗରୁ କଥାପଦେ ସେ ହୋଇପାରିବ ନ ? ନା---ତା ଯିବାଟା ସେ ବନ୍ଦ କରିଦବ ?

ସବୁତ ଯୋଗାଡ଼ ହୋଇସାରିଚି । ବାହାଘର ମୁଣ୍ଡ ଉପରେ, ନଗଲେ ତ ନଚଳେ ।

ହରିବାବୁ ସେମିତ ଶୋଇ ରହିଥିଲେ । ବାଞ୍ଛାନିଧି ତାଙ୍କୁ ଆଜି ରାତିରେ ଜଗି ରହିବ । ବାଞ୍ଛନିଧିକ ଜଗୁ ତା' ଗାଁକୁ ଯିବା କଥା କହିଲା । ଘୋଡ଼ାକୁ ପାଣି ପିଆଇଲାଭଳି ସେ କେବଳ ଗାଁକୁ ଯାଉଚି । ନିହାତ୍ ନଗଲେ ନ ଚଳେ ।

ଖଟିଆରେ ଶୋଇରହିଥିବା ହରିବାବୁଙ୍କ ଆଡ଼କୁ ବାରମ୍ବାର ଅନେଇ ଜଗୁ ଦୋକାନ ଆଡ଼େ ଚାଲିଲା । ଖାଇସାରି ସେ ଗାଡ଼ିକି ବାହାରିବ । ବଡ଼ ଦାଣ୍ଡରେ ଅଳ୍ପବାଟ ଗଲା ପରେ ଟାଉନଥାନା ଘଣ୍ଟାରେ ଦଶ ବାଜିଲା ।

× × × ×

ରାତି ଦ'ଟା ଆସି ବାଜିବ । ତାଳଚେର ଗାଡ଼ି ପୁରୀ ଷ୍ଟେସନ ଛାଡ଼ିବାକୁ ଆଉ ଦେଡ଼ଘଣ୍ଟା ବାକି । ଗଣ୍ଡିଲପଣ ସବୁ ଦିନରୁ ଦିନରୁ ବନ୍ଧାସରିଚି । ରାମି ଆଉ ମଧୁଆ ଏ ପର୍ଯ୍ୟନ୍ତ ବି ଶୋଇ ନାହାନ୍ତି । ଜଗୁ ଚାଲିଗଲେ ଯାଇଁ ସେମାନେ ଶୋଇବେ । କିନ୍ତୁ ରାଧିର ଏ ପର୍ଯ୍ୟନ୍ତ ଦେଖା ନାହିଁ ।

ଷ୍ଟେସନ ଗଦାଏ ହିବ ବାଟ । ରାତି ଦଶଟା ଏଗାରଟା ପରେ ରାସ୍ତାସବୁ ନିଘୁଟିଆ ହୋଇଯାଏ । ସାଇକେଲ ରିକ୍ସା ଖଣ୍ଡେ ଖଣ୍ଡେ ସମୟରୁ ସମୟରେ ଖର ବେଗରେ ଯା'ଆସ କରନ୍ତି । ରାତିରେ ସେ

ଢାଟେ ଗଲାବେଳେ ଝାଉଁଗଛଗୁଡ଼ାକ ପବନରେ ସାଇଁ ସାଇଁ ଶୁଭେ। ଅଦୂରରୁ ଭାସିଆସୁଥାଏ ସମୁଦ୍ରର ଗର୍ଜନ ।

ସାଙ୍ଗରେ ସେ ଧରିଥିଲା ଟଙ୍କା, ମାଲିକାଣୀ ଦେଇଥିବା ଅଳଙ୍କାର, ଲୁଗାପଟା ଓ ଅନ୍ୟାନ୍ୟ ଜିନିଷପତ୍ର । ନିଛାଟିଆ ଜାଗା । ସାଙ୍ଗରେ ଏତେଗୁଡ଼ାଏ ଜିନିଷ । ଏକାରେ ଚାଲି ଚାଲି ସେ ଯିବ କେମିତି ? ବାଟରୁ କିଏ ଯଦି ହରଣଚାଲ କରେ — ସରିଲା କଥା ।

ଜଗୁ ଅନେକଙ୍କଠୁ ଶୁଣିଛି — ଜଣେ ଲୋକ ଘରେ ଏକୁଟିଆ ହୋଇ ଷ୍ଟେସନ ଯାଉଥିଲା । ଦିଜଣ ଲୋକ କଳାମୁଖା, କଳା ଚଷମା ଓ କଳା ପୋଷାକ ପିନ୍ଧି ହଠାତ୍ ତା'ଆଗରେ ଆସି ଛୁରୀ ଦେଖେଇଲେ । ବିଚାରା ଲୁଗା ପଟା ଝାଡ଼ା ଝାଡ଼ି କରି ଦେଖେଇଲା । ସେଥିରେ ପଡ଼ିଥିଲା— ଚାଳିଶ ପଚାଶଟା ଟଙ୍କା । ନ ଦେବାକୁ ଚାରା ନାହିଁ । ନ ଦେଇଥିଲେ ମୁଣ୍ଡ ଫାଟିଥାଆନ୍ତା, କି ଜୀବନ ଯାଇ ଥାଆନ୍ତା ।

ଜଗୁ କଠାଏ ହବ ବଡ଼ି ଦି ପଇସିକିଆ ସାନ ଡିଆସିଲି ଗୋଟେ କିଣି ଦିନରୁ ଦିନରୁ ତା ପକେଟରେ ପକେଇଥିଲା । କଞ୍ଚା ଗୁଣ୍ଡି ଦିଆ ଚାରିଖଣ୍ଡ ପାନ କାଗଜ ପୁଡ଼ିଆ ହୋଇ ବି ତା ପକେଟରେ ପଡ଼ିଥିଲା । ପାନ ଖଣ୍ଡେ ଚଚ୍ଚେଇ ତା ସାଙ୍ଗେ ବିଡ଼ି ଟାଣିଲେ ଭାରି ମଜା ଲାଗେ । ଅସଲ କଥା ମନ ଆସିବନି । ଗାଡ଼ିରେ ଢୁଲେଇ ପଡ଼ିଲେ କିଏ କାଳେ ଗଣ୍ଠିଲିଟି ନେଇ ଚାଲ୍ କରେ ? ପିନ୍ଧି-ଥିଲା ସେ ଖଣ୍ଡେ ଧୋତି, ହାପ ସାର୍ଟ ଖଣ୍ଡେ ଆଉ ଚଟି ହଳେ । ଚଟି ହଳକ ମାଲିକଙ୍କର । ଅନେକ ଦିନୁ ଛିଣ୍ଡିଯାଇ ପଡ଼ିଥିଲା । ଚାରେଣ୍ଟା ପଇସା ଖର୍ଚ୍ଚ କରି ଜଗୁ ଚଟି ହଳକ ମରାମତି କରିଛି । ଅଳ୍ପ ଟିକିଏ ବଡ଼ ହେଉଥିଲେ ବି ବିଶେଷ କିଛି ଅସୁବିଧା ହଉନି, ଦିନ ଥାଉ ଥାଉ ସେ ଗୋଟେ ସାଲୁନରେ ଯାଇଁ ଖିଅରହୋଇ

ଆସିଛି । ଏତେ ଦିନ ପରେ ଜଗୁ ଗାଁକୁ ଯାଉଛି । ଟିକଏ ବାବୁ ସାଜି ଅନ୍ତତଃ ଯିବା ଦରକାର ।

ଜଗୁ ରିକ୍ସା ଖଣ୍ଡେ ଡାକିଲା । ଚୁରେଣା ତ ପଇସା । ଚାଲି-କରି ଗଲେ ମନରେ ଦିକ ଦିକ । ଗଣ୍ଠିଲି ଆଉ ବ୍ୟାଗଟି ଧରି ରିକ୍ସାକୁ ଉଠିଲାବେଳେ ରାମି ଓ ମଧୁଆକୁ ଡାକି କହିଲା—ଭାଇ ଯାଉଛି—

ଶୀଘ୍ର ଆସିବୁ ଭାଇ । ଦିହେଁ ଶୋଇବାକୁ ଚାଲିଲେ ।

ନାରଣ ଭାଇନା ଆଗରୁ ଶୋଇପଡ଼ିଥିଲା । ରାଧିର କିଛି ଦେଖା ମିଳିଲାନି । ଯିବା ଆଗରୁ ଦୋକାନ ଭିତର ଭଣ୍ଡାରଘର ଓ ରୋଷେଇ ଘରଆଡ଼େ ସେ ଆଖି ବୁଲେଇଆଣିଲା ।

ବାଡ଼ିଆଡ଼ର ବାରେଣ୍ଡା ଉପରେ ରାଧି ଦିନରୁ ଦିନରୁ ଯାଇଁ ଶୋଇଯାଇଥିଲା । କେହି ତାକୁ ଦେଖି ନାହାନ୍ତି । ଜଗୁ ଗାଁକୁ ଗଲାବେଳେ ଝରକାରେ ସେ ଜୁକୁ ଜୁକୁକରି ରିକ୍ସା ଆଡ଼କୁ ଅନେଇଥିଲା । ପାଖକୁ ଆସି କଥାପଦେ ହେଇଯିବାକୁ ତା'ର ଇଚ୍ଛା ନ ଥିଲା । ରାଧି ସାଙ୍ଗେ ଦିନରୁ ତ ସେ କଥାବାର୍ତ୍ତା ସାରିଦେଇଛି । ପୁଣି ଆଉ କି କଥାବାର୍ତ୍ତା ?

ଅଧଘଣ୍ଟେ ହବ କି ନାହିଁ । ଜଗୁ ଷ୍ଟେସନରେ ପହଞ୍ଚି ତା' ବ୍ୟାଗଟି ଆଉ ଗଣ୍ଠିଲିଟି ଧରି ଟିକେଟ୍ ଦିବା ଘରଆଡ଼େ ଚାଲିଲା । ଟିକଟବାବୁ ସେ ଘରେ ଆସି ଟିକେଟ୍ ଦେବେ ବୋଲି ସଜବାଜ ହେଉଥାଆନ୍ତି । ସମସ୍ତ ହୋଇଗଲାଣି । ଶହେ ଜଣହବ ଲୋକ ଜମା ହୋଇଛନ୍ତି ।

ଶହେଜଣ ଲୋକ । ହାତ ଚଞ୍ଚଳ କଲେ ପନ୍ଦର, କୋଡ଼ିଏ ମିନଟ । ଅତି ବେଶି ହେଲେ ଅଧଘଣ୍ଟେ ଭିତରେ ସମସ୍ତେ ଟିକେଟ ପାଇଯିବେ । ଗାଡ଼ି ଛାଡ଼ିଯିବ ।

କନ୍ତୁ ଠେଲା ପେଲା ଲାଗିଛି । ଝରକାର ଟିକଏ ବୋଲି ଖୋଲା ସ୍ଥାନରେ ହାତଟିଏ ପଶିଗଲେ ତାକୁ ଫେରେଇ ଆଣିବା ଗହଳି ଭିତରେ ମୁସ୍କିଲ ହୋଇପଡ଼େ । ତା ଆଗରେ ଗୋଟିଏ କାଠର ବାଡ଼ ନାଁକୁ ମାତ୍ର ଦିଆଯାଇଛି । ଦି ପଟୁ ଲୋକ ଗହଳି । ଗହଳି ଭିତରକୁ ଥରେ ପଶିଗଲେ ତା ଭିତରୁ ବାହାରି ଆସିବା କାଠିକର ପାଠ । ଲୁଗାପଟା ଚିରିଯିବାର ଆଶଙ୍କା ରହିଛି । ଇଆ ଭିତରେ ପକେଟମାରୁ ଯେ ନ ଥିବେ କୁହାଯାଇପାରିବ ନା । ଟଙ୍କା ପଇସା ନ ପାଇଲେ କଲମ ବି ମାରିନେବେ ।

ବେଳେ ବେଳେ ସେ ଗହଳିଭିତରୁ ଶୁଣାଯାଉଥିଲା ଧାଡ଼ି ହୋଇ ଠିଆହୋଇଯାଅ । କ-ଉ କର, ଅଳ୍ପ କେତେକଣ ତା' କଥାକୁ ସମର୍ଥନ କରୁଥାଆନ୍ତି । ବାକି କେତେ ଜଣ ଶୁଣି ନ ଶୁଣିଲା ଭଳିହୋଇ ଠିଆହୋଇ ରହୁଥାଆନ୍ତି ।

ଆଶ୍ଚର୍ଯ୍ୟ ହେଲା ଜଗୁ—ଯେଉଁମାନେ ଗହଳି ଭିତରୁ ପାଟି-କରୁଥିଲେ—ଲୋକେ କାହିଁକି ଧାଡ଼ିକରି ଠିଆହେଉ ନାହାନ୍ତି, କ-ଉ କରୁ ନାହାନ୍ତି, ସେଇମାନେ ଆରପଟୁ ଆସି ଲାଇନ୍ ଭାଙ୍ଗି ଟିକେଟ୍ ନେଇ ଚମ୍ପଟ୍ କରୁଥାଆନ୍ତି ।

ଭୀଷଣ ଠେଲାପେଲା ଭିତରେ ବ୍ୟାଗ ଆଉ ଗଣ୍ଠିଲିଟି ହାତରେ ଧରି ଜଗୁ ସେ ଗହଳିଭିତରୁ ଟିକେଟ୍ ଖଣ୍ଡିଏ ଆଣିଲା । ଗାଡ଼ି ଛାଡ଼ିବାକୁ ଆଉ ଅଧଘଣ୍ଟେ ବାକି । ଜଗୁ ଯାଇଁ ଦେଖେ ତ—ପ୍ରତି ଡବାରେ ଲୋକ ଭର୍ତ୍ତି ହୋଇଗଲେଣି । ସମସ୍ତେ ଗୋଟିଏ ଗୋଟିଏ ବେଞ୍ଚ ଉପରେ ଶୋଇଯାଇଛନ୍ତି । ଜାଗା ଟିକିଏ ପାଇବ ବୋଲି ଜଗୁ ଗାଡ଼ିଟାଯାକ ଖୋଜି ବୁଲିଲା । ଲୋକେ ସବୁ ଜାଗାରେ ଗୋଡ଼କାତ ଲମ୍ବେଇ ଶୋଇଯାଇଛନ୍ତି ।

ନଂ.........
ତା.........



ଜଣେ ଧୋବ ଧାଉଳିଆ ଭଦ୍ରଲୋକ ଗୋଟେ ବେଞ୍ଚ ଉପରେ ବସିଥିଲେ । ଜଗୁ ଯେମେନ୍ତ ସେ ଡବା ଭିତରକୁ ପଶିଯାଇଛି ଗୋଡ଼ ହାତ ଲମ୍ବେଇ ନଡଘୋଡ଼ ନଦରେ ଶୋଇଯାଇଥିବାର ଛଳନାକଲେ ।

ବଡ଼ ଅସୁବିଧା କଥା । ଯିବେ ସେ କେମିତି ? ଗୋଟେ ଗୋଟେ ଡବା, ଭିତରୁ ଏକଦମ୍ ବନ୍ଦ । ଯେତେ ଡାକଲେ, ଦୁଆର ଝରକା ବାଡ଼େଇଲେ କେହି ଶୁଣୁନାହାନ୍ତି । ଝରକା ଦେଇ ଅନେଇଲେ ଦେଖ ଯାଏ ଜଣେ ଜଣେ ବେଶ୍ ଖୁସି ଗପ କରିବାରେ ଲାଗିଥାଆନ୍ତି ।

ଜଗୁ ବିଚରା ଆଉ କରିବ କଣ ? ଠିଆଠିଆ ହୋଇ ସେ ଚାଲିଯିବ । କଳି କରିବା କ'ଣ ଭଲ କଥା ?

ଭେଲିଙ୍ଗ ଷ୍ଟେସନରେ ହେଲାବେଳକୁ ଫସର ଫାଟିଗଲାଣି । ବାଟଘାଟ ଜାଙ୍ଗ୍ଲୁ ଜାଙ୍ଗ୍ଲୁ ହୋଇ ଦେଖାଯାଉଛି । ଲୋକ କୋଡ଼ିଏ ପଚିଶିଟା ହବ ସେଇଠି ଓହ୍ଲେଇଲେ । ଚଢ଼ିଲେ ଜଣେ ଦି'ଜଣ । ଘମାଘୋଟିଆ ରଡ଼ିଗୁଡ଼ି ଡାଲଚେର ଚାଲିଲା ଆଗକୁ ।

ପଚିଶିହବ ଲୋକ ରେଲଲାଇନ୍ କରେ କରେ ଚାଲି-ଥାଆନ୍ତି । ଜଗୁ ତାଙ୍କ ପିଚ୍ଛଧରିଲା । ପକେଟରୁ ବିଡ଼ିଖଣ୍ଡେ କାଢ଼ି ସେ ଲଗେଇଲା । ବ୍ୟାଗ ଖଣ୍ଡକ ହାତରେ । ଚଟିଟି ଫଟ ଫଟ କରୁଛି । ଗାଁଆଡ଼େ ସେ ଚାଲିଲା ।

ବାବୁ—କୁଆଡ଼େ ଯିବେ ?

ବାବୁ ? ସେ ତ ବାବୁ ନୁହେଁ ? ସଫା ସାର୍ଟଖଣ୍ଡେ,ଧୋବଲୁଗା ଆଉ ଛୁଣ୍ଡା ଚଟିହଲେ ପିନ୍ଧିଲେ କ'ଣ ବାବୁ ହୋଇଯା'ନ୍ତି ? ଛେପ

ଝୋଙ୍କ ସାରି ଜଗୁ ଉତ୍ତର ଦେଲା—"କଣାସ ଆଜ୍ଞେ ଯିବା ।" ତୁମେ ସବୁ ?

ଅନ୍ୟଆଜ୍ଞେ ।

ସମସ୍ତେ ରେଲ ଲାଇନ୍ କଡ଼ରେ କଡ଼ରେ ଚାଲିଥାଆନ୍ତି । କାକର ଅଜାଡ଼ି ହୋଇ ପଡ଼ୁଛି । ଶିରୁଳିଆ ପବନ ଦେହମୁଣ୍ଡରେ ଆସି ପଶିଯାଉଛି । ରାସ୍ତା କଡ଼ରେ କଡ଼ରେ ଆମ୍ବ ଜାମୁକୋଳି ଗଛ, ବର ଓସ୍ତ ଧାଡ଼ି ଧାଡ଼ି । ଗଛତଳେ କାକର ପଡ଼ି ଟପ୍‌ଟପ୍ ଶବ୍ଦ କରୁଛି । ଝିଙ୍କାରି ଦ'ଟା-ରାହା ଧରିଛନ୍ତି । ପତ୍ର ଗହଳରୁ ଶୁଭୁଛି ପକ୍ଷୀଗୁଡ଼ାଙ୍କର କେଁକଟର ଡାକ । ପଚଅ ହବ କାଉ ବୋବେଇବାକୁ ଆରମ୍ଭ କରି-ଦେଲେଣି । ପାଖ ଗାଁମାନଙ୍କରୁ କୁକୁଡ଼ା ଡାକ ଛାଡ଼ୁଛନ୍ତି । ବିଲରେ ମରାହୋଇଥିବା ଧାନଗଦା ସବୁ ଗୁମ୍ମାରି ବସିରହିଥିବା ବୋହୂଗୁଡ଼ିଏ ଭଳି ଦୂରରୁ ଦେଖାଯାଉଥିଲା । ପୂର୍ବ ଆକାଶ ଫିକାପଡ଼ି ଆସୁଥିଲା । ତା'ଉପରେ ଫଗୁର ଛିଟିକା । ଜଗୁର ଚଟି ହଲକ କାକରରେ ଭିଜି ସାରିଲାଣି । ଦେହରେ ତା'ର ଚଦର ଖଣ୍ଡେ । ତା ସାଙ୍ଗେ ସାଙ୍ଗେ ବିଡ଼ି । ଶୀତ ଜଣା ପଡ଼ିବନି । ଲାଇନ୍ କଡ଼ରେ କଡ଼ରେ ସମସ୍ତେ ଚାଲିଛନ୍ତି ।

କିଛି ଦୂର ଯିବା ପରେ ଅନ୍ୟମାନେ ବାଟକାଟି ଯିଏ ଯାହାର ଚାଲିଗଲେ । ଜଗୁ ତେଲଙ୍ଗ-କଣାସ ମାଟି ସଡ଼କରେ ଆସି ହେଲାଣି । ରାସ୍ତାର ଠିକ୍ ମୁଣ୍ଡରେ ଗୋଟାଏ ଚା' ଦୋକାନ । କପେ ଚା' ପାଇଁ ବରାଦ ଦେଇ ଚା'ରେ ସେ ଓଠ ଲଗେଇଲା । ଏତେ ବାଜେ ଚା' ଏମାନେ ବନାନ୍ତି ? ଗୁଡ଼ାଏ ଚିନି ଓ ବେଶି ଦୁଧ ମିଶେଇଦେଲେ କ'ଣ ଚା' ହୋଇଯିବ ? ଏମାନଙ୍କୁ ଭାଗମାପ ମାଲୁମ୍ ନାହିଁ । ଚା' କପ୍‌କ ଶେଷ କରିଦେଇ ଜଗୁ ଆଉ ଖଣ୍ଡେ ବିଡ଼ି ଲଗେଇ ଚାଲିବାକୁ ଆରମ୍ଭ କରିଦେଲା ।

ମାଟି ସଡ଼କ କରରେ ଧାଡ଼ି ଧାଡ଼ି ଖଜୁରି ଗଛ । ସକାଳର ନରମ ସୂର୍ଯ୍ୟ କିରଣ ଖଜୁରୀ ଡାଳରେ ବାଝିଦେଲା ଭଳି ଆସି ପଡ଼ିଲାଣି । ରାତିରେ ପଡ଼ିଥିବା କାକରସବୁ ଉଡ଼ିଯିବା ଉପରେ । ଘାଟିକର ଆଁ କରିଥିବା ରେଗେଡ଼ା ଶୁଖିଲା କାଦୁଅ ରାସ୍ତାଯାକ ଭର୍ତ୍ତି । ତା' ମଝିରେ ଦି'ଧାଡ଼ି ଶଗଡ଼ ଗୁଳା । ଲୋକେ ଯା'ଆସ କରନ୍ତି । ଶଗଡ଼ ବି ଚାଲେ । ଖରା ଓ ଶୀତଦିନେ ଠିକଏ ହେଲେ ରକ୍ଷା । ବର୍ଷାଦିନେ ସେ ରାସ୍ତାରେ ଯେଉଁ ପଙ୍କ, ଗୋଡ଼ ପଶିଗଲେ ଆଣ୍ଠୁ ଦେଖାଯିବ ନା । ସେ ଅଞ୍ଚଳକୁ ସେଇଟି ପୁଣି ପ୍ରଧାନ ରାସ୍ତା ।

ଜଗୁ ଚାଲିଛି ଏକେଲା । ବେଳେ ବେଳେ ଚାରିଆଡ଼କୁ ବି ସେ ଲକ୍ଷ୍ୟ କରୁଛି । ଗଡ଼ଗଡ଼ ହୋଇଥିବା ଜମିସବୁ ଯାଇଁ ଦୂର ଦିଗ୍‌ବଳୟ ଆଡ଼େ ଲମ୍ବିଯାଇଛି । ପୂର୍ବ ଆକାଶରୁ ଉଡ଼ିଆସୁଛନ୍ତି ପଞ୍ଝିଏ ଗେଣ୍ଡାଳିଆ । ଛିଣ୍ଡିଯାଇଥିବା ଗୋଟିଏ ହାରଭଳି । କୁମ୍ଭାଟୁଆ କେଇଟା ବୁଦା ଗହଳି ଭିତରେ ଉଆଁ ଉଇଁ କରୁଛନ୍ତି । କୁଆ ପଞ୍ଝିଏ ରାସ୍ତା ମଝିରେ ଠାଏ ସଭା କରିବାକୁ ଆରମ୍ଭ କରିଦେଲେଣି । ପାଖ ଗାଁ ଖଳାରୁ ବଳଦ ଅଡ଼େଇବା ଶବ୍ଦ ତା କାନରେ ଆସି ବାଜୁଛି । ଖାଲ ଢିପ ହୋଇ ପଡ଼ିଥିବା କୋଉ କାଳର ସେ ଡେଲାଙ୍ଗ-କଣାସ ରାସ୍ତାଦେଇ ଜଗୁ ଚାଲିଛି ରଘୁନାଥପୁର । ଖରା ପାକଳ ହୋଇଆସୁଛି । ମୁଣ୍ଡ ଉପରକୁ ଆସିଗଲେ ଆଉ ଚାଲିହେବ ନା ।

ସେଇ ହରିବାବୁ—ଗରିବ-ଗୁରୁବା, କୁଲି, ମଜୁରିଆଗୁଡ଼ାଙ୍କ ପାଇଁ କେତେ ସେ ନ ଖଟନ୍ତି ? ଦିନ ନାହିଁ, ରାତି ନାହିଁ, ଖରାରେ ତରାରେ ସେଇମାନଙ୍କ ପାଇଁ ଅନବରତ ଧୂରିବୁଲିବା ହେଲା ତାଙ୍କର କାମ । ସେଦିନ କହୁଥିଲେ—ଶାମିଆ ଆଉ ଘନଆ ଆଜି କ'ଣ କରିବେ ସେ ଜାଣି ନାହାନ୍ତି । କେବଳ କାମ ବନ୍ଦ ରଖିବା କଥା ସେ ଶୁଣିଛନ୍ତି । ସେମାନଙ୍କର ଆଖି କେହି କେବେ ଯଦି ଖୋଲି

ଦେଇଥାଏ, ସେ ହେଉଛନ୍ତି ହରବାବୁ । ଜଗୁ ଆଖି ଆଗରେ ଆସି ନାଚ ଯାଉଛି—ହରବାବୁଙ୍କର ବ୍ୟାଣ୍ଡେଜ୍ ବନ୍ଧାମୁଣ୍ଡ । ଡାକ୍ତର-ଖାନାରେ ଆଖିବୁଜି ଖଟିଆ ଉପରେ ସେ ଶୋଇରହିଥିଲେ ।

ଆଉ ସେଇ ଜିତେନ୍ଦ୍ରବାବୁ । ସେ ଗୁଣ୍ଡା ଲଗେଇ ତାଙ୍କର ମୁଣ୍ଡ ଫଟେଇଛି । ଆଉ କିଏ ଅବା ନ ଜାଣନ୍ତୁ, କିନ୍ତୁ ଜଗୁର ଏଇଟା ବଦ୍ଧମୂଳ ଧାରଣା । ବୁଢ଼ାପୁଜାରୀର ପୁଅ ହରବାବୁ, ସିଏ ସିନା ଲୋକଙ୍କର ପେଟର ଭୋକ ଆଉ ପିଠିର କନା କଥା ବୁଝିବେ । ସେମାନଙ୍କର ଅଭାବ ଅସୁବିଧା କ'ଣ ଜାଣିବେ, ଆଉ କ'ଣ ବଡ଼-ବଜାରୀ ଘରର ସ୍ଥାୟୀ ସଭାପତି, ସହରର ନାମଯାଦା ବ୍ୟବସାୟୀ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ପଶି ସଭାପତି ଆଉ ସମ୍ପାଦକ ସାଜିଥିବା ଜିତେନ୍ଦ୍ରବାବୁ ବୁଝିବେ ସାଧାରଣ ଲୋକଙ୍କର କଥା ? ଭୋକକୁ ଅଙ୍ଗେ ନିଭେଇବା ଓ ଭୋକ ବିଷୟରେ ଗୋଟିଏ ଲମ୍ବା ଚଉଡ଼ା ବକ୍ତୃତା ଦେବା କ'ଣ ଏକ୍‌କଥା ? ଘିଅ ଦୁଧରେ ବୁଡ଼ି-ରହିବା ଲୋକ ଜିତେନ୍ଦ୍ରବାବୁ, ସିଏ କୁଆଡ଼େ ବୁଝିବେ ଗରିବ ଗୁରୁବାଙ୍କ କଥା ?

ଜଗୁ ଆକାଶକୁ ଅନେଇଲା । ମେଞ୍ଚାଏ ଭଣାଭୁଲା ଭଳି ମେଘ ଖଣ୍ଡିଏ ବାଟ ଭୁଲିଯାଇଛି । ଶାଗୁଣାଟେ ଘେରଖାଉଛି । କୁଆଡ଼ୁ ଗୋଟେ ଶଙ୍ଖଚିଲ ତା ଆଖିଆଗରେ ଆସିଉଡ଼ିଲା । ମନଟା ତା'ର କେମିତି ଗୋଟେ ଖୁସିହୋଇଗଲା । ବାହାଘରଟା ବୋଧେ ସୁରୁଖୁରୁରେ କଟିଯିବ । ବୋଉ ତ ଆଗୁଆ ସବୁ ଠିକ୍‌ଠାକ୍ କରିଦେଇଛି । ପାଖ କିଆବୁଦା ମୂଳରୁ ନେଉଳ ଛୁଆଟେ ସଡ଼କର ଗୋଟେ କଡ଼ରୁ ଆର କଡ଼କୁ ଦଉଡ଼ିଗଲା । ତା'ର ଆଉ ଭାବିବାର କିଛି ନାହିଁ । ନେଉଳ ପୁଣି ଶଙ୍ଖଚିଲ । ଜଗୁ ମନରେ ଆସି ଲହଡ଼ା ମାରିଗଲା କେତେ କେତେ ଉଦ୍ଭଟ ଭାବନା । ଗୋଟେ ହାତରେ ବ୍ୟାଗ ଓ ଆର ହାତରେ

ଗଣ୍ଠିଲି । ବେଳେ ବେଳେ ହାତ ବଦଳେଇ ବ୍ୟାଗ ଆଉ ଗଣ୍ଠିଲି ଏକାଠି ଗୋଟିଏ ହାତରେ ସେ ଧରୁଥିଲା ।

—ତା'ର ମାଲିକ ଆଉ ମାଲିକାଣୀ—ତା'ଙ୍କୁ କେତେ ଭଲ ନ ପାଆନ୍ତି ସେମାନେ ? ତା'ର ଅସୁବିଧା ବେଳେ ସେମାନେ ଯେପରି କାମ ଚଳେଇଛନ୍ତି ତାହା ସେ କେବେ ହେଲେ ତ ଭୁଲିପାରିବ ନା । ତାଙ୍କ ଦୋକାନ ସେ ଛାଡ଼ିବ ବା କେମିତି ? ନିଜେ ଦୋକାନ ଦେବା କଥା କହିଲେ ସେମାନେ ମନରେ ଅବା ଭାବିବେ କ'ଣ ? ବାହା ଘରକୁ ଯୋଉ ଯୋଉ ଜିନିଷ ସେ ଦେଇଛନ୍ତି; କେତେ ବର୍ଷରେ ଅବା ସେ ଶୁଝିବ ? ଟଙ୍କା ନ ଶୁଝି ପୁଣି ନିଜ ଟଙ୍କାରେ ସେ ଦୋକାନ ଦବ ? ଜଗୁର ଆଖି ପାଇଲା ନି ।

—ଆଚ୍ଛା ଦେଖାଯାଉ, ଦଶଟା ପାଖଆଖି ହବଣି । ଏଇ ଆଗରେ ରଘୁନାଥପୁର । ଉପରେ ମୁଣ୍ଡେ ହବ ଖରା । ବୋଉ ମୁହଁଟା ଆସି ଦେଖାଗଲାଣି । ବାଟ ଆଉ ମାଇଲିଏ ହବ ଅଛି । ଭୋକ ବି ହେଲାଣି । ଜଗୁ ବଡ଼ ବଡ଼ ପାହୁଲ ପକେଇ ଗାଁଆଡ଼େ ଚାଲିଛି ।

ଏଇ ଦେଖାଗଲାଣି ଗାଁ ମୁଣ୍ଡ ତାଳଗଛ, ଧାନଗଦା ଆଉ ବଣବୁଦା । ରଘୁନାଥପୁରକୁ ଚାରିଆଡ଼ୁ ଛନ୍ଦି ପକେଇଛି ଦୟା ଆଉ ମଲ୍ଲଗୁଣି ନଈ । ନଈରେ ସାତତାଳ ପାଣି । ସାପ ପଡ଼ିଲେ ବର୍ଷାଦିନେ ନବଖଣ୍ଡ ହୁଏ । ପୁଷ ମାସରେ ବି ସୁଅ ଚାଲିଛି । ଘାଟର ସେଇ ଚଢ଼ା ବୁଢ଼ା ନାଉରିଆ କଥା ଆଉ ଭଇଁଚକୋଳିର ସେଇ ବୁଦୁବୁଦୁକିଆ ଜଙ୍ଗଲ । ନଈପାଖ ବୁଢ଼ାବରଗଛ କୋରଡ଼ରେ ଡିଆଁ ମାରୁଛନ୍ତି ଦି'ଟା ଗୁଣ୍ଡିଚି ମୂଷା । କଜଳପାତି ଚଢ଼େଇଟା ଧାନଗଦାରୁ ଗଛ ଉପରକୁ, ଗଛରୁ ଧାନଗଦା ଉପରକୁ ହେବାରେ ଲାଗିଛି । ଗଙ୍ଗେଇ ପାଣି ଭିତରେ ବେଳେ ବେଳେ ବୁଡ଼ିମାରି ମାଛ ଗୋଟେ ଗୋଟେ ଧରି ଉଠିଆସୁଛି । ନଈର ଧଡ଼ିରେ ଜରିଭଳି ମେଞ୍ଚା ମେଞ୍ଚା ଫେଣ ।

ଟିକିଏ ଗୁଡ଼ି କିଆବୁଦା ପାଖେ ନଡ଼ିଆ ଗଛ, ପିଜୁଳି ଆଉ କଇଁଆ ଗଛ, ଯାହାଉପରେ ଚଢ଼ି ପିଲାଦିନେ ଜଗୁ ମନଇଚ୍ଛା କୋଳି ଖାଉଥିଲା । ଆଉ ଏଇ ଆମ୍ବତୋଟା—ଯାହା ଗହଳି ଭିତରେ ସେ ଚକାଭଉଁରୀ ଖେଳିଛି, ଦୋଳିରେ ଝୁଲିଛି, ନଈକୂଳିଆ ପବନରେ ଗୁଡ଼େଇ ଭୁଡ଼େଇହୋଇ କଟିଯାଇଛି ତା'ର ହାଲ୍କା ପିଲାଦିନ ।

ଘାଟ ପାର ହୋଇ ସେ ଗାଁମୁଣ୍ଡକୁ ଆସିଲା । ନଈ କୂଳର ପାତେଲା ସରୁବାଲି ଡେଇଁ ନଈବନ୍ଧ ପାରିହେଲେ ପଡ଼େ ଦି ଧାଡ଼ି କିଆବୁଦା । ତା'ପାଖେ ଦଶ ବାରଟା ଖଜୁରୀ ଗଛ ଉ୍ଲ କଲାଭଳି ଧାଡ଼ି ହୋଇ ଠିଆହୋଇଛନ୍ତି । ଓସ୍ତଗଛ ମୂଳେ ଗାଁ ମଶାଣି । ଦି' ତିନଟା ହାଡ ମଣିଷ-ଖପୁରି ଗୋଟେ ଖାଲଭିତରେ ଗଡ଼ୁଛି । ଛିଣ୍ଡା ମସିଣା, ଓ ମାଣ୍ଡିଟେ ଚକାଏ ହାଡ ପାଉଁଶ ପାଖେ ପଡ଼ିଛି । ଗାଁର କେଉଁ ଏକ ମଣିଷର ଶେଷ ସମ୍ବଳ, ତାପାଖେ ଖଣ୍ଡେ ଦି'ଖଣ୍ଡ ଗୋରୁ ହାଡ଼ । ମଲା ବାଛୁରୀଟିଏ ପେଟ ଫୁଲେଇ ପଡ଼ିଛି । ଦୁର୍ଗନ୍ଧରେ ନାକ ଫାଟିଯାଉଛି । ଦି'ଚାରିଟା କୁଆ ଖୁମ୍ପିଲାଗିଛନ୍ତି । ଶାଗୁଣାଟେ ଓସ୍ତ-ଗଛରେ ବସି ଡାକ ଛାଡ଼ିଚି ।

ଜଗୁ ଆଗରେ ତା'ର ବୋଉ ମୁହଁ ନାଚିଯାଉଛି । ସରଅପା ଆସି କେତେ ଦିନ ଅବା ଘରେ ଆଉ ରହିବ ? ଜଗୁ ବାବୁ ସାଜି ପୁରୀରୁ ଆସୁଛି । ଚଟିଟା ଫଟ୍ ଫଟ୍ ପୁଭୁଛି । ବ୍ୟାଗ ଭିତରେ ନୂଆ-ଲୁଗା, ଅଳଙ୍କାର ଓ ଟଙ୍କା ।

ଓସ୍ତ ଗଛଠୁଁ ଗାଁ ମୁଣ୍ଡ ଦାଅଁଙ୍କ ଘର ଯାଏଁ ଗୋଟେ ସରୁଆ ରାସ୍ତା । ସେ ରାସ୍ତାକୁ ଭାଙ୍ଗି ବର୍ଷାଦିନେ ସେଥିରେ ସୁଅ ଛୁଟେ । ଧାର ଶୁଖିଗଲାଣି । ଜଗୁ ଭଙ୍ଗାବନ୍ଧର ଗୋଟେ ପଟେ ଗୋଡ଼ ଦେଇ ଆର ପଟକୁ ଡେଇଁପଡ଼ିଲା । ରାସ୍ତା ପାଖଠୁ ଦାଅଁଙ୍କ ପୋଖରୀ କୂଳଯାଏଁ

ବେଦେଙ୍ଗା ବେଦେଙ୍ଗା ଗୁହ । ରାସ୍ତା ଉପରେ ବି ଲୋକେ ଆସି ଝାଡ଼ା ଫେରିଛନ୍ତି । ଜଗୁକୁ ଆଡ଼େଇ ଆଡ଼େଇ ଚାଲିବାକୁ ପଡ଼ିଲା । ଗନ୍ଧରେ ନାକ ଫାଟିପଡ଼ୁଛି । ଦାଆଙ୍କ ପୋଖରୀ ଭିତରେ ପଶିଛନ୍ତି ପଲେ ହଳ ବଳଦ । ଦି'ଜଣ ଲୋକ କୁଟା କେରାଏ କେରାଏ ଧରି ତାଙ୍କ ଦେହ ଘଷିଲାଗିଛନ୍ତି । ଗାଁ ମାଇପେ ଗରା ମାଠିଆଟିମାଳ-ଧରି ପୋଖରୀରୁ ପାଣିବୁଡ଼େଇ ଚାଲିଥାଆନ୍ତି ଘରମୁହାଁ । ପୋଖରୀଟା ଯାକ ଦଳରେ ଭର୍ତ୍ତି । ପାଣି ଉପରେ ଠାଏ ଠାଏ ସର ବି ପଡ଼ିଛି । ଆରପଟେ ଝାଡ଼ା ଫେରିସାରି ସଉଚ ହେବାପାଇଁ ଦି'ଚାରିଟା ଯାଗା ଏପଟୁ ଦାଆଙ୍କ ପାଇଁ ପାଣିଯାଏ । ଜଗୁ ଦେଖିଲା—ଗୋଟେ ଲୋକ ଆରପଟେ ଝାଡ଼ାଫେରି ବସିଥିଲା । ଜଗୁକୁ ଲାଜ ମାଡ଼ିଲା । ସେ ମୁହଁ ବୁଲେଇଦେଲା ।

ଜଗୁଯାଇଁଗାଁ ଦାଣ୍ଡରେ ହେଲା । ଘର ଆଉ ଦଶ କୋଡ଼ିଏଟା ପାହୁଣ୍ଡ । ଗାଁ ଦାଣ୍ଡରେ ଗୋରୁ ଗାଈ ବନ୍ଧାହୋଇଥାଆନ୍ତି । କୁଟା ଆଉ ଅଳିଆ ଭର୍ତ୍ତି । ଗୋବର ଆଉ ଗୋରୁ ମୂତରେ ଗାଁ ଦାଣ୍ଡ ସନ୍ତସନ୍ତିଆ । ଚାରି ପ୍ରକାର କନା, ଭଣ୍ଡାରି ଖିଅର କରିଥିବା ବାଳ, ଆଉ ଗୁଡ଼ାଏ ଆବର୍ଜନାରେ ଦାଣ୍ଡଟା ଭରପୂର । ଘର ଆଗ ଗୁହାଳମାନଙ୍କରୁ ଗୋରୁମୂତ ଆସି ଗାଁ ଦାଣ୍ଡରେ ବହୁଛି । ଇଆରି ଭିତରେ ସେ ମଣିଷ ହେଉଛି । ଏଇ ତା'ର ଗାଁ ରଘୁନାଥପୁର । ତାର ଜନମ ମାଟି ।

ଜଗୁ ଆସୁଥିବାର ଶୁଣି ତା' ବୋଉ ଓ ସରଅପା ଦାଣ୍ଡ ଦୁଆରକୁ ଚାଲିଆସିଥିଲେ । ଦାଣ୍ଡ ଘରଟା ଭାଙ୍ଗିପଡ଼ିଛି । ଚାଳଆଟା ଉଲଣ୍ଡଆହୋଇ ଠିଆହୋଇଛି । କାନ୍ଥ ଭୁଷୁଡ଼ିପଡ଼ିଲାଣି । ଜଗୁ ମୁଣ୍ଡ ନୁଆଇଁ ଘର ଭିତରକୁ ପଶିଗଲା । ବୋଉ ଆଉ ସରଅପାଙ୍କୁ ନମସ୍କାର କଲା ।

ଖରାବେଳଟା ଜଗୁ ବିଶ୍ରାମ ନେଲା । ଉଠି ଦେଖେ ତ ବେଳ ଆସି ରତରତ ହେଲାଣି । ଚାଲିବାର ତାର ଅଭ୍ୟାସ ନାହିଁ । ପନ୍ଦର ଷୋଳ ମାଇଲ ବାଟ ଏକାଥରକେ ସେ ଚାଲିଆସିଥିଲା ।

ଉଠୁ ଉଠୁ ବୋଉ ଆସି କହିଲା—ମୁହଁହାତ ଧୁଆଧୋଇକରି ସଜପଖାଳ ପୁଞ୍ଜେ ଖାଇଦେ । ଜଗୁ ବୋଉ କଥା ଭାଙ୍ଗିପାରିଲା ନି । ପୁରୀରେ ଥିବାବେଳେ ପଖାଳ ସାଙ୍ଗେ ତାର କ୍ୱଚିତ ଦେଖାହୁଏ । ସରଅପା ପାଣି ଢାଳେ ଆଣି ଥୋଇଦେଲା । ବାହାହୋଇ ଚାଲିଯିବ ବୋଲି ଜଗୁ ଘରକୁ ଆସିଲା ପରେ ଦ’ତିନଥର ବାହୁନି ବାହୁନି ସେ କାନ୍ଦିସାରିଲାଣି ।

ପିଢ଼ା ଖଣ୍ଡିକରେ ବସି ଜଗୁ ପଖାଳ ବେଲାରେ ହାତ ପୁରେଇଲା । ତା’ସାଙ୍ଗେ ବାଇଗଣ ଭଜା, ଶାଗ ଖରଡ଼ା, ବଡ଼ି ଓ ଶୁଖୁଆ ଭଜା ।

ଆଗରେ ବସି ବୋଉ ଗପିଲାଗିଛି—କାଲି ମଙ୍ଗଳ, ପଅରିଦିନ ବାହା । ବରଧରା ଯିବ କାଲି ସନ୍ଧ୍ୟାବେଳେ । ପୁରୀରୁ ଆଣିଥିବା ଜିନିଷସବୁ ସେମାନେ ଦେଖି ସାରିଲେଣି । ଲୁଗାପଟା, ଅଳଙ୍କାର ଓ କଳା ସୁନ୍ଦର ପେଡ଼ି । ଆଉସବୁ ବୋଉ ଯୋଗାଡ଼ କରି-ଦେଇଛି । ବର ଘର ସାଙ୍ଗେ କଥାବାର୍ତ୍ତା ସରିଛି—ସେମାନେ ବରକୁ ସୁନାମୁଦି ଆଉ ପାଟ ଖଦି ଦେବେ ।

ଜଗୁ ହାତଧୋଇ କୁଳୁକୁଳୁ କରୁଥିଲାବେଳେ ଗାଁର ନାରଣିଆ ଘର ଭିତରକୁ ପଶିଆସିଲା । ନାଁ ତାର ନାରଣ ହରିଚନ୍ଦନ । ବାପା ମଲାବେଳେ ପାଞ୍ଚ ଛ ବାଟି ଜମି ଥିଲା । ବର୍ତ୍ତମାନ ଗୁଣ୍ଠେହେଲେ ଜମି

ନାହିଁ । ଇଆର ତା'ର ଦଶ ପନ୍ଦର ମାଣହବ ଧୂଳଭାଗ ଧରିଛି । ତାର ଘରନଶା ପାଶ୍ । ଅଫିମ, ଗୁଲି, ଘୁହା ଓ କଠାକଠା ବଡ଼ । ଲୋକଟା ଭାରି ମାମଲା ବାଜ୍ । ଗୋଟେ ଜମିର ସ୍ୱତ୍ୱନେଇ ଫଉଜଦାରୀ ମକଦ୍ଦମାରେ ହଜାରହଜାର ଟଙ୍କା ସେ ଉଡ଼େଇଦେଇଛି । ସେଇଥିରେ ତାର ଘରବାଟି ଜମି ଉଡ଼ିଯାଇଛି । ପଇସା ସବୁ ଭୂତ ଖାଇଗଲେ । କୋଉବର୍ଷ ଧୋଇ ତ କୋଉବର୍ଷ ମରୁଡ଼ି । ନାରଣିଆ ଖଣ୍ଡେଖଣ୍ଡେ ଜମିବାକି ସବୁତକ ସାରିଦେଇଛି । ମାସେକେ ପନ୍ଦରଦିନ ଗାଁରେ ହେଲେ ପନ୍ଦରଦିନ ପୁରୀରେ । କଚରୀରେ କୋଉ ଓକିଲ, କୋଉ ମୋହରୀର, ପେସ୍କାର, ଚପରାସି ଓ ହାକିମ ପର୍ଯ୍ୟନ୍ତ କାହାକୁ ଯେ ସେ ନ ଚିହ୍ନେ ଏମିତି କେହି ନାହାନ୍ତି । ନାରଣ ଗୋଟିଏ ଫକ୍କଡ଼-ରାମ୍ । ହାଣ୍ଡିରେ ଧଣ୍ଡ ଡେଉଁଥିବ । ପିନ୍ଧେ ସେ ଧୋବ ଫରଫର ଲୁଗା, ସାର୍ଟ,କାନ୍ଧରେ ପଡ଼ିଥାଏ ପାଟଲ ଗାମୁଛା । ଆକାଶରୁ ତୋଳି-ଆଣିଲା ଭଳି କଥାଗୁଡ଼ିକ ସେ କହିଯାଏ । କିଛି ବୋଲି କିଛି ନାହିଁ । ବାପ ଅର୍ଜିତ ଜମିରୁ ଗୁଣ୍ଠେ ହବ ନାହିଁ । ତଥାପି ତାର ସବୁଦିନ ରୁ ଜଳଖିଆ, କୁକୁଡ଼ା, ମାଛ ଆଉ ଗୁଆଘିଅ । ଗାଁ ଲୋକେ ତାଟକା-ହୋଇଯାଆନ୍ତି । ନାରଣିଆ କୁଆଡ଼ୁ ଏସବୁ ଆଣେ କେଜାଣି ?

ବାହାଘର ପାଇଁ ଦି'ଶ ଅଢ଼େଇଶ ଟଙ୍କା ଦରକାର । ନାରଣିଆ ଲୋକ ଗୋଟେ ଠିକ୍ କରିଦେଇଥିଲା । ମାଣେ ଜମି ବନ୍ଧକଦେଲେ କାମ ସରିଲା । କିନ୍ତୁ ବୋଉ ମନାକରୁଛି । ଜମି ଦି'ମାଣ ବନ୍ଧକ ରଖି ସେ ଟଙ୍କା ଆଣିବ । ଆସ୍ତେ ଆସ୍ତେ ସେ ଟଙ୍କା ବୋଉ ଶୁଝିଦବ । ବାରିରେ ସଜନା ଛୁଇଁ, କଦଳୀ, ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ, ଲଙ୍କାମରିଚ, ଦେଶୀଆଳୁ ଆଦି ଜାବଣାପୁ ଫସଲ । ବୋଉ ହାଟକୁ ପଠେଇ ଆସ୍ତେ ଆସ୍ତେ ସେ ଟଙ୍କା ଶୁଝିଦେଇପାରିବ । ସରଅପା ପାଇଁ ଖଟରୁ ଆରମ୍ଭ କରି କୁରୁକାତକମାଳ, ମାଣିଆବନ୍ଧ ଶାଢ଼ୀ, କଂସା-

ବାସନ ଇତ୍ୟାଦି ଯାହା କିଛି ଦରକାର ସବୁ ଆଣି ସେ ଜମେଇଛି । ଗାଁରେ ବୋଉର ଧନ୍ୟ ଧନ୍ୟ ପ୍ରଶଂସା । ଏକେଲା ଲୋକ, ତଥାପି ବୁଢ଼ୀ ଏସବୁ ଆଣି କେତେବେଳେ ଜମେଇଲା ସାରିଲାଣି ?

ନାରଣିଆ ସାଙ୍ଗେ ଜଗୁ କଥା ହେଲା—ଦି'ମାଣ ଜମି ସେ କଣ୍ଟ୍ରାକବାଲା କରିଦବ । ମାଗା ବଳିଆର ସିଂହ ଆଣିବେ ଅଢ଼େଇ ଶ' ଟଙ୍କା । ବସନ୍ତପୁରର ମାଗା ବଳିଆରସିଂହ ସୁଧ ଲଗାଏ, ଜମି କଣେ, ଧାନ କରଜ ଦିଏ, ଜମି ତାର ଶହଶହ ଏକର । ନଈ ଡେଇଁଲେ ଗାଁ । ସେ ଖଣ୍ଡିକରେ ତାର ନାଁ ଡାକ । ନାରଣିଆ ଆଜି ରାତିରେ ଯାଇ ସବୁ ବୁଝାଶୁଝା କରିଦେଇ ଆସିବ । କାଲି ସକାଳୁ ଲେଖାଲେଖି ସରିଗଲେ ସେ ଟଙ୍କା ଗଣିଦବ ।

ନାରଣିଆ ଫେରିଗଲା । ବୋଉ ଜଗୁକୁ ଘର ଭିତରକୁ ଡାକି କ'ଣ କ'ଣ ସେ କିଣି ରଖିଛି, ସେ ସବୁ ନେଇ ଦେଖେଇଲା । ଜଗୁ ଆଶ୍ଚର୍ଯ୍ୟ ହେଲା—ଏ ସବୁ ବୋଉ, ମାଇପୀ ଲୋକ ହୋଇ ହାଟକୁ ଲୋକ ପଠେଇ ଆସ୍ତେ ଆସ୍ତେ ଆଣିରଖିଛି । ଖାଲି ବାହାଘରଟା କେମିତି ସୁରୁଖୁରୁରେ କଟିଯିବ ।

ରାତି ଘଡ଼ିଏ ଖଣ୍ଡେ ହବ ଗାଁ ମୁଣ୍ଡରେ ଶଙ୍ଖଶବ୍ଦ ଶୁଣାଗଲା । କନିଆଧରା ନୂଆଗାଁ ବାହାରିବ । କୁଣିଆ ଭିତରେ ଜଗୁର ପିଇସିପୁଅ ଭାଇଟିଏ ଆସିଛି । ବୟସ ତାର ବାର ତେର ଭିତରେ । ସାଙ୍ଗରେ ପୁରୋହିତ ଓ ବାରିକ ।

ଶଙ୍ଖଶବ୍ଦରେ ଗାଁ କମ୍ପିଉଠୁଥିଲା । ଗାଁ ମାଇପେ ରାତି ବେଶି ହୋଇଯାଇଥିବାରୁ ଘରଭିତରୁ ଆସି ଦାଣ୍ଡ ଦୁଆରେ ଠିଆ । ସ୍ୱର ବାହା ହୋଇଯିବ । ସାବି, ଶଶୀ, ହାବି ଆଉ ଗଉରୀ—ବାହାହୋଇ ଗୋଟା ଗୋଟାକର ମା' ହୋଇ ସାରିଲେଣି । ବସ୍ତିର ଅନେକ ଦିନ

ହେଲା ରହିଯାଇଥିଲା । କୁଳରେ ଲାଗିଯାଉ । ଦୋଅଣ୍ଡାପକ୍ଷ ହେଲେ କ'ଣ ହେଲା ? ବରଙ୍କୁ ତ ଭରଣ ଭିତରେ ହବ । ପିଲାଟିଏ ନାହାଁନ୍ତି । ଘରର ମାଣ ଜମି । ଘରେ ତିନ ଗୃରଟା ଲୋକ । ଖାଇପିଇ ସୁ–ସା— । ସର ବଗୃଖା ଭଲ ଜାଗାଟିଏ ପାଇଲା ।

ଘଣ୍ଟାକ ପରେ ସମସ୍ତେ ନୂଆଗାଁରେ ଯାଇଁ ପହଞ୍ଚିଗଲେ । ବାରିକ ଦାଣ୍ଡ ପିଣ୍ଡାରେ ପିଢ଼ାରଖି ଗୋଡ଼ ପଖାଳିଦେଲା । କାନ୍ଧରେ ପଡ଼ିଥିବା ଗାମୁଛାରେ ଗୋଡ଼ ପୋଛିଦେଲା । ଶଙ୍ଖୁଆ ଆଉ ବାରିକ ଦାଣ୍ଡ ପିଣ୍ଡାରେ ବସିଥାଆନ୍ତି । ଖାଇପିଇ ଅଳ୍ପ ଟିକଏ ଆଖିବୁଜି ଦେଲେ ରାତି ଥାଉ ଥାଉ ଗାଁକୁ ବାହାରିବେ । ରଘୁନାଥପୁର ବାଟ ତିନ ଗୃର ମାଇଲ ।

ଖିଆପିଆରେ ସମସ୍ତେ ମହା ଖୁସ୍ । ଚୂଡ଼ାଦହି କଥା ଛାଡ଼–ଦିଅ । ସେମାନେ ଯୋଉ ପାକୁଅ ଖିରଟା ତିଆରିକରିଥିଲେ ତାକୁ ଖାଇ ସମସ୍ତେ ପ୍ରଶଂସା ନ କରି ରହିପାରିଲେ ନି । କେବେହେଲେ ଏମିତି ସେମାନେ ଖାଇ ନ ଥିଲେ ।

ପୁରୋହିତ ଉକାର ତ୍ରିପାଠୀ ଖିଆ ମଝିରେ ବଖାଣି ବସିଲେ —ତାଙ୍କ ଜୀବନରେ କେତେ କେତେ ଜାଗାରେ ଭୋଜି ଭାତ ସେ ଖାଇଛନ୍ତି । ଅରେ ତାଙ୍କ ଗାଁ ଖଣ୍ଡିପଡ଼ାଠୁ କୋଶେହବ ବାଟ ନୂଆପଡ଼ାର ଷେନବାସୀ ବାବୁବଳେନ୍ଦ୍ର ତାଙ୍କ ଝିଅ ବାହାଘରକୁ କରିଥିଲେ ଖିଆପିଆ । ଷାଠିଏ ପଉଟିହବ ଚୂଡ଼ା ଆଉ ହୁଣ୍ଡୁମ୍ବ । ଗଣା ଗଣା ଗୁଡ଼, ହାଣ୍ଡି ହାଣ୍ଡି ବସାଦହି, ଘଣ ଘଣ ମଣ୍ଡୁଆ, ମହଣ ମହଣ ନଉଆନ । ଯିଏ ଯେତେ ଖାଇପାରିଲା । ସମସ୍ତେ ଧନ୍ୟ ଧନ୍ୟ କଲେ । ହେଲେ ଆଜିର ଯୋଉ ପାକୁଅ ଖିରି । ସେ ସବୁକୁ ବଳିଗଲା । ବାରିକ ଆଉ ଶଙ୍ଖୁଆ ସମସ୍ତଙ୍କ ମୁହଁରେ ପ୍ରଶଂସା ।

ଫଳ ହେଲା, ପୁରୋହିତ, ବାରିକ ଆଉ ଗଙ୍ଗୁଆ ଯେତିକି ବିଦାକି ପାଇବାର କଥା ତାଠୁ ବେଶି ପାଇଲେ ।

ହେଣ୍ଡିମାରି ସମସ୍ତେ ସେଇ ରାତାରାତି ରଘୁନାଥପୁର ଫେରିଗଲେ ।

ତା' ଆରଦିନ ସକାଳେ ଜଗୁ ଓ ନାରଣିଆ ସାଙ୍ଗହୋଇ ଚାଲିଲେ ବସନ୍ତପୁର । ଗାଁ ମୁଣ୍ଡ ନଈରେ ଏଦିନେ ପାଣି କମ-ଆସେ । ଠାଏ ଠାଏ ଧାର ଶୁଖିଯାଏ । ଗାଁ ମୁଣ୍ଡରେ ଆଣ୍ଠୁଏ ହବ ପାଣି । ନାରଣିଆ ଚାଲିଛି ଆଗେ ଆଗେ । ଜଗୁ ତା' ପିଛୁଧରିଛି ।

ନଈବାଲି ପାରିହୋଇ ସାରିଲା ପରେ ପଡ଼ିଲା ରାସ୍ତା । ରଘୁନାଥପୁର ଓ ବସନ୍ତପୁର ଦିହିଙ୍କି ସେ ଯୋଗକରୁଛି । ରାସ୍ତାଯାକ ବାରପ୍ରକାର ମଇଳାଭର୍ତ୍ତି । ତା' ସାଙ୍ଗେ ସାଙ୍ଗେ ଘଷିଫଡ଼ା ପରି ଶୁଖିଲା ଚେକା ଚେକା ଗୁହ, ଗୋରୁ ହାଡ଼ ଓ ଗୋରୁ ମୁଣ୍ଡ । ରାସ୍ତା କରକୁ ଲାଗି ଗାଁ ଯାକର ଭଙ୍ଗାଖପରା ପର୍ବତ ପ୍ରମାଣ ଜମାହୋଇଛି । ଛୁତିକିଆ ହାଣ୍ଡି, ପାଉଁଶ, ନେଁସ ଆଉ ଛିଣ୍ଡାକନ୍ଥା । ସେସବୁ ଉପରେ ଡେଇଁ ଡେଇଁ ଆଡ଼େଇ ଆଡ଼େଇ ହୋଇ ଜଗୁ ଆଉ ନାରଣିଆ ଚାଲିଛନ୍ତି ବସନ୍ତପୁର । ଜମି କଣ୍ଟକବଲା ଲେଖିଦେଇ ମାଗା ବଳିଆର ସିଂହଠୁ ଟଙ୍କା ଆଣିବେ ।

ମାଗା ବଳିଆର ସିଂହର ବୟସ ଚାରିକୋଡ଼ି ପାଖାପାଖି । ସେ ଅଞ୍ଚଳରେ ସମସ୍ତେ ତାକୁ ବୁଢ଼ା ସାଆନ୍ତେ, ବୋଲି ଡାକନ୍ତି । ବୁଢ଼ା ଦେହରେ ରୁମ ଯେତିକି, ସେ ଟଙ୍କା ରଖିଛି ସେତିକି । ବଡ଼ ସାଧା ସିଧା । ରଣପୁର ଗାମୁଛାରୁ ଖଣ୍ଡେ ବୁଢ଼ା ଅନବରତ ପିନ୍ଧିଥାଏ ।

କାନରେ ହଳେ ମଗରମୁହା ନୋଳ । ମୁଣ୍ଡରେ ଚୁଟି । ମୁଣ୍ଡ ମଝିରେ ଲମ୍ବାବାଳ ଗଣ୍ଠି ପକେଇବାକୁ ରଖି ବୁଢ଼ାମୁଣ୍ଡ ସାରା ଖିଅର ହୁଏ । ବୁଢ଼ାର ଟଙ୍କା ପିଛା ସୁଧ ଦି’ପଇସା । ସୁନାରୁପା ଧରି ରାତି ଅଧରେ ଆସି ଡାକିଲେ ବି ବୁଢ଼ା ଲଣ୍ଠନ ଲଗେଇ ଟଙ୍କା ଗଣିଦବ । ତା’ ଛଡ଼ା ବିଶ୍ୱାସରେ ହାତ ଉଧାରି ଶହ ଶହ ଟଙ୍କା ବି କାରବାର ଚାଲେ ।

ବୁଢ଼ାକୁ ଚାଳିଶ ବର୍ଷ ହେଲାବେଳେ ଜମି ତାଙ୍କର ଗୁଣ୍ଠୁ ବୋଲି ନଥିଲା । ଇଆ ତା ଜମି ଭାଗ ଧରି ଦିନ କାଟୁଥିଲେ । କି ବେଳରେ ଜନମ ହେଲା କୁସୁନିଆ । ପିଲାଦିନୁ ଜଣାପଡୁଥିଲା ସେ ପିଲାଟା ଚାଲାକ ପଡ଼ିବ । ଅଠର ଉଣିଶ ବେଳକୁ ସେ ଚାଲିଲା କଲିକତା ମାଟିବୁହା କାମରେ । ଦି’ତିନି ଥର ଯାଇ ବହୁତ ଅଭିଜ୍ଞ ହୋଇଗଲା । ମେଲେରିଆ ଭୋଗି ତାର ଛନଛନିଆ ଚେହେରା ହରେଇଲେ ବି ସେ ଠିକାଦାର ଓ କମ୍ପାନୀ ବାବୁଙ୍କର ଶ୍ରଦ୍ଧାଭାଜନ ହୋଇପାରିଲା । ଦିନେ କମ୍ପାନୀ ମାଲିକଙ୍କ ସାତ ଆଠ ବର୍ଷର ପୁଅ ରାସ୍ତାରେ ଯାଉଛି । ଟ୍ରକଟି ଅନେକ ଆଗରେ ଚାଲିଗଲାଣି । ମଟର ମାଡ଼ଯାଇଥାଆନ୍ତା । କୁସୁନିଆ ମାଟି ଟୋକେଇ ପକେଇ-ଦେଇ ପିଲାଟାକୁ ଉଠେଇଆଣିଲା । ପିଲାଟାର କିଛି ହେଲା ନି । କିନ୍ତୁ କୁସୁନିଆର ଆଣ୍ଠୁ ହାଡ଼ଟା ଭାଙ୍ଗିଗଲା । ଚାରିମାସ ଡାକ୍ତରଖାନାରେ ପଡ଼ି ଭଲ ହୋଇଗଲା କୁସୁନିଆ । କିନ୍ତୁ ସେଇଦିନଠୁ ତାର ଭାଗ୍ୟ ଖୋଲିଲା । ମାଲିକ ତାକୁ କମ୍ପାନୀର କୁଲି ଯୋଗେଇବା ଠିକାଦାର କାମରେ ନିଯୁକ୍ତ କଲେ । କୁସୁନିଆ ବି ସେ କାମ ଆଗରୁ ଭଲକରି ଜାଣିଥିଲା । ତା ଗାଁ ଆଡୁ ଗୋଟେଇଲା କୁଲି । ମାଟି ବୋହିବାପାଇଁ କୁଲି, ଲୁଗାମିଲ ଖୋଟ କଲ ଓ ଚଟକଲ ପାଇଁ କୁଲି । ମାଲିକଠୁ କୁଲି ପିଛା ଦି’ଟଙ୍କା ପକେଇ ସେମାନଙ୍କୁ ଟଙ୍କାଟେ କରିଦେଲା ।

ସେମାନଙ୍କର ଗାଡ଼ି ଖର୍ଚ୍ଚ ନିଜେ ବହନ କଲା । ଜଣେ କୁଲି ପିଛୁ ମାସ ତିନିଟାରେ ଶହେ ଟଙ୍କା ଲାଭ । କମ୍ପାନି ମାଲିକ ବି ଖୁସି । ଓଡ଼ିଆ କୁଲି ଗଧପରି ଖାଟିବେ । ତେଲେଙ୍ଗା ଓ ପଶ୍ଚିମାଙ୍କ ପରି ରୁକ୍ଷ ନୁହଁନ୍ତି । ବଙ୍ଗାଳିଙ୍କ ପରି ସୁସ୍ଥି ନୁହନ୍ତି । ଯୋଉ କାମରେ ଲଗେଇବ ଲୋକ ପରି ଲାଗିଥିବେ । ଆଠ ଘଣ୍ଟା ସ୍ଥଳରେ ଦଶଘଣ୍ଟା ଖଟେଇଲେ ବି ଆପତ୍ତି ନାହିଁ । ହୁଁ କି ଚୁଁ କରୁ ନ ହେଲେ କହିବେନି । କଲିକତାରେ ତିନିଟଙ୍କା ତଳକୁ କୁଲି ମିଳିବା କଷ୍ଟ । ଓଡ଼ିଆ କୁଲି ବି ଭାରି ଖୁସି । ମାସ ତିନିଟା ଗଲେ ଶହେ ଗଣିବେ । ଆସେ କୁଆଡ଼ୁ ଶହେଟଙ୍କା । ମାଣ୍ଡିଆ ଯାଉ, ଚକାଭାତ ଆଉ ଖୁଦପିଠା ବଦଳରେ ମିଳିଲା ଡାଲି ଭାତ, ପୁଣି ମାଛମଞ୍ଜି ପରି ଶହେ ଟଙ୍କା ।

ପନ୍ଦର କୋଡ଼ିଏଟା ବର୍ଷରେ କୁସୁନିଆ ବଳିଆର ସିଂହ ଲକ୍ଷପତି ସାଜିଗଲା । ବଡ଼ ବଡ଼ ସ୍ଥାନରେ ଜାଗା କିଣି ତା'ର କୋଠା ତିଆରି ଚାଲିଲା ।

ହଜାର ହଜାର ଏକର ଜମି, ଗଦା ଗଦା ସୁନା, ଧାନଗଦା ଭଲି ଗଦାମରା ହୋଇଗଲା ନୋଟବିଡ଼ା । ଅନେକ ଯାଗାରେ ଏବେ ଦାନଧର୍ମ କଲାଣି । ଡାକ୍ତରଖାନା ତିଆରି, ରାସ୍ତା, ସ୍କୁଲ ଆଉ ଲାଇବ୍ରେରୀ ସକାଶେ ଏ ଅଞ୍ଚଳରେ ସେ ଅଜସ୍ର ଦାନକରି ସାରିଲାଣି ।

ଜଗୁର ହଠାତ୍ ମନେପଡ଼ିଗଲା ହରିବାବୁଙ୍କ କଥା । ଜିତେନ୍ଦ୍ର-ବାବୁ ଆସି ତା' ଆଖି ଆଗରେ ନାଚିଲେ । କୁସୁନିଆ ବଳିଆରସିଂହ ଆଉ ବଡ଼ ବଳାଳୀ ସଂଘର ସ୍ଥାୟୀ ସଭାପତି ଜିତେନ୍ଦ୍ର ବାବୁ । ମନେ ମନେ ତର୍ଜମା କରୁ କରୁ ବଳିଆରସିଂହଙ୍କ ଦୁଆର ମୁହଁରେ ସେମାନେ ଆସି ପହଞ୍ଚିଗଲେ ।

ଭୁକ୍କ ଲାଗିଲେ ଦ'ଟା ଲମ୍ବାରୁମବାଲା ଧଳା ଧଳା କୁକୁର । ବନ୍ଧା ହୋଇ ନ ଥିଲେ ଜଗୁ ଆଉ ନାରଣିଆ ଦହିଁଙ୍କ ଭଣିଭଣା କରିପକେଇଥାଆନ୍ତେ । ପଥର କୋଠା, ଦାଣ୍ଡ ଦୁଆରେ ଦଗଣ୍ଡା ତିନିଗଣ୍ଡା ହବ କୁକୁର, ଖଟ ପଲଙ୍କ, ଆରାମ ଚଉକି ଓ ସବାରି ପାଲିଙ୍କି, ଓଳିଆ ଓ ଲୁହା ଟ୍ରେଙ୍କେର । ପର୍ବତ ପ୍ରମାଣ ଧାନଗଦା ମରାହୋଇଛି ।

ଜଗୁ ଓ ନାରଣିଆ ଦହେଁ ତଳ ଯାଆଁକେ ମୁଣ୍ଡ ନୁଆଁଇ ନମସ୍କାର କଲେ । ନାରଣିଆ ଜଗୁକୁ ଚିହ୍ନା ପରିଚୟ କରେଇଦେଲା–ପୁଷରେ ରହି ଚାକରି କଲାଣି । ଭଉଣୀର କାଲି ବାହାଘର । ଆପଣ ବାପ ମା' । ନଦେଲେ ନ ଚଳେ ।

ବୁଢ଼ା ସାଙ୍ଗେ ସାଙ୍ଗେ ମଙ୍ଗିଗଲା । ଟିପଚିହ୍ନ ଦେଇ ଆଗ ଟଙ୍କାନେଇ କାମ ଚଳେଇଦଉ । ତାପରେ କଣ୍ଟକବଲା ।

ଜଗୁର ମନ କୃତଜ୍ଞତାରେ ପୂରିଆସିଲା ନାରଣିଆ କହୁଣିରେ ଜଗୁକୁ ଠେଲିଦେଇ ଆସ୍ତେ ଆସ୍ତେ କହିଦେଲା—ଦେଖିଲୁ ମଣିଷ ନା ଦେବତା ।

ଗୁମାସ୍ତା ପାଖରେ ଟିପଚିହ୍ନ ଆଉ ଅଣିକଆ ଷ୍ଟାମ୍ପ ଦିଆ ସରିଗଲା । ବାକି ଅଛି କେବଳ ଟଙ୍କାଗଣିବା । ଘରଭିତରୁ ସକାଳୁ ସକାଳୁ ଖଡ଼ମ୍ ଶବ୍ଦକରି ମାଡ଼ିଆସିଲେ ଦେଶପ୍ରିୟ ବଳିଆରସିଂହ । କୁସୁନ ବଳିଆରସିଂହଙ୍କର ଗୋଟିଏ ବୋଲି ପୁଅ । ବୟସ କୋଡ଼ିଏ ଏକୋଇଶ ଭିତରେ । ଚାରିବର୍ଷ ଆଗେ ଯେତେବେଳେ ତାଙ୍କର ନିଶ ଗଜୁରି ଆସୁଥାଏ, ମାଗା ବଳିଆରସିଂହ ନାତୁଣୀ ବୋହୂଟିଏ ଆଣିବାକୁ ଧନ୍ଦ ହୋଇପଡ଼ିଲେ । ମରିବା ଆଗରୁ ଅଣନାତି ପଣନାତି କରି ଗୋଟିଛେହବ ନ ଦେଖିଲେ ସେ ସୁଖରେ ମରିପାରିବେ ନା । ଦେଶପ୍ରିୟ ବାବୁଙ୍କୁ ସମସ୍ତେ ଦେଶବାବୁ ବୋଲି ଡାକନ୍ତି । ତାଙ୍କର ପିଲାଟିଲା

ଦି’ଟି ବି ହୋଇ ସାରିଲେଣି । ପିଲାଦିନେ ମେଢ଼େଙ୍ଗିଆ ହୋଇ ଦେଖାଯାଉଥିଲେ; ଏବେ ଏଡ଼େ କୋଦା ହୋଇଗଲେଣି ଯେ, ପେଟକୁ କୁଣ୍ଢ଼ ପାଇବ ନି । ଗଣ୍ୟମାନ୍ୟ ବ୍ୟକ୍ତି, ଇଉନିୟନ ପ୍ରେସିଡେଣ୍ଟ, ସ୍କୁଲ ଲାଇବ୍ରେରୀ ଇତ୍ୟାଦି ଯେତେକ ଅନୁଷ୍ଠାନ ସବୁଥିରେ ସଭାପତି—ପଡ଼ା ତାଙ୍କର ମାଇନର.ପାଶ୍ । ଏ ଅଞ୍ଚଳକୁ ବନ୍ଧ ମରାମତି ପୋଖରୀ ଖୋଳା ଇତ୍ୟାଦି ଯେତେ ସରକାରୀ କାମସବୁ ମଞ୍ଜୁରୀ ଆସେ, କଣ୍ଟ୍ରାକ୍ଟ୍ରୀ ଧରନ୍ତି ଦେଶପ୍ରିୟବାବୁ । ତା’ଛଡ଼ା ଧାନପାଇଁ ପରଚେଜିଂ ଏଜେଣ୍ଟ ସାଜି ବସ୍ତାର ଲାଭ ବି ସେ ଉଠେଇଲେଣି । ବଡ଼ ମେଳାପୀ ଲୋକ ।

ପେଷ୍ଟଭରା ବ୍ରସଟାକୁ ପାଟି ଭିତରେ ପୂରେଇ ବାରଣ୍ଡାରେ ପଦଚାଳନା କରୁ କରୁ ନାରଣିଆ ଉପରେ ଆଖି ପଡ଼ିଯିବାରୁ ସେ ଡାକିଲେ – ଏ ନାରଣ ଶୁଣିଲୁ –

ନାରଣିଆ ମୁଣ୍ଡ ନୁଆଁଇ ନମସ୍କାରଟିଏ ପକେଇଲା । ଜଗୁ ବି ।

ଏଇଟି କିଏସ୍ ?

ଆମ ଗାଁର ଜଗୁ ।

ମୁଁ ତ କେବେହେଲେ ଯାକୁ ଦେଖିନି ।

ସଦାବେଳେ ସେ ପୁରୀରେ ଥାଏ । ଗୋଟେ ଦୋକାନରେ ଚାକିରୀକରେ । ଭଉଣୀ ବାହାଘର ସକାଶେ ଟଙ୍କା କରୁଛି ନବାକୁ ଆସିଥିଲା ।

ଓହୋ—ଆଚ୍ଛା ନାରଣିଆ ନଈ ବନ୍ଧୁଟା ମୁଁ ଏ ବର୍ଷ କଣ୍ଟ୍ରାକ୍ଟରୀ ନେଇଛି । କୋଡ଼ିଏ ହଜାର ଟଙ୍କାର କାମ । ତା’ ସାଙ୍ଗେ ସାଙ୍ଗେ ସଡ଼କରେ ଥିବା ପାଞ୍ଚଟା ଶାଙ୍ଗର ଠିକା ବି ନେଇଛି । ତ ତ ନ ଆସିଲେ ହବନି ।

ହଜୁରଙ୍କର ଯାହା ଇଚ୍ଛା ।

ଆଚ୍ଛା ତୁ ଘୁରିନେଉଥିଲା ବେଳେ ଆସିବୁ । ସେ ବିଷୟରେ କଥାହବା ।

ନାରଣିଆ ଆଉ ଜଗୁ ପଛୁଆ ପଛୁଆ ଘୁଞ୍ଚିଗଲେ । ଜଗୁ ଅଢ଼େଇ ଶ' ଟଙ୍କା ଗୁମାସ୍ତାଙ୍କଠୁ ଗଣି ପକେଟରେ ପୂରେଇଲା । ବୁଢ଼ା ସାଆନ୍ତ ଆଉ ସାନ ସାଆନ୍ତଙ୍କୁ ବହି ସରୁ ନମସ୍କାର ପକେଇ ଗାଁ ଆଡ଼େ ଚାଲିଲେ ।

ଆଜ ମଗନ । କାଲ ବାହା । କଣାକଣି କରିବାକୁ ଅନେକ କାର୍ଯ୍ୟ ବାକି ଅଛି । ଜଗୁ ମୁଣ୍ଡ ଉପରେ ରାଜ୍ୟସାକର କାମ । କେତେବେଳେ ଏସବୁ କରିବ, ଜଗୁ ଭାବି ଭାବି ଠିକ୍ କରିପାରିଲା ନାହିଁ ।

ନାରଣିଆ ଆଉ ଜଗୁ ବସନ୍ତପୁର ଗାଁରୁ ଟଙ୍କାନେଇ ଆସି ରଘୁନାଥ ପୁରରେ ଗୋଡ଼ ଦଉ ଦଉ ଗାଁଭିତରୁ ଗୋଟେ ଗଣ୍ଡଗୋଳ ଶୁଣିବାକୁ ପାଇଲେ । ଗାଁରେ ଲୋକ ଶହେ ଦେଢ଼ଶ ଭିତରେ କେଜାଣି ବାହାରୁ ଶୁଣିଲେ ମନେହୁଏ ଗାଁରେ ଯେପରି ସମୁଦ୍ର ଉଚ୍ଛୁଳୁଛି

କଥା କଣ ? ନାରଣିଆ ଆଗେ ଆଗେ ପଳାସିଲା । ଜଗୁ ବି ପଛେ ପଛେ । ଦେଖିଲା ବେଳକୁ ବଇଁଶି ନାହାକ ପୁଅ ଚନ୍ଦରର ଉପର ଭିଡ଼ ଦାନ୍ତରୁ ରକ୍ତଟା ହବ ଖସିପଡ଼ୁଛି ଓ ରାମ ଦକ୍ଷିଣ କବାଟରେ ମୁଣ୍ଡ ଫାଟି ଧାର ଛୁଟିଛି । ସମସ୍ତେ କେବଳ ହୋ—ହୋ— ହବାରେ ବ୍ୟସ୍ତ । କଳ ଛଡ଼େଇବା ହେଲା ପ୍ରଥମ କାମ ।

ନାରଣିଆ ସମସ୍ତିଙ୍କି ଠେଲିପେଲି ରାମ ଦକ୍ଷିଣ କବାଟକୁ ଗୋଡ଼ ସୁଧା ଟେକିଧରିଲା । ତା' ଇଙ୍ଗିତରେ କନା ପୋଡ଼ାହୋଇ ଆସି-ଗଲା । ଫଡ଼୍କରି ନିଜ ଲୁଗାରୁ ଖଣ୍ଡେ ଭିଡ଼ିଦେଇ ଆଗ

ବ୍ୟାଣ୍ଡେଜଟା ବାନ୍ଧିଦେଲା । ତାଙ୍କ ଘରେ ନେଇ ଶୁଆଇଦେଇ ଆସିଲା । ଚେତା ହବା ଔଷଧ ବି ତା'ପାଖରେ ଥିଲା । ବସିଲା ଗରମ ଚୂଲ୍ହା । ପରେ ଡାକ୍ତରଖାନା କଥା । ଡାକ୍ତରଖାନାରୁ କଚେରୀ ଦଉଡ଼ା । ଫଉଜଦାରୀ ମକଦମା ।

ଗାଁରେ କାଲି ଗୋଟେ ବାହାଘର । ଆଜି ଚାଲିଛି ମରାମରି ଆଉ ମୁଣ୍ଡ ଫଟାଫଟି । ଗାଁର ସବୁଠୁ ବୟସ୍କ ଲୋକ ଦନା ପଧାନ ଆଉ ଭାଇଗ ପରିଡ଼ା ଠିକ୍ କଲେ ଗାଁର ସବୁ ମର୍ଦ୍ଦଲୋକ ଖାଇସାରି ଦାଣ୍ଡପିଣ୍ଡାକୁ ଆସନ୍ତୁ । ନଶାପ ହବ । ପଞ୍ଚୁ ଆଉ ଯାହା କହିବେ ଦୁ'ପକ୍ଷ ତାକୁ ମାନନେବେ । କଚେରୀକି ଦଉଡ଼ିବା ଦରକାର ନାହିଁ ।

ଠିକ୍ କଥା । ଜଗୁ ମନେ ମନେ ଭାବୁଥିଲା । କିନ୍ତୁ ମୁଣ୍ଡ ଫଟାଫଟିର କାରଣଟା କ'ଣ ? ଗାଁର ଜଣେ ଲୋକଠୁ ସଠିକ୍ ଭାବରେ ବୁଝିଗଲା—ଦକ୍ଷିଣ କବାଟ ଚନ୍ଦରୀକୁ ବଡ଼୍ ଗାଁ ଦାଣ୍ଡରେ କହିଲା ସେ ତା ଗହୀରୀ ବିଲରେ ଗଦା ମରାହୋଇଥିବା ଧାନ ଗଦାରୁ ପଚିଶଟା ହବ କଲେଇ ଚୋରିକରିଛି । ରାମ ନିଜ ଆଖିରେ ଅବଶ୍ୟ ଦେଖିନି । ଗାଁର କିଏ ଜଣେ ତାକୁ ମତେଇଦେଲା । ଯେମିତି ଗାଁ-ଦାଣ୍ଡରେ କହିଦେଇଛି ଏତିକି କଥା—ଚନ୍ଦରୀ ମୁଣ୍ଡକୁ ଉଠିଗଲା ରକ୍ତ । ଚାରିଆଡ଼ ଅନ୍ଧାର ଦେଖାଗଲା । ଆଖି ଜଳଉଠିଲା । ତା ଦୁଆରମୁହଁ ବାରେଣ୍ଡାରୁ ଚାଲରେ ଚିରାହୋଇଥିବା ପାକଳମୂଳ ବାଉଁଶଟାକୁ ଭିଡ଼ିଆଣି କସିଦେଲା କାଠେ । ରାମି ମାଡ଼ରେ ଚନ୍ଦରୀର ଦାନ୍ତ ବି ଭାଙ୍ଗିପଡ଼ିଲା ।

ଜଗୁ ଗାଧୋଇବାକୁ ଚାଲିଲା ନଈକୂଳ ଆଡ଼େ । ତଉଲିଆ ଖଣ୍ଡେ କାନ୍ଧରେ ପକେଇ ନଈ ପାଖରେ ହେଲାବେଳକୁ ନଈର ଭୁଠ ପଥର ଉପରେ ଚକାପକେଇ ବସିରହିଥିଲା ଉଦିଆ ଜେନା । ବୟସ ଚାଳିଶ ପଂଚାଳିଶ ହବ । ଗୋଡ଼ ଓ ହାତର ଆଙ୍ଗୁଠି ତା'ର ଖସିପଡ଼ିଲାଣି ।

ଦେହଟା ତାର ଏବେ ଖଗ୍ରାଦନର ଗଦ୍ୱାଗ୍ଦା ବଲଭଲ ଗର ଗର ହୋଇ ଫାଟୁଛି । ପୁଯ କାଡ଼ି, ଖୋଲପା ଛଡ଼େଇ ନଈ କୂଳରେ ସେ ପକଉଛି । ଖୋଲପା ଉପରେ ମାଛି ଆସି ବେଢ଼ୁଛନ୍ତି । ରଘୁନାଥ-ପୁର ଗାଁରେ ଉଦଆ ଜେନା ଛଡ଼ା ଆଉ କେହି କୁଷ୍ଠରୋଗୀ ନଥିଲେ । ଏବେ ହେଲେଣି ଦଶ କ ବାର । ଗ୍ଛୋଟ ଗ୍ଛୋଟ ପିଲଙ୍କ ଦେହରେ ଦେଖାଦେଲଣି ଚେକା ଚେକା ନାଲି ନାଲି ଛଉ । ପିଲମାନେ ସେମାନେ ଜାଣନ୍ତି ବା କ'ଣ ! ଉଦଆ ଜେନା ଘଷିମାଜି ହୋଇ ଗାଧୋଉଥିଲା ବେଳେ ସେମାନେ ପାଣିରେ କାବୁର କାବୁର ହଉଥିଲେ ।

ଜଗୁ ଅତୁଠରେ ଯାଇଁ ଗାଧେଇଲା । ସୁଅର ବପଗାଁଟି ଦଗରେ ।

× × × ×

ରଘୁନାଥପୁର ଗାଁରେ ସଭା ବସିଛି । ଛୁଆପିଲା ହୋଇ ଶ୍ୱାଳଣ ପଚ୍ଚିଶ ଜଣ ଲୋକ । ପିଲା କେଇଟା ଯା'ଆସ କରୁଥାଆନ୍ତି । କୋଉ ପିଲାର ପେଟଟା ବାହାରପଡ଼ ଗାଣ୍ଡିଟା ଭିତରକୁ ପଶିଯାଇଛି ତ କାହାର ନାକ ସିଙ୍ଗାଣି ଆସି ପାଟିରେ ପଶିଲଣି । ପାଉଁଶିଆ ଆଉ କଳାରଙ୍ଗର ମଫସଲଆ ଛୁଆ । ହାତ ଗୋଡ଼ ବଣି ଗୋଞ୍ଜିଭଳା କବାଟ ଝରକା ସନ୍ଧରୁ ଗ୍ରହିଁଥାଆନ୍ତି ଗାଁ ମାଇପେ । ଟୋକା ଆଉ ବୁଢ଼ୀ ସମସ୍ତେ ।

ଅନେକ ବାକ୍‌ବିତଣ୍ଡା ପରେ ଭାଇଗ ପରେଡ଼ା କଥା ସାର୍‌ବୋଲି ଧର୍‌ଗଲା । ହଁ ପକ୍ଷଯାକ ବସନ୍ତପୁରର ସାନ ସାଆନ୍ତଙ୍କ ପାଖରେ ହଁ ହ'ଶ ଟଙ୍କାର ହାଣ୍ଡନୋଟ୍ ଆଗ ଲେଖିଦେବେ । ତଉକଆଠୁ କଥା ବାହାରିବ ।

ସମସ୍ତେ ହଁ ଭରିଲେ । ସ୍ତୁଇ ଲେଉଟିଲା ପରେ ବଦେହି ଯାଇ ବସନ୍ତପୁରରେ ହାଣ୍ଡନୋଟ୍ କରଦେଇ ଆସିଲେ । ଦେଶପ୍ରିୟ ବାବୁ ତାଙ୍କ ଶୋଇଲା ଘରୁ ବାହାରକଲେ ମଗର ଲୁଗୁଡ଼ରେ ଚମଡ଼ା ଫିତା ଲାଗିଥିବା ହଣ୍ଟର୍ । ଗାମୁଛା ବଦଳପକେଇଲେ ଝୁଆଁ ହୋଇଯିବା ଉପରେ । ଦାସିଆ ମଲିକକୁ ଡାକଆଣିଲେ ଗୋଟେ ଗଛମୂଳକୁ ।

କ'ଣ ଅବା କରିବ ସେ ଦାସିଆ ମଲିକ ? କାହାକୁ ଯାଇ କହିବ ? ଚଉକିଆ ଚାକିରି । ଟଙ୍କା ପାଞ୍ଚଟା ଦରମା । ଗାଁର ଭଲ ମନ୍ଦ ଖବରସବୁ ନେଇ ସେ ଥାନାରେ ଦବ । ଅଛୁଆଁ ଜାତି । ଘରେ ତା'ର ଚାରିପ୍ରାଣୀ କୁଟୁମ୍ବ ।

ଦେଶପ୍ରିୟ ବାବୁ ଶୂନ୍ୟକୁ ଗୋଟେ ଗୁଳି ମାଇଲେ । ହଣ୍ଟର ଦେଖି ମଲିକ ବାବୁଙ୍କୁ ଡାକି କହିଲା—ସେ ନରୋଲା ଯାଗା ଦେଖି କହିବ ।

ଜଗୁ ଗୋଟେ ପାଳଗଦା ପଛପଟେ ଛପିରହି କାନପାରିଥିଲା ।

ଦାସିଆ ମଲିକ ବାବୁଙ୍କ କାନରେ ଫୁସ୍ ଫାସ୍ କରି କହିଲା— ନାରଣ ସାଆନ୍ତେ ଶିଖେଇଥିଲେ । ସେ ନେଇଛନ୍ତି ପଚଶ ବଢ଼ା । ବଦେହି ଭାଗବାଣ୍ଟି ଦେଇଛନ୍ତି ।

ନାରଣିଆ କଥାଶୁଣି ଦେଶପ୍ରିୟ ବାବୁ କଥାଟାକୁ ଲୁଚେଇ-ଦେଲେ । କହିଲେ — ପରେ ବୁଝାଯିବ । ମନେ ମନେ ଭାବିଲେ — ଏଇ ନାରଣିଆ ଭଳି ତାଙ୍କର କେତେକଡ଼ାଲୋକ ଦରକାର । ତାହାହେଲେ କଣ୍ଟ୍ରାକ୍‌ଟରୀ କାମଟା ସୁରୁଖୁରୁରେ ଚାଲିପାରିବ ।

ଜଗୁ ଏ ସବୁ ପ୍ରହସନ ଦେଖି ଆଖି ତା'ର ଆପେ ଆପେ ବୁଜିହୋଇଗଲା । ନାରଣିଆଟା ଏଡ଼େ ବଦମାସ୍ ? ଆରେ

ବାପ୍‌ରେ । ତା' ଜରିଆରେ ପୁଣି ସେ ଟଙ୍କା ଆଣିଛି । କ'ଣ ହଉଛି କେଜାଣି ? ଜଗୁର ଏସବୁ କଥା ଦେଖି ହାଲୁକଶୁଖିଗଲା ।

ଜଗୁ ଗାଁରେ ମନେ ମନେ ବଡ଼ ବିରକ୍ତହୋଇ ବି ସାରିଲାଣି । ବିଶେଷତଃ ନାରଣିଆ ଭଳି ଲୋକର ହାବୁଡ଼ରେ ସେ ପଡ଼ିଛି । କୋଉ ଖାଲକୁ ଯେ ତାକୁ ଠେଲିଦବ କିଛି ଠିକ୍ ନାହିଁ । ଖାଲି ଏତିକି କଥା — ସେ ଭାବୁଥିଲା ବାଜି ସାଆଁନ୍ତର କଥା, ତାଙ୍କର ଯେ ସମୁଦାୟ ଜମି ଧରିଛି । ବୋଉକୁ କାଲେ ସେ ହଇରାଣ କରୁଥିବ ? କିନ୍ତୁ ହାଣ୍ଡନୋଟ୍ ଲେଖେଇଆଣି ବସନ୍ତପୁର ବଳିଆର ସିଂହଘର ବଂଶ ଯେମିତି ତାମ୍‌ସା ଲଗେଇଛନ୍ତି ଏଥିରେ ଆଉ ସେମାନେ ଖସିବେ କେମିତି । ବାପକୁ ମଉସାବୋଲି କହି ଭାଗ ଧାନତକ ଦେଇ ନ ଯିବାକୁ ଉପାୟ ନାହିଁ । ବେଠିକରିବାକୁ ମନାକଲେ ପିଲା ମାଇପେ ତୋଳ ପାଇବେ ନ । ନାରଣିଆଭଳି ଲୋକ କେଇଟାଥିଲେ ରାଜ୍ୟ ଗୋଟେ ଗୋଟେ ତ ଶାସନ ହୋଇଯିବ ଖାଲି ଏ ଅଞ୍ଚଳଟା କ'ଣ ?

ଜଗୁ ନଈକୂଳରୁ ଝାଡ଼ା ଫେରିଆସି ଦାନ୍ତ ବି ଘଷିସାରିଲାଣି । ସବୁ ଜିନଷ ଯୋଗାଯୋଗିକରି ରଖିଲେ ବାହାଘର । ବାରିକ ପୁରୋହିତ ତ ଏଇନେ ଆସିଯିବେ । ବୋଉ କଣ କରୁଛି ଭାବି ଜଗୁ ଘର ଭିତରକୁ ପଶିଯାଉଥିଲା ।

ପଛରୁ କିଏ ଜଣେ ଡାକିଲା—ଜଗୁ ଟିକିଏ ଶୁଣିଲୁ—

ଜଗୁ ପଛକୁ ରାହିଁ ଦେଖେତ ମାଧିଆ ଡାକୁଛି । ମାଧିଆ ଅଳ୍ପ ଦିନତଳେ ବାହାହେଇଛି । ଗୋଟିଏ ଝିଅ ବି ତାର ହେଇସାରିଲାଣି । ବିଚାରା ବଡ଼ ଶାନ୍ତଶିଷ୍ଟ । କାହାକୁ ମ' ବୋଲି ସେ କହେ ନ ।

ଜଗୁ, ତୋତେ ଗୋଟେ କଥା କହିବି । ତୁ ଯଦି କାହାଆଗେ ନ କହିବୁ ତା ହେଲେ କହିବି । ମୋ ପେଟ ଭିତରଟା ଖାଲି ଘାଣ୍ଟିଚକଟି ହଉଛି । ସେତିକି କହିଦେଲେ ଖାଲି ହୋଇଯିବ ।

ତୁ କ'ଣ ମତେ ଜାଣିଛୁ ମାଧିଆ ?—ଜଗୁ ପଚାରିଲା ।

ଆଚ୍ଛା ତା'ହେଲେ ଟିକିଏ ନଈକୂଳ ଆଡ଼େ ଆ ।

ଦୁହେଁ ନଈକୂଳଆଡ଼େ ବାହାରିଲେ । ଗୋଟେ ବାଙ୍ଗରା ବରଗଛ ଛାଇରେ ସେମାନେ ବସିପଡ଼ିଲେ ।

ମାଧିଆ ଆରମ୍ଭ କଲା—ବୁଝିଲୁ ଜଗୁ, ଏଇ ଯୋଉ ନାରଣିଆକୁ ଦେଖୁଛୁ ଏଇଟା ହଉଚି ସାତେ ବଜାତ୍ । କେବଳ ବଳଆର ସିଂହ ଘର ବଳରେ ସେ ଡେଉଁଛି । ସେଇଟାର ମାଣେ ଅଛି ନା ଗୁଣ୍ଠେ ଅଛି । ତୁ ନ ଥିଲୁ । କାଲି ରାତିରେ ତାଙ୍କର ସବୁକଥା ପଡ଼ିଥିଲା— ପୁରୀରେ ଭଲ ଗୃହ କଥା କରୁଛି । ଭଉଣୀକୁ ଦବାପାଇଁ ପୁରୀରୁ ସୁନା-ରୁପା କରି ତ ଏତେଦବ ଜିନଷ ଆଣିଛି । ପୁଣି ବଳଆର ସିଂହଠୁ କଣ୍ଟି କବଲା ଲେଖି ଅଢ଼େଇଶ ଟଙ୍କା ଆଣିଲାଣି । ତାକୁ କ'ଣ ଟଙ୍କା ଅପୂରୁବ ହଉଛି ନା ସେ ଦେଇପାରିବ ନ ? ଭୋଜଭାତ ଭଲକରି ନ କଲେ କେହି ହେଲେ ତା'ଦୁଆରେ ହାତ ଧୋଇବେନି ।

ମାଧିଆ କହିଲା—ସେଇଟା ବଡ଼ ବଦମାସ । ଆରବର୍ଷ ଦୟା ନଈରେ ଗୋଟେ ବନ୍ଧ ହବାର ଥିଲା । ବନ୍ଧଟା ହୋଇଯାଇଥିଲେ ପ୍ରାୟ ଶହେବାଟି ଜମି ରକ୍ଷା ହୋଇଯାଇଥାଆନ୍ତା । ସେ ବନ୍ଧ ସକାଶେ ଆରବର୍ଷ ଆଠହଜାର ଟଙ୍କା ବାହାରିଥିଲା । ନାରଣିଆ କାହାକୁ ଧରାଧରି କରି ସେ କାମଟା ଠିକା ଧରିଲା । ଆମେ ଶୁଣିଲୁ ଯୋଉବାବୁ ମାପଚୁପ କରିବାକୁ ଆସନ୍ତି ତାଙ୍କୁ ଗାଁକୁ ଡ଼ାକି ବଡ଼ମାଛ, କୁକୁଡ଼ା, ଛେଳି, ଗୁଆଘିଅ ଆଦି ମାସେପର୍ଯ୍ୟନ୍ତ ଖାଇବାକୁ ଦେଇ ଗଲାବେଳକୁ ହଜାରେ ଟଙ୍କା ହାତ ଗୁଞ୍ଜାଦେଇ ସେ ଛାଡ଼ିଲା । ସେ ବାବୁ ଲେଖିଦେଲେ—ବନ୍ଧ ତିଆରିହୋଇଥିଲା । ବଢ଼ିପାଣି ଆସି ଧୋଇଗଲା ।

ବାକି ଟଙ୍କାତକ ନାରଣିଆ ଓ ଦେଶପ୍ରିୟ ବଳିଆର ସିଂହ ବାଣ୍ଟିନେଲେ । ନାରଣିଆଟାତ ଉଡ଼ାବୁଡ଼ା । ମାସ କେଇଟା ଭିତରେ ମଦ ମାଇକିନିଆ କରି ସେତକ ଉଡ଼େଇଦେଲା । ଗୋଟେ ଘରକଲା ମାଇକିନିଆଟାକୁ ଘର ଭିତରୁ ଟାଣିନେଲା । ମାସ ମାସ ଧରି ବୁଲିଲା କଟକ ଆଉ କଲିକତା । ସେଇ ଶଳା ବଦମାସ୍ ନାରଣିଆ । ତାରି ଯୋଗୁ ଆମର ଏ ବିଲରେ ଭଲ ଧାନ ଫଳୁନି । ବନ୍ଧଟା ହୋଇଯାଇଥିଲେ କେତେ ସୁବିଧା ହୋଇଥାଆନ୍ତା !

ଜଗୁ ତା ଜିଭ କାମୁଡ଼ିଦେଲା । କହିଲା—ଭାଇ ମାଧିଆ, କେମିତି ଏ କାମଟା ସରିଗଲେ ବୋଉଟାକୁ ନେଇ ମୁଁ ପୁରୀ ଚାଲିଯିବି । ଏ ଗାଁରେ ଆଉ ରହିବିନାହିଁ ।

କିନ୍ତୁ ମୋ କଥାଟି ତୁ କାହାଆଗେ ଫିଟେଇବୁ ନି ? ମାଧିଆ ତାକୁ ତାଗିଦ୍ କରିଦେଲା ।

ଜଗୁ ଓ ମାଧିଆ ନଈକୂଳ ଆଡ଼ୁ ଫେରିଲେ । ମାଧିଆ ଅଧବାଟରୁ ବାଟଭାଙ୍ଗି ଚାଲିଗଲା !

× × × ×

ଦିନ ନଅଟା ସମୟକୁ ବରପାଲିଙ୍କିରେ ଆସି ପହଞ୍ଚିଗଲା । ତେଲିଙ୍ଗି ବାଜା, ଢୋଲ, ଚଡ଼ଚଡ଼ି ବାଜା ଓ ମହୁରୀରେ ଗାଁ କମ୍ପିଉଠିଲା ।

ସାଙ୍ଗରେ ବରଯାତ୍ରୀ ଆସିଥିଲେ ପଚିଶ ତିରିଶ ଜଣ । ଜଗୁର ମାମୁଁ ଓ ପିଇସା ଇତ୍ୟାଦି କେତେ ବନ୍ଧୁବାନ୍ଧବ ଆସିଥିଲେ । କାହାଘର ଆରମ୍ଭହେଲା । ଦିଅଁ ଠିକ୍ ମୁଣ୍ଡଉପରକୁ ଆସିଲାବେଳେ ସେସବୁ ସରିଗଲା ।

ଜୋଇଁଙ୍କ ଦେଖି ଜଗୁର ବେଶ୍ ମନମାନନ୍ତି । ଦୋଅଡ଼ପକ୍ଷ ହେଲେ ବି ସେମିତି ବୟସ ହେଲାଭଳି ଦେଖାଯାଉନ । କଥାବାର୍ତ୍ତା ଅତି ଉତ୍ତମ । ସବୁ ଆଦରିନେଲା ଭଳି । ଯାହାହେଉ, ସରଅପା ତା'ର ଖରାପ ଜାଗାରେ ପଡ଼ିନ ।

ଗୁଇ ନେଉଟା ପରେ ଗୃହଲା ଖିଆପିଆ । ବରଯାତ୍ରୀ ଓ ଗାଁର ମରଦ ଓ ଛୁଆପିଲା ହୋଇ ଶହେ ଦେଢଶ ଲୋକ । କେତେ ବାଜେ ଲୋକ ବି ଆସି ପଶିଗଲେ । ଜଗୁର ଭୋଜରେ ମାଛ ବେସରଟା ବଡ଼ ଭଲ ହୋଇଥିଲା । ଖାଇଲା ମଝିରେ ନାରଣିଆ ଭୁଣ୍ଡରୁ ଅନେକଥର କହିବାର ଶୁଣାଗଲା—"ବିଚରା ମିଛରେ ଏତେ ଗୁଡ଼େ ପଇସା ଖର୍ଚ୍ଚକରି ଦେଲା ।"

ବିନା କଳି କଜିଆ ଓ ସମସ୍ତଙ୍କର ସନ୍ତୋଷରେ ବାହାଘରଟା ସରିଗଲା ।

ଶନିବାର ଦିନ ପାହାନ୍ତିଆରୁ ଲୋକ ଜଣେ ସାଙ୍ଗରେ ଧରି ଜଗୁ ପୁଣି ବାହାରିଲା । ରାତି ଘଡ଼ିଏ ହବ ଥିଲା । ଫସଲ ଫାଟିଲା ପର୍ଯ୍ୟନ୍ତ ତା' ସାଙ୍ଗରେ ଯାଇ ଅଧବାଟିଆ କରିଦେଇ ଆସିବ । ସକାଳ ଗାଡ଼ି ଧରି ଜଗୁ ଥଣ୍ଡାରେ ଥଣ୍ଡାରେ ପୁଣି ଗୃହଲିଯିବ ।

କିନ୍ତୁ ବଡ଼ ଦୁଖର କଥା । ଡେଲାଙ୍ଗ ଷ୍ଟେସନ ପହଞ୍ଚିବାକୁ ଆଉ ବାଟ ମାଇଲେ ହବ ଅଛି ଗାଡ଼ି ଛାଡ଼ିଦେଲା । ଦୀର୍ଘ ତିନ ଗୃରି-ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ । ଗାଡ଼ି ଯଦି ଲେଟ୍ ଥାଏ ସରିଲା କଥା । ଷ୍ଟେସନରେ ଆସି ବୁଝିଲା ପୁରୀ ମାଡ୍ରାସ ପାସେଞ୍ଜରଟା ସବୁଦିନ ଏମିତି ଲେଟ୍‌ରେ ଆସେ । କେମିତି ହେଲେ ଅଧଘଣ୍ଟେ

ନଂ ........
ତା ........



ଖଣ୍ଡେ ଡ଼େରିରେ ନ ଆସିଲେ ଗାଡ଼ିଟାକୁ ଅବା ବିଜାଡ଼ ଲାଗେ । ଜଗୁ କେତେଜଣଙ୍କଠୁ ବୁଝିନେଲା—ଗାଡ଼ି ଆଜି ଘଣ୍ଟେ ପନ୍ଦର ମିନଟ୍ ଲେଟ୍ ବଡ଼ ଅସୁବିଧା କଥା । କାହାର ଯଦି କୁଆଡ଼େ ଜରୁରୀ କାମ ଥାଏ ? କେତେ ଲୋକଙ୍କୁ ପଚାରି ଜଗୁ ଜାଣିପାରିଲା—ରେଲବାଇର ଏଇ ଅନିୟମିତତା ଅଳ୍ପ କେଇଦିନ ହେଲା ନୁହେଁ, ଅନେକ ଦିନଠୁ ଦେଖା-ଦେଇଛି ।

ଦ'ଟା ବାଜି କେଇ ମିନଟ୍ ପରେ ଗାଡ଼ି ଆସି ଷ୍ଟେଲିଙ୍ଗ ଷ୍ଟେସନରେ ପହଞ୍ଚିଲା । ପୁରୀରେ ପହଞ୍ଚୁ ପହଞ୍ଚୁ ସାଢ଼େ ତିନଟା । ଜଗୁ ତା ବ୍ୟାଗ ଖଣ୍ଡିକ ହାତରେ ଝୁଲେଇ ଚାଲିଲା ଦୋକାନଆଡ଼େ । ଆସିଲାବେଳେ ରାଧି, ମଧୁଆ, ରାମି ଓ ନାରଣ ଭାଇନା କପ୍‌ପିଅଲା, କେଟିଲି, ଚା ପୁଡ଼ିଆ ସମେତ ସାରା ଦୋକାନଟା ଯେପରି ତା' ଆଖି ଆଗରେ ଆସି ଦୋଳିଖେଳୁଥିଲେ ।

ଦୋକାନରେ ଗୋଡ଼ ଦେଇ ଦେଇ ରାମି ଆଉ ମଧୁଆ ତା'-ପାଖକୁ ଧାଇଁ ଆସି କହିଲେ—କିରେ ଜଗୁ ଆସିଗଲୁ, ଆଉସବୁ ଭଲ ? ଗୋଟେ ହଜିଲା ଜିନିଷ ସେମାନେ ଯେପରି ଫେରିପାଇଛନ୍ତି । ନାରଣ ଭାଇନା ବି ପାଟିଶୁଣି ଦଉଡ଼ିଆସିଲା । ସମସ୍ତଙ୍କ ପାଟିରେ—କିରେ ଏମିତି ଶୁଖି କଳା କାଠ ପଡ଼ିଯାଉଛୁ କାହିଁକି ?

ଜଗୁ, ଟିକିଏ ହସରେ କେବଳ ପ୍ରତ୍ୟୁତ୍ତର ଦେଲା । ଆଖି ତା'ର ଚାରିଆଡ଼େ ଘୂରିବୁଲୁଥିଲା । ଭଣ୍ଡାର ଘର ଭିତରକୁ କେତେଥର ସେ ଅନେଇସାରିଲଣି । କିଛି ଗୋଟେ ଯେପରି ସେ ଖୋଜୁଥିଲା ।

—ରାମି,ଦୋକାନ ହାଲଚାଲ କ'ଣ ସବୁ ଭଲ ?

ହଁ, ସେମିତି । କିନ୍ତୁ ଇଆ ଭିତରେ ଗୋଟେ ବଡ଼ ଘଟଣା ଘଟିଯାଇଛି ।

କଣ ସେ ଘଟଣା ? ଭୁ ଯିବାର ତିନଦିନ ପରେ ରାଧି ଏ ଦୋକାନ ଛାଡ଼ି ଚାଲିଯାଇଛି । ସେଇ ଦିନଠୁ ତାର ଦେଖା ନାହିଁ ।

ସତେ ? ଜଗୁ ଆଖି ଆଗରେ ଆସି ନାଚିଗଲା—ତାର ଟିଣ ଡବାଟା । ଯୋଉଥିରେ ସେ ଟଙ୍କା ପକେଇଥିଲା । ନିଜେ ସ୍ୱାଧୀନ-ଭାବରେ ଦୋକାନଦିବ ବୋଲି । ପିକ୍ ପକେଟିଂ କରିଥିବା ପିଲାଟା ତା'ଆଖି ଆଗରେ ଜଳଜଳ ଦେଖାଗଲା । ପଚାରିଲା ତାର କ'ଣ ଖୋଜ ଖବର କିଛି ରଖିଛ ?

କୁଆଡ଼େ ସେ ଗଲା, ଜାଣିବାର ଉପାୟ ନାହିଁ । ଲୋକଙ୍କୁ ଅବଶ୍ୟ ଖବର ଦିଆହୋଇଛି । ଯୋଉ ଯାଗାରେ ଦେଖିବେ ଆସି ଖବର ଦେବେ ।

ଆଚ୍ଛା ସେ ଚାଲିଯିବାର କାରଣ ?

ମାଲିକ ମାଲିକାଣୀଙ୍କ ଭିତରେ ଦିନେ ଭାରି କଳିକଜିଆ ଲାଗିଲା । ମାଲିକାଣୀ ଜିଦ୍‌ଧରି ବସିଲେ—ରାଧିକୁ ଦୋକାନରୁ ନ ଛାଡ଼ିଲେ ସେ ଅନ୍ନ ଗ୍ରହଣ କରିବେ ନି । ଅନ୍ୟ କିଏ ରାଧିକି ଚାଲିଯା ବୋଲି କହିବା ଆଗରୁ ସେଇଦିନ ରାତିରେ ସେ କୁଆଡ଼େ ଚାଲିଗଲା ।

ଦୋକାନ ବେଞ୍ଚଟା ଉପରେ ଜଗୁ ବସିପଡ଼ିଲା । ସାଙ୍ଗେ ସାଙ୍ଗେ ସେ ଯାଇଁ ଦେଖିବ ତାର ଟିଣ ଡବାଟା । ଟଙ୍କା କ'ଣ ଆଉ ସତେରେ ସେଥିରେ ଥିବ ?

ପଞ୍ଚୋଟିବ ଗରାକ ଦୋକାନ ଭିତରକୁ ପଶିଆସି ଚା' ଜଳଖିଆ ପାଇଁ ବରାଦଦେଲେ । ରାମି ଆଉ ମଧୁଆ ଜଗୁକୁ କହିଲେ—ଯା ଧୁଆଧୋଇ ହୋଇପଡ଼ । କଥାବାର୍ତ୍ତା ପଛେ ହବା ।

ଜଗୁ ସିଧା ଭଣ୍ଡାର ଘର ଭିତରକୁ ଚାଲିଲା । ସେ ନୂଆ ଜାଗାଟା । ରାଧି ଯୋଉ ଜାଗାଟା ତାକୁ ଦେଖେଇଦେଇଥିଲା । ଜଗୁ ତା ଭିତରେ ହାତ ପୂରେଇ ଦେଖେ ତ ସେଥିରେ କିଛି ନାହିଁଲେ

ନାହିଁ ଫାଙ୍କାପଡ଼ିଛି । ଜଗୁର ଛାତି ପଡ଼ଉଠ କରୁଥିଲା । ଭାବୁଥିଲା—ଏଡ଼େ ଚୋରଣୀ ସେ ରାଧି—

ଛାତ ପାଖକୁ ଲାଗି ଯୋଉ ଖୋପଟା, ତା'ଭିତରେ ମେଞ୍ଚାଏ ଲୁଗା ଗୁଞ୍ଜାହୋଇ ରହିଥିଲା, ତାର ଟିଣଡବାଟା । କେହି ନଥିବା ଟାଇମଟା ନେଇ ବୋଧେ ସେ ଚମ୍ପଟ କରିଛି । ଥରେ ଯଦି ସେ ତାକୁ ପାଏ, ରକ୍ତ ତାର ନଶୋଷି ସେ ଛାଡ଼ିଦେବ ।

ବାହାରୁ ନିଶୁଣୀଟେ ଆଣି ଜଗୁ ସେ ଖୋପ ସନ୍ଧିରେ ହାତ ପୁରେଇଲା । ଲୁଗା ବୁଜୁଳା ଭିତରେ କ'ଣ ଗୋଟେ ଟାଣହୋଇ ଲାଗୁଛି । ବୋଧେ ତାର ଟିଣ ଡବାଟା ହବ । ସତକୁ ସତ ସେଇଟା ଯେମିତିଥିଲା ସେମିତି ରହିଛି । କିନ୍ତୁ ଇଏ କଣ ? ଏଇଟା ଭଙ୍ଗା ହୋଇଛି କାହିଁକି ? ତା'ଭିତରୁ ଟଙ୍କାନେଇ ଖାଲି ଡବାଟା ପକେଇ ଦେଇ କ'ଣ ସେ ଚାଲିଯାଇଛି ? ସେଇଟାକୁ ଧରି ଜଗୁ ନିଶୁଣିରୁ ଆଗ ଓହ୍ଲେଇପଡ଼ିଲା ।

ସିମେଣ୍ଟ ଚଟାଣଟା ଉପରେ ବସିପଡ଼ି ସେ ଟିଣ ଡବାଟା ମେଲେଇ ଦେଇ ଆଶ୍ଚର୍ଯ୍ୟ ହୋଇଗଲା । କଥା କ'ଣ ? ଏସବୁ ସୁନାହାର, କାନଫୁଲ ଆଉ ମୁଦି ଆସିଲା କୁଆଡୁ । ତିନି ଚାରି ଭରିହବ । ରାଧିର ଦେହଲଗା ଜିନିଷ । ଏଗୁଡାକ ଏଥିରେ ଅଛି କାହିଁକି ? ତା ଟଙ୍କା ସାଙ୍ଗରେ ରଖି କୁଆଡ଼େ ସେ ଚାଲିଯାଇଛି । ତାକୁ ଚୋର ବୋଲି ଭାବି କିଏ ଯେବେ ଧରେ ? କଣ ସେ କରିବ । ରାଧିକି ସେ ପାଇବ କୋଉଠୁ ?

ରାଧି ସେଦିନ କହୁଥିଲା—ସେ ମହାପାତ୍ର ଦୋକାନରେ ଆଉ ରହି ପାରିବ ନି । ଜଗୁ ତା'କୁ କହିଥିଲା—ସେ ଗାଁରୁ ଆସିଯାଉ । କେତେ କାନ୍ଦିଥିଲା ସେ ସେଦିନ । ଗୋରା ତକ୍ ତକ୍ ପୂରିଲା ମୁହଁଟା ତା'ର ଥରି ଉଠୁଥିଲା । କିଛି ହେଲେ ତ ସେ ଫିଟେଇକରି କହିଲା ନି ।

ଜଗୁ ଅନୁଭବକଲା—ତାର ପେଟ ଭିତରଟା କେମିତି ଗୋଳେଇ ଘାଣ୍ଟି ହଉଚ୍ଛି । ରାଧି ତା'ଆଖି ଆଗରେ ଆସି ଦୋଳି ଖେଳୁଚ୍ଛି ।

ଦୋକାନରେ ଆଉ କଏ ଯିବ ଆସେ ? ତା'ହେଲେ ତାର ଅବସ୍ଥା ବଡ଼ ଖରାପହବ । ଜଗୁ ତରତରିଆ ହୋଇ ନଶୁଣୀରେ ଚଢ଼ି ଡବାଟା ପୁଣି ସେ ଲୁଗା ସନ୍ଧିରେ ରଖିଦେଲା । ନଶୁଣୀଟା ନେଇ ରଖିଦେଲା ବାହାରେ ।

ରାଧିକୁ ସେ ଖୋଜି ବୁଲିବ । ପୃଥିବୀର ଗଳିକନ୍ଦି ଭିତରୁ ସେ ତାକୁ ଯେ କୌଣସି ମତେ ବାହାରକରିବ । ନୂଆ ଦୋକାନ କରିବା ପାଇଁ ସେ ତାର ସୁନା ଜିନଷତକ ଟିଣ ଡବାରେ ଥୋଇଦେଇ କେଉଁଆଡ଼େ ଚମ୍ପଟକରିଚ୍ଛି । ସେଇତକ ଥିଲା ତାର ସମ୍ବଳ । ବଡ଼ ଆଶ୍ଚର୍ଯ୍ୟ କଥା । ରାଧିଟା ଏମିତିହବ ବୋଲି ତ ସେ ଜାଣି ନ ଥିଲା । ଜଗୁର ମନେ ପଡ଼ିଲା—ଦିନଯାକ ଖଟି ଖଟି ସେ ଯେତେବେଳେ ରାତିରେ ଖାଲି ସିମେଣ୍ଟଟା ଉପରେ ନଳା ପାଖରେ ଆସି ଗଡ଼ିଯାଏ । ରାଧି ଆସି ତା ଦେହରୁ ମଶା ଘଉଡ଼େଇଦିଏ, ଗୋଡ଼ହାତ ଘଷିଦିଏ । ଗାଁ କଥା ମନେପଡ଼ିଲେ ତା'ମୁଣ୍ଡକୁ କୋଳ ଭିତରେ ରଖି ଏମିତି ଭୁଲେଇଦିଏ ଯେ ଜଗୁ ଗାଁ କଥା ଏକଦମ୍ ଭୁଲିଯାଏ । ବଦ୍ମାସ୍ ରାଧି —ଗଲା କୁଆଡ଼େ ? କେମିତି ତାକୁ ସେ ଖୋଜିବ ? ଭାବନାରେ ଭାସୁ ଭାସୁ ଜଗୁ ଇଆ ଭିତରେ ପାଇଖାନା ଯାଇ ପୋଟ୍ଲା ପୋଟ୍ଲା ବି ହୋଇସାରିଥିଲା ।

× × × ×

ତା' ଦିହର ଜିନଷଗୁଡ଼ାକ ମିଛରେ ସେ ରଖିଦେଇଗଲା । ଟିକିଏ ହେଲେ କ'ଣ ତାର ଲୋଭ ନାହିଁ ? ଯାଇ ବାରଦୁଆର ଖୁଣ୍ଟି ପିଣ୍ଡା ହବ । 'ଖାଇବାକୁ ତୋକେ ତୋରାଣୀ ମିଳିବ କି ନାହିଁ ସନ୍ଦେହ ।

ମିଳିବ ନାହିଁ କାହିଁକି ? ବଳିଦେଲା ଭଳି ଦିହ, ପଣସମେଳେଇ ବସିପଡ଼ିଲେ ଶୁଳିବ ପିମ୍ପୁଡ଼ିଧାର । ସେଥି ସଙ୍ଗେ ପିଲାଦିନୁ ତ ସେ ଚଳିଛି । କାହିଁ କେବେବିହେଲେ ତ କୌଣସି ଖରାପ ସ୍ୱଭାବ ତାର ଦେଖିନ । ସୁନାତକ ତା'ଡବାଠାରେ ରଖି ନ ଥିଲେ କିଛି ଭାବିବାର ନ ଥିଲା । ତା ଭାଗ୍ୟଦୋଷ ସେ ଯୁଆଡ଼େ ଯିବ ଯାଉ, ଜିନିଷଗୁଡ଼ାକ ଦେଖିଲେ ମନଟା ତାର ଗୋଳେଇ ଘାଣ୍ଟି ହୁଏ । ଜଣାପଡ଼େ ସେ ଯେମିତି ସେଥିର ଗୋଟେ ଧାରୁଆ ହୋଇ ରହିଛି ।

ଟାଉନସାରା ସେ ଖୋଜି ବୁଲିବ । କୁଆଡ଼େ ଅବା ଯାଇ ସେ ଖୋଜିବ ? ସମସ୍ତଙ୍କ ଘରେ ତ ଯାଇ ପଚାରିପାରିବ ନ । ସେଦିନ ସକାଳେ ଚା ବନଉ ବନଉ ଜଗୁ ମନେ ମନେ ଭାବୁଥାଏ—ଗଲା ରାତିରେ ନ'ଅଟାରୁ ବାରଟାପର୍ଯ୍ୟନ୍ତ ସେ ଗଳିକନ୍ଦି ହୋଇ ଖୋଜି ବୁଲିଲା ଠିକ୍ ବାରବୁଲା କୁକୁରଭଳି । କୋଉଠି ହେଲେ ତ ତାର ନାଁ ଗନ୍ଧ ମିଳିଲା ନ ? କେବେ ଯଦି ଥରେ ତାକୁ ସେ ଦେଖିଦିଅନ୍ତା ଜିନିଷତକ ଫେରେଇଦେଇ ସେ ରକ୍ଷାପାଇଯାଆନ୍ତା । ଭାବିବାକୁ ବା ଚିନ୍ତିବାକୁ ବେଶି କିଛି ରହନ୍ତା ନ ।

ଜଗୁ—କ୍ଷୀର ଟିକିଏ ଦେଲୁ—ଜଣେ ଭଦ୍ରଲୋକ କହିଲେ—ଚା'ଟା ଅଳ୍ପ କଡ଼ାହୋଇ ଯାଇଛି ।

ପିତ୍ତଳ ଚାମଚରେ ଚାମଚେ ହବ କ୍ଷୀର ଢାଳି ଦେଇ ଜଗୁ ଚା' ଟାରେ ଘାଣ୍ଟିଦେଲା ।

ଆଖି ଆଗରେ ଆସି ନାଚିଗଲା—ଦିନକର ଘଟଣା, ଦୋକାନର ଗୋଟେ କଉକୁ ମନଟା ଶୁଖେଇଦେଇ ସେ ବସିଥିଲା । ଦି'ତିନି ଦିନ ଗଲେ କୁମାର ପୂର୍ଣ୍ଣିମା । ପାଖରେ ଟଙ୍କା ନାହିଁ । ଘରକୁ ଅବା ସେ ଯିବ କେମିତି ? ସରଅପା ତା'ର ଲୁଗାଖଣ୍ଡେ ପିନ୍ଧି ପାରିବନି । ବୋଉକୁ ଅନେକ ଦିନ ହେଲା ବି ଦେଖିନି । ଦଶହରା,

ପିଠାପଣା, ଆରିଷା, କାକେରା ଆଉ ଭଜା ମଣ୍ଡାର ବାସ୍ନା । ଦୋକାନରେ ଅନବରତ ସେଇ ଗୃ ଦଆନଆ । ଗନ୍ଧ ପାଉ, ନ ପାଉଣ୍ଟୁ ଦାଣ୍ଡ ନଶୁନ ହେବାଯାଆକେଁ ଦୋକାନରେ ତର ନାହିଁ । ମାଲିକଙ୍କୁଂ ପଚାରିଲେ—ଛୁଟିଦବାକୁ ସେ ଏକଦମ୍ ନାରାଜ । ଏତେବଡ଼ ଦନ । ଉପାୟ କ'ଣ ? ପୁରୀରେ ରହି ସେ କେବଳ ଗାଁ କଥାରେ ଗୁମୁରିବ । ପର ଗୋଲାମି କରୁଛି । ଯିବ କେମିତି ?

ପଛପଟୁ ଛପିଛପି ଆସିଲା ରାଧି । ସବୁକଥା ଠଉରେଇଦେଲା । ଆଖି ତା'ର ଦି' ପାପୁଲରେ ଚପିଧରିଲା । ତା ଶରୀରର ଅଧେହବ ଭାର ତା'ଉପରେ ଆଣି ଲଦିଦେଲା । ଦେହସାରା କେମିତି ତା'ର ଥରଉଠୁଥିଲା । ରୋମ ଠାକୁର ଉଠୁଥିଲା । ରାଧି ଛଡ଼ା ଆଉ ତ କେହି ହେଲେନୁହେଁ । ଆଖି ବୁଜିଥିବା ଅବସ୍ଥାରେ ସେ ଅନୁଭବକଲା ରାଧିର ଗୋଲେଇ ଗୋଲେଇ ହାତ । ତା ଶରୀରର ଧାଁଶ ବାଜି ହଜିଯାଉ-ଥିଲା ତା'ର ମନଗହୀରର ଯେତେ ଯେତେ ଦୁଃଖକଷ୍ଟ ।

ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲା ନ । ଖରାବେଳକୁ ମାଲିକ ଆସି ତାକୁ ଖଣ୍ଡେ ଶାଢ଼ୀ ଓ ଟଙ୍କା ନଜେ ଆସି ଦେଇଗଲେ । ଜଗୁ ଡାକରେ ସେଦିନ ତା'ର ଅପାପାଇଁ ସେ ସବୁ ପଠେଇଦେଲା । ନଜେ ନ କହିବା ଆଗରୁ ବି ଅନ୍ୟର ମନକଥା ଜାଣିପାରେ, ସେଇ ରାଧି । ପିଲାଟିଦିନୁ ଏଇ ଦୋକାନରେ ଯେ ରହିଆସିଥିଲା । କୋଡ଼ିଏ ବରଷର ଭୂଆସୁଣୀ ପୂରନ୍ତା ଦିହଟାକୁ ନେଇ କୁଆଡ଼କୁ ଯିବ କେଜାଣି ?

ଦୋକାନରେ ଧମାଧମ୍ କାମ ଚାଲିଥିଲା । ଚାଲିଥିଲା ପୁରି, ଆଳୁଚପ, ସିଙ୍ଗଡ଼ା ଓ ନମିକ ଛଣା । ରାମି ଜଳଖିଆ ଦବାନବା କରୁଥିଲା । ନାରଣ ଭାଇନା ରୋଷେଇରେ ବ୍ୟସ୍ତ । ଜଗୁ ଗୃ' ବନେଇ-ବାରେ ଲାଗିଥିଲା ।

ଜଗୁ ଦିନସାରା କାମରେ ଲାଗିଥାଏ । କିନ୍ତୁ ମନଟା ଘୂରି ବୁଲୁଥାଏ ପୁରା ସହରର କେଉଁ ଗଳିକନ୍ଦି ଭିତରେ । ରାଧି କୋଉଠି ଯାଇ ରହିଛି । କେହି ତାକୁ ଦେଖିପାରୁ ନାହାଁନ୍ତି । ଖୋଜି ଖୋଜି ସେ ବି ହତାଶ୍ ହେଲାଣି ।

ଜଗୁ ଠିକ୍‌କଲା—ଆଉ କେଇଟା ଦିନ ଅପେକ୍ଷାକରି ସାରିବା-ପରେ ସେ ଯେବେ ଦେଖିବ, ରାଧିର ଆଉ ଦେଖାମିଳିବା ଅସମ୍ଭବ ସେ ମାଲିକାଣୀଙ୍କି ଆଗ ପଚାରିବ—ସ୍ୱାଧୀନ ଭାବରେ ଗୋଟିଏ ଦୋକାନ ଦବାକୁ । ସୁନା ଜିନଷତକ ବିକିଦେଇ ଆଗ ସେ ଶୁଝି-ଦବ ମାଲିକଙ୍କ ଟଙ୍କା । ତା'ପରେ ବଳିଆର ସିଂହର । ବାକି ଯାହା ବଳିବ—ତା'ସାଙ୍ଗେ ଟିଣିଡବା ଟଙ୍କା ମିଶେଇ ସେ ଦୋକାନ ଦବ । ଦୋକାନଟା ଆଗ ଅଳ୍ପ ଗ୍ରେଟିଆ ଧରଣର ହବ । ଲାଭହେଲେ ବଡ଼ ହୋଇଯିବ ତାର ଦୋକାନ । ସେ ମାଲିକ ସାଜିଯିବ । ଦେଖାଯାଉ—

ଦିନପରେ ଦିନ ଓ ମାସପରେ ମାସ ଆଖି ପିଛୁଳାକେ କେଉଁଆଡ଼େ ଯେ ଗଡ଼ିଯାଏ ଜାଣିହୁଏ ନା ।

ଜଗୁ ଗଳିକନ୍ଦି ବୁଲି ଖୋଜୁଛି । ରାତିଦିନ ଆଉ ଖରାବର୍ଷାରେ ଅଣନିଶ୍ୱାସୀ ହୋଇ ରାଧିକି ଖୋଜୁଛି । ଗୋଟିଏ ଅଜଣା ଅଶୁଣା ବାରବୁଲୀର ଝିଅ ରାଧି । ମା ତା'ର ପେଟବିକଳରେ ନିଜ ଶରୀର ବିକି ପାଣି ତୋରାଣି କରି ପୁଞ୍ଜେ ଖାଉଥିବା ଅବସ୍ଥାରେ କୋଉ ଦେବତାର ଅଭିଶାପ ନେଇ ରାଧି ଆସି ଦଶମାସ ପାଇଁ ମୋ ପେଟରେ ପଶି-ଥିବ । ତାପରେ କୋଉ ପାଇଖେନାରେ, ନଳା ପାଖରେ କି ଡଷ୍ଟ-ବିନ୍ ଭିତରେ କନାଖଣ୍ଡେ ଘୋଡ଼ିହୋଇ ହୁଏତ ସେ ଆସି ପଡ଼ିଥିବ ।

ଝିଅଟେ ତ ଚଣ୍ଟିଚପିଦେଲେ ଯାଏ । ମା'ର ହାତ ବୋଧେ ଯାଇ-ନଥିବ । କଅଁଳା ପିଲାଟେ ଦେଖି କିଏ ନେଇ ହୁଏତ ତାକୁ ପାଳ-ଥିବ । ତାପରେ ମାଗିଖାଇ ସାଙ୍ଗ କେତେ ଆଡ଼ ବୁଲିଥିବ ଏଇ ଯାଏ । ବର୍ଷଚିଟି ଆସିଲାବେଳକୁ ସେ ମହାପାତ୍ରଙ୍କ ଦୋକାନରେ ଆସି ପହଞ୍ଚ ସାରିଲାଣି । ତାପରେ ଯୋଉ ସମସ୍ତ ଆସେ ସେଥିରେ ଖାଇପିଇ ବଞ୍ଚି ରହିବା ଯାଏ ପକ୍ଷରେ କିଛି ଗୋଟେ ବଡ଼କଥା ନୁହେଁ । ଅଛି ତାର ହଳଦିଆ ରଙ୍ଗର ମାଂସଳ ଚମ, ଆଖିର ବାଣ, ଓଠର ମହୁ ଓ ଶରୀରର ସ୍ୱାଦ ।

ବାହାର ସୁନାଟକ ତାପାଖରେ ଥୋଇଦେଇ ଯାଇ ନ ଥିଲେ ଜଗୁ ବୋଧେ ତାକୁ ଭୁଲିସାରନ୍ତାଣି । ସେସବୁକୁ ବିକ ହଉନ କି ରଖିହଉନ । ଲୋକର ବି ଦେଖା ନାହିଁ । କଣ କରାଯାଏ ଭଲା—

ଚେଇଁଲାବେଳେ ଓ ଶୋଇଲାବେଳେ ସଦାବେଳେ ଖାଲି ଯାଏ । ଦୋକାନର ଗ୍ରାହକଣୀ ସେଇ ଚନ୍ଦ୍ରୁ ପାତେଲୀ ଯାଏ । ଜଗୁ ଏବେ କାମଦାମରେ ବେଶି ମନ ଦିଏନ । ଅନବରତ ଅନ୍ୟମନସ୍କ ରହେ । ଗ୍ରାମି ମଧୁଆ ବି ଏକଥା କେତେ ଥର ଠଉରେଇ ସାରିଲେଣି । ଗରାକ କେଇଜଣଙ୍କଠୁଁ ଶୁଣାଗଲାଣି— ଜଗୁ ଏବେ ଭଲ ଗ୍ଗ' କାଇଁ କିନଉନ ?

ତାର ହସ ହସ ମୁହଁ ଏବେ କଳା ପଡ଼ଗଲାଣି । ସାତସପନ ହେଲାଣି ତାର ପିଲାଳିଆ ଉଚ୍ଛୁଳା ହସ । ଆଖି ଓ ବେକତଳର ହାଡ଼ସବୁ ଠିଆଠିଆ । କଣ୍ଠା ତାର ଦୋହଲିଗଲାଣି ।

ଜଗୁ ଗାଁରୁ ଆସି ଡାକ୍ତରଖାନା ଯାଇ ଥରେ ବୁଲିଆସିଛି । ହରିବାବୁ ଅନେକ ଦିନୁ ସେଠୁ ଭଲହୋଇ ଚାଲିଗଲେଣି । ତାଙ୍କ ମେସ୍ ଆଡ଼େ ଯାଇ ବୁଝିଲା, କେହିହେଲେ ତାଙ୍କର ଖୋଜଖବର କହିପାରିଲେ ନ । ସିଏ କୁଆଡ଼େ ଯାଆନ୍ତି କୁଆଡ଼ୁ ଆସନ୍ତି ତା

ଜାଣିପାରିବାଇ ମୁସ୍କିଲ୍‌ । ଜଗୁ ଏତିକି ଖବର ପାଇଲା—ଅଳ୍ପଦିନ ହେଲା ସେ କେଉଁଆଡ଼େ ଯାଇଛନ୍ତି । ଯେତେ ସମ୍ଭବ ପୁରୀରେ ନାହାଁନ୍ତି ।

କାଗଜ ବିକାଳି ବାଞ୍ଛାନିଧି, ରିକ୍‌ସାବାଲା ଶାମିଆ ଓ ଘନିଆ ପ୍ରଭୃତିଙ୍କ ସାଙ୍ଗରେ ତାର ବେଳେ ବେଳେ ଦେଖାହୁଏ । ଅଳ୍ପ କଥାବାର୍ତ୍ତା ହୋଇସାରିଲାପରେ ସେମାନେ ବି ମତ ଦିଅନ୍ତି— ହରିବାବୁ ବଡ଼ ଅଦ୍ଭୁତ ଲୋକ । ଏଇନେ ଅଛନ୍ତି ତ ଏଇନେ ନାହାଁନ୍ତି । ଦୁଃଖ ଦୁର୍ଦ୍ଦଶା ରୋଗ, ଅନାହାର ଯୋଉ ଯାଗାରେ, ହରିବାବୁ ସେଇଠି ବସାବାନ୍ଧି ତାଙ୍କର ଆସ୍ଥାନ ଜମାନ୍ତି ।

ହରିବାବୁଙ୍କୁ ସେ ଦିନେ ନା ଦିନେ ଦେଖିବ । ଯୁଆଡ଼େ ଗଲେ ବି ସେ ପୁରୀକି ତ ଆସିବେ । ଯିବେ କୁଆଡ଼େ ? କିନ୍ତୁ ରାଧି ! କୁଆଡ଼ୁ ଅବା ତାକୁ ସେ ଖୋଜି ବାହାରକରିବ ?

ଦିନକର କଥା । ରାତି ନଅଟା ଦଶଟାହେବ । ଜଗୁ ପୁରୀ ସହରର ଗଳିକନ୍ଦି ବୁଲି ହାଲିଆ ହୋଇଗଲାଣି । ଗୋଟେ ନଗୁଡିଆ ଗଳି । ଦେଖିଲା—ଆଗରେ ଠିକ୍‌ ରାଧିଭଳି କିଏ ଜଣେ ମୁହଁ ପୋଡି ପୋଡି ଚାଲିଯାଉଛି । ଅନ୍ଧାରରେ ଅବଶ୍ୟ ମୁହଁ ଦେଖାଯାଉ ନଥାଏ । କିନ୍ତୁ ପଛଆଡ଼ୁ ଲକ୍ଷ୍ୟକଲେ ଅବିକଳ ରାଧି ।

ରାଧି—ରାଧି ବୋଲି ଡାକି ଜଗୁ ତା ପାଖକୁ ଦଉଡ଼ିଗଲା । ସ୍ତ୍ରୀଲୋକ ଜଣକ କଟମଟରେ ତା'ଆଡ଼କୁ ଅନେଇଲେ । କହିଲେ-- କାହାକୁ ଖୋଜୁଛୁ । ମନିଷ ଚିହ୍ନି କଥାବାର୍ତ୍ତା କର । ମନେହେଲା ଜଣେ ଭଦ୍ରଲୋକ ଘରର ସ୍ତ୍ରୀ । ରାତିରେ ଦର୍ଶନ କରିବାକୁ ମନ୍ଦିରକୁ ଯାଉଥିଲେ । ଜଗୁ ସେଇଦିନଠୁ କାନମୋଡ଼ି ରୁପଡ଼ାମାରି ହେଲା-- ଏମିତି ଭୁଲ ସେ କେବେ ହେଲେ କରିବ ନି ।

କାଗଜ ବିକସାର ବାଞ୍ଛାନିଧି ଅନେକ ସମୟ ଧରି ଏବେ ଆସି ଦୋକାନରେ ବସେ । ଜଗୁ ସାଙ୍ଗେ ଖୁସି ଗପକରେ । ଗୁଡ଼ ଖାଏ । କାଗଜ ତାର ଏବେ ଭଲ କଟୁଛି । ମହାନଦୀର ବାହାରିବା ସ୍ଥାନରେ ଅତ୍ୟନ୍ତ ବର୍ଷା ହୋଇଛି । ମହାନଦୀ କାଠଯୋଡ଼ି, ବ୍ରାହ୍ମଣୀ, ବୈତରଣୀ ସବୁ ବଡ଼ ବଡ଼ ନଈରେ ପାଣି ପଡ଼ୁଛି । ବର୍ଷା ଅବିରାମ ଚାଲିଛି । ନଈ ବି ଧୁ ଧୁ ହୋଇ ମାଡ଼ିଆସୁଛି । କେଉଁଠି ବନ୍ଧ ଭାଙ୍ଗିଗଲାଣି ତ କେଉଁଠି ଧାନଗଛ ପାଣିରେ ବୁଡ଼ିରହି ସଢ଼ିଗଲାଣି । ଧାନ ଫସଲର ଆଉ ଏ ବର୍ଷ ଆଶା ନାହିଁ ।

ବନ୍ଧ ଭାଙ୍ଗୁ, ଗାଁ ଭାସିଯାଉ, ମଣିଷ ଓ ଗୋରୁଗାଈ ମରି ପଦାହୋଇଯାଆନ୍ତୁ ସେଥିରେ ବାଞ୍ଛାନିଧିର ଯାଏ ଆସେ ନାହିଁ । ସେ ଦେଖେ ତା'କାଗଜଟା ବେଶ କଟୁଛି । କାଟତି ପ୍ରାୟ ଡବଲ ହୋଇଯିବା ଉପରେ । ଦୁଇଗୁଣା କମିସନ୍ ସେ ଏବେ କେତେଦିନ ହେଲା ପାଇଗଲାଣି ।

ବଢ଼ିପାଣି ଗୋଟେ ନିତିଦିନିଆ କଥା । ସବୁ ବର୍ଷ ଯେ-କୌଣସିମତେ ବଢ଼ିପାଣି ଆସିବ ଓ ଭସେଇନେବ ହଜାର ହଜାର ଏକର ଜମି । କେଉଁଠି ବନ୍ଧ ଭାଙ୍ଗିଯାଏ ତ କେଉଁଜମି ବାଲିଚରରେ ପରିଣତହୁଏ । ବିଶେଷତଃ ଜଗୁଙ୍କର ଗାଁ । ଦୟା ଓ ମଲାଗୁଣି ନଈ ମଝିରେ ଟାପୁ ଖଣ୍ଡିଏ ।

ବଢ଼ିପାଣି ପ୍ରତିବର୍ଷ ଆସି ତାଙ୍କର ମଝି ଅଗଣାରେ ପଶେ । କେଉଁ ବର୍ଷ କାହାଘର କାନ୍ଥ ଭୁଷୁଡ଼ି ପଡ଼େ ତ ବନ୍ଧନରଖା ଘରର କେଉଁ କେଉଁ ବର୍ଷ ମାଟି ଗୁଡ଼ିଯାଇ ଖାଲିମାଟି କେବଳ ଖୁଣ୍ଟହୋଇ ଛିଡ଼ାରହେ ।

ବାଞ୍ଛାନିଧି ଝାଳନାଳହୋଇ କାଗଜତକ ବିକସାରି ଯେତେ-ବେଳେ ହେଲେ ମହାପାତ୍ରଙ୍କ ଦୋକାନରେ ବିଶ୍ରାମ ନିଏ । ଦୁହିଁଙ୍କର

ସେତେବେଳେ ପଡ଼େ ଏଇ ବଡ଼ିପାଣି କଥା । ବାଞ୍ଛାନିଧିର ଘର ବି ସେମିତି କୋଉ ଧୋଇଆ ଅଞ୍ଚଳରେ । ପିଲାମାଇପ ତାର ସେଇଠି । ଜଗୁ ଓ ବାଞ୍ଛାନିଧି ଦିହେଁ ଆସନ୍ତା ବଡ଼ିପାଣି ବିଷୟରେ ଯେତିକି ଭାବନ୍ତି, କଥାବାର୍ତ୍ତା ହୁଅନ୍ତି ବି ସେତିକି ।

କଥା ମଝିରେ ଜଗୁ ଅନେକ ସମୟରେ କହେ—ତା'ର ସରଅପାଠ ଥିଲା ବୋଲି ରକ୍ଷା ହୋଇଥିଲା । ଏବେ ବୋଉ ତ ତାର କେବଳ ଠୁଙ୍ଗିଠା ହୋଇ ଗାଁରେ ପଡ଼ିରହିଛି । କହିଲେ ତ କଥା ଶୁଣିବ ନି । କହିଲା—ପୁଣି ଆ'ଭାରି, ଧର୍ମ କର୍ମ କରିବୁ, କାଳିଆ-ମୁଖକୁ ଅନେଇ ହେଲେ ପ୍ରାଣଯାଉ । ସେ କହିଲା କ'ଣ ନାଁ—ସେ ହାତଚାଷ କରିବ । ମୂଲିଆମାନଙ୍କୁ ଏକାଠିକରି ସେ ପୁଣି ମୂଲଦେଇ ସେମାନଙ୍କୁ କାମରେ ଲଗେଇବ । କେତେ କେତେ ଲୋକ ତ ଠକି-ଗଲେଣି । ଯୁଆ କଥାକୁ ଖାଲି ସେମାନେ ଶୁଣିପକେଇବେ ! ତାଙ୍କୁ ପରି ଏବେ ଭେଳିକି ଲାଗୁଛି । ସେମାନେ ଇନ୍ଦ୍ର, ଚନ୍ଦ୍ର ମାନୁନାହାନ୍ତି । କଥା କଥାକେ ସେମାନଙ୍କର କଳି, ମୁଣ୍ଡ ଫଟାଫଟି ଆଉ ଫଉଜଦାରୀ । ଅରଣା ମଇଁଷିଭଳି ହଉଛନ୍ତି ।

ଜଗୁ ଠିକ୍ କରିଛି—ସମୟହେଲେ ବୋଉକୁ ସେ ଗାଁରୁ ଯେତେ ଶୀଘ୍ର ପାରେ ପୁଣି ନେଇଆସିବ । ସେ ବି ଆଗରୁ କହିଥିଲା ଚତୁର୍ମାସ୍ୟାକୁ ପୁଣି ଆସିବ । ମାଲିକ ଛାଡ଼ିଲେ ତ ? ଦିନକପାଇଁ ଏ ଜରୁରୀକଥା ତାଙ୍କୁ ଜଣେଇଲେ ସେ ଛାଡ଼ିବେ ବୋଧେ । ନୋହିଲେ ସେ ମାଲିକାଣୀଙ୍କ ଜରିଆରେ କହିବ ।

କିନ୍ତୁ ଏହା ଆଗରୁ ସେ ସାରିକରିଦେଇ ଗାଁକୁ ଯିବ—ନୂଆ-ଦୋକାନ ସେ ଦେବ ନା ନାହିଁ । ମାଲିକଙ୍କ ଟଙ୍କାରୁ କିଛି ଆଉ ବଳିଆର ସିଂହ ଟଙ୍କାରୁ କିଛି ସେ ଏହାଭିତରେ ଶୁଝିଦେଇ ସାରିଲାଣି । ଟିଣଡ଼ବାରେ ହେଲାଣି ତାର ପଞ୍ଚଚାଳିଶ ଟଙ୍କା । ଏଣେ

ବିକଦବାକୁ ରାଧିର ସୁନାଜିନଷ ସବୁ ପଡ଼ିଛି । ତାକୁ ତ ଖୋଜି ଖୋଜି ସେ ପାଇଲାନି । ଏ ଜିନଷଗୁଡ଼ାକ ରଖି କ'ଣ ସେ କାଞ୍ଜିକରିବ ! ଜଗୁ ମନେ ମନେ ରାଧିଉପରେ ଭାରି ବିରକ୍ତହେଲା ।

ଅନେକ ଭାବଭାବି ଜଗୁ ଠିକ୍ କଲା—ଦୋକାନ ଦବାକଥା ମାଲିକାଣୀଙ୍କ ସେ ଆଗ ପଚ଼ାରିବ । ତାଙ୍କଠୁ ଶୁଣିସାରି କ'ଣ କରିବ ନ କରିବ ସେ ପରକଥା । ସୁନାଗୁଡ଼ିକ ଏମିତି ପକେଇକରି ରଖିଲେ କିଛି ଲାଭ ନାହିଁ । ସୁନାକୁ କାମରେ ଲଗେଇଲେ ସିନା ସୁନା ଫଳିବ । ଖାଲି ପୋତିରଖିଲେ ତ ସୁନା ଜନ୍ମକରିବ ନି ।

ଯୋଗକୁ ମାଲିକ ଘରେ ନ ଥାନ୍ତି । କି ଗୋଟେ କାମରେ ସେ ଯାଇଥାଆନ୍ତି କଟକ । ଏମିତି ସୁଯୋଗ ଆଉ ଜୁଟିବନି । ମାଲିକାଣୀଙ୍କ ମଙ୍ଗେଇପାରିଲେ ହେଲା । ପଚ଼ାରିବେ-ଟଙ୍କା କୁଆଡ଼ୁ ଆଣିବୁ ? ରାଧିର ଜିନଷ କଥା ତ ସେ କହିବନି । କହିବ—ସରଅପା ବାହାଘରବେଳେ ଜମିବିକା ଆଉ କମି ବନ୍ଧକ ଦେଇ ଆଣିଥିବା ଟଙ୍କାରୁ ଅଳ୍ପ କିଛି ବଳିଥିଲା ।

ମାଲିକାଣୀ ଯଦି ରାଗିବେ ? କହିପାରନ୍ତି—ତାଙ୍କ ନିମକ ଖାଇ ନିମକହାରାମୀ କରୁଛି । ଦୋକାନରୁ ଛୁଡ଼ି ଚ଼ାଲିଗଲେ, ଦୋକାନ ତାଙ୍କର ଚ଼ାଲିବାଇ ମୁସ୍କିଲ ହୋଇପଡ଼ିବ । ସେ ଅଛି ବୋଲି ସିନା ଲୋକେ ଚ଼ା ଖାଇବାକୁ ଗଡ଼ୁଛନ୍ତି । ଚ଼ାଲିଗଲେ କିଏ ଅବା କାହିଁକି ଆସିବ ? ତା'ଛଡ଼ା ସରଅପା ବାହାଘରବେଳେ ସେ ଯେତେ ଯେତେ ସାହାଯ୍ୟ କରିଛନ୍ତି ତାକୁ ସେ କେବେହେଲେ ଭୁଲିପାରିବ ନି ।

ନା— ସେ ପଚ଼ାରିବ ନି !

କେତେ ଦିନ ଏମିତି ହଁ—ନାହିଁ ଭିତରେ ସେ ଚାଲିବ କେଜାଣି ? ପଚାରିଦବାଇ ଭଲ । ଯାହା ଯିଏ ଭାବିଲେ ଭାବନ୍ତୁ, କିଛି ଚୋରିନାରୀ ତ ସେ କରୁନି ? ଜଗୁ ଆଖିଆଗରେ ଆସି ନାଚିଲା —ତା'ର ଟିଣଡ଼ବାଟା । ପଞ୍ଚଚାଳିଶଟା ହବ ଟଙ୍କା ତା' ଭିତରେ ପଡ଼ିଛି । ତାକୁ ନେଇ ସେ ଆରମ୍ଭକରିବ ତାର ଜୀବନ । ପରର ଗୋଲାମୀ ଛାଡ଼ି ସ୍ୱାଧୀନ ବ୍ୟବସାୟ କରିବ ।

ରାଧି, ମଧୁଆ ଓ ନାରଣ ଭାଇନା ସମସ୍ତିଙ୍କି ଜଗୁ ଏ କଥା ପଚାରି ସାରିଲାଣି । ଜଗୁ ତୁଣ୍ଡରୁ ଏକଥା ଶୁଣି ସମସ୍ତେ ଆଗ ଆଶ୍ଚର୍ଯ୍ୟ ହୋଇଗଲେ । ଟଙ୍କା ସେ ପାଇଲା କୁଆଡ଼ୁ ? ଜଗୁ ବି ସେମାନଙ୍କୁ ରାଧିର ଜିନିଷ କଥା ଲୁଚେଇଲା । ଥରେ ପାଟିରୁ କଥା ବାହାରିଗଲେ ଆଉ ଫେରିଆସିବ ନି । କିଏ କେତେ ରଙ୍ଗରେ ଚିହ୍ନ କରିବେ । ଟିଣଡ଼ବା କଥାଟା କହିଦେଲେ ଭାବିବେ—ଚୋରିକରି ଆଣିଛି ।

ଜଗୁ ଠିକ୍ କଲା ସଞ୍ଜବେଳକୁ ମାଲିକାଣୀଙ୍କ ସେ ଆଗଯାଇ ପଚାରିବ ।

× × × ×

ବେଳ ରତରତ ହଉଥିବା ଅବସ୍ଥାରେ ଜଗୁ ଯାଇ ମାଲିକାଣୀଙ୍କ ଘରେ ହାଜରହେଲା । କାହାକୁ କିଛି ନ ପଚାରି ସିଧାଯାଇ ଦୋମହଲା ଉପରେ । ସୁଲି ସେତେବେଳେ କୁଣ୍ଢେଇ ଗୋଟେ ଦି'ଟା ଧରି ତା' ଆଗରେ ଫୁଲ ଓ ଗୋଟେ ପତରରେ ମିଠେଇ ରଖି ଭୋଗଲଗାଉଥିଲା । ଫେଁକାଳଟେ ଧରି ବଜେଇଲାଗିଥିଲା । ଚାଲିଥିଲା କୁଣ୍ଢେଇ ବାହାଘର । ସୁଲିର କୁଣ୍ଢେଇବାହାଘର ଆଡ଼େ ଅଳ୍ପ ଟିକିଏ ଆଖି ପକେଇଦେଇ ଜଗୁ ଡାକିଲା — ସୁଲି ।

ସୁଲିକି ଶୁଭିଲାନି ।

ଜଗୁ ଆଉରି ଜୋର୍‌ରେ ଡାକିଲା ।

ସୁଲିର କୁଣ୍ଢେଇବାହାଘର ସେତେବେଳେ ଜୋର୍‌ସୋର୍‌ରେ ଚାଲିଥିଲା ।

ତା' ମୁଣ୍ଡକୁ ଅଳ୍ପ ହଲେଇଦେଇ ଜଗୁ ପଚାରିଲା — ସୁଲି— ବୋଉ କାହାନ୍ତି ?

ସୁଲି ଯାଇ ବୋଉଙ୍କୁ ଡାକିଆଣିଲା । ମାଲିକାଣୀ ଆସି ପଚାରିଲେ କିରେ ଜଗୁ ! ତୁ ଏତେବେଳେ କାହିଁକି ? କ'ଣ ଜରୁରୀକାମ କିଛି ଅଛି ?

ମାଲିକାଣୀଙ୍କ କଥା ଶୁଣି ଜଗୁ ମନଭିତର ଦେଇ ସତେ ଅବା ଗୋଟେ ଥଣ୍ଡା ହାଉଆ ତରଙ୍ଗମାରି ଖେଳିଗଲା । କି ଆସ୍ତେ ତାଙ୍କର କଥା । ଭାତ ନ ଖାଇ ମାଲିକାଣୀଙ୍କ କଥା ଖାଲି ଶୁଣିଲେ ବି ପେଟ ପୂରିଯିବ । ଛେପ ଢୋକିଲା ଜଗୁ । ନାଇଁ ସେ ପଚାରିପାରିବ ନା ।

କ'ଣ ଜଗୁ, କଥା କ'ଣ ?

ନାଇଁ କିଛି ନାଇଁ—

କହିବାକୁ ଆସିଥିଲୁ । ପଚାରିବାରୁ କହୁଚୁ କିଛି ନାହିଁ ।

ଜଗୁ ହାତକୁ ପଛଆଡ଼ୁଆ କରି ତାର ବାଁ କାନମୂଳଟା କୁଣ୍ଢେଇବାରେ ଲାଗିପଡ଼ିଲା ।

ଜଗୁ ମୁଣ୍ଡକୁ ତଳକୁ ପୋତିଛି । ପଚାରି ପାରୁନି ।

ଆ — ଭିତରକୁ ଆ । ମାଲିକାଣୀ ଜଗୁକୁ ଭଣ୍ଡାର ଘର ଭିତରକୁ ଡାକିନେଲେ । ପଲଙ୍କରେ ଆପେ ବସି ତାକୁ ତଳେ ବସିବାକୁ ଇଙ୍ଗିତ ଦେଲେ । ବଡ଼ ଆସ୍ତେ କହିଲେ — ଜଗୁ କ'ଣ କହୁନୁ ?

ରାଧି କ'ଣ ସ୍ବାଙ୍କର ଯୋଗୁ ଏ ଦୋକାନ ଛାଡ଼ି ଚାଲିଯାଇଛି ? ଜଗୁର ବିଶ୍ବାସ ହେଉନି । ଛେପ ଢୋକି ଜଗୁ କହିବାକୁ ଆରମ୍ଭ-

କଲ—କୁଆଡ଼େ ଗୋଟେ କାମଦାମ ଆରମ୍ଭକଲେ ସିନା ବାହା-ଘେର ହୋଇ ଜୀବନ କଟେଇବାକୁ ପଡ଼ିବ । ବୋଉ କହୁଥିଲ—ଏଇ ପନ୍ଦର ଟଙ୍କାରେ କ'ଣ ମା ପୁଅ ଓ ଆଉ ଗୋଟିଏ ପର ଝିଅ ଆଣି ଆମେ ଚଳିପିବୁ ? ଟାଁରେ ଥିଲବେଳେ ବୋଉ ମୋତେ କହିଥିଲ ଆପଣଙ୍କୁ ପଚାରିବାକୁ ।

ତା'ହେଲେ ତୁ କ'ଣ କହୁଛୁ ଜଗୁ ?

ମାଲିକଙ୍କୁ କହି ମୋପାଇଁ କିଛି ଗୋଟେ କନାରି କରିଦଅନ୍ତୁ ।

ଦୋକାନରେ ରାମି, ମଧୁଆ, ନାରଣ ଭାଇନା ଏମାନେ ତ ଅଛନ୍ତି । କିନ୍ତୁ ସେମାନେ ଆସି କହିଥିଲେ ମାଲିକାଣୀ ହୁଏ ତ କହି-ଥାଆନ୍ତେ—ପେଟ ନ ପୋଷାହେଲେ ଏଠୁ ଚାଲିଯାଆ । ଆଉ ଗୋଟେ ଲୋକ ଆଣି ଆମେ ରଖେଇବୁ । କେଜାଣି କାହିଁକି ଜଗୁ ମୁହଁକୁ ଅନେଇ ମାଲିକାଣୀ କିଛି କହିପାରିଲେ ନ । ବରଂ ନିଜର ପୁଅ, ମା ପାଖରେ ଆସି ଅଳି କଲଭଳି ସେ ଆସି ତା' ନିଜକଥା ତାଙ୍କ ଆଗରେ ଖୋଲଖୋଲି ଭାବରେ ପଚାରୁଛି । ମାଲିକାଣୀ ଜଗୁର ସରଳତାରେ ଖୁସିହୋଇ କହିଲେ—ଆଚ୍ଛା ମାଲିକ ଆସନ୍ତୁ ମୁଁ ପଚାରିବି ।

ନାଇଁ ଆଜ୍ଞା—ମୋତେ ବଡ଼ ଖରାପ ଲାଗୁଛି । ରାଗିଯାଇ ମାଲିକ ମତେ କହିପାରନ୍ତି—ନିମକହାରାମ୍ ।

କିଛିହେଲେ ତୋର ଭାବିବା ଦରକାର ନାହିଁ । ତମ ମାଲିକଙ୍କୁ କହି ମୁଁ ତାର ବ୍ୟବସ୍ଥା କରିଦେବି । ହଉ ତୁ ଯା—

ଜଗୁର ପେଟ ଭିତର ଅବା ହସିଉଠୁଥିଲ । ମାଲିକାଣୀଙ୍କି ନମସ୍କାରଟିଏ ପକେଇ ସେ ଉପର ମହଲରୁ ଓହ୍ଲେଇଆସିଲ ।

× × × ×

ତା' ଆରଦିନ ଜଗୁ ରାଧିର ଜିନିଷଗୁଡ଼ାକ ଧରି ସିଂହଦ୍ୱାର ପାଖ ସୁନା ଦୋକାନ ଆଡ଼େ ଚାଲିଲା । ତାକୁ ବିକିଦେଇ ଟଙ୍କା ଜମେଇରଖିଲେ – ବେଳ ପଡ଼ିଲେ ସେ ଦୋକାନ ଦେଇପାରିବ । ମାଲିକାଣୀ ତ ନିଶ୍ଚେ ମାଲିକଙ୍କୁ ମନେଇଦେବେ । ଆଉ ଅସୁବିଧା ବା କ'ଣ ଅଛି ?

ଜିନିଷତକ କାଗଜ ଗୁଡ଼େଇ ଜଗୁ ପାକେଟରେ ପକେଇଲା । ବଣିଆ ଦୋକାନ ପାଖେ ହେଲାବେଳକୁ ତାର ମନେହେଲା – ରାଧିକ ଯଦି ଇଆଭିତରେ ସେ ଦେଖେ, କ'ଣ ସେ ତାକୁ କହିବ ? ଜିନିଷଗୁଡ଼ାକ ତାର ଏତେ ଶୀଘ୍ର ସିଏ ବିକି ଦବ ? ଜଗୁ ଦୋକାନ ଉପକୁ ଚଢ଼ିପାରିଲା ନି । ଗୋଡ଼ ତାର ଚଳିଲାନି । ଠିକ କଲା – ମାଲିକାଣୀ ଆଗ ମାଲିକଙ୍କ ସାଙ୍ଗେ କ'ଣ କଥା ହେଉଛନ୍ତି, ହୋଇ-ସାରନ୍ତୁ । ତାଙ୍କଠୁ ଶୁଣି ସାରିଲାପରେ ସେ ଯାହା କିଛି କରିବ ।

ଜଗୁ ଦୋକାନଆଡ଼ୁ ଫେରୁ ଫେରୁ ଦେଖିଲା – ପଞ୍ଚୋଃହବ ଲୋକ ଜମାହୋଇ କ'ଣ କଥା ହେଉଛନ୍ତି । କୁଣ୍ଡା ଝାଡ଼ିଲାଭଳି ବର୍ଷା ହେଉଛି । ପାଞ୍ଚ ଛ'ଦିନ ଧରି ଏଇ ପାଗ ଲାଗିରହିଛି । ସୂର୍ଯ୍ୟଙ୍କର ଦେଖା ନାହିଁ । ପବନ ଅନବରତ ପିଟୁଛି । ପ୍ରଥମ ତିନି ଚାରିଦିନ କଟକରି ବର୍ଷାହୋଇ ସାରିଲାପରେ ଦୁଇ ତିନି ଦିନ ଲାଗି କେବଳ ଝିପିରି ଝିପିରି କରୁଛି । ରାସ୍ତାଘାଟ ସନ୍ତସନ୍ତିଆ । ବଡ଼ ବଜାଡ଼ ଲାଗିଲାଣି ।

ଲୋକେ କଥା ହେଉଥାଆନ୍ତି – କାଠଯୋଡ଼ିରେ ହେଲାଣି ଛବିଶ ଫୁଟ ପାଣି । ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଆଉ ବୁଢ଼ା-ବଳଙ୍ଗ ହୁହୁଁ ହୁହୁଁ ବଢ଼ିଯାଉଛି । କେତେ କୁଆଡ଼େ ଯେ ଘରଦ୍ୱାର ଭାଙ୍ଗିଗଲାଣି ତାର ହିସାବ ନାହିଁ । ନଈରେ ଗଛପତ୍ର ଉପୁଡ଼ି ଭାସି-ଆସୁଛି ।

ଜଣେ ଲୋକ ତା' ଭିତରୁ କହୁଥିଲା — ଆଜି ଖବରକାଗଜରେ ବାହାରିଛି — ମହାନଦୀ ବାହାରିବା ସ୍ଥାନରେ ପାଞ୍ଚଇଞ୍ଚ ବର୍ଷାହୋଇଛି, ପାଣି ପୁଣି ମାଡ଼ିଆସୁଛି ଠିକ୍ ଗୋଟାଏ ପ୍ରକାଣ୍ଡକାୟ ରାକ୍ଷସ ଭଳି ! ତାକୁ ସମ୍ଭାଳିବ କିଏ ସେ । ମହାନଦୀ, କାଠଯୋଡ଼ିରୁ ପାଣି ଆସି ଦୟା ଭାର୍ଗବୀରେ ବି ଭରପୂର ହେଲାଣି ।

ଜଗୁ ପଚାରିଲା — ସତେ ?

ନଈ ପୁଣି ବଢ଼ୁଛି ।

ଦୟାର ଗୋଟେ ଶାଖା ମଲଗୁଣି । ଦୟା ଓ ମଲଗୁଣି ନଈ ଭିତରେ ଜଗୁର ଗାଁ ରଘୁନାଥପୁର ଛନ୍ଦିହୋଇ ପଡ଼ିଛି ।

ଆଉ ଜଣେ ଲୋକଗହଳି ଭିତରୁ—କହୁଛି—ଧାନଗଛ ତ ସବୁ ସଡ଼ିଗଲାଣି । ବିଲରେ ପୁରୁଷେ ପୁରୁଷେ ହବ ପାଣି । ମାସମାସ ଧରି ବୁଡ଼ିରହିଲେ ଧାନଗଛ କେତେ ଅବା ସମ୍ଭାଳିବ । ଇଆଡ଼ିକି ଆଉ ବଂଚିବାକଥା ଦେଖାଯାଉନି । ସମୟ ଯାହା ଆସୁଛି, ମଣିଷ ମାଉଁସ ମଣିଷ ଖାଇବେ ।

ଅସରେ ହବ ମେଘ ଘମାଘୋଟିଆ ହୋଇ ମାଡ଼ିଆସୁଥିଲା । ତା' ସଙ୍ଗେ ଖିଲଖିଲିଆ ବଢ଼ିପାଣି ପବନ । ଛତାଟା ଧରି ହଉନି । ସେଇଟା ଓଲଟିଯାଇପାରେ ? ବର୍ଷା ଛେଚୁଛି ।

ଆଉ ଜଣେ ଲୋକ ଆସି କହିଲା—କାକଟପୁର ଆଡ଼ର ଗୋଟେ ବଡ଼ଘାଇ ଭାଙ୍ଗିଯାଇଛି । ଭାର୍ଗବୀ ନଈର ଚନ୍ଦନପୁର ବନ୍ଧଟା ବି ଟଳ-ମଳ ହେଲାଣି । ପାଣିରେ ଭଉଁରି ପଡ଼ୁଛି । ଅତଡ଼ା ବି ଭାଙ୍ଗୁଛି । ସେ ଜାଗାଟା ନାଁ ତିନମୁହାଁଣୀ । ବନ୍ଧଟା ଭାଙ୍ଗିଗଲେ ଜମି ତ ଯାହା ଧୋଇଯିବ ଧୋଇଯିବ, ଅପର୍ଯ୍ୟାପ୍ତ ଗାଁ ବି ଭାସିଯିବ ।

ଲୋକଗହଳି ଭିତରୁ ଆଉଜଣେ କହିଲା—ବଢ଼ିପାଣି ଆସେ, ପୁଣି ଘୁଞ୍ଚିଯାଏ । ଏ ବର୍ଷ ତ ଆଉ ଘୁଞ୍ଚିବା କଥା କିଛି ଦେଖାଯାଉନି ।

ଖାଲି ପାଣି ଉପରେ ପାଣି । ଆଗରୁ ଏତେ ପାଣି କେବେହେଲେ ତ ଆସି ନଥିଲା । ବୁଢ଼ା ବୁଢ଼ା ଲୋକେ କହୁଛନ୍ତି—ଏବର୍ଷର ବଢ଼ିପାଣି ଶହେବର୍ଷ ଧରି ଦେଖା ନ ଥିଲା । କଟକ ଜିଲ୍ଲାରେ ଯାହା କିଛି ବଳି ପଡ଼ିଥିଲା । ଏବେ ପୁରୀ ଅବସ୍ଥା ବି ଟଳମଳ ହେଲାଣି । ବାଲେଶ୍ୱର ସମ୍ବଲପୁର କଥା ବି ଅଠାକାଠି । ସାରା ଓଡ଼ିଶାଟା କ'ଣ ଏବର୍ଷ ସମୁଦ୍ରରେ ମିଶିଯିବ ନା କଣ ? ଜଗନ୍ନାଥଙ୍କର ଯାହା ବରାଦ ଥିବ ।

ଗହଳି ଭିତରୁ ଆଉ ଜଣେ କହିଲା—ଆରେ ହେ—ବଢ଼ିପାଣି ଆସିଲେ ତ ଗାଁ ଗଣ୍ଡା ସବୁ ଯାହା ଭାସିଯିବ ଭାସିଯିବ । ଲୋକମାନେ ମଶାମାଛି ପରି ମରିଯିବେ । ଏ ଯୋଉ ପାଗ ହେଲାଣି, ବଢ଼ିପାଣି ଆସିବା ଆଗରୁ ତ ଲୋକ ମରିଯାଇଥିବେ । ପୁରୀ ସହରରେ ତ ଦିନ ଦିନ ଧରି ଲୋକଙ୍କ ଘରେ ଚୁଲି ଜଳୁନି । ଯୋଉମାନେ ମାଗିକରି ଚଳି-ଯାଆନ୍ତି, ସେମାନଙ୍କ କଥା ଛଡ଼ିଦିଅ । ବଢ଼ିପାଣି ଛଡ଼ିବା ଆଗରୁ ସେମାନେ ମରିଯାଇଥିବେ ।

ବର୍ଷା ଅସରାକୁ ଅସରା ଆସୁଛି । ଅଚନକ ବର୍ଷା, ତା ସଙ୍ଗେ ଅଣଚଶ ପବନ । ସମସ୍ତେ ଯିଏ ଯାହାର ଚଲିଗଲେ ।

ଜଗୁ ଚଲିଲା ଦୋକାନ ଆଡ଼େ । ବୋଉ ତା'ର କ'ଣ କରୁଥିବ କେଜାଣି ? ଆଗଯାଇ ତା' ବୋଉକୁ ସେ ଗାଁରୁ ନେଇ-ଆସିବ । ତାପରେ ପରକଥା । ରଘୁନାଥପୁର ଯେବେ ଭାସି ଯାଇ-ଥାଏ ? ବଚରା ବୁଢ଼ୀ ବୋଉଟିର ଅବସ୍ଥା କ'ଣ ହବଣି କେଜାଣି ?

ଜଗୁ କୋଉଠୁ ଥରେ ଶୁଣିଥିଲା—କେତେ କେତେ ବଢ଼ିପାଣି ଆସିଛି, କିନ୍ତୁ ରଘୁନାଥପୁର ଲୋକେ ବଢ଼ି ଭୟରେ ଗାଁ ଛଡ଼ି କୁଆଡ଼େ ଯାଇନାହାନ୍ତି । ଥରେ ବଡ଼ ବଢ଼ିଟେ ଆସିଥିଲା — ଲୋକେ-ଯାଇ ସ୍କୁଲ ଉପରେ ବସି ରହିଲେ । ସେଥିରେ ବି ସେମାନେ ଗାଁ ଛଡ଼ି ଯାଇନାହାନ୍ତି ।

ସେ ଯାହା ହଉ ବୋଉକୁ ଯାଇଁ ସେ ଗାଁରୁ ଯେତେ ଶୀଘ୍ର ପାରେ ନେଇଆସିବ ।

ଦଳେଇ ଘାଇ ଭାଙ୍ଗି ଯାଇଛି ।

ଟାଉନ୍ ସାରା ଆଖି ପିଛୁଳାକେ ଏ ଖବରଟା ହଲ୍ ହୋଇଗଲା । ଏତେ ବର୍ଷର ଏଡ଼େ ମଜଭୂତ ବନ୍ଧ । ସେଇଟା ବି ଭାଙ୍ଗିଗଲା? ଏଥର ପ୍ରଳୟ ହିଁ ସାର ହେବ । ଚାରିଆଡ଼େ ହାହାକାର ପଡ଼ିଗଲା । ଲୋକେ ଜଗନ୍ନାଥଙ୍କୁ ଡାକିଲାଗିଲେ । ବର୍ଷା ଛାଡ଼ିଯିବାକୁ କେତେ କେତେ ଲୋକ ସଂକୀର୍ତ୍ତନ ବି ଆରମ୍ଭ କରିଦେଲେ । କେତେ ଦିନ ଧରି ପୁରୀକ ଗାଡ଼ି ଆସିପାରୁନି । ବାଟରେ ରେଲ ଲାଇନ ଖରାପ ହୋଇଯାଇଛି । ରେଲ ଲାଇନ ଉପରେ ସୁଅ ଛୁଟିଛି । ଖବର କାଗଜଟିଏ ମିଳିବା କଷ୍ଟକର ହେଲାଣି । ବାହାର ଖବର ଜାଣି ହଉନି ।

ଲୋକ ଭେଳା ଭେଳା ହୋଇ ରାସ୍ତାଘାଟରେ ଖାଲି କଳ୍ପନା ଜଳ୍ପନା କରୁଛନ୍ତି, କଟକ ସହରକୁ ରକ୍ଷା କରିବା ପାଇଁ ପାରା ପକେଇ ବନ୍ଧ ଭାଙ୍ଗିଦେଲେ । କଟକ ସହର ଟଳମଳ ହେଉଥିଲା । ଇଞ୍ଚେ ପାଣି ବେଶି ହୋଇଥିଲେ କଟକ ସହର ଭାସିଯାଇଥାଆନ୍ତା । ସହର ଭିତରକୁ ମହାନଦୀ ଆଡ଼ୁ ପାଣି ପଶିଥିଲା । ତେବେ କ'ଣ ଗୋଟେ ସହରକୁ ରକ୍ଷା କରିବା ପାଇଁ ହଜାର ହଜାର, ଗାଁ ଲକ୍ଷ ଲକ୍ଷ ଏକର ଜମି ଛାରଖାର ହୋଇଯିବାକୁ ଛାଡ଼ିଦିଆଗଲା ? ଯାହାସବୁ ବିପତ୍ତି ପଡ଼ିବ ଆସି ଗରିବ ମଲମୁଣ୍ଡିଆଙ୍କ ଉପରେ ।

ଆଉ ଜଣେ କଥାକୁ କାଟି କହିଲା—ଆରେ ତୁ କ'ଣ ପାଗଳ ହେଲୁ ନା କ'ଣ ? ସେମାନେ କ'ଣ ଏତେ ଅଗୁଆଁ ର ହୋଇଛନ୍ତି ? ବନ୍ଧଟାକୁ ଜାଣିକରି ପାରା ପକେଇ ଭାଙ୍ଗିଦେଲେ ? ପାଣି ତ ଏ ବର୍ଷ କମ୍ ଆସିନ ? ଆଚ୍ଛା କହିଲୁ ଦେଖି—ଶହେ ବର୍ଷ ଧରି ଏତେ ପାଣି କ'ଣ କେବେ ଆସିଥିଲା ? ଏ ସବୁ ବିଧାତାର ଘଟଣା । ଦରମରା ଓଡ଼ିଆମାନଙ୍କୁ ଜଗନ୍ନାଥେ ପ୍ରାଣରେ ମାରିଦବାକୁ ବୋଧେ ଯୋଜନା କରିଛନ୍ତି !

ଲୋକଗହଳ ଭିତରୁ ଆଉ ଜଣେ ବଡ଼ପାଟିରେ କହି ଲାଗିଥିଲା, ମାଳିକା କଥା କ'ଣ କେବେହେଲେ ମିଛ ହେଲାଣି ? ମାଳିକାରେ ପରା ଲେଖାଅଛି—ଦଳେଇ ଘାଇ ଭାଙ୍ଗିବ । ସମୁଦ୍ରରୁ କୁମ୍ଭୀର ଆସି ସାରଳାଙ୍କୁ ଦର୍ଶନ କରିବ । ସେମାନେ କ'ଣ ମିଛ ଲେଖିଯାଇଛନ୍ତି ? ଦେଖୁନ ସବୁଆଡ଼ କେମିତି ଜଳକାମୟ ହୋଇଛି । ମାଟି ଦେଖା ଯାଉନ । ଗଛର ଅଗଟିମାନ କେବଳ ପାଣି ଉପରକୁ ଟିକିଏ ଟିକିଏ ଦେଖାଯାଉଛି ।

କଳାହାଣ୍ଡିଆ ମେଘ ପୂର୍ବଦିଗରୁ ମାଡ଼ିଆସୁଛି । କହଳିଆ ପବନ ବହିଲାଣି । ଏଇନେ କରୁଡ଼ି ଦେଇଯିବ । ଅସରା ଉପରେ ଅସରା ।

ଲୋକ ଦଶଜଣ ହବ ଆଣ୍ଠୁ ଠେକି ଦୋକାନଟିଏ ଉପରେ ବସିଥାଆନ୍ତି । ହାତ ଯୋଡ଼ିକମାନ ବି ଆଣ୍ଠୁ ସନ୍ଧିରେ । ବି ତିନିଜଣ ଲୋକ ଛତା ଖଣ୍ଡେ ଖଣ୍ଡେ ଧରି ଠିଆହୋଇଥାଆନ୍ତି । ଲୋକ-ଜଣେ କହିବାକୁ ଆରମ୍ଭ କରିନେଲା—ଯାହା ତ ହବାର ହେଲାଣି । ବର୍ତ୍ତମାନ ଅସଲ କଥା ହେଲାଣି ଲୋକମାନଙ୍କୁ ସାହାଯ୍ୟ କରିବା । ଶହ ଶହ ହଜାର ହଜାର ଗାଁର ଚିହ୍ନବର୍ଣ୍ଣ ନାହିଁ, କୋଉ ଗାଁରେ ବାଲି ମାଡ଼ିଗଲାଣି ତ କୋଉ ଗାଁ ଏକଦମ୍ ମୂଳପୋଛ ହୋଇ

ଯାଇଛି । ଅପର୍ଯ୍ୟାପ୍ତ ଲୋକ ଅସହାୟ ଅବସ୍ଥାରେ ଭାସିଯାଉଛନ୍ତି । କାହାକୁ ସାପ ମାରିଲାଣି ତ କିଏ ଉଆଁର ଭିତରେ ପଡ଼ିଲାଣି । କୂଳ ଭୂଆସୁଣୀ, କୋଡ଼ପୋଛା ପିଲା ଆଉ ବୁଢ଼ା ବୁଢ଼ୀଙ୍କ କଥା କହିଲେ ନସରେ । ସେହିମାନେ ହିଁ ବେଶି ପରିମାଣରେ ମରୁଛନ୍ତି । କେଉଁଠାରେ ଦେଖାଯାଉଛି---ପିଲା ମାଠି କ୍ଷୀର ଖାଇବା ଅବସ୍ଥାରେ ମା ପୁଅ ଦିହେଁ ମରିଛନ୍ତି । କୋଉଠି ନୋଟ ବଡ଼ା ହାତରେ ଧରି କାହାର ପ୍ରାଣ ଛାଡ଼ିଯାଇଛି । ଗୋରୁ ଗାଈଙ୍କ କଥା ତ ଛାଡ଼ିଦିଅ । ମଣିଷ ଯୋଉଠେଇ କୁଡ଼ କୁଡ଼ ହୋଇ ମରୁଛନ୍ତି; ସେଠେଇ ଗୋରୁ ଗାଈଙ୍କ କଥା କିଏ ବା ହିସାବ ରଖୁଛି । ବର୍ତ୍ତମାନ କାମ ହଉଛି—ଯିଏ ଯାହା ପାରିବ, ଚୂଡ଼ା ଓ ଖାଇବା ଜିନିଷ ସଂଗ୍ରହ କରି ଯୋଉମାନେ ଅରକ୍ଷ ହୋଇ ଗଛ ଉପରେ, କିଏ ବା ଗୋଟେ ଗୋଟେ ଢିପ ଜାଗାରେ ରହିଯାଇଛନ୍ତି ସେମାନଙ୍କୁ ଖାଦ୍ୟ ଯୋଗାଇବା ଦରକାର । ଯୋଉମାନେ କୂଳକୁ ଆସିଗଲେଣି ସେମାନଙ୍କୁ ଚୂଡ଼ା ଦେଲେ ସେମାନେ ବାହାରେ ରୋଷେଇ କରି ଖାଇପାରନ୍ତି । ଯୋଉଁମାନେ ପାଞ୍ଚ ଛଅଦିନ ଧରି ଗଛ ଉପରେ କି ବଣ ବୁଦାରେ ଆଉଜି-ଯାଇଛନ୍ତି ସେମାନଙ୍କ ପାଖକୁ ଭାତ କି ଚୂଡ଼ା ପହଞ୍ଚାଇବା ଦରକାର । ବଢ଼ିପାଣି ପୁଆରେ ହେଉ କିମ୍ବା କଟକରେ ହେଉ ବର୍ତ୍ତମାନ ଚାଲ--ମହାପ୍ରସାଦ କିଛି ପଠାଇବାର ଯୋଗାଡ଼ କରିବା । ଯିଏ ଚାଉଳ ପଇସା ଇତ୍ୟାଦି ସଂଗ୍ରହ କରୁଛନ୍ତି କରୁଥାଆନ୍ତୁ ।

ସମସ୍ତେ ଲୋକଟାର କଥା ଶୁଣି ସାଙ୍ଗେ ସାଙ୍ଗେ ଉଠିଲେ । ଅରକ୍ଷ ଲୋକଗୁଡ଼ାଙ୍କୁ ଆଗ ବଞ୍ଚାଇବା ଦରକାର ।

ଲୋକଟା ଆଉ ଥରେ ବୁଲିପଡ଼ି ଦେଖେଇଲା—ହେଇଟି ଭାଇ ଆଗରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି । ସିଂହଦ୍ୱାର ସାମ୍ନାରେ ଲୁହଗଡ଼େଇ ବସିଛନ୍ତି । ସିଏ ବଞ୍ଚିଥିଲେ ଆଜି କ'ଣ ସେ ବସିଥାଆନ୍ତେ ?

ଲୋକଙ୍କ ସାଙ୍ଗେ କାନ୍ଦି କାନ୍ଦି ସେ ଆଜି କେତେ କ'ଣ କରି ଯାଉନ୍ତେ'ଣି । ତାଙ୍କ ଭଳିଆ ଗୋଟେ ପୁଅ ଆଉ ଏ ଓଡ଼ିଶା ଭୂଇଁରେ କ'ଣ ଜନ୍ମ ହବନି ? ହେଇ ଦେଖ—ତାଙ୍କ ମୁହଁ କେମିତି କାନ୍ଦିଲା-ଭଳି ଦେଖାଯାଉଛି । ସ୍ବାଙ୍କୁ ଅନେଇ ପ୍ରତିଜ୍ଞା କର ଭାଇମାନେ—ସମସ୍ତେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବ ।

ସମସ୍ତେ ଏକ ସ୍ୱରରେ ହୁଁ କଲେ ।

ରାସ୍ତାରେ ଛୁଟିଛି ଖଣ୍ଡେ ଟାକ୍‌ସି । ଲାଉଡ଼ ସ୍ପିକରଟେ ତା' ଦେହରେ ଖଞ୍ଜାହୋଇଛି । ଭିତରେ ବସିଛନ୍ତି ଜିତେନ୍ଦ୍ରବାବୁଙ୍କ ସମେତ୍ ତିନି ଚାରିଜଣ ଲୋକ—ଲାଉଡ଼ସ୍ପିକର ଆକାଶ ଫଟେଇ ପାଟିକରି ଚାଲିଛି—

ଭାଇମାନେ ଯେ ଯାହାର ସାଧ ମୁତାବକ ପଇସା, ଚାଉଳ ଦାନ କରନ୍ତୁ । ଆମରି ଦେଶ ଭାଇ, ଆମରି ପିଲାକବିଲା ଭାସି-ଯାଉଛନ୍ତି । ସେମାନଙ୍କୁ ବିପଦରୁ ରକ୍ଷାକରନ୍ତୁ ।

ସମସ୍ତେ ସେଆଡ଼କୁ ଅନେଇଲେ – କିଏ ସବୁ ଏମାନେ ?

ଯୋଉ ଲୋକଟା ଏସବୁ ଗପି ଚାଲିଥିଲା – ସେ କହିଲା – ଏମାନେ ବଢ଼ିପାଣି ଲୋକଙ୍କପାଇଁ ଚାଉଳ ବାଣ୍ଟିବେ କ'ଣ, ନିଜପାଇଁ ଆଗ ସରୁ ଚାଉଳ ଆଉ ନଇନିତାଲ ଆଳୁ ସଂଗ୍ରହ କରିବାରେ ଲାଗିଛନ୍ତି । ଲୋକଙ୍କୁ ଦେବେ ମୋଟା ବଗଡ଼ା ଚାଉଳ, ନିଜର ସରୁ-ଚାଉଳ, ଆଳୁ, ଘିଅ ଆଉ ଲେମ୍ବୁ । ଏମିତି ଏମାନେ ଲୋକସେବା କରିବେ ? ଲୋକଙ୍କ ପାଇଁ ସ୍ବାଙ୍କ ମନ ଯେତେ କାନ୍ଦୁନି, କାଗଜରେ ନାଁ ନେବେ ସେଥିପାଇଁ ସେମାନେ ବେଶି ବ୍ୟାକୁଳ । ଆବାକାବା ହୋଇ ସମସ୍ତେ ପଚାରିଲେ – ସତେ ?

ଏମାନଙ୍କୁ ଚହ୍ନିବାକୁ ଆଉ କ'ଣ ଆପଣମାନଙ୍କର ବାକି ଅଛି । ଛାଡ଼ନ୍ତୁ ସେ କଥା ।

ଜଗୁର ହଠାତ୍ ମନେ ପଡ଼ିଗଲା—ହରିବାବୁଙ୍କ କଥା । ଏତେବେଳେ ସେ ଗଲେ କୁଆଡ଼େ ? ଚାରି ପାଞ୍ଚ ମାସ ହେଲା ସେ ଗାଁରୁ ଆସିଲଣି । କାଇଁ କେବେହେଲେ ତ ସିଏ ତାଙ୍କୁ ଦେଖିନ ? ଗଲେ ସିଏ କୁଆଡ଼େ ?

ଜଗୁ ଦୋକାନଆଡ଼େ ଫେରୁଥିଲା । ଏଇ କେତେଦିନ ହେଲା ତାର କାମ ଦାମରେ ମନ ଲାଗୁନି । ଅନବରତ ଟାଉନସାରା ସେ ଘୂରିବୁଲୁଛି । ଦୋକାନର ରାମି ତା'କାମ ଚଳେଇନଉଛି । ମନ ତାର ଭଲ ନାହିଁ । ଏଣେ ନଈବଢ଼ି । ତା' ଗାଁ ଅବସ୍ଥା କ'ଣ ହେଲା, ସେ ଏପର୍ଯ୍ୟନ୍ତ ବି ଜାଣିପାରିଲା ନି ।

× × × ×

ଜଗୁ ଦୋକାନଆଡ଼େ ଚାଲିଲା । ରାମି, ମଧୁଆ ଓ ନାରଣ ଭାଇନା ସିଏ ଯାହାର କାମ ଛାଡ଼ି ତା'ଆଡ଼କୁ ଦଉଡ଼ିଆସିଲେ । ସେ ଆବାକାବା ହୋଇଗଲା । କଥା କ'ଣ ? ଏମାନେ ଏମିତି କାଇଁ ତା' ଆଡ଼କୁ ଦଉଡ଼ି ଆସୁଛନ୍ତି ?

ଜଗୁ କ'ଣ ଶୁଣିଲୁଣି ?

ନାହିଁ ତ —

ଗୋଟେ ଲୋକ ହଠାତ୍ ଦଉଡ଼ି ଦଉଡ଼ି ଆସି ଆମ ଦୋକାନରେ କହିଦେଇ ଚାଲିଗଲା ରଘୁନାଥପୁର ଭାସିଗଲାଣି । ଦି' ଦିନ ଧରି ଲୋକମାନେ ଚାଳ ଉପରେ ବସିଥିଲେ । ପାଣି ଆଉ ଯେମିତି ଆଙ୍ଗୁଳେ ହବ ବଢ଼ିଛି ଚାଳଆ ସବୁ ଭାସିବାକୁ ଆରମ୍ଭକଲା ।

ଜଗୁ ଆଖି ଆଗରେ ତା' ବୋଉ ଆସି ନାଚିଗଲା । ଯିବ ଯିବ ହୋଇ ଏପର୍ଯ୍ୟନ୍ତ ସେ ଯାଇପାରିଲା ନି । ଆଚ୍ଛା ଭାଇ — ମାଲିକଙ୍କୁ

ଖବର ଦେଇଦବ ମୁଁ ଚାଲଯାଉଛି । ଏଇନେ କ'ଣ ଗାଡ଼ ଅଛି ?

ହଁ ଅଛି — ତୁ ବେଗେ ଗଲୁ ଆଗ —

ଜଗୁ ସାଇକେଲ ରିକ୍ସାଖଣ୍ଡେ କରି ଷ୍ଟେସନ ଚାଲିଲା । ତେଲଙ୍ଗ ଷ୍ଟେସନରୁ ସିଏ ପୁଣି ଯିବ କେମିତି ? ଏତେବାଟ ଚାଲିକରି ଯାଉ ଯାଉ ତ ଅବସ୍ଥା ସାଙ୍ଘାତିକ ହୋଇଥିବ । ପଙ୍କ ଲଟପଟ ତେଲଙ୍ଗ — କଣାସ ରାସ୍ତାରେ ତ ଆଣ୍ଠୁ ବୁଡ଼ିଯାଉଥିବ । ଆଚ୍ଛା ଦେଖାଯାଉ । ସେଠାକୁ ଯାଇ ଅବସ୍ଥା ଦେଖିବାକୁ ପଡ଼ିବ । ଗାଡ଼ ଛାଡ଼ିବାକୁ ଆଉ ଅଳ୍ପ ସମୟ ଅଛି । ଶୁଣୁଥିଲା—ଗାଡ଼ ଯାଇପାରୁନି । ଦି ଦିନ ହେଲା ଗାଡ଼ ଚଳାଚଳ କଲଣି । ଆଚ୍ଛା ଚଲ ରେ ରିକ୍ସାବାଲା—

ରିକ୍ସା ଶର ବେଗରେ ଛୁଟିଲା—

କିଏ ସେ ଇଏ ? ଜଗୁ ଆଶ୍ଚର୍ଯ୍ୟ ହୋଇଗଲା । ଚାଲକୁ ଧରି ଠିଆହୋଇଛି ସିଏ କିଏ ସେ ? ଇଏ—ଏ ରିକ୍ସାବାଲା ରହ—ରହ । ଜଗୁର ଘତା ଧଡ଼୍‌କୁନ । ଟିକିଏ ରଖ ତ ।

ଏଇଟା ତ ବେଶ୍ୟାପଡ଼ା । ବେଶ୍ୟା ଘରଟାର ଚାଲକୁ ଧରି ଜଣେ କିଏ ବାଣ୍ଡକୁ ଅନେଇ ଠିଆ ହୋଇଛି । ଠିକ୍ ତ ରାଧିଭଳି—କ'ଣ ରାଧି କି ? ଜଗୁ ରିକ୍ସାରୁ ଉଠିଯାଉଥିଲା । ରାଧି ତ—

ସାଙ୍ଗେ ସାଙ୍ଗେ ସେ ଦୁଆର କିଳି ଘରଭିତରେ ପଶିଗଲା ।

ଜଗୁ ତା' ଆଖିକି ତ ଅବିଶ୍ୱାସ କରି ପାରିବନି ? ନିଶ୍ଚେ ସେ ରାଧି । ତା ଅଲଙ୍କାର ଏବେ ବି ଜଗୁ ପାକେଟରେ ପଡ଼ିଛି । ତାହେଲେ ସେ ଏଠେଇଁକି ଆସିଲା କାହିଁକି ?

ଏଣେ ତା'ର ବୋଉ—ରଘୁନାଥପୁର ଭାସିଗଲାଣି ।

ଗାଡ଼ ସମୟ ହୋଇଗଲା — ରିକ୍ସାବାଲା କହି ସାରିଲାଣି ।

ଜଗୁ ଯାଇପାରୁନି କି ରହି ପାରୁନି । କ'ଣ ସେ କରିବ ? ଗାଡ଼ି ଏଣେ ଛାଡ଼ିଦବ । ଗାଁ ଗଣ୍ଡା ତା'ର ଭାସିଗଲାଣି, ପୁଣି ବୋଉ । ଏଠେଇ ଅଛି ରାଧି । ଏତେଦିନ ପରେ ସେ ତାକୁ ଖୋଜି ବାହାର କରିପାରିଛି ।

ଆଚ୍ଛା—ଗାଁରୁ ଫେରିଆସିଲେ ସେ ସବୁକଥା । ଚାଲ ରେ—ରିକ୍ସାବାଲା—

ଝଡ଼ର ବେଗରେ ଷ୍ଟେସନ ଛାଡ଼ି ଗାଡ଼ି ଛୁଟି ଚାଲିଲା । ଜଗୁ ଦି' ଆଡ଼କୁ ଲକ୍ଷ୍ୟ କରୁଥିଲା । ପାଣି ଭର୍ତ୍ତି । ଠାଏ ଠାଏ ବଣବୁଦା ସବୁ ପାଣି ଭିତରୁ ଟାପୁଭଳି ଦେଖାଯାଉଛି ।

ଗାଡ଼ି ସାଙ୍ଗେ ସାଙ୍ଗେ ସତେ ଅବା ତା' ପଛେ ପଛେ ଗୋଡ଼େଇଥିଲେ—ରାଧି ଓ ତାର ଗର୍ଭଧାରିଣୀ ବୋଉ ।

ରେଳଷ୍ଟେସନଠୁ ମାଟିସଡ଼କ ଯାଏଁ ଜଗୁ ରେଳଲାଇନ୍ କଡ଼େ କଡ଼େ ଡେଇଁ ଡେଇଁ ଚାଲିଆସିଲା । ଡେଲାଙ୍ଗ କଣାସ ମାଟିସଡ଼କରେ ଆଣ୍ଠୁ ବୁଡ଼ା ପଙ୍କ । ତାକୁ ପ୍ରଥମେ ପ୍ରଥମେ ଭୟ ଲାଗୁଥିଲା । ସତରେ କ'ଣ ସିଏ ଯାଇପାରିବ ? ଜଣେ ଲୋକଠୁ ସେ ଶୁଣିଲା—ରଘୁନାଥ-ପୁର ପାଖ ଘାଇ ଭାଙ୍ଗିଯାଇଛି । ସେତିକି ବେଳଠୁ ତା'ଆଖିକି ପଙ୍କ ଫଙ୍କ ଆଉ କିଛି ଦେଖାଗଲା ନି । କେମିତି ଯାଇଁ ସେ ଗାଁରେ ପହଞ୍ଚିବ ।

ବଢ଼ିଯାଉଛି ରାଧି । ଚାଳକୁ ଧରି ଚନ୍ଦ୍ରପ୍ରତିମା ପରି ସେ ଠିଆ ହୋଇ ରହିଥିଲା । ତା' ଭାଗ୍ୟରେ ଶେଷକୁ କ'ଣ ଏଇଆ ଥିଲା ?

ଜଗୁ ତାର ପକେଟ୍ ଦରାଣ୍ଡିଲା । ସୁନା ଜିନଷ ଗୁଡ଼ାକ ଏବେ ବି ତା'ର ପଡ଼ିଛି । ଶେଷକୁ ବେଶ୍ୟା ସାଜିଲା ରାଧି—ଜଗୁ କାନ୍ଧ-ପକାଉଥିଲା ।

ଗାଁ କ'ଣ ସତେରେ ତା'ର ଭାସିଯାଇଛି । ଏତେ ଲୋକ କ'ଣ ସମସ୍ତେ ଭାସି ଯାଇଥିବେ ? ବୋଉ ତାର ବୟସ୍କା, ଷାଠିଏ ବର୍ଷର ବୁଢ଼ୀ । କିଏ ତାର ସାହା ଭରସା ଅଛି । ନାଁ—ସମସ୍ତେ ବୋଧେ ସ୍କୁଲ ଉପରେ ବସିଥିବେ । ସେ ଗାଁରେ ଯାଇଁ ପହଞ୍ଚିବ । ନଈ ବଢ଼ିଥିଲେ ସେ ଯିବ ଅବା କେମିତି ? ଗୁପ୍ତ ପକେଟରେ ଦଶଟଙ୍କିଆ ନୋଟଟାଏ ପଡ଼ିଛି । ତଳ ପକେଟରେ ପଡ଼ିଛି ସୁନା ଅଳଙ୍କାର । ଯୋଉ ନାଉରିଆକୁ କହିବ ସେ ପାରକରିଦେବ । ଦେଖାଯାଉ—

ଗୋଡ଼ରେ ଗଳିଗଲା ଗୋଟେ ବାଉଁଶକଣ୍ଟା । ଭିଡ଼ି ଆଣୁ ଆଣୁ ମୁନଆଡ଼ୁ ଟିକେ ରହିଗଲା । ସିଆଡ଼କୁ ଜଗୁର ପରବାଏ ନାହିଁ । ସେ ଦଉଡ଼ୁଛି । ରାସ୍ତା ଉପରେ ଠାଏ ଠାଏ ସୁଅ ଚାଲିଛି । ଶଙ୍ଖଜାଗା ମାନଙ୍କରେ ଜଙ୍ଘେ ଜଙ୍ଘେ ପାଣି । ଜଗୁ ଧାଇଁଛି । ଦଉଡ଼ୁଛି ।

ପାଖଦେଇ ଚାଲିଗଲେ ହଳେ ଧଣ୍ଡସାପ । ବେଙ୍ଗ ଭେଳା ଭେଳା । କେଁ କଟର ରଡ଼ି । ମେଞ୍ଚା ମେଞ୍ଚା ଝିଡ଼ିପୋକ ରାସ୍ତା ଉପରେ ପଡ଼ିଛନ୍ତି । ବର୍ଷା ଟିପୁରୁ ଟିପୁରୁ ହୋଇ ବରଷୁଛି । ଜଗୁର ଛତା ନାହିଁ । ବର୍ଷାକୁ ସେ ଅନଉନି । ପୁଣି ବର୍ଷା ଏଇନେ କଚଡ଼ିବ । ଯୁଆଡ଼େ ଚାହିଁଲେ ବୋଉର ମୁହଁ ଆସି ନାଚିଯାଉଛି ।

ଜଗୁ କଣାସ ଗାଁ ଡେଇଁଯାଇଥିଲା । ବାଟ ଆଉ କୋଶେହେବ ଅଛି । ପଞ୍ଚେ ଲୋକଙ୍କଠୁ ସେ ଶୁଣିବାକୁ ପାଇଲା—ରଘୁନାଥପୁର ଭାସିଗଲା । ଏଇ ସକାଳେ ଲୋକେ ସ୍କୁଲଉପରେ ବସି ଜଗନ୍ନାଥଙ୍କୁ ଡାକୁଥିଲେ । ନଈ ବଢ଼ିବାକୁ ଆରମ୍ଭକଲା । କୁଆଡ଼ୁ ଆସିଲା ଅକାଟ

ସୁଅ । ଗୁହଳସବୁ ବୁଡ଼ିବାକୁ ଆରମ୍ଭକଲା । ଗୋରୁ ଗାଈ ଭାସିଗଲେ । ରଘୁନାଥପୁରର ଲୋକେ ବି ଭାସିଗଲେ । କିଏ ମଲା କିଏ ବଣ-ବୁଦାରେ ଆଉଜିଗଲା । କେହିହେଲେ ତା'ର ସଠିକ ଖବର ଦେଇ-ପାରିବେନି ।

ଜଗୁ ଧଇଁ ସଇଁ ହୋଇ ଧାଇଁଲା । ବୋହିଯାଇଛି ଝର ଝର ଲୁହ । ବୋଉ – ତା'ର ବୋଉ – ବୟସ ଷାଠିଏ ବର୍ଷର ବୁଢ଼ୀ ବୋଉ ତାର –

ଗାଁ ପାଖ ବନ୍ଧଉପରେ ଠିଆହୋଇ ଜଗୁ ଅନେଇଲା – ଗାଁର ଆଉ ଚିହ୍ନ ବର୍ଣ୍ଣ ନାହିଁ । ଦ୍ରୁମ ଦ୍ରୁମ ଗଛଗୁଡ଼ାକ ବି ଉପୁଡ଼ିପଡ଼ୁଛି । ଗାଁ ମୁଣ୍ଡ ତାଳଗଛକୁ ବି ବେକେହବ ପାଣି । ସାତତାଳ ପାଣି ଦପ୍ୟା ଆଉ ମଲାଗୁଣି ନଈ ମଝିରେ ଖଣ୍ଡେ ଟାପୁଭଳି ଗାଁ ରଘୁନାଥପୁର । ଚିହ୍ନ ବର୍ଣ୍ଣ ତାର ଦେଖାଯାଉନି ।

କେତେ କାଠି କୁଟା, ବାଉଁଶବୁଦା ମଲାଜନ୍ତୁଜୀବ ତୀର ବେଗରେ ଭାସିଯାଉଥିଲେ । ନଈରେ ସାତତଳ ଉଅଁର । ନଈ ପୁଣି ଫୁଲି ଫୁଲି ବଢ଼ିବାରେ ଲାଗିଛି ।

ଗାଁର ଦଶ ପଚିଶଜଣ ଲୋକ ନଈକୂଳରେ ଆସି ଠିଆହୋଇ-ଥିଲେ । ପାଣି ଭିତରୁ ଗୁଣିହୋଇ କେମିତି ଆସି ଏଠାରେ ଆଉଜି ଯାଇଛନ୍ତି । ଟିପିର ଟିପିର ବର୍ଷା ପଡ଼ୁଛି । ପିଲାଗୁଡ଼ାକ ତାଟକାହୋଇ ପାଟିକରି ପାରୁ ନାହାଁନ୍ତି । କୋଳ ଛୁଆମାନଙ୍କୁ ମା'ମାନେ ନଈ-କୂଳରେ ଘାସ ଉପରେ ଗଡ଼େଇଦେଇଛନ୍ତି । କିଏ ତଳେ ମୁଣ୍ଡ ପିଟୁଛି ତ କିଏ ବୁକୁଫଟେଇ କାନ୍ଦୁଛି । ଶୁଣିଲେ ଦେହ ସହୁନି ।

ପାଖଆଖ ଗାଁରୁ କେତେ ଲୋକ ଧାଇଁ ଆସୁଛନ୍ତି । ନଜକଥା ବି ଅସମ୍ଭବ । ଏଇ ବନ୍ଧଟା ଯେବେ ଭାଙ୍ଗିଯିବ ସରିଲା କଥା । ଡାକେ

ବାଠର ଗାଁ ଲୋକେ ଘରୁ ଜିନିଷପତ୍ର ସବୁ ଆଣି ବନ୍ଧ ଉପରେ ଜମା କରିବାରେ ଲାଗିପଡ଼ିଛନ୍ତି । ସମସ୍ତେ ଆସି ଟିପ ଟିପ ଜାଗାମାନଙ୍କରେ ଆଉଜିଗଲେଣି । ସବୁଆଡ଼େ କାନ୍ଦ ବୋବାଳି । ହରିବୋଲ ହରି-ବୋଲ ଡାକ । ଜଗନ୍ନାଥଙ୍କର ଜଣାଣ । ଇନ୍ଦ୍ରରଜାର ସ୍ତୁତି ।

ବନ୍ଧ ଉପରେ ଠିଆହୋଇ ଜଗୁ ଅନେଇଲା—ନଈର ସେଇ ସାତ ତାଳ ପାଣି ଭିତରେ କିଏ ଜଣେ ଆକଟା ମାକଟା ହୋଇ ଜଣକୁ ଠେଲି ଠେଲି କୂଳକୁ ଆଣୁଛି । ଉଆଁରକୁ ଭ୍ରୂକ୍ଷେପ ନାହିଁ । ସୁଅକୁ ତା'ର ଖାତିର ନାହିଁ । ସାପ ମାରିବାକୁ ଭୟ ନାହିଁ । ହାଲିଆ ହୋଇପଡ଼ିଲେ ବି ସିଂହବିକ୍ରମରେ ସେ ନଈ ଭିତରୁ ଛୁଟିଛି । କେହି ଜଣେ ଗାଁ ଲୋକ ହବ । କିଏ ସେ ଇଏ ? ଜଗୁ ଚିହ୍ନିପାରିଲା ନି ।

ଜଗୁ ଅନେଇରହିଲା । ଗାଁଲୋକଙ୍କର ଆଖି ତାରି ଉପରେ । ଉଆଁରରେ ତ ପଡ଼ିଗଲେ କୁଆଡ଼େ ଏଇନେ ଭାସିଯିବ । କିଏସେ ଇଏ ?

ଚାରିଆଡ଼େ କାନ୍ଦ ବୋବାଳି । କୋଡ଼ପୋଛା ଛୁଆଗୁଡ଼ାଙ୍କର କରୁଣ କ୍ରନ୍ଦନ । ଗାଁ ଭାସିଯାଇଛି । କୁଆଡ଼େ ଗଲେ ସେମାନଙ୍କର ବାପା ବୋଉ, ପୁଅ ଝିଅ, ଭାଇ ଭଉଣୀ, ଭାଇ ଭାଉଜ । ଯିଏ କୂଳକୁ ଆଉଜିଯାଇଛି ଭାଗ୍ୟର କଥା ଆୟୁଷ ବଳ ।

ଲୋକଟାକୁ ଚିହ୍ନିଲା ଚିହ୍ନିଲା ଭଳି ମନେ ହେଉଥିଲା । ପାଣିରେ ସେ ଆକଟା ମାକଟା ହୋଇଗଲାଣି । ତଥାପି ଲୋକଟାକୁ ଠେଲି ଠେଲି ଆଣୁଛି । ଯୋଉ ଲୋକକୁ ଠେଲି ଠେଲି ଆଣୁଛି ସେ ଜଣେ ସ୍ତ୍ରୀଲୋକ ହବ । ଜଗୁ ନଈପାଣି ପାଖକୁ ଏକଦମ୍ ଚାଲିଗଲା । କିଏ ସେ — କିଏ ସେ — ଇଏ ଲୋକ ? ବୋଉ ତା'ର ଗଲା କୁଆଡ଼େ ?

ଆରେ – ହରିବାବୁ ? କେମିତି ଏଠିକି ସେ ଆସିଲେ ? କେମିତି ଜାଣିଲେ ଏଇଟା ଆମ ଗାଁଆଁ ? କେବେହେଲେ ତ ଏଠେଇକି ସେ ଆସିନାହାନ୍ତି ? ଜଗୁ ନଈ ଭିତରକୁ ଡେଇଁପଡ଼ିବାକୁ ଯାଉଥିଲା ।

ନଈ କୂଳକୁ ସେ ଆସିଯାଇଥିଲେ । ଜଗୁ ସେତେବେଳକୁ ସ୍ୱତଃସିଦ୍ଧ ହୋଇସାରିଲାଣି ଯେ ବୋଉକୁ ତା'ର ଯେକୌଣସି-ମତେ ସେ ଆଣିପାରିଛନ୍ତି । ଯାହା ହେଉ – ବୋଉ ତାର ମରିନ କି ଭାସିଯାଇନ । ଜଗୁ ମନରେ ସାହସ ଆସିଲା । ଦେହରେ ବି ତାକତ ବଢ଼ିଲା ।

ଆସିବାକୁ 'ଅଳ୍ପଦୂର ଅଛି ଡେଇଁପଡ଼ିଲା ଜଗୁ । ବୋଉକୁ ତାର କୂଳକୁ ଟେକିଆଣିବ ।

ହରିବାବୁ କୂଳକୁ ଚାଲିଆସିଲେଣି । ବୋଉକୁ ତଳେ ପକେଇ-ଦେଇ ଜଗୁ ଆଗ ଯାଇ ହରିବାବୁଙ୍କୁ କୁଣ୍ଢେଇପକେଇଲା ।

ଆଗ ଚାଲ – ବୋଉ ଅବସ୍ଥା କ'ଣ ଦେଖିବା । ହରିବାବୁ ଦଉଡ଼ିଗଲେ । ଚିତ୍ କରି, ଶୁଆଇଦେଲା ବେଳକୁ – ଜଗୁ କହିଲା ଇଏତ ମୋ ବୋଉ ନୁହେଁ – ଆଲୋ ବୋଉଲୋ ବୋଲି ଡାକଛାଡ଼ି ଜଗୁ କାନ୍ଦ ଲାଗିଲା । ତାକୁ ବୁଝେଇବ ଅବା କିଏ ସେ ?

ସ୍ତ୍ରୀ ଲୋକଟାର ନାକ କାନରୁ ଅନେକଗୁଡ଼େ ପାଣି ବାହାରିଲା । ତାର ଜୀବନ ନ ଥିଲା । ହରିବାବୁ ଦୁମ୍ କରି ତଳେ ବସିପଡ଼ିଲେ । ମରଦ ମାଇପେ କେଇଜଣ ତାଙ୍କୁ ଆସି ଘେରିଗଲେଣି । ଦରମରା ଲୋକଗୁଡ଼ାକ ନଈକୂଳରେ ଆଉଜିଯାଇଛନ୍ତି । କାନ୍ଦ ବୋବାଳିରେ କାନ ଅତଡ଼ା ପଡ଼ିଯାଉଛି । ପୁଣି ମାଡ଼ିଆସୁଛି କଳାହାଣ୍ଡିଆ ମେଘ । ଅଗ୍ନିକ ବର୍ଷା ଏଇନେ କରିଛାଡ଼ିଦେଇଯିବ, ଏଇ ଅରକ୍ଷ ଲୋକ-

ଗୁଡ଼ାକୁ କ'ଣ ବଞ୍ଚେଇ ହବନ ? ହରିବାବୁ ଫୁଲ ଫୁଲ ଉଠୁଥିବା ନଈପାଣିକ ଲକ୍ଷ୍ୟ କରୁଥିଲେ । କେତେ କ'ଣ ଭାବୁଥିଲେ ! ଭାବିବାକୁ ଏଣେ ସମୟ ନ ଥିଲା ।

ନଈବନ୍ଧ ଉପରେ ଜଗୁ ଯାଉଛି, ଗଡ଼ିଆସୁଛି । ବୁଦ୍ଧ ତା'ର ଅଙ୍ଗ ଲଟପଟ । ଭେ-ଭେ-ହୋଇ ସେ କାନ୍ଦି ଲାଗିଛି । ଯେତେ କାନ୍ଦିଲେ ବୋଉ କ'ଣ ଆଉ ଫେରିଆସିବ ।

ବଢ଼ିପାଣିରେ ବୋଉ ତା'ର ଭାସିଯାଇଛି ।